ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୨୩/୨୦୧୮ (୧୬ ପୃଷ୍ଠା) Sambalpur, Tuesday, October 23/ 2018 | ★★

୧୪ଶ ଭାଗ ୩୦୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-

DSPL-207

Make in Odisha Conclave 2018
State's Flagship Global Investors' Meet

Why Odisha?

- **18+ years** of Stable and Transparent Governance
- **Only Coastal State** in India with abundant and varied mineral deposits
- **Most Competitive** state in terms of cost of doing business
- **Ranked First** in the country in terms of Investment Implementation rate

Why Attend?

CONNECT
With industry captains, policy makers and thought leaders

EXPERIENCE
Odisha's manufacturing prowess and industry-ready infrastructure

SELECT
The business opportunity that is just right for you

EXPLORE
India's best kept secret!

Conclave Sessions

- Academic Meet
- Aerospace & Defence Manufacturing
- Agri-business
- Agri-Marketing
- Bhubaneswar and Rourkela Smart Cities
- Biotechnology
- Business Leadership Summit
- Chemicals and Petrochemicals
- CSR
- Downstream Industries in Metal Sector
- Electronics & IT
- Food Processing
- Healthcare
- Logistics & Infrastructure
- Media & Entertainment
- MSME Development
- Odisha: The Sporting Destination of India
- Start Up Talks
- Skill Development
- Tech Talk
- Textiles and Apparel
- Tourism
- Women Entrepreneurship
- 36 - hour Hackathon

Partner Country
Japan

Industry Partner
FICCI

For Registrations, please visit:
https://mio.investodisha.gov.in/

Or download the 'Make in Odisha 2018' app from GET IT ON Google Play | Download on the App Store

Scan QR Code to Register

14005/13/0040/1819

୨୦୦୪ରେ ଦେଶର ରାଜନୈତିକ ସ୍ଥିତି ଯେଉଁଭଳି ଥିଲା ଏବେ ମଧ୍ୟ ଠିକ୍ ସେହିପରି ରହିଛି । ସେତେବେଳେ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଏକତା ନ ଥିଲା, ତଥାପି ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବାରେ ସଫଳତା ମିଳିଥିଲା ।
- ତାରିକ୍ ଅନୱର, ପୂର୍ବତନ ଏନ୍‌ସିପି ନେତା

ପୁଣି ଆଲୋଚନା ଭେଳିକି

ପାକିସ୍ତାନର ଦୋଗୁହାଁ ନୀତି

- ସୀମାରେ ବର୍ବରତା ପରେ ଆଲୋଚନା ପ୍ରସ୍ତାବ ଦେଲେ ଇମ୍ରାନ
- ନିରୀହ କଶ୍ମୀରୀଙ୍କୁ ହତ୍ୟା କରାଯାଉଥିବା ଅଭିଯୋଗ ଆଣିଲେ
- ପାକ୍ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କଲେ ବିଚ୍ଛିନ୍ନତାବାଦୀ ନେତା ଫାରୁକ୍

ଇସ୍‌ଲାମାବାଦ,୨୨।୧୦(ପି.ଟି.)

ସୀମାରେ ପାକିସ୍ତାନୀ ସୈନ୍ୟ ଓ ଆତଙ୍କବାଦୀଙ୍କ ଔଦ୍ଧତ୍ୟ କମୁ ନାହିଁ। ଭାରତୀୟ ସୁରକ୍ଷାକର୍ମୀ ଓ ଯବାନଙ୍କୁ ଟାର୍ଗେଟକରି ପଡ଼ୋଶୀ ରାଷ୍ଟ୍ର ବାରମ୍ବାର ବିବାଦକୁ ଘନୀଭୂତ କରୁଛି। ଜମ୍ମୁ-କଶ୍ମୀରରେ ଛାୟାଯୁଦ୍ଧର ପ୍ରତିଫଳନ ପ୍ରତିଦିନ ଦେଖିବାକୁ ମିଳୁଥିଲେ ସୁଦ୍ଧା ପାକିସ୍ତାନ ଅନ୍ତର୍ଜାତୀୟ ସମୁଦାୟର ଧ୍ୟାନ ହଟାଇବା ପାଇଁ ଭଦ୍ରାଚରଣ ପ୍ରଦର୍ଶନ କରୁଛି। କଶ୍ମୀର ପ୍ରସଙ୍ଗ ଉଠାଇ ପୁନର୍ବାର ଆଲୋଚନାର ଭେଳିକି ଦେଖାଇଛି ପାକ୍। କଶ୍ମୀର ସମସ୍ୟାର ସମାଧାନ ଲାଗି ଭାରତ ଆଲୋଚନା ଟେବୁଲକୁ ଆସିବା ଉଚିତ ବୋଲି ସୋମବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ କହିଛନ୍ତି।

ଦକ୍ଷିଣ କଶ୍ମୀରର କୁଲ୍‌ଗାମ ଜିଲାରେ ରବିବାର ଶକ୍ତିଶାଳୀ ବିସ୍ଫୋରଣରେ ୭ ସାଧାରଣ ନାଗରିକ ନିହତ ହୋଇଥିଲେ। ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ରାଜୌରୀରେ ଅନୁପ୍ରବେଶକାରୀଙ୍କ ସହ ଗୁଳି ବିନିମୟବେଳେ ୩ ଯବାନ ମଧ୍ୟ ଶହୀଦ ହୋଇଛନ୍ତି। ଗୋଟିଏ ଦିନରେ ଏତେସବୁ ଘଟଣାକ୍ରମ ଅଶାନ୍ତ କଶ୍ମୀରର ଚିତ୍ର ବଖାଣୁଛି। ଏସବୁ ପଛରେ ପାକିସ୍ତାନର ଷଡ଼ଯନ୍ତ୍ର ରହିଥିବାବେଳେ ଏହି ରାଷ୍ଟ୍ର ନିର୍ମଳ ଭାବମୂର୍ତ୍ତି ଦେଖାଉଛି। କଶ୍ମୀରରେ ଔଦ୍ଧତ୍ୟ ପ୍ରଦର୍ଶନର ଦିନକ ପରେ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ନୂଆଦିଲ୍ଲୀକୁ ଆଲୋଚନା ଟେବୁଲକୁ ଆସିବା ପାଇଁ ଆମନ୍ତ୍ରଣ କରିଛନ୍ତି। ଭାରତୀୟ ସୁରକ୍ଷାକର୍ମୀ ନିରୀହ କଶ୍ମୀରବାସୀଙ୍କୁ ହତ୍ୟା କରୁଥିବା ଅଭିଯୋଗ ଆଣିବା ସହ ଏହାକୁ ସେ କଡ଼ା ଭାଷାରେ ନିନ୍ଦା କରୁଛନ୍ତି। ଟୁଇଟରରେ ଇମ୍ରାନ ଲେଖିଛନ୍ତି ଯେ, ଜାତିସଂଘ ନିରାପତ୍ତା ପରିଷଦ (ୟୁଏନ୍‌ଏସ୍‌ସି)ର ପ୍ରସ୍ତାବ ଅନୁଯାୟୀ ଆଲୋଚନା ମାଧ୍ୟମରେ କଶ୍ମୀର ସମସ୍ୟାର ସମାଧାନ କରିବାର ବେଳ ଆସିଛି।

ଇମ୍ରାନଙ୍କ ଟୁଇଟ୍‌ର ଜବାବ ଦେଇଛନ୍ତି ଅଲ୍ ପାର୍ଟିଜ୍ ହୁରିୟାତ କନଫରେନ୍ସ ଅଧ୍ୟକ୍ଷ ମିରୱେଜ୍ ଉମର ଫାରୁକ୍। କଶ୍ମୀର ବିବାଦ ନୁହେଁ, ସାଧାରଣ ନିର୍ବାଚନରେ ବିପୁଳ ବିଜୟ ଲାଭ କରିବା ପରେ ଇମ୍ରାନ ପ୍ରଥମ ସମ୍ଭାଷଣ ଦେଇ ଭାରତ ସହ ବନ୍ଧୁତା ଚାହୁଁଥିବା କହିଥିଲେ। ଦୁଇ ଦେଶ ମଧ୍ୟରେ ସମସ୍ତ ବିବାଦ ଛୁଟାଇବା ପାଇଁ ସେ କଶ୍ମୀର ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ଲାଗି ଆଗ୍ରହୀ ଥିବା କହିଥିଲେ। ନିକଟରେ ଇମ୍ରାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଚିଠି ଲେଖି ଦ୍ୱିପାକ୍ଷିକ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିବା ରିପୋର୍ଟ ପ୍ରକାଶ ପାଇଥିଲା।

ତେବେ ପ୍ରଥମ ଥର ପାଇଁ ଇମ୍ରାନ କଶ୍ମୀର ପ୍ରସଙ୍ଗ ଉଠାଇ ନାହାନ୍ତି। ଗତ ସେପ୍ଟେମ୍ବରରେ ମଧ୍ୟ ସେ ସମାନ ଭାବେ ଭାରତକୁ ଆଲୋଚନା ପ୍ରସ୍ତାବ ଦେଇଥିଲେ। କିନ୍ତୁ ସେହିଦିନ ସୀମାରେ ପାକ୍ ସୈନ୍ୟ ବର୍ବର ଆଚରଣ ପ୍ରଦର୍ଶନ ପୂର୍ବକ କେତେଜଣ ଯବାନଙ୍କୁ ହତ୍ୟା କରିଥିଲେ। ଏହାପରେ ନୂଆଦିଲ୍ଲୀ ଉଭୟ ଦେଶର ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ହେବାକୁ ଥିବା ଆଲୋଚନା ବାତିଲ କରିଦେଲା। ଖାଲି ସେତିକି ନୁହେଁ, ସାଧାରଣ ନିର୍ବାଚନରେ ବିପୁଳ ବିଜୟ ଲାଭ କରିବା ପରେ ଇମ୍ରାନ ପ୍ରଥମ ସମ୍ଭାଷଣ ଦେଇ ଭାରତ ସହ ବନ୍ଧୁତା ଚାହୁଁଥିବା କହିଥିଲେ। ଦୁଇ ଦେଶ ମଧ୍ୟରେ ସମସ୍ତ ବିବାଦ ଛୁଟାଇବା ପାଇଁ ସେ କଶ୍ମୀର ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ଲାଗି ଆଗ୍ରହୀ ଥିବା କହିଥିଲେ। ନିକଟରେ ଇମ୍ରାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଚିଠି ଲେଖି ଦ୍ୱିପାକ୍ଷିକ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିବା ରିପୋର୍ଟ ପ୍ରକାଶ ପାଇଥିଲା।

ବସ୍ ଦୁର୍ଘଟଣାରେ ୨୦ ଜଣଙ୍କ ପ୍ରାଣହାନି

ପରିବାରର ୧୩ ସଦସ୍ୟଙ୍କ ମୃତ୍ୟୁ

ଲାହୋର,୨୨।୧୦(ପି.ଟି.)-ପାକିସ୍ତାନର ପଞ୍ଜାବ ପ୍ରଦେଶରେ ରବିବାର ରାତିରେ ଏକ ସଡ଼କ ଦୁର୍ଘଟଣା ଘଟି ୨୦ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୧୩ ଜଣ ସଦସ୍ୟ ଅଛନ୍ତି। ଏହି ଦୁର୍ଘଟଣାରେ ଅନ୍ୟ ୩୦ ଜଣ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ରବିବାର ରାତିରେ ପଞ୍ଜାବର ଡି ଜି ଖାନ ଜିଲାରେ ଏହି ଦୁର୍ଘଟଣା ଘଟିଛି। ବିପରୀତ ଦିଗରୁ ଆସୁଥିବା ଦୁଇଟି ବସ୍ ଧକ୍କା ହେବା ଯୋଗୁ ଅନେକ ଯାତ୍ରୀ ଆହତ ହୋଇଥିଲେ। ତନ୍ମଧ୍ୟରୁ ୨୦ ଜଣ ଆଖି ବୁଜିଛନ୍ତି। ଆହତଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣାପଡ଼ିଛି। ପାକିସ୍ତାନ ରାଷ୍ଟ୍ରପତି ଅରିଫ୍ ଅଲଭ୍ଭି ଏବଂ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏହି ଦୁର୍ଘଟଣା ବିଷୟରେ ଖବର ପାଇ ଶୋକବ୍ୟକ୍ତ କରିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଉସ୍‌ମାନ ବୁଜଦାର ମଧ୍ୟ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

ଟ୍ରେନ୍ ଧକ୍କା: ୩ ବର୍ଷରେ ୫୦ ହଜାର ଲୋକଙ୍କ ପ୍ରାଣହାନି

ନୂଆଦିଲ୍ଲୀ,୨୨।୧୦(ପି.ଟି.)-ଦେଶବ୍ୟାପୀ ଅନେକ ଟ୍ରେନ୍ ଦୁର୍ଘଟଣା ଘଟୁଛି। ଏଥିଯୋଗୁ ଅନେକ ଲୋକ ପ୍ରାଣ ହରାଉଛନ୍ତି। ୨୦୧୫ରୁ ୨୦୧୭ ମଧ୍ୟରେ ରେଲୱେ ଟ୍ରାକ୍‌ରେ ଟ୍ରେନ୍ ଧକ୍କାରେ ଅନ୍ୟୂନ ୫୦,୦୦୦ ଲୋକଙ୍କ ମୃତ୍ୟୁ ଘଟିଛି। ଭାରତୀୟ ରେଳପଥ ପକ୍ଷରୁ ପ୍ରଦତ୍ତ ସରକାରୀ ତଥ୍ୟରୁ ଏହା ପ୍ରକାଶ ପାଇଛି। ଦଶହରା ଦିନ ପଞ୍ଜାବର ଅମୃତସରରେ ରେଳଲାଇନ ଉପରେ ଛିଡ଼ା ହୋଇ ରାବଣପୋଡ଼ି ଦେଖୁଥିବା ଲୋକଙ୍କ ଉପରେ ଟ୍ରେନ୍ ମାଡ଼ିଯାଇଥିଲା। ଏଥିଯୋଗୁ ୬୧ ଜଣ ପ୍ରାଣ ହରାଇଥିଲେ। ଏହାପରେ ଟ୍ରେନ୍ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା କିଭଳି କମାଇ ଦିଆଯାଇପାରିବ, ସେନେଇ ଉଠୁଛି ପ୍ରଶ୍ନ। ଏତିକିବେଳେ ରେଲୱେ ପକ୍ଷରୁ କୁହାଯାଇଛି ଯେ, ୨୦୧୫ରୁ ୨୦୧୭ ପର୍ଯ୍ୟନ୍ତ ଅର୍ଥାତ୍ ତିନିବର୍ଷ ମଧ୍ୟରେ ୪୯,୭୯୦ ଜଣଙ୍କ ପ୍ରାଣହାନି ଘଟିଛି। ସରକାରୀ ରେଲୱେ ପୋଲିସ (ଜିଆର୍‌ପି) ଏହି ତଥ୍ୟ ସଂଗ୍ରହ କରିଛି।

କେରଳ ନନ୍ ବଳାତ୍କାର ମାମଲା

ମୁଖ୍ୟ ସାକ୍ଷୀ କଭୁଥରାଙ୍କ ରହସ୍ୟଜନକ ମୃତ୍ୟୁ

କୁରିଆକୋସେ କଭୁଥରା

ଫ୍ରାଙ୍କୋ ମୁଲକ୍କଲ

ହୋଶିଆରପୁର,୨୨।୧୦(ପି.ଟି.)

କେରଳ ନନ୍ ବଳାତ୍କାର ମାମଲା ପୁଣି ଏକ ନୂଆ ମୋଡ଼ ନେଇଛି। ଅଭିଯୁକ୍ତ ବିଶପ୍ ଫ୍ରାଙ୍କୋ ମୁଲକ୍କଲଙ୍କ ବିରୋଧରେ ସାକ୍ଷ୍ୟ ଦେବା ପାଇଁ ଆଗେଇ ଆସିଥିବା ଫାଦର କୁରିଆକୋସେ କଭୁଥରାଙ୍କ ମୃତ୍ୟୁ ଘଟିଛି। ପଞ୍ଜାବର ହୋଶିଆରପୁର ଜିଲା ଅନ୍ତର୍ଗତ ଦସୁୟାରୁ ସୋମବାର ରହସ୍ୟଜନକ ପରିସ୍ଥିତିରେ ତାଙ୍କ ମୃତଦେହ ଉଦ୍ଧାର ହୋଇଛି।

ନନ୍ ବଳାତ୍କାର ମାମଲାର ମୁଖ୍ୟ ସାକ୍ଷୀ କଭୁଥରା (୬୨) ରୁମ୍‌ରେ ଅଚେତ ଅବସ୍ଥାରେ ପଡ଼ିରହିଥିବା ସୋମବାର ସକାଳେ ଦେଖିବାକୁ ମିଳିଥିଲା। ତୁରନ୍ତ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଗଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ପୋଲିସ କହିଛି। କଭୁଥରାଙ୍କ ଶରୀରରେ କୌଣସି କ୍ଷତଚିହ୍ନ ଦେଖିବାକୁ ମିଳିନାହିଁ। ତାଙ୍କ ରୁମ୍‌ରେ ସେ ବାନ୍ତି କରିଥିବା ଡିଏସ୍‌ପି ଏ.ଆର. ଶର୍ମା କହିଛନ୍ତି। ପ୍ରକାଶ ଯେ, ଫାଦର କଭୁଥରାଙ୍କୁ ୧୫ ଦିନ ପୂର୍ବେ ଦସୁୟା ଅନ୍ତର୍ଗତ ଧରମପୁରସ୍ଥିତ ଏକ ଚର୍ଚ୍ଚକୁ ବଦଳି କରାଯାଇଥିଲା। ଚର୍ଚ୍ଚ ପରିସରରେ ସେ ରହୁଥିଲେ। ସେଠାରେ ମଧ୍ୟ ଏକ ସ୍କୁଲ ରହିଛି। କଭୁଥରାଙ୍କ ମୃତ୍ୟୁରହସ୍ୟ ଉନ୍ମୋଚନ ଲାଗି ତଦନ୍ତ ଚାଲିଥିବା ହୋଶିଆରପୁର ଡେପୁଟି କମିଶନର ଇଶା କାଲିଆ କହିଛନ୍ତି। କେରଳରେ ଥିବା କଭୁଥରାଙ୍କ ସମ୍ପର୍କୀୟମାନେ କହିଛନ୍ତି ଯେ, ବିଶପ୍ ମୁଲକ୍କଲଙ୍କ ବିରୋଧରେ ମୁହଁ ଖୋଲିବା ପରେ ନିଜ ଜୀବନ ପ୍ରତି ବିପଦ ରହିଥିବା କଭୁଥରା ଭୟ କରୁଥିଲେ। ଆଲାପୁଝା ମେଡିକାଲ କଲେଜରେ କଭୁଥରାଙ୍କ ଶବ ବ୍ୟବଚ୍ଛେଦ ହେଉ ବୋଲି ସେମାନେ ଦାବି କରିଛନ୍ତି।

ରାୟ ସମୀକ୍ଷା ଆବେଦନ ଉପରେ ଆଜି ନିଷ୍ପତ୍ତି

ନୂଆଦିଲ୍ଲୀ,୨୨।୧୦(ପି.ଟି.)

ସାବରିମାଳା ବିବାଦ

କେରଳର ପ୍ରସିଦ୍ଧ ସାବରିମାଳା ମନ୍ଦିରକୁ ସବୁ ବୟସର ମହିଳା ପ୍ରବେଶ କରିପାରିବେ ବୋଲି ସୁପ୍ରିମକୋର୍ଟ ଦେଇଥିବା ରାୟକୁ ବିଭିନ୍ନ ବ୍ୟକ୍ତି ଓ ସଙ୍ଗଠନ ଗ୍ରହଣ କରିପାରୁ ନାହାନ୍ତି। ସୁପ୍ରିମକୋର୍ଟରେ ଅନେକେ ରାୟକୁ ଚ୍ୟାଲେଞ୍ଜ କରିବା ସହ ସମୀକ୍ଷା ଆବେଦନ କରିଛନ୍ତି। ଦାଏର ହୋଇଥିବା ଏକାଧିକ ଆବେଦନ ଉପରେ କେବେ ଶୁଣାଣି ହେବ, ସେନେଇ ମଙ୍ଗଳବାର ଅଦାଲତ ସ୍ଥିର କରିବେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ସଞ୍ଜୟ କ୍ରିଷ୍ଣନ୍ କୌଲଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହି ନିଷ୍ପତ୍ତି ନେଇଛନ୍ତି। ସେପ୍ଟେମ୍ବର ୨୮ରେ ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ଖଣ୍ଡପୀଠ ଐତିହାସିକ ରାୟକ୍ରମେ ସାବରିମାଳାରେ ମହିଳାଙ୍କ ପ୍ରବେଶ କଟକଣା ହଟାଇଦେଇଥିଲେ। କିନ୍ତୁ ଏବେ ନୂଆ ଖଣ୍ଡପୀଠ ରାୟ ସମୀକ୍ଷା ଲାଗି ହୋଇଥିବା ୧୯ ଆବେଦନର ଶୁଣାଣି କରିବେ ବୋଲି ଜଷ୍ଟିସ୍ ଗୋଗୋଇଙ୍କ ଖଣ୍ଡପୀଠ କହିଛନ୍ତି।

ଘରେ ପଶି ଛାତ୍ରୀଙ୍କୁ ଗଣବଳାତ୍କାର

ମୁଜାଫରପୁର,୨୨।୧୦(ପି.ଟି.)

ବିହାରର ମୁଜାଫରପୁରରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ରବିବାର ରାତିରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଇମ୍ଲି ଚୌକ୍‌ସ୍ଥିତ ନିଜ ଘରେ ପୀଡ଼ିତା ଗଣବଳାତ୍କାରର ଶିକାର ହୋଇଥିବା ସୋମବାର ପୋଲିସ ସୂଚନା ଦେଇଛି। ଖବର ମୁତାବକ ଚାରିଜଣ ବ୍ୟକ୍ତି ଉକ୍ତ ନାବାଳିକାଙ୍କ ଘରକୁ ପଶି ପରିବାର ସଦସ୍ୟଙ୍କୁ ମାଡ଼ ମାରିବା ସହ ସେମାନଙ୍କ ହାତଗୋଡ଼ ବାନ୍ଧିଦେଇଥିଲେ। ଏହାପରେ ସେମାନେ ଛାତ୍ରୀଙ୍କୁ ଯୌନ ଶୋଷଣ କରିଥିଲେ। ଛାତ୍ରୀଙ୍କ ବୟାନକୁ ଭିତ୍ତି କରି ପୋଲିସ ଏତଲା ରୁଜୁ କରିଛି। ପୀଡ଼ିତାଙ୍କ ଡାକ୍ତରୀମାଇନା ପରେ ଘଟଣାର ତଦନ୍ତ ଚାଲିଥିବା ମିଥାନପୁରା ଥାନାର ଭାରପ୍ରାପ୍ତ ଅଧିକାରୀ ବିଜୟ ପ୍ରସାଦ ରାୟ କହିଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ କାର୍ଟୁନ ଫ୍ୟାକ୍ଟ୍ରି ମାଲିକ ଥିବା ଜଣାପଡ଼ିଛି।

ଫୁର୍‌ସତ

ଇତିହାସର ଆଇନାରେ

ଅକ୍ଟୋବର ୨୩ର ପ୍ରମୁଖ ଘଟଣା

୧୯୧୭ ଅକ୍ଟୋବର ୨୩ରେ ଭ୍ଲାଦିମିର ଲେନିନ୍ ଅକ୍ଟୋବର କ୍ରାନ୍ତିର ଡାକରା ଦେଇଥିଲେ। ରାଜନେତା ଓ ରାଜନୈତିକ ସିଦ୍ଧାନ୍ତବାଦୀ ଲେନିନ୍ ରୁଷରେ ପୁଞ୍ଜିବାଦର ବିଲୋପ କରି ସମାଜବାଦ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିଥିଲେ।

୨୦୧୧ ଅକ୍ଟୋବର ୨୩ରେ ତୁର୍କୀର ଭାନ୍ ସହରରେ ଶକ୍ତିଶାଳୀ ଭୂକମ୍ପରେ ୫୮୨ ଜଣଙ୍କର ମୃତ୍ୟୁ ଘଟିଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୨ ରହିଥିଲା।

ନିଲାମ ହେବ ହକିଙ୍ଗଙ୍କ ହୁଇଲ୍ ଚେୟାର

ଲଣ୍ଡନ: ବ୍ରିଟିଶ୍ ପଦାର୍ଥ ବିଜ୍ଞାନୀ ଷ୍ଟିଫେନ୍ ହକିଙ୍ଗଙ୍କ ମୋଟରଚାଳିତ ହୁଇଲଚେୟାର, ମେଡାଲ ଓ ଆୱାର୍ଡ ଏବଂ ତାଙ୍କ ପିଏଚ୍‌ଡି ଥେସିସ୍‌ର ଏକ ସ୍ୱାକ୍ଷରିତ କପି ନିଲାମ ହେବାକୁ ଯାଉଛି। ମୋଟରଚାଳିତ ଏହି ହୁଇଲ୍ ଚେୟାର ୧୫,୦୦୦ ପାଉଣ୍ଡରେ ନିଲାମ ହେବା ଆଶା କରାଯାଉଛି। ହକିଙ୍ଗ୍ ୧୯୬୦ରୁ ମୃତ୍ୟୁ (୨୦୧୮ ମାର୍ଚ୍ଚ) ପର୍ଯ୍ୟନ୍ତ ଅନେକ ହୁଇଲ୍ ଚେୟାର ବ୍ୟବହାର କରିଛନ୍ତି। ବ୍ରିଟେନ୍‌ର କ୍ରିଷ୍ଟିଜ୍ ଅକ୍ସନ୍ ହାଉସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ନିଲାମ ହେବାକୁ ଥିବା ହୁଇଲ୍ ଚେୟାରକୁ ହକିଙ୍ଗ୍ ୧୯୮୦ରୁ ୧୯୯୦ ମଧ୍ୟରେ ବ୍ୟବହାର କରିଥିଲେ। କିନ୍ତୁ ହୁଇଲ୍ ଚେୟାର ଚଳାଇବାକୁ ହାତ ଅଚଳ ହୋଇଯିବା ପରେ ତାଙ୍କ ପାଇଁ କେବଳ ବସି ରହିବା ଭଳି ହୁଇଲ ଚେୟାର ବ୍ୟବସ୍ଥା କରାଯାଇଥିଲା। ହକିଙ୍ଗ୍‌ଙ୍କ ବ୍ୟବହୃତ ସାମଗ୍ରୀ ନିଲାମରୁ ଲବ୍ଧ ଅର୍ଥ ଷ୍ଟିଫେନ୍ ହକିଙ୍ଗ୍ ଫାଉଣ୍ଡେଶନ୍‌କୁ ଦାନ କରାଯିବ। ଏହି ଫାଉଣ୍ଡେଶନ୍ ମୋଟର ନ୍ୟୁରନ୍ ଡିଜିଜ୍ ଆସୋସଏଶନ୍ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ପାଇଁ କାର୍ଯ୍ୟ କରିଆସୁଛି। ଅକ୍ଟୋବର ୩୧ରୁ ନଭେମ୍ବର ୮ ମଧ୍ୟରେ ଏଥିପାଇଁ ଅନ୍‌ଲାଇନ୍ ଯୋଗେ ନିଲାମ ଡାକରା ହେବ। ହକିଙ୍ଗଙ୍କ ପିଏଚ୍‌ଡି ଥେସିସ୍‌ର ସ୍ୱାକ୍ଷରିତ ନକଲ ୧ଲକ୍ଷ ୫୦ହଜାର ପାଉଣ୍ଡରେ ନିଲାମ ହେବା ଆଶା କରାଯାଏ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବ।

ସ୍ଥାନୀୟ ଅଞ୍ଚଳ– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମୁଖ୍ୟତଃ ପରିଷ୍କାର ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବ ନିମ୍ନ ତାପମାତ୍ରା
ବାଲେଶ୍ୱର	୩୪.୬	୨୦.୫
ଚାନ୍ଦବାଲି	୩୩.୦	୨୩.୦
କଟକ	---	୨୧.୦
ପାରାଦ୍ୱୀପ	୩୩.୦	୨୩.୫
ଭୁବନେଶ୍ୱର	୩୪.୦	୨୦.୯
ଗୋପାଳପୁର	୩୪.୦	୨୨.୯
ପୁରୀ	୩୩.୬	୨୪.୮
ଅନୁଗୋଳ	୩୩.୭	୧୯.୦
ବାରିପଦା	୩୨.୦	୨୧.୦
ଝାରସୁଗୁଡ଼ା	୩୪.୭	୨୧.୦
କେନ୍ଦୁଝର	୩୨.୦	୧୮.୨
ସମ୍ବଲପୁର	୩୪.୮	୨୧.୧
ସୁନ୍ଦରଗଡ଼	---	---
ହୀରାକୁଦ	୩୪.୧	୨୧.୬
ତାଲଚେର	୩୫.୨	୨୧.୩
ଭବାନୀପାଟଣା	୩୩.୪	୧୯.୦
ବଲାଙ୍ଗୀର	୩୩.୫	୨୧.୭
କୋରାପୁଟ	୩୦.୬	୧୬.୨
ଫୁଲବାଣୀ	୩୧.୫	୧୫.୮
ଟିଟିଲାଗଡ଼	୩୪.୦	୧୯.୦
ମାଲକାନଗିରି	୩୫.୦	---
ସୋନପୁର	୩୪.୮	୧୯.୬
ଦାରିଙ୍ଗବାଡ଼ି	---	୧୬.୫
ଢେଙ୍କାନାଳ	---	---

ଡିଗ୍ରୀ ସେଲ୍‌ସିୟସ୍

ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୨୩/୨୦୧୮ Sambalpur, Tuesday, October 23/ 2018 | ପୃଷ୍ଠା-୧

୧୦ କୋଟିର ମାନହାନି ମାମଲା କଲେ ତନୁଶ୍ରୀ

ଅଭିନେତ୍ରୀ ରାକ୍ଷୀ ସାୱନ୍ତଙ୍କ ନାମରେ ତନୁଶ୍ରୀ ଦତ୍ତ ୧୦କୋଟି ଟଙ୍କାର ମାନହାନି ମକଦ୍ଦମା ଦାଏର କରିଛନ୍ତି।

୦୯

୦୮

ବିଜୟ ଦେଲେ ସ୍ମୃତି ମନ୍ଧାନା

ସ୍ମୃତି ମନ୍ଧାନାଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତୀୟ ଏ'ମହିଳା କ୍ରିକେଟ ଦଳ ପ୍ରଥମ ଟି୨୦ରେ ଅଷ୍ଟ୍ରେଲିଆ ଏ'କୁ ହରାଇ ଦେଇଛି।

ଅଭୟାରଣ୍ୟରୁ ସ୍ଥାନାନ୍ତର ହେବ ସୁନ୍ଦରୀ

୨

ଆଜିର ସମ୍ପାଦକୀୟ

ଅହମିକାର ଲଢ଼େଇ

ଆଜିର ମନ୍ତବ୍ୟ

ରାଫାଲ୍ ଚୁକ୍ତି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ବୁଡ଼ାଇଦେବା।

– ଅଶୋକ ଗେହଲଟ, ବରିଷ୍ଠ କଂଗ୍ରେସ ନେତା

କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ତୃତୀୟ ସପ୍ତାହ ସୁଦ୍ଧା ଦେଶର ନେଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହରେ ୧୫.୭% ବୃଦ୍ଧି ଘଟି ୪.୮୯ ଲକ୍ଷ କୋଟି ଟଙ୍କା ରହିଛି। –ସିବିଡିଟି

NECC NATIONAL EGG CO-ORDINATION COMMITTEE 22.10.2018 Venkobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	77	128	138
CTC	77	128	138
DKL	77	128	138
BDK	76	127	137
BLS	76	127	137
ANG	77	128	138

Eggs Retail Price- 48/-Dozen
Issued in the Interest of Consumers
*Conditions Apply

ଜ୍ୱାଇଁ ଉଜାଡ଼ିଦେଲେ ସଂସାର

- ସ୍ତ୍ରୀ, ଶାଶୁ ଓ ଶ୍ୱଶୁରଙ୍କୁ ପୋଡ଼ି ମାରି ନିଜେ ଜଳିଗଲେ
- ଘଟଣା ପଛରେ ପାରିବାରିକ କଳହ
- ପେଟ୍ରୋଲ ଜାରକିନ, ତାଲା ଓ ଜଞ୍ଜିର ଜବତ

କୁଜଙ୍ଗ,୨୨।୧୦(ସ୍ୱ.ପ୍ର.)

ଘରୋଇ କଳିରୁ ଛାରଖାର ହୋଇଗଲା ସଂସାର। ୬ମାସ ତଳେ ବିବାହ କରିଥିବା ଜଣେ ବ୍ୟକ୍ତି ନିଜ ସ୍ତ୍ରୀ, ଶାଶୁ ଓ ଶ୍ୱଶୁରଙ୍କୁ ନିଆଁରେ ପୋଡ଼ି ମାରିଦେବା ସହ ନିଜେ ଜଳିଯାଇଛନ୍ତି। ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ବାଲିଡୁଠ ପଞ୍ଚାୟତର ପନାଡିଆ ଗ୍ରାମରେ ଘଟିଛି ଏଭଳି ଅଭାବନୀୟ ଘଟଣା। ନିଆଁରେ ପୋଡ଼ିହୋଇ ଗ୍ରାମର ନବଘନ ସାହୁ(୬୨), ସ୍ତ୍ରୀ କମଳା ସାହୁ(୫୩), ଝିଅ ରୁବିନା(୨୨) ଓ ଜ୍ୱାଇଁ ଭଦ୍ରକ ଜିଲା ତିହିଡ଼ି ଗ୍ରାମର ହରେକୃଷ୍ଣ ମଲ୍ଲିକ(୪୨)ଙ୍କ ମୃତ୍ୟୁ ଘଟିଛି। ରବିବାର ରାତି ପ୍ରାୟ ୨ଟାରେ ଗାଁ ମଝିରେ ରହୁଥିବା ନବଘନଙ୍କ କୋଠାଘରେ ନିଆଁ ଜଳୁଥିବା ଦେଖି ଗ୍ରାମବାସୀ ଲିଭାଇବାକୁ ଉଦ୍ୟମ କରିଥିଲେ। ଏଥିସହ ନିଆଁରେ ପୋଡ଼ିହୋଇ ଛଟପଟ ହେଉଥିବା ରୁବିନାଙ୍କୁ ଉଦ୍ଧାରକରି ପ୍ରଥମେ କୁଜଙ୍ଗ ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ସେଠାରେ ରୁବିନାଙ୍କ ମୃତ୍ୟୁ ଘଟିଥିବାବେଳେ ପୋଲିସ ତାଙ୍କ ମୃତ୍ୟୁ କାଳୀନ ବୟାନକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ସୋମବାର ସକାଳେ ଗାଁ ଲୋକାରଣ୍ୟ ହୋଇପଡିଥିବାବେଳେ ପୋଲିସ ଫୋର୍ସ ପହଞ୍ଚିଥିଲେ। କୁଜଙ୍ଗ ଥାନା ଆଇଆଇସି ଦିଲୀପ କୁମାର ସାହୁ ଓ ତିର୍ତ୍ତୋଲ ଏସ୍‌ଡିପିଓ ଶିବଚରଣ ମଲ୍ଲିକ ତଦନ୍ତ ଆରମ୍ଭ କରିବା ସହ ୩ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୁଜଙ୍ଗ ଡାକ୍ତରଖାନାକୁ ପଠାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପ୍ରକୃତ କଥା ଜଣାପଡିବ ବୋଲି ଦୁଇ ଅଧିକାରୀ କହିଛନ୍ତି।

ପଡୋଶୀଙ୍କ କହିବା ଅନୁଯାୟୀ, ନବଘନଙ୍କ ପୁଅ ବାଙ୍ଗାଲୋରରେ ରୁହନ୍ତି। ପୁଅର ଯୋଗାଯୋଗ କ୍ରମେ ବାଙ୍ଗାଲୋରରେ କାମ କରୁଥିବା ଭଦ୍ରକ ଜିଲା ତିହିଡ଼ି ଗ୍ରାମର ହରେକୃଷ୍ଣଙ୍କ ସହ ନବଘନ ୬ ମାସ ତଳେ ଝିଅ ରୁବିନାଙ୍କ ବିବାହ କରାଇଥିଲେ। ହରେକୃଷ୍ଣଙ୍କ ବୟସ ଅଧିକ ଓ ଅନ୍ୟ ଜାତିର ହୋଇଥିବାରୁ ରୁବିନା ଏହି ବିବାହରେ ରାଜି ନ ଥିଲେ। କିନ୍ତୁ ଭାଇଙ୍କ ବାଧ୍ୟବାଧକତାରେ ସେ ବିବାହ କରିଥିଲେ। ଏହାକୁ ନେଇ ସେ ସର୍ବଦା ଅସନ୍ତୁଷ୍ଟ ଥିଲେ। ବିବାହ ପରେ ରୁବିନା ପ୍ରଥମେ ୧ ମାସ ସ୍ୱାମୀଙ୍କ ସହ ବାଙ୍ଗାଲୋର ଓ କିଛିଦିନ ଶାଶୁଘରେ ରହିଥିଲେ। ପରେ ନିଜ ବାପଘରକୁ ଆସିବା ପରେ ଆଉ ଶାଶୁଘରକୁ ଯିବାକୁ ସେ ମନା କରିଦେଇଥିଲେ। ତେଣୁ ହରେକୃଷ୍ଣ ତାଙ୍କୁ ନେବା ପାଇଁ ବାରମ୍ବାର ଶ୍ୱଶୁରଘରକୁ ଆସୁଥିଲେ ଓ ପ୍ରତିଥର ଗଣ୍ଡଗୋଳ କରି ଫେରୁଥିଲେ। ଆଗକୁ କୁମାର ପୂର୍ଣ୍ଣିମା ଆସୁଥିବାରୁ କିଛିଦିନ ତଳେ ହରେକୃଷ୍ଣ ଶ୍ୱଶୁର ଘରକୁ ଆସି ରୁବିନାଙ୍କୁ ନେବା ପାଇଁ କହିବାରୁ ଉଭୟଙ୍କ ମଧ୍ୟରେ କଳି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ହରେକୃଷ୍ଣ ସମସ୍ତଙ୍କୁ ଜୀବନରୁ ମାରିଦେବାକୁ ଯୋଜନା କରିଥିଲେ। ରବିବାର ରାତିରେ ସେ ପେଟ୍ରୋଲ ଓ ତାଲା ଚାବି ଧରି ଶ୍ୱଶୁରଘରକୁ ଆସିଥିଲେ। ତାଙ୍କର ଏଭଳି ଯୋଜନା ସମ୍ପର୍କରେ ଶ୍ୱଶୁରଘର ଲୋକେ କିଛି ବି ଜାଣିପାରି ନ ଥିଲେ। ବିଳମ୍ବିତ ରାତିରେ ଯୋଜନା ମୁତାବକ ହରେକୃଷ୍ଣ ପ୍ରଥମେ ନିଜ ସ୍ତ୍ରୀ ଓ ଶାଶୁଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ☞ ପୃଷ୍ଠା–୨

ମୁଣ୍ଡ ପୂରାଇଲେ ମୋଦି

ଦୁଇ ମୁଖିଆ ଆଲୋକ, ରାକେଶଙ୍କୁ ସମନ

- ତଦନ୍ତକାରୀ ସଂସ୍ଥାର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ
- ମର୍ଯ୍ୟାଦା ରକ୍ଷା କରିବା ପିଏମ୍‌ଓ ପାଇଁ ଚ୍ୟାଲେଞ୍ଜ
- ରାକେଶଙ୍କୁ ଗିରଫ ନ କରିବାକୁ ଦିଆଯାଇଛି ନିର୍ଦ୍ଦେଶ
- ଜାଲିଆତି ଅଭିଯୋଗରେ ଡିଏସ୍‌ପି ଦେବେନ୍ଦର ଗିରଫ

ନୂଆଦିଲ୍ଲୀ,୨୨।୧୦

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କରିଡରରେ ବିବାଦ ଘନେଇବାରେ ଲାଗିଛି। ସ୍ପେଶାଲ ଡାଇରେକ୍ଟର ରାକେଶ ଅସ୍ଥାନାଙ୍କ ବିରୋଧରେ ଲାଞ୍ଚ ମାମଲା ଦାଏର ହେବା ପରେ ସବୁ କଥା ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ଦେଶର ସର୍ବାଧିକ ଭରସାଯୋଗ୍ୟ ତଦନ୍ତକାରୀ ସଂସ୍ଥା କୁହାଯାଉଥିବା ସିବିଆଇର ନମ୍ବର ୧ ଓ ୨ ଅଧିକାରୀଙ୍କ ଅନ୍ତର୍କଳହ ଏବଂ ଅହମିକାର ଲଢ଼େଇ ଏତେ ଉଗ୍ରରୂପ ନେଇପାରେ ତାହା ସାଧାରଣ ଜନତା କେବେ ଜାଣି ନ ଥିଲେ। ପ୍ରଥମଥର ପାଇଁ ଏଭଳି ଘଟଣା ପ୍ରଘଟ ହେବା ପରେ ସିବିଆଇର ମର୍ଯ୍ୟାଦା ରକ୍ଷା ପାଇଁ ଅଣ୍ଟା ଭିଡିଛି ଖୋଦ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରସଙ୍ଗରେ ମୁଣ୍ଡ ପୂରାଇବାକୁ ବାଧ୍ୟ ହୋଇଛନ୍ତି। ସେ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କୁ ସମନ କରିଛନ୍ତି। ଏହାସହ ରାକେଶ ପ୍ରଧାନମନ୍ତ୍ରୀ ମୋଦିଙ୍କ ପସନ୍ଦର ଅଧିକାରୀ ହୋଇଥିବାରୁ ☞ ପୃଷ୍ଠା–୨

ସିବିଆଇ ଅନ୍ତର୍ଦ୍ୱନ୍ଦ୍ୱ

■ ବିଦେଶରେ ଅଘୋଷିତ ସମ୍ପତ୍ତି

କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି

ନୂଆଦିଲ୍ଲୀ,୨୨।୧୦

ବିଦେଶରେ ଅଘୋଷିତ ସମ୍ପତ୍ତି ଏବଂ ଅର୍ଥ ଠୁଳ କରିବାକୁ ନେଇ ଆୟକର ବିଭାଗ ଏବେ ଦେଶବ୍ୟାପୀ ଅପରେଶନ ଆରମ୍ଭ କରିଛି। ଏଭଳି ବ୍ୟକ୍ତିଙ୍କ ବିରୋଧରେ ଏବେ କାର୍ଯ୍ୟକାରୀ ହୋଇଥିବା କଳାଧନ ବିରୋଧୀ ଆଇନ ଅଧୀନରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆୟକର ବିଭାଗ ଏହାର ବିଦେଶୀ ପ୍ରତିପକ୍ଷଙ୍କ ସହ ମିଶି ମିଳିତ ଭାବେ ତଦନ୍ତ ଆରମ୍ଭ କରିଛି ବୋଲି ସିବିଡିଟି ଅଧ୍ୟକ୍ଷ ସୁଶୀଲ ଚନ୍ଦ୍ରା ସୂଚନା ଦେଇଛନ୍ତି। ତେବେ ଏ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିବାକୁ ଚନ୍ଦ୍ରା ମନା କରିଦେଇଛନ୍ତି। ଆୟକର ବିଭାଗ ପକ୍ଷରୁ କଳାଧନ ବିରୋଧରେ ଏକିକୃତ ଅଭିଯାନ ଆରମ୍ଭ କରାଯାଇଛି। ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟରୁ ମିଳିଥିବା କାରବାର ତଥ୍ୟକୁ ମିଳାଇ ବିଦେଶରେ ଠୁଳ ହୋଇଥିବା ସମ୍ପତ୍ତି ସମ୍ପର୍କରେ ଏହି ଯାଞ୍ଚ ଆରମ୍ଭ ହୋଇଛି। ଏପରିକି ଏକାଧିକ ବ୍ୟକ୍ତି ଓ ଅନୁଷ୍ଠାନକୁ ନୋଟିସ ଜାରି କରାଯାଇ ସେମାନଙ୍କ କାରବାର ସମ୍ପର୍କରେ ତଥ୍ୟ ମଗାଯାଇଛି। ବହୁ ଉଚ୍ଚ ଆୟକାରୀ ଏବେ ଆୟକର ବିଭାଗର ନଜରରେ ରହିଛନ୍ତି।

■ ଦାଦନ ଚାଲାଣରୁ ଡକାୟତି

୭ ଆନ୍ତଃ ରାଜ୍ୟ ଡକାୟତ ଗିରଫ

- ଦେଶୀ ପିସ୍ତଲ, ଗୁଳି ସହ ମାରଣାସ୍ତ୍ର ଜବତ
- ଦେଓଗାଁରେ ଡକାୟତି ଯୋଜନା ବେଳେ ଧରାପଡ଼ିଲେ

ବଲାଙ୍ଗୀର ଅଫିସ,୨୨।୧୦

ବଲାଙ୍ଗୀର ଜିଲା ଦେଓଗାଁଠାରେ ଡକାୟତି ଉଦ୍ୟମ କରୁଥିବା ୭ ଆନ୍ତଃ ରାଜ୍ୟ ଡକାୟତଙ୍କୁ ତୁଷରା ପୋଲିସ ରବିବାର ରାତିରେ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ମୁରିବାହାଲ ଥାନା ବଡସାଇମରା ଗାଁର ତବୁ ଓରଫ ତବୁରାଜ ମହାନନ୍ଦ, ବନମାଳୀ ଓରଫ୍ ସାହିଲ ତାଣ୍ଡି, କଣ୍ଟାବାଞ୍ଜିର ପ୍ରଦ୍ୟୁମ୍ନ ବହିଦାର ଓରଫ୍ ମିଲୁ, ବେଲପଡାର ହରିଶ୍ଚନ୍ଦ୍ର ବୁଡେକ୍, ତୁଷରା ଥାନା ଅନ୍ତର୍ଗତ କରୁଆଁଝର ଗାଁର କିଶୋର ଚନ୍ଦ୍ର ଭୋଇ, ତୁରେକେଲା ଗାଁର ରୁଟି ଓରଫ୍ ପରିକ୍ଷିତ ନାଗ ଓ ବଲାଙ୍ଗୀର ସାଗରପଡାର ରାଜୁ ଓରଫ୍ ଜୟ ପଣ୍ଡା । ଗିରଫ ଅଭିଯୁକ୍ତମାନଙ୍କ ନାଁରେ ଜିଲା ତଥା ଜିଲା ବାହାରେ ଏଭଳିକି ରାଜ୍ୟ ବାହାରେ ଅନେକ ଆପରାଧିକ ମାମଲା ☞ ପୃଷ୍ଠା–୨

ଗିରଫ ୭ ଜଣ ଆନ୍ତଃ ରାଜ୍ୟ ଡକାୟତ ।

■ ଫସଲହାନି, ଋଣଭାର ଚିନ୍ତା

ଜୀବନ ହାରିଲେ ୨ ଚାଷୀ

ସୁନ୍ଦରଗଡ଼/ବେଲପଡ଼ା,୨୨।୧୦(ଡି.ଏନ୍.ଏ.)

ଫସଲହାନି ଓ ଋଣଭାର ଚିନ୍ତା ଯୋଗୁ ବିଷ ପିଇ ଦୁଇଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ନିଆଲିପାରି ଗ୍ରାମର ଭାଗଚାଷୀ ପୂର୍ଣ୍ଣଚନ୍ଦ୍ର ସେଠ (୫୧) ଓ ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଅନ୍ତର୍ଗତ ଗିଦମାଲ ଗ୍ରାମର ଯୁବ ଚାଷୀ ଚତୁର୍ଭୁଜ ପାତ୍ର (୪୫)। ସୂଚନା ଅନୁଯାୟୀ, ପୂର୍ଣ୍ଣଚନ୍ଦ୍ର ବିଭିନ୍ନ ଏସ୍‌ଏଚ୍‌ଜିରୁ ଋଣ ଆଣି ଗ୍ରାମର ଜଣେ ବ୍ୟକ୍ତିଙ୍କର ପ୍ରାୟ ୬ ଏକର ଜମିରେ ଚଳିତବର୍ଷ ଧାନଚାଷ କରିଥିଲେ। ହେଲେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଫସଲ ନଷ୍ଟ ହୋଇଯାଇଥିଲା। ପରିବାର ଲୋକଙ୍କ କହିବା ଅନୁଯାୟୀ, ଋଣ ପରିଶୋଧ କିପରି କରିବେ ସେ ନେଇ ପୂର୍ଣ୍ଣଚନ୍ଦ୍ର ଚିନ୍ତିତ ଥିଲେ। ସୋମବାର ସକାଳ ପ୍ରାୟ ସାଢ଼େ ୭ଟାରେ ସେ ଘରେ ଥିବା କୀଟନାଶକ ଔଷଧ ଖାଇ ଦେଇଥିଲେ। ଏହା ଜଣାପଡ଼ିବା ପରେ ପରିବାର ଲୋକେ ତୁରନ୍ତ ତାଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ଭଷ୍ମା ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତଦେହ ମେଡିକାଲରୁ ଗ୍ରାମକୁ ନିଆଯାଉଥିବା ବେଳେ ଅପରାହ୍ନ ୪ଟାରେ ସୁର୍ଡା ପୋଲ ନିକଟରେ ଗ୍ରାମବାସୀ ଶବବାହକ ଗାଡ଼ି ଅଟକାଇ ରାସ୍ତା ଅବରୋଧ କରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ଟାଙ୍ଗରପାଲି ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବାକୁ ଆନ୍ଦୋଳନକାରୀ ଦାବି କରିଥିଲେ। ଖବର ପାଇ ବିଜେଡି ନେତ୍ରୀ କୁସୁମ ଟେଟେ, ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ଜଟିଆ ମୁଣ୍ଡା, ଟାଙ୍ଗରପାଲି ତହସିଲଦାର ସୁର୍ମି ସୋରେଙ୍ଗ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପ୍ରଶାସନ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ତୁରନ୍ତ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରଶାସନିକ ତଦନ୍ତ ପରେ ଅନ୍ୟାନ୍ୟ ସହାୟତା ଓ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ପ୍ରାୟ ୬ଟାରେ ରାସ୍ତାରୋକୋ ହଟିଥିଲା। ସେହିପରି ଫସଲ ନଷ୍ଟ ଯୋଗୁ ମାନସିକ ଭାରସାମ୍ୟ ହରାଇ ଚତୁର୍ଭଜ ଆତ୍ମହତ୍ୟା କରିଥିବା ପରିବାର ଲୋକେ ସୋମବାର ବେଲପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪/୧୮) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଚତୁର୍ଭୁଜ ନିଜ ୨ ଏକର ଜମିରେ ☞ ପୃଷ୍ଠା–୨

ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

କ୍ରିସ୍
ପରିବାରବର୍ଗ

ତିତିଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଅଭୟାରଣ୍ୟରୁ ସ୍ଥାନାନ୍ତର ହେବ ସୁନ୍ଦରୀ

- ଟ୍ରାଙ୍କୁଲାଇଜ ପାଇଁ ୩ ଟିମ୍ ପ୍ରସ୍ତୁତ
- ସରକାରଙ୍କୁ ଚିଠି ଲେଖିଲା ଜିଲା ପ୍ରଶାସନ
- ପରିସ୍ଥିତି ଦେଖି ମଙ୍ଗଳବାର ଜଙ୍ଗଲକୁ ଯିବ ଟିମ୍

ଅନୁଗୋଳ ଅଫିସ/ବନ୍ତଳା,୨୨।୧୦

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳରେ ଆତଙ୍କ ଖେଳାଇଥିବା ମଣିଷଖିଆ ବାଘୁଣୀ ସୁନ୍ଦରୀକୁ ଧରାଯିବା ଏଥିପାଇଁ ୩ଟି ଟ୍ରାଙ୍କୁଲାଇଜ୍ ଟିମ୍ ଅନୁଗୋଳରେ ପ୍ରସ୍ତୁତ ହୋଇ ରହିଛନ୍ତି। ରବିବାର ତ୍ରିନାଥ ସାହୁଙ୍କ ମୃତ୍ୟୁ ଘଟଣାକୁ ନେଇ ଟାଇଁସିରେ ଉତ୍ତେଜନା ଥିବାବେଳେ ସୋମବାର କୋଠାଭୁଇଁ ପଞ୍ଚାୟତ କୁମୁରି ଗାଁରେ ଏକ ବଳଦକୁ ସୁନ୍ଦରୀ ଶିକାର କରିବା ପରେ ଚାପା ଉତ୍ତେଜନା ରହିଥିବା ପ୍ରଶାସନ ଅନୁଭବ କରିଛି। ତେଣୁ ପରିସ୍ଥିତି ଦେଖି ଅପେକ୍ଷାରତ ୩ଟି ଟିମ୍ ମଙ୍ଗଳବାର ଅଭୟାରଣ୍ୟ ମଧ୍ୟକୁ ଯିବ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଅପରପକ୍ଷରେ ସୁନ୍ଦରୀକୁ ସ୍ଥାନାନ୍ତର ପାଇଁ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଛି। ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ମଧ୍ୟ ତୁରନ୍ତ ବାଘୁଣୀକୁ ସାତକୋଶିଆରୁ ବିଦା କରିବାକୁ ଦାବି କରିଛନ୍ତି।

ସୁନ୍ଦରୀକୁ ନେଇ ରବିବାର ସୃଷ୍ଟି ହୋଇଥିବା ଉତ୍ତେଜନା ପରିସ୍ଥିତିରେ ସୋମବାର ସୁଧାର ଆସିଛି। ଟାଇଁସି ଗାଁ ଦିନ ତମାମ ଶାନ୍ତ ଥିବାବେଳେ ରାଜପଥ ଅବରୋଧ ହୋଇଥିବା ଜରପଡ଼ା ଥାନା ମୁଣ୍ଡାସାହି କଞ୍ଜରାଠାରେ ମଧ୍ୟ କୌଣସି ଉତ୍ତେଜନା ଦେଖାଯାଇ ନାହିଁ। ତଥାପି ଉଭୟ ସ୍ଥାନରେ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଥିବାରୁ ଜିଲା ପୋଲିସର ବରିଷ୍ଠ ଅଧିକାରୀ ଫୋର୍ସ ସହ ଜଗି ରହିଛନ୍ତି। ତେବେ ସୁନ୍ଦରୀ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟାହ୍ନରେ ପ୍ରଶାସନିକ ଅଧିକାରୀମାନଙ୍କ ଏକ ଜରୁରୀ ବୈଠକ ବସିଥିଲା। ଏଥିରେ ବାଘୁଣୀକୁ ଅଭୟାରଣ୍ୟରୁ ବିଦା କରିବାକୁ ସରକାରଙ୍କୁ ଚିଠି କରାଯିବାକୁ ସ୍ଥିର କରାଯାଇଥିଲା। ଘଟଣା ସମ୍ପର୍କରେ ଜିଲାପାଳ ଅନିଲ କୁମାର ସାମଲ ବନ ବିଭାଗ ସଚିବଙ୍କୁ ଅବଗତ କରିବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ଦାୟିତ୍ୱରେ ଥିବା ପୋଲିସ ଆଇଜିଙ୍କୁ ମଧ୍ୟ ନଜର ରଖିବା ପାଇଁ କହିଛନ୍ତି। ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଲେ ବାଘୁଣୀକୁ ଧରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଏସିଏଫ୍ ଶୁଭେନ୍ଦୁ ବେହେରା କହିଛନ୍ତି, ବାଘୁଣୀକୁ କାବୁ କରିବାକୁ ଅନୁଗୋଳରେ ୩ଟି ଟିମ୍ ପହଞ୍ଚି ସାରିଛନ୍ତି। ଏଥିରେ ଭୁବନେଶ୍ୱର ଓୟୁଏଟିର ବିଶେଷଜ୍ଞ ଡା.ଚନ୍ଦ୍ରମଣି ନାଥ, ନନ୍ଦନକାନନର ଡାକ୍ତର ଶରତ କୁମାର ସାହୁ, ସହକାରୀ ଗନ୍‌ମ୍ୟାନ, ଶିମିଳିପାଳର ବିଶେଷଜ୍ଞ କେ. କାନବାଇ ଓ ପୀୟୂଷ ସୁରେନ, ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର ସାହୁ ରହିଛନ୍ତି। ଅନୁଗୋଳ ବନ ବିଭାଗ ବଙ୍ଗଳାରେ ଏମାନେ ଏକ ବୈଠକ କରି ରଣନୀତି ପ୍ରସ୍ତୁତ କରିଛନ୍ତି। ସୋମବାର ଟାଇଁସି ନିକଟ କୁମୁରି ଅଞ୍ଚଳରେ ବାଘୁଣୀ ରହିଛି। ମଙ୍ଗଳବାର ଟ୍ରାଙ୍କୁଲାଇଜ କରାଯିବାର ବନ୍ଦୋବସ୍ତ କରାଯାଇଥିବା ଏସିଏଫ୍ କହିଛନ୍ତି। ଅନ୍ୟପକ୍ଷରେ ରବିବାରଠାରୁ ନିଖୋଜ ଥିବା ୪ ବନ କର୍ମଚାରୀଙ୍କ ମଧ୍ୟରୁ ୩ଜଣ ଫେରି ଆସିଥିବା ବେଳେ କୁମୁରା ବିଟ୍‌ର ଫରେଷ୍ଟର ଧର୍ମେନ୍ଦ୍ର ପ୍ରଧାନଙ୍କ ଏଯାଏ ପତ୍ତା ମିଳୁ ନ ଥିବା ଜଣାପଡ଼ିଛି। ସେହିପରି ବାଘୁଣୀ ଆକ୍ରମଣର ଶିକାର ହୋଇଥିବା ତ୍ରିନାଥ ସାହୁଙ୍କ ମୃତଦେହ ମଧ୍ୟାହ୍ନରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତ ତ୍ରିନାଥଙ୍କ ପୁଅ ସୁରେଶ ସାହୁ ଥାନାରେ ଏତଲା ଦେବା ପରେ ମାଜିଷ୍ଟ୍ରେଟ, ପରିବାର ସଦସ୍ୟ ଓ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ଉପସ୍ଥିତିରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର କଳ୍ପନା ଜେନା, ମାନସ ରଞ୍ଜନ ବିଶ୍ୱାଳ ବ୍ୟବଚ୍ଛେଦ କରିଥିଲେ। ପରେ ମୃତଦେହ ଓ ପରିବାର ଲୋକଙ୍କୁ ଏକ ଗାଡ଼ିରେ ଅନୁଗୋଳ ପୋଲିସ ପଞ୍ଚମହଲା ପର୍ଯ୍ୟନ୍ତ ଛାଡ଼ିବାକୁ ଯାଇଥିଲା। ମୃତ ତ୍ରିନାଥଙ୍କ ପୁଅ ସୁରେଶଙ୍କୁ ଏସିଏଫ୍ ବେହେରା ୪୦ ହଜାର ଟଙ୍କା ଓ ଅନୁଗୋଳ ତହସିଲଦାର ବିଦିତ୍ରାନନ୍ଦ ନାୟକ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ପରେ ୪ ଲକ୍ଷ ଟଙ୍କାର ସରକାରୀ ସହାୟତା ସହିତ ପରିବାରର ଜଣଙ୍କୁ ଚାକିରି ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ବ୍ୟବଚ୍ଛେଦ ବେଳେ ମୃତଦେହ ସାରା ବାଘୁଣୀର ପଞ୍ଜା ଓ ଦାନ୍ତର ଚିହ୍ନ ରହିଥିବା ବେଳେ ଦୁଇ ଜଙ୍ଘ ଓ ପିଚାରୁ ମାଂସ ଖାଇଥିବା ବିଶେଷଜ୍ଞରୁ ଜଣାପଡ଼ିଛି।

ପ୍ରଥମ ପୃଷ୍ଠାରୁ...

ମୁଣ୍ଡ ପୂରାଇଲେ ...

ତାଙ୍କ ବିରୋଧରେ ଲାଞ୍ଚ ମାମଲା ଦାଏର ହେବା ସତ୍ତ୍ୱେ ତାଙ୍କୁ ଗିରଫ ନ କରିବାକୁ ପିଏମ୍‌ଓ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଉଛି। ଇତିମଧ୍ୟରେ ଲାଞ୍ଚ ମାମଲାରେ ବୟାନ ରେକର୍ଡ ବେଳେ ଜାଲିଆତି କରିଥିବା ଅଭିଯୋଗରେ ସିବିଆଇ ଡିଏସ୍‌ପି ଦେବେନ୍ଦର କୁମାରଙ୍କୁ ଗିରଫ କରିଛି। ସମ୍ପୂର୍ଣ୍ଣ ଘଟଣାକ୍ରମକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ସିବିଆଇର ବିଶ୍ୱସନୀୟତାକୁ ନେଇ କଂଗ୍ରେସ ଓ ବାମପନ୍ଥୀଙ୍କ ସମେତ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି।

ହାଇଦ୍ରାବାଦର ମାଂସ ବ୍ୟବସାୟୀ ସତୀଶ ସାନାଙ୍କ ଅଭିଯୋଗ ଆଧାରରେ ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶଙ୍କ ନାଁରେ ଖୋଦ୍ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଏଫ୍‌ଆଇଆର୍ ହେବା ଘଟଣା ରବିବାର ସାମ୍ନାକୁ ଆସିଥିଲା। ମିଳିଥିବା ସୂଚନାନୁସାରେ ମାଂସ ବ୍ୟବସାୟୀ ମୋଇନ କୁରେଶୀ ଏକ ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଥିଲେ। କୁରେଶୀଙ୍କୁ ଗତବର୍ଷ ଅଗଷ୍ଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିଲା। ତାଙ୍କ ବିରୋଧରେ ଥିବା ମାମଲାର ତଦନ୍ତ ଭାର ଉଭୟ ସିବିଆଇ ଏବଂ ଇଡିକୁ ଦିଆଯାଇଛି। ୨୦୧୭ ଅଗଷ୍ଟରେ ରାକେଶଙ୍କ ଅଧକ୍ଷତାରେ ଗଠିତ ସିବିଆଇର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଉକ୍ତ ମାମଲାର ତଦନ୍ତ କରୁଛି। ରାକେଶ ତଦନ୍ତକୁ ପ୍ରଭାବିତ କରି ଏହି ମାମଲାକୁ ରଫାଦଫା କରିବାକୁ ଉଦ୍ୟମ କରିଥିଲେ। ଏଥିପାଇଁ ସେ ୨ କୋଟି ଟଙ୍କା ଲାଞ୍ଚ ନେଇଥିଲେ। ଦୁବାଇରେ ରହୁଥିବା ମନୋଜ କୁମାର ନାମକ ଜଣେ ମଧ୍ୟସ୍ଥଙ୍କ ଜରିଆରେ ୨୦୧୭ ସେପ୍ଟେମ୍ବରରୁ ୧୦ ମାସ ମଧ୍ୟରେ ଲାଞ୍ଚ ଟଙ୍କା ରାକେଶଙ୍କୁ ଦିଆଯାଇଛି। କୁରେଶୀ, ସତୀଶ ଓ ମନୋଜ ଗିରଫ ହୋଇ ସିବିଆଇ ପଞ୍ଜାରେ ରହିଛନ୍ତି। ସେମାନେ ସିବିଆଇ ଅଧିକାରୀଙ୍କ ଆଗରେ ଏହା ସ୍ୱୀକାର କରିବା ସହ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଏନେଇ ବୟାନ ରେକର୍ଡ କରାଇଥିଲେ। ସିବିଆଇ ଏହି ସମଗ୍ର ଘଟଣାକ୍ରମକୁ ନେଇ ଟେଲିଫୋନ୍ ବାର୍ତ୍ତାଳାପ, ହ୍ୱାଟ୍ସଆପ୍ ମେସେଜ୍, ମନି ଟ୍ରାଏଲ୍ ଏବଂ ଏକ ଷ୍ଟେଟ୍‌ମେଣ୍ଟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଦାଖଲ କରିଥିବା କୁହାଯାଉଛି। ସେମାନଙ୍କ ଅଭିଯୋଗ ଆଧାରରେ ରାକେଶଙ୍କ ବିରୋଧରେ ଅକ୍ଟୋବର ୧୫ରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହାବାଦ୍ ଏଫ୍‌ଆଇଆର୍‌ରେ ରାକେଶଙ୍କ ସହ ଭାରତର ବାହ୍ୟ ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍‌ସ (ର) ସ୍ୱତନ୍ତ୍ର ନିର୍ଦ୍ଦେଶକ ସାମନ୍ତ କୁମାର ଗୋଏଲଙ୍କ ନାମ ମଧ୍ୟ ରହିଛି। କିନ୍ତୁ ସାମନ୍ତଙ୍କୁ ଏଥିରେ ଅଭିଯୁକ୍ତ ଦର୍ଶାଯାଇ ନାହିଁ। ଏହି ଟଙ୍କା ନେଣଦେଣ ପ୍ରକ୍ରିୟାରେ ସାମନ୍ତ ସହାୟତା କରିଥିବା ନେଇ ମଧ୍ୟ ମନୋଜ ପ୍ରଘଟ କରିଥିଲେ। ଏହା ପୂର୍ବରୁ ରାକେଶ ସିବିଆଇ ମୁଖ୍ୟ ଆଲୋକଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲେ। ୧୦ଟି ଦୁର୍ନୀତି ଓ ଆର୍ଥିକ ଅନିୟମିତତା ମାମଲାର ତଦନ୍ତକୁ ପ୍ରଭାବିତ କରିବା ପାଇଁ ସିବିଆଇ ନିର୍ଦ୍ଦେଶକ ଭ୍ରଷ୍ଟାଚାରର ଆଶ୍ରୟ ନେଇଥିବା ନେଇ ରାକେଶ କ୍ୟାବିନେଟ ସେକ୍ରେଟାରୀ ଓ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କୁ ପତ୍ର ଲେଖି ଜଣାଇଥିଲେ। ସତୀଶ ସାନା ସମ୍ପୃକ୍ତ ଥିବା ଏକ ମାମଲା ହେଉଛି ତନ୍ମଧ୍ୟରୁ ଅନ୍ୟତମ। ଅପରପକ୍ଷେ ଆଲୋକ ଏହାକୁ ଖଣ୍ଡନ କରି ରାକେଶଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆଣିଥିଲେ। ଏପରି କି ସେ ୧୯୮୪ ବ୍ୟାଚ୍ ଗୁଜରାଟ କ୍ୟାଡରର ଆଇପିଏସ୍ ଅଧିକାରୀ ରାକେଶଙ୍କ ସିବିଆଇ ସ୍ପେଶାଲ ଡାଇରେକ୍ଟର ଭାବେ ପଦୋନ୍ନତି ବାତିଲ କରିବାକୁ ମଧ୍ୟ ଉଦ୍ୟମ କରିଥିଲେ। ଏହି ସବୁ ଘଟଣା ସିବିଆଇର ଛବିକୁ ସାଧାରଣରେ ମଳିନ କରିବା ସହ ଦେଶର ସର୍ବୋଚ୍ଚ ତଦନ୍ତକାରୀ ସଂସ୍ଥାରେ ଚାଲିଥିବା ଅନ୍ତର୍ଦ୍ୱନ୍ଦ୍ୱକୁ ପଦାରେ ପକାଇଛି। ତେଣୁ ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିଛନ୍ତି। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ମୋଦିଙ୍କୁ ଭେଟିବାର ଘଣ୍ଟାଏ ପରେ ଡିଏସ୍‌ପି ପାହ୍ୟାର ଅଧିକାରୀ ଦେବେନ୍ଦର କୁମାରଙ୍କୁ ଗିରଫ କରାଯାଇଛି। ଏଥିସହ ଅନ୍ୟ କେତେଜଣ ସିବିଆଇ ଅଧିକାରୀଙ୍କ ବାସଭବନରେ ମଧ୍ୟ ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ଶେଷ ଖବର ସୁଦ୍ଧା ଦିନ ତମାମର କସରତ ପରେ ମଧ୍ୟ ପିଏମ୍‌ଓ ଏହି ବିବାଦର ସମାଧାନ କରିପାରି ନାହିଁ।

୭ ଆନ୍ତଃ ରାଜ୍ୟ...

ରହିଛି । ଏମାନଙ୍କ ମଧ୍ୟରୁ କେତେଜଣ ଦାଦନ ସର୍ଦ୍ଦାର ଭାବେ ଶ୍ରମିକ ଚାଲାଣ କାମ କରୁଥିଲେ। ତେବେ ପରବର୍ତ୍ତୀ ସମୟରେ ସ୍ଥାନୀୟ ଅଞ୍ଚଳରେ ଏବଂ ତେଲେଙ୍ଗାନା, ଛତିଶଗଡ ଅଞ୍ଚଳରେ ଅପରାଧ ଘଟାଇଥିବା ଜଣାପଡିଛି। ଡକାୟତ ଗିରଫ ଘଟଣାକୁ ନେଇ ବଲାଙ୍ଗୀର ସଦର ଏସ୍‌ଡିପିଓ କ୍ଷୀରସାଗର ନାଏକ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ରବିବାର ରାତି ପ୍ରାୟ ୧ଟା ସମୟରେ ଦେଓଗାଁ ହାଇସ୍କୁଲ ପଡିଆରେ କେତେଜଣ ଯୁବକ ଡକାୟତି ଯୋଜନା କରୁଥିବା ଖବର ମିଳିଥିଲା । ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ପାଟ୍ରୋଲିଂ କରୁଥିବା ତୁଷରା ଥାନା ପୋଲିସ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିଥିଲା । ହାଇସ୍କୁଲ ପଡିଆରୁ ସେମାନେ ୭ ସନ୍ଦିଗ୍ଧ ଯୁବକଙ୍କୁ ତଲାସୀ କରିବା ପରେ ସେମାନଙ୍କଠାରୁ ଏକ ଦେଶୀ ପିସ୍ତଲ, ଜୀବନ୍ତ ଗୁଳି ଓ ଅନ୍ୟାନ୍ୟ ମାରଣାସ୍ତ୍ର ମିଳିଥିଲା। ଏହାପରେ ସେମାନଙ୍କୁ ଗିରଫ କରାଯାଇଥିଲା । ସୋମବାର ସକାଳୁ ଜେରା ପରେ ଗିରଫ ୭ଜଣ ଯାକ ଅଭିଯୁକ୍ତ ଜିଲାର ମୁରିବାହାଲ, ଟିଟିଲାଗଡ, ବେଲପଡା, କଣ୍ଟାବାଞ୍ଜି, ତୁଷରା ଅଞ୍ଚଳ ସହ ନୂଆପଡା ଜିଲା ଏବଂ ତେଲେଙ୍ଗାନା ଓ ଛତିଶଗଡର ଅନେକ ଆପରାଧିକ ଘଟଣାରେ ସମ୍ପୃକ୍ତ ଥିବା ଜଣାପଡିଥିଲା । ଗିରଫ ଅଭିଯୁକ୍ତ ତନୁରାଜ ଜଣେ ଦାଦନ ସର୍ଦ୍ଦାର ଭାବେ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଚାଲାଣ କରୁଥିଲେ । ଦାଦନ ଶ୍ରମିକଙ୍କୁ ନେଇ ତେଲେଙ୍ଗାନା ଗଲା ପରେ ସେଠାରେ ମଧ୍ୟ ସେ ଅନେକ ଆପରାଧିକ ଘଟଣା ଘଟାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨ ତାରିଖ ତନୁରାଜ ମୁରିବାହାଲ ଥାନା ଅନ୍ତଗତ କୁର୍ଲୁବାହାଲ ଗାଁରେ ଜଣେ ବାଇକ ଆରୋହୀଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରି ରକ୍ତାକ୍ତ କରିବା ପରେ ୬୦ହଜାର ଟଙ୍କା ଲୁଟି ନେଇଥିଲେ । ଲୁଟ୍ ପରେ ଉକ୍ତ ବାଇକରେ ନିଆଁ ଲଗାଇ ଦେଇଥିଲେ। ଅନ୍ୟତମ ଗିରଫ ଅଭିଯୁକ୍ତ ପ୍ରଦ୍ୟୁମ୍ନଙ୍କ ନାଁରେ ମଧ୍ୟ ତେଲେଙ୍ଗାନାରେ ୧୩ଟି ମାମଲା ରହିଥିବା ଜଣାପଡିଛି। ଅନ୍ୟ ଅଭିଯୁକ୍ତଙ୍କ ନାଁରେ ମଧ୍ୟ ବିଭିନ୍ନ ଥାନାରେ ଅନେକ ଲୁଟ୍ ଓ ମାରପିଟ ମାମଲା ରହିଥିବା ଏସଡିପିଓ ନାଏକ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କଠାରୁ ଏକ ଦେଶୀ ପିସ୍ତଲ ସହ ଜୀବନ୍ତ ଗୁଳି, ୪ଟି ବାଇକ ଯଥା ପ୍ୟାସନ୍ ପ୍ରୋ (ସିଜି୦୪ଏଚ୍‌ଏଲ୍ ୭୭୮୧), ବଜାଜ ଡିକଭର (ଓଡି୦୩ଏ୮୯୭୪), ହୋଣ୍ଡା ୟୁନିକନ୍ (ଓଆର୧୦ ଜି ୦୯୫୬) ଓ ଏକ ନମ୍ବରବିହୀନ ହୋଣ୍ଡା ସାଇନ୍ ଗାଡି ସହ ୩ଟି ଟର୍ଚ୍ଚ ଲାଇଟ୍ ଓ ଏକ ଭୁଜାଲି ଜବତ କରାଯାଇଛି । ସୋମବାର ସନ୍ଧ୍ୟାରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଅଭିଯୁକ୍ତମାନଙ୍କୁ ଦେଓଗାଁ ହାଇସ୍କୁଲ ପଡିଆରୁ ଗିରଫ କରା ନ ଯାଇ ଭିନ୍ନ ଭିନ୍ନ ସ୍ଥାନରୁ ଗିରଫ କରିଥିବା ଅଭିଯୁକ୍ତମାନେ ଗଣମାଧ୍ୟମ ସମ୍ମୁଖରେ ବୟାନ ଦେଇଛନ୍ତି।

ଜ୍ୱାଇଁ ଉଜାଡ଼ିଦେଲେ ...

ଶ୍ୱଶୁର ନବଘନ ଏହାର ପ୍ରତିବାଦ କରିବାରୁ ତାଙ୍କ ଉପରେ ମଧ୍ୟ ପେଟ୍ରୋଲ ଢାଳି ନିଆଁ ଲଗାଇ ହରେକୃଷ୍ଣ ଫେରାର ହୋଇଯାଉଥିଲେ। ମାତ୍ର ଏହି ସମୟରେ ନବଘନ ଘର ଦୁଆରମୁହଁ ନିକଟରେ ତାଙ୍କୁ ଜାବୁଡ଼ି ଧରିବାରୁ ସେ ମଧ୍ୟ ପୋଡ଼ି ହୋଇଯାଇଥିଲେ ବୋଲି ପାରିପାର୍ଶ୍ୱିକ ଅବସ୍ଥାରୁ ଜଣାପଡିଛି। କାରଣ ଘର ଦୁଆରମୁହଁ ନିକଟରେ ଉଭୟ ଶ୍ୱଶୁର ଓ ଜ୍ୱାଇଁଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଛନ୍ଦାଛନ୍ଦି ହୋଇ ପଡିଥିବା ଦେଖିବାକୁ ମିଳିଛି। ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ କରିଛି। ଘଟଣାସ୍ଥଳରୁ ପେଟ୍ରୋଲ ଜାରକିନ୍, ଏକ ନୂଆ ତାଲା ଓ ଜଞ୍ଜିର ଜବତ କରାଯାଇଛି। ଏଥିସହ ହରେକୃଷ୍ଣଙ୍କ ଚପଲ ଓ ଅନ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପୋଲିସ ଜବତ କରିଛି। ଏଭଳି ଜଘନ୍ୟ ହତ୍ୟାକାଣ୍ଡ ପଛରେ ଆଉ କ'ଣ କାରଣ ଅଛି କିମ୍ବା ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି, ତାହାର ଉପଯୁକ୍ତ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଜୀବନ ହାରିଲେ ...

ଧାନଚାଷ କରିଥିଲେ। ହେଲେ ବର୍ଷା ଅଭାବରୁ ଧାନଗଛ ମରିଯାଇଥିଲା। ଏ ନେଇ ଚତୁର୍ଭଜ ଚିନ୍ତାରେ ଥିଲେ। ରବିବାର ଅପରାହ୍ନରେ ସେ କ୍ଷେତକୁ ଯାଇ କିଛି ସମୟ ପରେ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ସେ ବିଷ ଖାଇ ଦେଇଥିବା ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ କଣ୍ଟାବାଞ୍ଜି ମେଡିକାଲ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ବେଲପଡ଼ା ଥାନା ପୋଲିସ ମେଡିକାଲରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ବାଘୁଣୀ ସୁନ୍ଦରୀକୁ ନେଇ ରାଜ୍ୟ ସରକାରଙ୍କୁ ନିରଞ୍ଜନଙ୍କ ଟାର୍ଗେଟ

ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)

ବାଘୁଣୀ ସୁନ୍ଦରୀ ବାରମ୍ବାର ସାତକୋଶିଆ ନିକଟସ୍ଥ ଗାଁର ଲୋକଙ୍କୁ ଏବଂ ପଶୁଙ୍କୁ ଆକ୍ରମଣ କରି ମାରିବା ଦ୍ୱାରା ଜନଆନ୍ଦୋଳନ ଉଗ୍ରରୂପ ନେଇଛି। ଏଭଳି ପରିସ୍ଥିତି ପାଇଁ ରାଜ୍ୟ ସରକାରଙ୍କୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କଡା ସମାଲୋଚନା କରିଛନ୍ତି। ନିରଞ୍ଜନ କହିଛନ୍ତି ଯେ, ସାତକୋଶିଆରେ ବାନ୍ଧବଗଡରୁ ଆସିଥିବା ବାଘୁଣୀ ଜଣେ ମହିଳାଙ୍କୁ ମାରିବାପରେ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଥିଲା। ସ୍ଥାନୀୟ ଲୋକେ ବାଘୁଣୀକୁ ସେଠାରୁ ସ୍ଥାନାନ୍ତର କରିବାକୁ ବାରମ୍ବାର ଦାବି କରିଥିଲେ। ମାତ୍ର ରାଜ୍ୟ ସରକାର ବାଘୁଣୀର ଗତିବିଧି ଉପରେ ନଜର ରଖୁଛନ୍ତି କହି ଲୋକମାନଙ୍କୁ ଆଶ୍ୱାସନା ଦେଲେ। ହେଲେ ସେହି ବାଘୁଣୀ ପୁଣି ଜଣେ ଲୋକକୁ ମାରିଦେଇଛି। ରାଜ୍ୟ ସରକାର ଜାଣିଶୁଣି ନିରୀହ ଲୋକମାନଙ୍କ ଜୀବନ ନେଉଥିବା ନିରଞ୍ଜନ ଅଭିଯୋଗ କରିଛନ୍ତି। ବାଘୁଣୀକୁ ଧରି ତୁରନ୍ତ ସେଠାରୁ ସ୍ଥାନାନ୍ତର କରିବା କିମ୍ବା ତାକୁ ପୁନଶ୍ଚ ଏନ୍‌କ୍ଲୋଜର ମଧ୍ୟରେ ରଖି ତା'ର ଆଚରଣ ଉପର

ଦମ୍ପତିଙ୍କ ମଧ୍ୟରେ ଯାଆଁଳା ସନ୍ତାନଙ୍କ ପ୍ରତି ଆଗ୍ରହ ବଢୁଛି। ୱାଇଭିଏଫ୍ ଜ୍ଞାନକୌଶଳ ଯୋଗୁ ଏଥିପ୍ରତି ଦମ୍ପତି ବେଶ୍ ଆଗ୍ରହ ପ୍ରକାଶ କରୁଛନ୍ତି। ପ୍ରତି ୧୦ ଜଣରେ ୮ ଜଣ ଦମ୍ପତି ଏଥିପ୍ରତି ଇଚ୍ଛା ପ୍ରକାଶ କରୁଥିବା ଇନ୍ଦିରା ୱାଇଭିଏଫ୍ ହସ୍ପିଟାଲ ପକ୍ଷରୁ କରାଯାଇଥିବା ଏକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି। ବ୍ୟାଙ୍କିଙ୍ଗ୍ ଚାକିରି କରିଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଏନେଇ କ୍ରେଜ୍ ସୃଷ୍ଟି ହୋଇଥିବା ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି।

ଗଞ୍ଜାମ, ଗଜପତି, ରାୟଗଡ଼ା ହିତାଧିକାରୀଙ୍କୁ ମାଗଣା ଏଲ୍‌ପିଜି ଦିଅ

■ ଧର୍ମେନ୍ଦ୍ରଙ୍କୁ ଚିଠି ଲେଖିଲେ ସୂର୍ଯ୍ୟ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

ବାତ୍ୟା ତିତ୍‌ଲି ଓ ଏହାର ପରବର୍ତ୍ତୀ ବର୍ଷାରେ କ୍ଷତିଗ୍ରସ୍ତ ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ସାମିଲ ହୋଇଥିବା ଗରିବ ହିତାଧିକାରୀଙ୍କୁ ମାଗଣାରେ ରନ୍ଧନ ଗ୍ୟାସ୍(ଏଲ୍‌ପିଜି) ଯୋଗାଇ ଦେବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ସୋମବାର କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଛନ୍ତି। ପାତ୍ର ଉଲ୍ଲେଖ କରିଛନ୍ତି ଯେ, ବାତ୍ୟା ତିତ୍‌ଲି ଓ ଏହା ପରେ ହୋଇଥିବା ବନ୍ୟାରେ ରାଜ୍ୟର ବହୁ ଲୋକ ପ୍ରଭାବିତ ହୋଇଛନ୍ତି। ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲା ଅତିମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ଜିଲାଗୁଡିକରେ ପ୍ରାକୃତିକ ବିପର୍ଯ୍ୟୟ ଲୋକମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଭାବିତ ଲୋକଙ୍କୁ ଯଥାସମ୍ଭବ ସାହାଯ୍ୟ ଓ ସହାୟତା ଯୋଗାଇ ଆସୁଛନ୍ତି। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଗରିବ ଲୋକଙ୍କୁ ରିହାତି ଦରରେ ଏଲ୍‌ପିଜି ସିଲିଣ୍ଡର ଯୋଗାଇ ଦେଉଛନ୍ତି। ଗଜପତିରେ ୫୦,୯୯୦ଟି ସଂଯୋଗ ଦିଆଯାଇଥିବା ବେଳେ ଗଞ୍ଜାମରେ ୨,୩୯,୬୮୩ ଏବଂ ରାୟଗଡା ଜିଲାରେ ୮୧, ୯୭୯ଟି ରନ୍ଧନ ଗ୍ୟାସ ସଂଯୋଗ ଯୋଗାଇ ଦିଆଯାଇଛି। ବର୍ତ୍ତମାନ ପରିସ୍ଥିତିରେ ହିତାଧିକାରୀଙ୍କ ପକ୍ଷେ ରିହାତି ଦରରେ ଏଲ୍‌ପିଜି ସିଲିଣ୍ଡର କିଣିବା ସମ୍ଭବ ହେଉନାହିଁ। ସେମାନଙ୍କୁ ରିହାତି ବଦଳରେ ମାଗଣାରେ ରନ୍ଧନ ଗ୍ୟାସ ଯୋଗାଇ ଦେବାକୁ ପାତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ଅନୁରୋଧ କରିଛନ୍ତି।

■ କୋଣାର୍କ, ଶ୍ରୀମନ୍ଦିର ଉପରେ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗ

ଆଜି ଗୃହ କମିଟି ଆଗରେ ହାଜର ହେବେ ଅଭିଜିତ ଆୟର

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

କୋଣାର୍କ ଓ ଶ୍ରୀମନ୍ଦିର ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଜିତ ଆୟର ମିତ୍ର ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବିଧାନସଭା ଗୃହ କମିଟି ନିକଟରେ ହାଜର ହେବେ। ଯଦି ସେ ଅନୁରୋଧ କରିବେ ତେବେ ତାଙ୍କୁ ସମ୍ପୂର୍ଣ୍ଣ ପୋଲିସ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ଭୁବନେଶ୍ୱର କଟକ ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି। ଅଭିଜିତ ନିଜର ଗସ୍ତ ସମ୍ପର୍କରେ ପୋଲିସକୁ ସୂଚନା ଦେଲେ ତାଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି କମିଶନର କହିଛନ୍ତି। ନିର୍ଦ୍ଦେଶ ମୁତାବକ କମିଶନରେଟ ପୋଲିସ ଅଭିଜିତଙ୍କୁ ଗୃହ କମିଟି ନିକଟରେ ହାଜର କରିବ। ରାଜ୍ୟର ଧର୍ମ, ସଂସ୍କୃତି, କୋଣାର୍କ ମନ୍ଦିର ଏବଂ ଶ୍ରୀଜଗନ୍ନାଥ ମନ୍ଦିର ଉପରେ ଆୟର ଅଶାଳୀନ ମନ୍ତବ୍ୟ ଦେଇଥିବାରୁ ଓଡ଼ିଶା ପୋଲିସ ପାଇଁ ସେ ମୋଷ୍ଟ ୱାଣ୍ଟେଡ ପାଲଟିଛନ୍ତି। ଆୟରଙ୍କ ଆଗମନ ନେଇ ସୂଚନାକୁ ଗୁପ୍ତ ରଖାଯାଇଛି। କମିଶନରେଟ ପୋଲିସ ପକ୍ଷରୁ ଏ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ।

ଅକ୍ଟୋବର ୧୭ ତାରିଖରେ ଆୟର ନିଜର ଭୁଲ ପାଇଁ ପୁଣିଥରେ ଇ-ମେଲ ଜରିଆରେ କ୍ଷମା ମାଗିଛନ୍ତି। ଏ ନେଇ ସେ ବିଧାନସଭା ଗୃହ କମିଟି ନିକଟକୁ ମଧ୍ୟ ଜଣାଇଛନ୍ତି। ଏଥିସହିତ ବ୍ୟକ୍ତିଗତ ଭାବେ ବିଧାନସଭା ଗୃହ କମିଟି ସମ୍ମୁଖରେ ଅକ୍ଟୋବାର ୨୩ ତାରିଖରେ ହାଜର ହେବେ ବୋଲି ସେ ଏକ ଖବର ସରବରାହ ସଂସ୍ଥାକୁ ସୂଚନା ଦେଇଥିଲେ।

ଏଠାରେ ସୂଚନାଯୋଗ୍ୟ ଯେ, ଅକ୍ଟୋବର ୧୧ ତାରିଖରେ ଇ-ମେଲ ଯୋଗେ ମିତ୍ର ନିଜର କ୍ଷମାପତ୍ର ବିଧାନସଭା ବାଚସ୍ପତିଙ୍କ ନିକଟକୁ ପଠାଇଥିଲେ। ଅରୁଚିକର ମନ୍ତବ୍ୟ ଦେଇଥିବା ଆୟରଙ୍କୁ ହାଜର ହେବାକୁ ବିଧାନସଭା ଗୃହ କମିଟି ସେପ୍ଟେମ୍ବର ୨୮ ତାରିଖରେ ନିଷ୍ପତ୍ତି ନେଇଥିଲା। ଅକ୍ଟୋବର ୧୧ ତାରିଖ ପୂର୍ବାହ୍ନ ୧୧ଟା ବେଳେ ବ୍ୟକ୍ତିଗତ ଭାବେ ଉପସ୍ଥିତ ହେବାକୁ କୁହାଯାଇଥିଲା। ବାତ୍ୟା ତିତ୍‌ଲି ଯୋଗୁ ସେ ଆସି ନ ଥିଲେ। ଦଳଗତ ନିର୍ବିଶେଷରେ ଅଭିଜିତଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ ଗତ ବିଧାନସଭା ଅଧିବେଶନରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆସିଥିଲା। ଏ ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠନ କରାଯାଇଛି। କମିଟି ଏହାର ଅନୁଧ୍ୟାନ କରୁଛି। ବିରୋଧୀ ଦଳ ନେତାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଛନ୍ତି।

ରେଳ ଧାରଣାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଲହୁଣୀପଡ଼ା,୨୨।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କେବଲାଙ୍ଗ ଥାନା ଗଗନାପୋଷ ଗ୍ରାମ ରଣ୍ଟିଟୋଲାର ରାମସାଇ ମୁଣ୍ଡା (୬୦)ଙ୍କ ମୃତଦେହ ସୋମବାର ଟ୍ରେନ୍ ଲାଇନ୍ କଡ଼ରୁ ଉଦ୍ଧାର କରାଯାଇଛି। ରବିବାର ରାତିରେ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ ରବିବାର ସନ୍ଧ୍ୟାରେ ରାମସାଇ ବାହାରକୁ ଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ସୋମବାର ସକାଳେ ଟ୍ରେନ ଲାଇନ କଡ଼ରେ ରାମସାଇଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଲୋକେ ଦେଖି ବନ୍ଧମୁଣ୍ଡା ରେଳୱେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନା ପଠାଇଛି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

Mahindra Tractor
ଦଶହରାର ବମ୍ପର ଅଫର
* condition apply
ଅକ୍ଟୋବର ୮ ତାରିଖ ସୁଦ୍ଧା
ପ୍ରତ୍ୟେକ ବୁକିଂରେ
୩୨ ଇଞ୍ଚ ଏଲଇଡି ଟିଭି ଫ୍ରି
ଟ୍ରାକ୍ଟର ସହ ଟ୍ରଲି ଫ୍ରି
ଆବଶ୍ୟକ– Sales Executive
ବାମରା ଓ ରେଢାଖୋଲରେ ଖୁବ ଶୀଘ୍ର ହେବ ନୂତନ ବ୍ରାଞ୍ଚ
SAMBALPUR- BOUDH-MANSWAR MOB- 9938440689, 9938586559

ଡୁଙ୍ଗୁରିପାଲି-ଖଲିଆପାଲି ଷ୍ଟେସନ ମଧ୍ୟରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ନିର୍ମାଣ ନିମନ୍ତେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଦୃଷ୍ଟିରୁ ତା. ୨୪.୧୦.୨୦୧୮ ରିଖରେ ନିମ୍ନ ଅନୁଯାୟୀ ଟ୍ରେନ ଚଳାଚଳ ବାତିଲ୍/ଆଂଶିକ ବାତିଲ୍ କରାଯିବ

ଟ୍ରେନ୍ ସେବା ବାତିଲ୍

ଟ୍ରେନ୍ ନଂ.	ଟ୍ରେନ୍‌ର ନାମ	ଷ୍ଟେସନ ଠାରୁ	ଛାଡିବା ତାରିଖ
58301	ସମ୍ବଲପୁର-କୋରାପୁଟ ପାସେଞ୍ଜର	ସମ୍ବଲପୁର	24.10.2018
58303	ସମ୍ବଲପୁର-ଜୁନାଗଡ ରୋଡ଼ ପାସେଞ୍ଜର		
58302	କୋରାପୁଟ-ସମ୍ବଲପୁର ପାସେଞ୍ଜର	କୋରାପୁଟ	
58304	ଜୁନାଗଡ ରୋଡ଼-ସମ୍ବଲପୁର ପାସେଞ୍ଜର	ଜୁନାଗଡ ରୋଡ଼	

ତା. 24.10.2018 ରିଖରେ ଟ୍ରେନ୍ ସେବା ଆଂଶିକ ବାତିଲ୍

ଟ୍ରେନ୍ ନଂ.	ଟ୍ରେନ୍‌ର ନାମ	ଛାଡୁଥିବା ଷ୍ଟେସନ	ଷ୍ଟେସନ ମଧ୍ୟରେ ବାତିଲ୍
58214	ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର	ବିଳାସପୁର	ଟିଟିଲାଗଡ଼-ସମ୍ବଲପୁର ମଧ୍ୟରେ ଉଭୟ ଦିଗରୁ ବାତିଲ୍ ହେବ
58213	ଟିଟିଲାଗଡ଼-ବିଳାସପୁର ପାସେଞ୍ଜର	ସମ୍ବଲପୁର	
12893	ଭୁବନେଶ୍ୱର-ବଲାଙ୍ଗୀର ଏକ୍ସପ୍ରେସ୍	ଭୁବନେଶ୍ୱର	ସମ୍ବଲପୁର-ବଲାଙ୍ଗୀର ମଧ୍ୟରେ ଉଭୟ ଦିଗରୁ ବାତିଲ୍ ହେବ
12894	ବଲାଙ୍ଗୀର-ଭୁବନେଶ୍ୱର ଏକ୍ସପ୍ରେସ୍	ସମ୍ବଲପୁର	

ପୂର୍ବ ତଟ ରେଳପଥ
PR-366/J/18-19



Live Your Dream This Navaratri With BPJP Builders
BPJP BUILDERS
MEGA BONANZA FESTIVE SALE @ BPJP APARTMENTS BLOCK-E
Only Few Flats Left !!!
Cash Discount upto 1.25 lacs*
Offer Starts on 10th October 2018 upto Diwali 2018
FREE SPLIT AC
● Ready to move-in Condition.
● Home Loan Assistance.
● Upto Rs. 2.5 Lakhs benefit under Pradhan Mantri Awas Yojana (PMAY)*
On Selected Flats* * Condition Apply
Call us on- 7008102488, 9668822600
or visit: Ganesh Silicate Works, Old N.H.-6, Bargarh

ପୁରୀ ହିଂସା ଘଟଣା, ପୁଣି ୬ କୋର୍ଟ ଚାଲାଣ

ପୁରୀ ଅଫିସ, ୨୨।୧୦

ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ହୋଇଥିବା ହିଂସାରେ ଗିରଫଦାରି ସଂଖ୍ୟା ୯୨ରେ ପହଞ୍ଚିଛି। ପୂର୍ବରୁ ପୋଲିସ ୮୬ ଜଣଙ୍କୁ ଗିରଫ କରିଥିବା ବେଳେ ସୋମବାର ଆଉ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସିଂହଦ୍ୱାର ଥାନା ପୋଲିସ କେସ୍ ନଂ.୮୫/୧୮ରେ ୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲୋକନାଥ ରୋଡରେ ରହୁଥିବା ପଶ୍ଚିମବଙ୍ଗ ପୁରୁଲିଆ ଜିଲା ରଙ୍ଗମିତା ଅଞ୍ଚଳର ମିହିର ମହାନ୍ତ, ଦାଣ୍ଡିମାଳ ସାହିର କାଳନ୍ଦୀ ଚରଣ ପଣ୍ଡା, ଖଜାପଟି ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ଜିଲା ବାଣପୁରର ସନ୍ତୋଷ କୁମାର ପଟ୍ଟନାୟକ, ମାର୍କଣ୍ଡେଶ୍ୱର ସାହିର କୈବଲ୍ୟ ସାହୁ, ମଣିକର୍ଣ୍ଣିକା ସାହିର ସତ୍ୟନାରାୟଣ ଗୁରୁ ଓ ବାସେଳି ସାହିର ନାରାୟଣ ବେହେରା।

ସୂଚନାଯୋଗ୍ୟ ଯେ, ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ଗତ ୩ ତାରିଖରେ ପୁରୀ ବନ୍ଦ ଡାକରା ଦେଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦିଆଯାଇଥିଲେ ମଧ୍ୟ ଏହା ହିଂସାର ରୂପ ନେଇଥିଲା। ଶ୍ରୀମନ୍ଦିର ସୂଚନା କେନ୍ଦ୍ର, ସିଂହଦ୍ୱାର ଫାଣ୍ଡି, ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଦି ଭଙ୍ଗାରୁଜା ହୋଇଥିଲା।

इस दिवाली
शोर या संगीत
SAREGAMA CARVAAN™
5000 पुराने गानो का एक नया तोहफा

ପ୍ରଭାବିତ ଜିଲାଗୁଡ଼ିକରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ)

ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ସୋମବାର ବିଭାଗର ଅଧିକାରୀମାନଙ୍କୁ ନେଇ ସଚିବାଳୟରେ ସମୀକ୍ଷା କରିଛନ୍ତି। କ୍ଷତିଗ୍ରସ୍ତ ଅଞ୍ଚଳରେ ୧୫୪ ସ୍ୱାସ୍ଥ୍ୟ ଅନୁଷ୍ଠାନ ନଷ୍ଟ ହୋଇଛି। ବାହାର ଜିଲାରୁ ୫୪ ଡାକ୍ତରଙ୍କୁ ଆଣି ମୁତୟନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୨୯,୦୧୫ଜଣଙ୍କୁ ଚିକିତ୍ସାସେବା ଯୋଗାଇ ଦିଆଯାଇଛି। ନିରାପଦ ପ୍ରସବ ଲାଗି ୨୭୨ ଗର୍ଭବତୀ ମହିଳାଙ୍କୁ ମା'ଗୃହ ଓ ପ୍ରସବ କେନ୍ଦ୍ରକୁ ସ୍ଥାନାନ୍ତରଣ କରାଯାଇଛି। ୮୬ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଟିମ୍ କାର୍ଯ୍ୟ କରୁଥିବାବେଳେ ଏଗୁଡିକୁ ୧୯୩ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର (ଏମ୍‌ଆର୍‌ସି)ରେ ମୁତୟନ କରାଯାଇଛି। କ୍ଷତିଗ୍ରସ୍ତ ଅଞ୍ଚଳରେ ଲୋକଙ୍କୁ ତତ୍କାଳ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିବା ନେଇ ସମୀକ୍ଷାରୁ ଜଣାପଡିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଜେନା କହିଛନ୍ତି।

ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ପ୍ରମୋଦ ମେହେର୍ଦ୍ଦା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ମେଡିକାଲ ନିଗମ ଏମ୍.ଡି. ଅର୍ଚ୍ଚନା ପଟ୍ଟନାୟକ, ସ୍ୱତନ୍ତ୍ର ସଚିବ ଡା ବି.କେ.ବ୍ରହ୍ମା, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା ହରପ୍ରସାଦ ପଟ୍ଟନାୟକ ଏବଂ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା ସ୍ୱପ୍ନେଶ୍ୱର ଗଡନାୟକଙ୍କ ସହିତ ଓ ଡା ମିର୍ଜା ନଇମ୍ ବେଗ୍ ଏବଂ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
Quiz No.9
Puja Quiz- 2018
Main Sponsor TVS
Co-Sponsors CENTRAL Nikon
☑ Tick mark the box which is correct
୧. ବାୟୁମଣ୍ଡଳର ଚାପ ମାପିବା ପାଇଁ କେଉଁ ଯନ୍ତ୍ର ବ୍ୟବହାର କରାଯାଏ ?
କ. ଆନିମୋମିଟର ☐ ଖ. ଲାକ୍‌ଟୋମିଟର ☐ ଗ. ବାରୋମିଟର ☐ ଘ. କେଉଁଟି ନୁହେଁ ☐
୨. ପୃଥିବୀର ଶୁଷ୍କତମ ମରୁଭୂମିର ନାମ କ'ଣ ?
କ. ଗୋବି ☐ ଖ. ସାହାରା ☐ ଗ. ଆଟାକାମା ☐ ଘ. କେଉଁଟି ନୁହେଁ ☐
୩. ଭାରତୀୟ ନୌ-ସେନାର ପ୍ରଥମ ମହିଳା ପାଇଲଟ୍ କିଏ ?
କ. ରୂପା ଏ. ☐ ଖ. ଆସ୍ଥା ସେଗଲ ☐ ଗ. ଶୁଭାଙ୍ଗୀ ସ୍ୱରୂପ ☐ ଘ. କେଉଁଟି ନୁହେଁ ☐
୪. ନିମ୍ନଲିଖିତ ମଧ୍ୟରୁ କିଏ ମିସ୍ ୱାର୍ଲଡ ଉପାଧି ପାଇନଥିଲେ ?
କ. ଡାଏନା ହେଡେନ ☐ ଖ. ୟୁଭ୍ରା ମୁଖୀ ☐ ଗ. ସୁସ୍ମିତା ସେନ୍ ☐ ଘ. କେଉଁଟି ନୁହେଁ ☐
୫. ଫିଫା ବିଶ୍ୱକପ୍ ୨୦୧୮ ପାଇଁ ନିମ୍ନଲିଖିତ କେଉଁ ଦେଶ ଯୋଗ୍ୟତା ଅର୍ଜନ କରିପାରିନଥିଲା ?
କ. ଇରାନ୍ ☐ ଖ. ମେକ୍ସିକୋ ☐ ଗ. ଇଟାଲି ☐ ଘ. କେଉଁଟି ନୁହେଁ ☐
Participant's Name:.....
Address:.....
Education .....
Mobile.....Age:.....
E-mail:.....
Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply
Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 9
B-15, Industrial Estate, Rasulgarh, Bhubaneswar-10
TVS Apache RTR 160 4V
India's Most Powerful 160cc Motorcycle

CELEBRATE PUJA
FLAT 7.5% OFF
From 28th Sept to 7th Nov
KMR
Kalamandir Royale
309, DISTRICT CENTRE, CHANDRASEKHARPUR. PH : 2747766/966
364, SAHID NAGAR. PH : 2544299/399
MENSWEAR, SAREES, LEHENGAS AND GOWNS
prelude/kmr/2018
*Conditions Apply

ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଉର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ– ତେବେ ମୁଁ ନିଶ୍ଚୟ ଉର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି।
–ଶ୍ରୀଅରବିନ୍ଦ

ଅହମିକାର ଲଢ଼େଇ

ଭାରତରେ ନିରପେକ୍ଷ ତଦନ୍ତ ପ୍ରସଙ୍ଗ ଉଠିଲେ ଲୋକେ ଟିକେ କଥାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନାମ ଉଠାଇଥାଆନ୍ତି। ଏହାର ଅର୍ଥ ହେଲା ସିବିଆଇ ଏକ ଭରସାଯୋଗ୍ୟ ସଂସ୍ଥା ବୋଲି ଧରାଯାଇଥାଏ। କିନ୍ତୁ ବିଗତ କିଛିବର୍ଷ ହେବ ଏହାର କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସିବା ପରେ ଅନେକାଂଶରେ ଅସନ୍ତୋଷ ପ୍ରକାଶ ପାଇଛି। ଯେତେବେଳେ ଯେଉଁ ସରକାର କ୍ଷମତାକୁ ଆସିଥାଆନ୍ତି, ସେତେବେଳେ ଏହା ଉପରେ ରାଜନୈତିକ ଚାପ ପଡ଼େ ବୋଲି ବିରୋଧୀ ଅଭିଯୋଗ କରନ୍ତି। କେତେକ କ୍ଷେତ୍ରରେ ଏହା ଅନୁଭବ କରିବା ପରେ ୨୦୧୩ରେ ସୁପ୍ରିମକୋର୍ଟ ଏହି ତଦନ୍ତକାରୀ ସଂସ୍ଥାକୁ ଉପଲକ୍ଷ୍ୟ କରି ମନ୍ତବ୍ୟ ଦେଇଥିଲେ, 'ସିବିଆଇ ହେଉଛି ଏକ ପୋଷା ଶୁଆ, ଯିଏ କି ତା'ର ମୁନିବର କଥା କହିଥାଏ'। ଏବେ ସିବିଆଇ ଆଭ୍ୟନ୍ତରୀଣ କନ୍ଦଳ ପାଇଁ ଅଧିକ ବିବାଦୀୟ ହୋଇପଡ଼ିଛି। ଏହି ତଦନ୍ତକାରୀ ସଂସ୍ଥାର ୨ ନମ୍ବର କୁହାଯାଉଥିବା ସ୍ପେଶାଲ ଡାଇରେକ୍ଟର ରାକେଶ ଅସ୍ଥାନାଙ୍କ ନାମରେ ଖୋଦ୍ ସିବିଆଇ ଦାଏର କରିଛି ଲାଞ୍ଚ ମାମଲା। ମାଂସ ବ୍ୟବସାୟୀ ମୋଇନ୍ କୁରେଶୀ ଜଡ଼ିତ ଥିବା ଏକ ମାମଲାକୁ ରଫାଦଫା କରିବା ସକାଶେ ୨ କୋଟି ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ତାଙ୍କ ବିରୋଧରେ ଆସିଛି। ସେ ଏହାକୁ ଖଣ୍ଡନ କରି କହିଛନ୍ତି ଯେ, ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ପ୍ରରୋଚନାରେ ଏସବୁ କରାଯାଇଛି। ଏଥିସହିତ ରାକେଶ କ୍ୟାବିନେଟ୍ ସେକ୍ରେଟାରୀ ଏବଂ ମୁଖ୍ୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କ ନିକଟକୁ ଚିଠି ଲେଖି ଆଲୋକଙ୍କ ବିରୋଧରେ ଥିବା ଦୁର୍ନୀତି ବିଷୟରେ ଉଲ୍ଲେଖ କରିଛନ୍ତି। ତେବେ ଅକ୍ଟୋବର ୨୨ରେ ସିବିଆଇ ଏହାର ଡିଏସ୍‌ପି ଥିବା ଦେବେନ୍ଦର କୁମାରଙ୍କୁ ଗିରଫ କରିବା ପରେ ଘଟଣା ଭିନ୍ନ ମୋଡ଼ ନେଲାଣି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିବିଆଇର ଦୁଇ ବରିଷ୍ଠ ଅଧିକାରୀଙ୍କୁ ସମନ କରିଛନ୍ତି।

ଦେଖିବାକୁ ଗଲେ ସିବିଆଇର ନମ୍ବର ୧ ଓ ୨ କୁହାଯାଉଥିବା ଅଧିକାରୀଙ୍କ ମଧ୍ୟରେ ଚାଲିଥିବା କ୍ଷମତା ଯୁଦ୍ଧ ସଂସ୍ଥାକୁ ସାଧାରଣରେ ନିନ୍ଦିତ କରୁଛି। ଦୁର୍ନୀତିରେ କିଏ କେତେ ସମ୍ପୃକ୍ତ ଅଛନ୍ତି, ଏହାର ପ୍ରମାଣ ଯୋଗାଡ଼ ଲାଗି ଦୁଇ ଗୋଷ୍ଠୀ ସହ ସମ୍ପର୍କରେ ଥିବା ଅନ୍ୟାନ୍ୟ ଅଧିକାରୀମାନେ କିଭଳି ଲାଗିପଡ଼ିଛନ୍ତି, ସେ ବିଷୟ ଜାଣିବା ଲାଗି ଅନେକଙ୍କ ଆଗ୍ରହ ରହିବା ସ୍ୱାଭାବିକ। ଅନ୍ୟପକ୍ଷରେ ଭିତର ମହଲରେ ହେଉଥିବା ଆଲୋଚନା ଭିନ୍ନ ଏକ ଦିଗକୁ ସୂଚିତ କରୁଛି। କୁହାଯାଉଛି ଯେ, ରାକେଶ ଓ ଆଲୋକ ହେଉଛନ୍ତି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଥିବା ପ୍ରଭାବଶାଳୀ ଦୁଇ ଶୀର୍ଷ ଅଧିକାରୀ ଗୋଷ୍ଠୀଙ୍କ ସହ ଯୋଗାଯୋଗରେ ଅଛନ୍ତି। ଏଥିରେ କାହା ଲବି ଅଧିକ ପ୍ରଭାବଶାଳୀ ତାକୁ ନେଇ ଚାଲିଛି ଅହମିକାର ଲଢ଼େଇ। ସିବିଆଇରେ ଯେଉଁ ଅଭିଯୋଗ ଓ ପ୍ରତିଅଭିଯୋଗ ପାଲା ଚାଲିଛି, ସେଥିରେ ପିଏମ୍‌ଓ ଅଧିକାରୀଙ୍କ ହସ୍ତକ୍ଷେପ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଉଛି। ଅର୍ଥାତ୍ ସିବିଆଇକୁ ପିଏମ୍‌ଓର କେଉଁ ଗୋଷ୍ଠୀ ନିୟନ୍ତ୍ରଣ କରୁଛି, ତାହା ସୁନିଶ୍ଚିତ କରାଯିବା ଦିଗରେ ଏଭଳି ପ୍ରୟାସ ଚାଲିଛି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଲେଣି।

ସିବିଆଇ ଏକ ସ୍ୱାଧୀନ ସଂସ୍ଥା ହୋଇଥିବାରୁ ବିଭିନ୍ନ ମାମଲାର ତଦନ୍ତ କ୍ଷେତ୍ରରେ ନିରପେକ୍ଷତା ଅବଲମ୍ବନ କରାଯିବା ନିତାନ୍ତ ଜରୁରୀ। ଯେତେବେଳେ ପିଏମ୍‌ଓର ଶୀର୍ଷ ଅଧିକାରୀମାନେ ଛୋଟ ଛୋଟ କଥାରେ ସିଧାସଳଖ ସମ୍ପୃକ୍ତ ହେଉଛନ୍ତି, ସେତେବେଳେ ପ୍ରତ୍ୟେକ ଅନୁଷ୍ଠାନ କ୍ଷତିଗ୍ରସ୍ତ ହେଉଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ସିଭିସି, ସିବିଆଇ ଭଳି ସ୍ୱୟଂଚାଳିତ ସଂସ୍ଥା କେତେକ କ୍ଷେତ୍ରରେ ସରକାରଙ୍କ ହାତବାରିସି ସାଜିଥିବା ଅଭିଯୋଗ ହୋଇଆସୁଛି। ଗଣତନ୍ତ୍ରରେ ସ୍ୱାଧୀନ ଅନୁଷ୍ଠାନଗୁଡ଼ିକ ସ୍ୱାତନ୍ତ୍ର୍ୟ ବଜାୟ ରଖିଲେ ଦେଶବାସୀଙ୍କ ମଙ୍ଗଳରେ ସହାୟକ ହୋଇପାରନ୍ତା। ହେଲେ ଏବେ ସିବିଆଇ ଅଧିକାରୀଙ୍କ ଦୁର୍ନୀତି ନେଇ ବଡ଼ ଧରଣର ଚର୍ଚ୍ଚା ଜୋର ଧରିଛି। କିନ୍ତୁ ଏଠି ଦୁର୍ନୀତି ପ୍ରକୃତ ପ୍ରସଙ୍ଗ ନୁହେଁ, ଶତ୍ରୁ ଶିବିର ଉପରେ ଦୋଷାରୋପ କରି କର୍ତ୍ତୃତ୍ୱ ଜାହିର କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି।

ଦାୟିତ୍ୱବୋଧର ବିସର୍ଜନ

ସହଦେବ ସାହୁ

ନିର୍ବାଚନ କ'ଣ ଦାୟିତ୍ୱବୋଧ ଜଳାଞ୍ଜଳି ପର୍ବ? ଦଳ ଲୁଟ୍ କରୁଥିବାବେଳେ ଦଳର ସଭ୍ୟ ହିସାବରେ ବ୍ୟକ୍ତିର ଦାୟିତ୍ୱ ବଢ଼ିଯିବା କଥା। କିନ୍ତୁ ଦଳ ତିଷ୍ଠିଲେ ସେମାନେ ଲାଭାନ୍ୱିତ ହେବେ ଭାବି ଦଳର ଲୋକେ ତ ଦାୟିତ୍ୱବୋଧ ହରାନ୍ତି, ଭୋଟରମାନଙ୍କ ଦାୟିତ୍ୱବୋଧକୁ ବି ଜଳାଞ୍ଜଳି ଦିଅନ୍ତି। ସାଧାରଣ ନାଗରିକ ବୁଝୁ ନ ବୁଝୁ, ଆମେ ବୁଦ୍ଧିଜୀବୀମାନେ ଚୁପ୍ ରହି ଶାସକ ଦଳକୁ ଏ ଦିଗରେ ଉତ୍ସାହିତ କରୁଛୁ, ଭବିଷ୍ୟତ ପିଢିକୁ ଧ୍ୱଂସମୁହାଁ କରୁଛୁ। ଚୁପ୍ ରହିବା ଯେ ସମର୍ଥନ (ପିଙ୍ଗଳ ସଂହିତାର ଭାଷାରେ 'ଆବେଟ୍') କରିବା ଆମେ ତାହା ଭୁଲିଯାଉଛୁ। ଏବେ କେରଳରେ ଯେଉଁ ପ୍ରବଳ ବନ୍ୟା ହେଲା, ତାହାର କାରଣ ପରିବେଶ କ୍ଷୟ ବୋଲି ସମସ୍ତେ କହୁଛନ୍ତି। ଯେତେବେଳେ ଜବରଦଖଲ କରି ପରିବେଶକୁ ରାମ୍ପି ଝାମ୍ପି ଲଣ୍ଡା କରିଦେଲୁ, ସେତେବେଳେ ଭାବିଲୁ ନାହିଁ ଯେ ଖରାପ କାମ କରିବା ଯେତିକି ପାପ, ତାକୁ ନ ରୋକିବା ବି ସେତିକି ପାପ। ଭୁବନେଶ୍ୱର ଭଳି ପାହାଡ଼ିଆ ସହରକୁ ବନ୍ୟାଗ୍ରସ୍ତ କରିଦେଇ ପାରୁଥିବା ରିୟଲ ଇଷ୍ଟେଟ୍ ଡେଭଲପର୍‌କୁ ବୁଦ୍ଧିଜୀବୀ ଶ୍ରେଣୀରେ ଗଣି ସମ୍ମାନ ଦେଉଛୁ, ଲୋକପ୍ରତିନିଧି ହେବାକୁ ଦଳମାନେ ନିମନ୍ତ୍ରଣ କରୁଛନ୍ତି। ପାପ ଧରାପଡିଗଲେ ନେତାଏ 'ଆମେ ପ୍ରକୃତ ରୂପ ଜାଣି ନ ଥିଲୁ' କହି ଖସିଯାଉଛନ୍ତି। ଇଗ୍‌ନୋରାନ୍ସ ଇଜ୍ ନୋ ଏକ୍ସକ୍ୟୁଜ୍, ନ ଜାଣିଛ ବୋଲି କ୍ଷମା ନାହିଁ – ଏ ଆପ୍ତବାକ୍ୟ ଭୁଲିଯାଉଛନ୍ତି।

ଜର୍ଜ ଚାପମ୍ୟାନ୍ ତାଙ୍କ 'ରିଭେଞ୍ଜ୍ ଫର ଅନର' ନାଟକରେ ଲେଖିଛନ୍ତି – ଲ' ଇଜ୍ ଆନ୍ ଆସ୍, ଆଇନ ଗୋଟିଏ ଗଧ। ତାକୁ ତୁମେ ଯେମିତି ଚଲାଇବ ସେ ସେମିତି ଚାଲିବ। ତଥାପି ଆମ ନେତାଏ କହନ୍ତି ଆମେ ହସ୍ତକ୍ଷେପ କରିବୁ ନାହିଁ, ଆଇନ ତା' ବାଟରେ ଯାଉ। ସୁପ୍ରିମ୍‌କୋର୍ଟ କହିଲେ, ସହର ଭିତର ଦେଇ ଯାଉଥିବା ରାଜପଥ କଡ଼ରୁ ମଦ ଦୋକାନ ଉଠାଯାଉ। ଗାଡିଚାଳକର ନିଶାଗ୍ରସ୍ତତା ଯୋଗୁ ଦୁର୍ଘଟଣା କମିଯିବ। ସବୁ ରାଜ୍ୟ ସରକାର ସହର ଭିତରେ ଯାଇଥିବା ଜାତୀୟ ଓ ରାଜ୍ୟ ରାଜପଥର ନାମକୁ ବଦଳାଇଦେଲେ, ମ୍ୟୁନିସିପାଲିଟି ରାସ୍ତା ବୋଲି ଘୋଷଣା କରିଦେଲେ। ଏ କେଉଁ ନୈତିକତା?

ଆମେ ବୁଦ୍ଧିଜୀବୀମାନେ ଚୁପ୍ ରହି ଏ ପ୍ରକାର ଅନୈତିକତାକୁ ସମର୍ଥନ କରୁଛୁ, ଅନେକ ସମୟରେ ଏଥିରେ ଭାଗ ନେଉଛୁ। ହରିୟାଣାର ଗୋଟିଏ ଉଦାହରଣ ଦେଖନ୍ତୁ। ୧୯୯୨ ଅଗଷ୍ଟ ୧୮ର ଏକ ବିଜ୍ଞପ୍ତି ବଳରେ ହରିୟାଣା ସରକାର ଆରାବଳୀ ହିଲ୍‌ସରେ ସମସ୍ତ ପ୍ରକାରର ନିର୍ମାଣକୁ ନିଷିଦ୍ଧ କରିଦେଲେ। ଚଳିତ ଦଶକର ମଧ୍ୟଭାଗରେ ଜମିମାଫିଆ ତଥା ଦଳର ନେତାଙ୍କ ପ୍ରଭାବରେ ହରିୟାଣା ସରକାର ବିଲ୍‌ଡର୍‌ମାନଙ୍କୁ ଅନୁମତି ଦେଲେ ହାଉସିଂ କଲୋନୀ କରିବାକୁ। ଆରାବଳୀ ପାହାଡ଼ ନିର୍ମାଣ ପାଇଁ ନିଷିଦ୍ଧ ଜାଣି ମଧ୍ୟ କେତେକ ନେତା, ଜଜ୍, ଆଇଏଏସ୍ ଓ ଆଇପିଏସ୍ ଅଫିସର, ଆର୍ମି ଅଫିସର, ବଡ଼ ବଡ଼ କମ୍ପାନୀର ପ୍ରଫେସନାଲ ନିଜର ପଇସା ଲଗାଇଦେଲେ; ବାହାବା ନେଲେ ଯେ କିଣିପାରି ନ ଥିବା ସାଥୀମାନଙ୍କଠାରୁ ସେମାନେ କେତେ ଜ୍ଞାନୀ! ସମ୍ପ୍ରତି ସୁପ୍ରିମ୍‌କୋର୍ଟଙ୍କ ଆଦେଶ ବଳରେ ଉକ୍ତ ବିଳାସପୂର୍ଣ୍ଣ ହାଉସିଂ କଲୋନୀ ଭଙ୍ଗାଯାଉଛି– ଘର କିଣିଥିବା କୋଟିପତି ବୁଦ୍ଧିଜୀବୀମାନେ ବୁଲଡୋଜର୍‌ର କାମ ଦେଖି ଚାରିଆଡ଼େ ଧାଁ ଧପଡ଼ ଆଉ ଧରାଧରି କରୁଛନ୍ତି। କିନ୍ତୁ କେହି କହୁନାହିଁ ଯେ ସେମାନେ ଭ୍ରଷ୍ଟାଚାରର ଭିତ୍ତି ପକାଇଛନ୍ତି।

ଆମ ସରକାର ସହରରେ ମାଡି ବସିଥିବା ଲୋକଙ୍କୁ ଜମି ଯୋଗାଇଦେବେ ଘୋଷଣା କଲାପରେ ଲୋକେ ରାଜନୈତିକ ଅଙ୍କ କଷି ନେଉଛନ୍ତି ଯେ, ନିର୍ବାଚନ ପାଖ ହୋଇଗଲେ ସେମାନଙ୍କ ଜବରଦଖଲ ଭୂମି ଓ ତା'ଉପରେ ଥିବା ଘରଟା ରକ୍ଷା ପାଇଯିବ, ରେଗୁଲାରାଇଜ୍‌ଡ ହୋଇଯିବ। ଧନୀଙ୍କ ବେଆଇନ ସୌଧ ସର୍ବକ୍ଷମା ପାଇଯିବ। ରାଜଧାନୀରେ ହାତଗଣତି କିଛି ପରିବାର ସୃଷ୍ଟି କରୁଥିବା ବସ୍ତିର ଆକାର ଏତେ ବଢୁଛି ଯେ ପରବର୍ତ୍ତୀ ସମୟରେ ଏହାକୁ ଛୁଇଁବା ପ୍ରଶାସନ ପାଇଁ କାଠିକର ପାଠ ହୋଇପଡୁଛି। ସରକାର ମାନୁଛନ୍ତି, ବର୍ଷକୁ ହାରାହାରି ୧୫ଟି ନୂଆ ବସ୍ତି ଗଢ଼ି ଉଠୁଛି। ଏବେ ୬୯୩.୨୧୨ ହେକ୍ଟର ଜମି ବସ୍ତିବାସିନ୍ଦାଙ୍କ କବ୍‌ଜାରେ। (୨୦୦୮ ସୁଦ୍ଧା ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ମୋଟ ୩୭୭ଟି ବସ୍ତି ଥିଲା, ୬୦ ହଜାର ପରିବାର, ବସ୍ତିରେ ଜନସଂଖ୍ୟା ୩ ଲକ୍ଷ ୧୦ ହଜାର। ୨୦୧୨ ସର୍ଭେରେ ବସ୍ତି ସଂଖ୍ୟା ୪୩୬, ପରିବାର ସଂଖ୍ୟା ୮୦,୬୬୫। ୨୦୧୮ରେ ବସ୍ତି ସଂଖ୍ୟା ୪୦୦ ଟପିଥିବ। ପ୍ରତି ବସ୍ତି ୫ରୁ ୧୦ ହେକ୍ଟର ପର୍ଯ୍ୟନ୍ତ ଜମି ମାଡିବସିଛି।) ଏହା ସାଙ୍ଗକୁ କୁଆଖାଇ ନଦୀର ବନ୍ୟାପ୍ଲାବିତ ଜମିରେ ବନ୍ୟାରୁ ରକ୍ଷା ନିମିତ୍ତ ନିର୍ମିତ ବନ୍ଧକୁ ଲଗେଇ ବିଳାସପୂର୍ଣ୍ଣ ବହୁତଳ ପ୍ରାସାଦ କରିବାକୁ ଭୁବନେଶ୍ୱର ବିକାଶ କର୍ତ୍ତୃପକ୍ଷ ଅନୁମତି ଦେଉଛନ୍ତି ବା ନିର୍ମାଣ ବନ୍ଦ କରୁନାହାନ୍ତି। ଜମି ମାଫିଆଙ୍କ ତାଉରେ ସରକାର ନିଷ୍କ୍ରିୟ ରହୁଛନ୍ତି। ବନ୍ୟାପ୍ଲାବିତ ଜମିରେ ହସ୍ପିଟାଲ କରିବା, ଜଙ୍ଗଲ ଜମିରେ ଶିକ୍ଷାନୁଷ୍ଠାନ କରିବା ଭୁଲ୍ ବୋଲି କ'ଣ ବିଲ୍‌ଡର ଜାଣି ନ ଥିଲେ ନା ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ରେକର୍ଡ ତିଆରି କରିନେବା ଭୁଲ୍ ବୋଲି ଜାଣି ନ ଥିଲେ? ଶିଶୁପାଳଗଡ଼ ଭଳି ଓଡ଼ିଆ ଜାତିର ଐତିହ୍ୟ ସ୍ଥାନର କିଛି ଅଂଶ ଜବରଦଖଲ କରିବା ବା ଭୁବନେଶ୍ୱରର ଜଳ ନିଷ୍କାସନ ପ୍ରଣାଳୀ, ବ୍ରିଟିଶ୍ ଅମଳର ଗଙ୍ଗୁଆ କଟ୍ (ଏବେ ଯାହା ଗଙ୍ଗୁଆ ନଦୀ), ତାକୁ ପୋତିଦେଇ ବହୁତଳ ପ୍ରାସାଦ ତିଆରି କରିବା ଭୁଲ୍ ବୋଲି କିଏ ନ ଜାଣେ? 'ସ୍ୱପ୍ନ ଦେଖ ବଡ଼ଲୋକ ହେବ' କହୁଥିବା ଆମେ ବୁଦ୍ଧିଜୀବୀମାନେ ଏକ ବିଶ୍ୱବିଦିତ ଶିକ୍ଷାନୁଷ୍ଠାନର ଉଦାହରଣ ଦେଉଛୁ! ପ୍ରାକୃତିକ ଜଙ୍ଗଲ ଓ ଆପତ୍ତି କରିପାରୁ ନ ଥିବା ନିରୀହ ଲୋକର ଜମି ଉଭେଇଯିବା କଥା ଭୁଲିଯାଉଛୁ।

ଚୋରା ଜିନିଷ କିଣିଥିବା ଲୋକ କହେ, ମୁଁ କ'ଣ ଏକ୍‌ଲା ଚୋରି ଜିନିଷ କିଣିଛି! ଆମେ ଭୁଲିଯାଉ ଯେ କିଣାଳି ଭାବେ ଆମେ ଦୋକାନୀକୁ ଚୋରାମାଲ ବିକିବାରେ ସାହାଯ୍ୟ କରୁଥିବାରୁ ସେ ଦୋକାନୀଟି ଚୋରକୁ ଅଧିକ ଚୋରି କରିବାରେ ଉତ୍ସାହିତ କରେ ଏବଂ ସମାଜରେ ଚୋରିଡକାୟତି ବଢ଼େ। ଆମେ ଯେ ଏପରି ଖରାପ କାମ କରିବାରେ ପ୍ରଥମ ବ୍ୟକ୍ତି ତାହା ଭୁଲିଯାଉ। ପ୍ରତ୍ୟେକ ଲୋକର ଏକ ଅନ୍ତର୍ଦୃଷ୍ଟି ବା ଆଭ୍ୟନ୍ତରୀଣ ଚିନ୍ତା ଅଛି; ଜନ୍ମବେଳୁ ଏହା ତାହାର ନୈତିକ ଶବ୍ଦକୋଷ ତିଆରି କରେ। ଯେତେବେଳେ ମନ ଭିତରୁ ନା ଶବ୍ଦଟା ଆସୁଛି ତାକୁ ଟିକେ ଶୁଣ! ନ ଶୁଣିବ ତ ତୁମ ପିଲା ଓ ନାତି ବେଳକୁ ପ୍ରଳୟ ଆସିଯିବ।

ପରିବେଶ ନଷ୍ଟ କରି କେହି ରିୟଲ ଇଷ୍ଟେଟ୍‌ବାଲା (ସରକାର ବି!) କୋଠା ତୋଳିଲେ ତହିଁରୁ ଗୋଟିଏ କିଣିବାକୁ ଆମେ ଏଡ଼େ ବିକଳ ହେଉ ଯେ, ସେ କିପରି ଜମି ପାଇଲା ତାହା ତନଖି କରୁନାହୁଁ। ଆମ ବ୍ୟବହାରରେ କେହି ପ୍ରଶ୍ନ କଲେ ଆମେ ଉତ୍ତର ଦେଉଛୁ ମୁଁ ତ ଗୋଟିଏ ମାତ୍ର ଘର କିଣିଛି, ସେଇଥିରେ କ'ଣ ଦୁନିଆଟାକୁ ଖରାପ କରିଦେଲି? ଗୋଟିଏ ଘର ପରେ ଆଉ ଗୋଟିଏ ଘର ଏମିତି ଯେ କଲୋନୀଟିଏ ହୁଏ, ତାହା ଆମେ ଭୁଲିଯାଉ। କୌଣସି ନଦୀଶଯ୍ୟାରେ, ଶୁଖି ଆସୁଥିବା ହ୍ରଦ ଭିତରେ କିମ୍ବା ସଂରକ୍ଷିତ ଜଙ୍ଗଲ ଭିତରେ ସଫା ହୋଇଥିବା ଭୂମି ଚକଡାରେ ଗୃହ ନିର୍ମାଣ ହେଲେ, ଆମେ ଦଉଡ଼ିଯାଉଛୁ ଘର କିଣିବାକୁ। ସଂରକ୍ଷିତ ଅବସ୍ଥା କଥା ଛାଡ଼, ଭୂତଳ ଜଳ ଯେ ଅଭାବ ପଡିବ, ପାଣି ଯୋଗାଇବା ପାଇଁ ନାଳଗୁଡିକରେ ବନ୍ଧ ପଡିବ ଏବଂ ଘର ତିଆରି ପାଇଁ ପଥର ଖାଦାନ ଖୋଲାହେବ, ସେଠାରେ ଆଗରୁ ଥିବା ଜୀବସତ୍ତା ନଷ୍ଟ ହୋଇଯିବ– ଅନିୟନ୍ତ୍ରିତ ଭାବେ ଏଭଳି ଘଟିଲେ ଆଜିର ପରିବେଶ ଆସ୍ତେ ଆସ୍ତେ ଆମ ବଂଶଧରଙ୍କ ପାଇଁ ଶ୍ମଶାନ ପାଲଟିଯିବ– ସେ କଥା ଆମେ କେବେ ଭାବୁନାହୁଁ।

ଇମେଲ୍: sahadevas@yahoo.com

ସାମ୍ୟବାଦୀ ଚିନ୍ତାନାୟକ

ବିଜୟ କୁମାର ପଢ଼ିହାରୀ

ଓଡ଼ିଶାର ରାଜନୈତିକ ଇତିହାସକୁ ପର୍ଯ୍ୟାଲୋଚନା କଲେ ଦୃଷ୍ଟିଗୋଚର ହୁଅନ୍ତି ତିନିଜଣ ମହାମନୀଷୀ– ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ଜନନେତା ଭଗବତୀ ଚରଣ ପାଣିଗ୍ରାହୀ। ପ୍ରତ୍ୟେକେ ଓଡ଼ିଶାର ଇତିହାସରେ ଜଣେ ଜଣେ ଯୁଗସ୍ରଷ୍ଟା। ଭାଷାଭିତ୍ତିକ ପ୍ରଦେଶ ନିର୍ମାଣ ପାଇଁ ସ୍ୱତନ୍ତ୍ର ଓଡ଼ିଶା ଗଠନ ଆନ୍ଦୋଳନର ଜନନାୟକ ମଧୁବାବୁ ଓଡ଼ିଆ ଭାଷାଭାଷୀଙ୍କୁ ଏକତ୍ରିତ କରି ଓଡ଼ିଆ ସ୍ୱାଭିମାନ ଜାଗ୍ରତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ସେ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ସେହିପରି ପଣ୍ଡିତ ଗୋପବନ୍ଧୁ ଓଡ଼ିଶାବାସୀଙ୍କୁ ଜାତୀୟତାର ମହାମନ୍ତ୍ରରେ ଦୀକ୍ଷିତ କରି ସ୍ୱାଧୀନତା ସଂଗ୍ରାମର ଜାତୀୟ ସ୍ରୋତରେ ସାମିଲ କରିଥିଲେ। ସେ ଥିଲେ ଜାତୀୟତାବାଦୀ ଚେତନା ଓ ଜାତୀୟତାବାଦୀ ସାହିତ୍ୟର ପ୍ରମୁଖ ଉଦ୍‌ଗାତା।

ସ୍ୱାଧୀନତା ଆସିନାହିଁ, ବ୍ରିଟିଶ ବିରୋଧୀ ସଂଗ୍ରାମ ଖୁବ୍ ଜୋର୍‌ଦାର। ସେହି ସମୟରେ ଭାରତବର୍ଷରେ ପ୍ରବାହିତ ହୁଏ ନୂଆ ଚିନ୍ତାଚେତନାର ଧାରା, ସାମ୍ୟବାଦୀ ଚିନ୍ତାଧାରା। ଓଡ଼ିଶାରେ ଭଗବତୀ ଚରଣ ପାଣିଗ୍ରାହୀ ସେହି ସାମ୍ୟବାଦୀ ଚିନ୍ତାଧାରାର ପ୍ରବର୍ତ୍ତକ। ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ରୋତରେ ସାମିଲ କରି ସାମ୍ୟବାଦର ଗଙ୍ଗା ପ୍ରବାହିତ କରିବାରେ ସେ ଥିଲେ ଭଗୀରଥ। ସଦାଶିବ ମିଶ୍ର ଓ ଶ୍ୟାମସୁନ୍ଦର ମିଶ୍ରଙ୍କ ସହପାଠୀ ଭଗବତୀ ଚରଣ ପାଟନା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ଏମ୍‌ଏ ପାସ୍ କରି ଯୋଗଦିଅନ୍ତି ଓଡ଼ିଶାର ଜନ ଆନ୍ଦୋଳନରେ। ତତ୍କାଳୀନ କଂଗ୍ରେସ ପାର୍ଟିର କାର୍ଯ୍ୟକ୍ରମରେ ଅସନ୍ତୁଷ୍ଟ ହୋଇ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ପ୍ରାଣନାଥ ପଟ୍ଟନାୟକ ଓ ଭଗବତୀ ଚରଣ ପାଣିଗ୍ରାହୀ ୧୯୩୪ ମସିହାରେ ଗଠନ କରନ୍ତି କଂଗ୍ରେସ ସୋସାଲିଷ୍ଟ ପାର୍ଟି। ଭଗବତୀ ଚରଣ ହୁଅନ୍ତି ଏହି ନବଗଠିତ ପାର୍ଟିର ସମ୍ପାଦକ। କାଶୀ ବିଦ୍ୟାପୀଠରୁ ଅଧ୍ୟୟନ ସାରି ପ୍ରାଣନାଥ ପଟ୍ଟନାୟକ ଓ ଗୁରୁଚରଣ ପଟ୍ଟନାୟକ ଫେରିଆସନ୍ତି ଓଡ଼ିଶା। ସେମାନେ ମାର୍କ୍ସବାଦ ପ୍ରତି ଆକୃଷ୍ଟ ହୋଇ ୧୯୩୬ ମସିହାରେ ଓଡ଼ିଶାରେ ଗଠନ କରନ୍ତି କମ୍ୟୁନିଷ୍ଟ ପାର୍ଟି, ଯାହାର ପ୍ରଥମ ସମ୍ପାଦକ ହୁଅନ୍ତି ଭଗବତୀ ଚରଣ ପାଣିଗ୍ରାହୀ। ସେ ଥିଲେ ସାମ୍ୟବାଦୀ ଚିନ୍ତାନାୟକ।

ଓଡ଼ିଆ ସାହିତ୍ୟ କିପରି ସାମ୍ୟବାଦୀ ବା ମାର୍କ୍ସବାଦୀ ଚିନ୍ତାଧାରାର ଅନୁବର୍ତ୍ତୀ ହେବ, ସେଥିପାଇଁ କବି ଅନନ୍ତ ପଟ୍ଟନାୟକ, ଗୁରୁଚରଣ ପଟ୍ଟନାୟକ, ପ୍ରାଣନାଥ ପଟ୍ଟନାୟକ, ବିଶ୍ୱନାଥ



ଭଗବତୀ ଚରଣ ପାଣିଗ୍ରାହୀଙ୍କ ତିରୋଧାନ ଦିବସ ଉପଲକ୍ଷେ

ପଶାୟତ ଓ ସଜି ରାଉତରାୟ ପ୍ରମୁଖ ଯୁବ–ସାହିତ୍ୟିକମାନଙ୍କୁ ଏକଜୁଟ କରି ୧୯୩୫ ମସିହାରେ ଭଗବତୀ ଗଢ଼ିଲେ ନବଯୁଗ ସାହିତ୍ୟ ସଂସଦ। କେବଳ ଗଢ଼ିଲେ ନାହିଁ, ସେ ହିଁ ହେଲେ ଏହାର ମୁଖ୍ୟ ପୁରୋଧା। ପ୍ରକାଶ ପାଇଲା 'ନବଯୁଗ ସାହିତ୍ୟ ସଂସଦ'ର ମୁଖପତ୍ର 'ଆଧୁନିକ'। ତା'ର ପ୍ରଥମ ସଂଖ୍ୟାର ସମ୍ପାଦକୀୟର ଶିରୋନାମାରେ ଭଗବତୀ ଲେଖିଥିଲେ, 'ବାଡି ପଛେ ଭାଙ୍ଗୁ, ସାପ ମରୁ।' ସେ ଥିଲେ ସାଲିସ୍‌ବିହୀନ ସଂଗ୍ରାମୀ। ତାଙ୍କର 'ଶିକାର' ଗଳ୍ପ ଓଡ଼ିଆ ସାହିତ୍ୟରେ ସୃଷ୍ଟି କରିଥିଲା ଆଲୋଡନ। ସାମ୍ୟବାଦୀ ଚେତନାର ଉତ୍‌ଥାନକୁ ପ୍ରସଙ୍ଗ କରି ସେ ଅନେକ ଗଳ୍ପ, କବିତା ଓ ପ୍ରବନ୍ଧ ରଚନା କରିଥିଲେ। ଓଡ଼ିଶାର ପ୍ରଗତିଶୀଳ

ଗୋଳା, ବନ୍ଧୁକ ଦ୍ୱାରା ନୁହେଁ, କେବଳ ନୈତିକତା ବଳରେ ହିଁ ଶତ୍ରୁଙ୍କୁ ଜୟ କରିପାରିବା ସମ୍ଭବ।
- କାଳିନ୍ଦୀ ଚରଣ ପାଣିଗ୍ରାହୀ

ସଂକ୍ଷେପରେ

ବ୍ଲକସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରିଆମାଳ,୨୨।୧୦(ଡି.ଏନ୍.ଏ.)- ରିଆମାଳ ବ୍ଲକ ଅଧୀନ କାଦୋପଡ଼ା ମା' ମହାପାତ୍ରାଣୀ ବ୍ଲକ ଆନୁକୂଲ୍ୟରେ ଦୁଇଦିନିଆ ବ୍ଲକସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ କଖାରୁମାଳ ଦଳ୍ ଟସ୍ ଜିତି ସାଇଡ ନେଇ ୨୯ ପଏଣ୍ଟ ବ୍ୟବଧାନରେ ଦଶଘରିଆ ଦଳକୁ ପରାସ୍ତ କରିଥିଲା। ଟୁର୍ନାମେଣ୍ଟରେ ୨୦ ଟିମ୍ ଭାଗ ନେଇଥିବା ବେଳେ ମଙ୍ଗଳବାର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ନାକଟିଦେଉଳ ମହାବିଦ୍ୟାଳୟର ଖେଳ ଅଧ୍ୟାପକ ଭିକାରି ଚରଣ ମହାକୁଳ, ଫୁଲକୁସୁମ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ହୃଦାନନ୍ଦ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ରଞ୍ଜନ ଦେହୁରି ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ହାବିଲ୍ ସାହୁ, ସମିତି ସଭ୍ୟ ଅମୂଲ୍ୟ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କମିଟି ସଭାପତି ଯତୀନ୍ଦ୍ର ପ୍ରଧାନ, ସମ୍ପାଦକ ସଞ୍ଜୟ ଦେହୁରିଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିବାବେଳେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

ବେକାରି ସମସ୍ୟା ପ୍ରତିବାଦରେ ଦାବିପତ୍ର ପ୍ରଦାନ

ଦେବଗଡ଼,୨୨।୧୦(ସ୍ୱ.ପ୍ର.)- ଦେବଗଡ଼ ଜିଲା ବାରକୋଟ ବ୍ଲକ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାଜ୍ୟରେ ଦେଖାଦେଇଥିବା ବେକାରି ସମସ୍ୟା ପ୍ରତିବାଦରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନବୀନ ପଟ୍ଟନାୟକଙ୍କ ଶାସନରେ ରାଜ୍ୟରେ ବେକାରି ସମସ୍ୟା ଉଦ୍ଭଟ ରୂପ ଧାରଣ କରିଛି। ଏହାର ସମାଧାନ କରିବାରେ ସରକାର ବିଫଳ ହୋଇଥିବା ନେଇ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କ ଆହ୍ୱାନକ୍ରମେ ବାରକୋଟ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଧାନସଭା ଯୁବ ସଂଯୋଜକ ତପନ ସାମଲ, ବ୍ଲକ ସଂଯୋଜକ ରାଜନ ବେହେରା, ମଣ୍ଡଳ ସଂଯୋଜକ ସରୋଜ ପ୍ରଧାନଙ୍କ ନେତୃତ୍ୱରେ ଯୁବ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଆଲୋକ କୁମାର ମିଶ୍ର ଯୋଗଦେଇଥିବା ବେଳେ ମନୋଜ ବେହେରା, ଗୋବିନ୍ଦ ନାଏକ, ହୃଦାନନ୍ଦ ବେହେରା, ଗଣେଶ୍ୱର ପ୍ରଧାନ, ସତ୍ୟବ୍ରତ ପ୍ରଧାନ, ସନ୍ତୋଷ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଅନ୍ୟପକ୍ଷରେ ଦାବିପତ୍ର ପ୍ରଦାନ ବେଳେ କାର୍ଯ୍ୟାଳୟଠାରେ ସାମାନ୍ୟ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ତହସିଲଦାରଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।



ବାମରା ଅଞ୍ଚଳରେ ପାଣି ଅଭାବରୁ ଜମି ଫାଟି ଆଁ କରିଛି(ବାମ)। ଗୋବିନ୍ଦପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଚାଷୀମାନେ।

ବାମରା ବ୍ଲକରେ ମରୁଡ଼ି ପରିସ୍ଥିତି, ୨୯ରୁ ରିଲେ ଅନଶନ

ସମ୍ପୂର୍ଣ୍ଣ ମରୁଡ଼ି ଅଞ୍ଚଳ ଘୋଷଣା ଦାବିରେ ଗର୍ଜିଲେ ଚାଷୀ

ବାମରା, ୨୨।୧୦ (ସ୍ୱ.ପ୍ର.)

ଚଳିତ ବର୍ଷ ସମ୍ବଲପୁର ଜିଲା ବାମରା ବ୍ଲକର ସମସ୍ତ ୧୭ଟି ପଞ୍ଚାୟତରେ ପ୍ରାୟତଃ ମରୁଡ଼ି ପରିସ୍ଥିତି ଦେଖା ଦେଇଛି । ଏ ନେଇ ଚଳିତ ମାସ ୯ ତାରିଖ ବାମରାରେ ଏକ ବିରାଟ ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ୧୦ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏଯାଏଁ କୌଣସି ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀ ଧାନ ଫସଲ କିମ୍ବା ଜମିକୁ ଦେଖିବାକୁ ପହଞ୍ଚି ନାହାନ୍ତି। ଏଣୁ ଚାଷୀ ମହଲରେ ଅସନ୍ତୋଷ ଦେଖା ଦେଇଛି। ପରବର୍ତ୍ତୀ କାର୍ଯ୍ୟପନ୍ଥା ରୂପକ ଆଗାମୀ ୨୯ ତାରିଖ ରିଲେ ଅନଶନ ପାଇଁ ବାମରାସ୍ଥିତ (ଗୋବିନ୍ଦପୁର) ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀ ଅନୁଷ୍ଠିତ କରାଯାଇଛି। ଏଥିରେ ପ୍ରାୟ ୮୦ ଜଣ ଚାଷୀ ଓ ପ୍ରତିନିଧି ଯୋଗ ଦେଇଥିଲେ। ଜୟ କିସାନ ଆଦିମ କୃଷକ ସୁରକ୍ଷା ସଂଗଠନର ସଭାପତି ଯୋଗବିହାରୀ ପରିଡା ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ବନମାଳୀ ନାଏକ, ଖଡୁନାଥ ପିଙ୍ଗ, ଲକ୍ଷ୍ମୀ ନାରାୟଣ ଛତ୍ରିଆ, ଦେଓକରଣ ଲୁହା, ଭରତ ମେହେର, କୃଷ୍ଣଚନ୍ଦ୍ର ଟପୋ, ଗୋକୁଳ ପଟେଲ, ପ୍ରଫୁଲ୍ଲ ପଟେଲ, ପ୍ରସନ୍ନ ପଟେଲ, ସୁବାଷ ଚନ୍ଦ୍ର ମହାନ୍ତି, ଅଶୋକ ସାହୁ, ମୋହନ ସିଂ ମହାପାତ୍ର, ଦୀପକ ଖଣ୍ଡେଲୱାଲ, ହରିପ୍ରିୟା ପଟେଲ, ସୌଦାମିନୀ ନାଏକ, ଜଗତଜୀବନ ପଟେଲ, ପୀତବାସ ପଟେଲ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାର କୃଷିନୀତିକୁ ଉର୍ଦ୍ଧନା କରିଥିଲେ । ସଭାରେ ଗଭୀର ନଳକୂଅ, ଉଠା ଜଳସେଚନ କ୍ଷୁଦ୍ର ଜଳସେଚନ ପଏଣ୍ଟ ଗୁଡିକ ଅଚଳ ହୋଇପଡିଥିଲେ ହେଁ ସରକାରୀ ସ୍ତରରେ ଭୁଲ ତଥ୍ୟ ପ୍ରଦାନକୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା। ବ୍ଲକରେ ଥିବା ଜଳସେଚିତ ଅଞ୍ଚଳ ବନ୍ଦ ପଡିଥିବା, କିରୋସିନ ଯୋଗାଣରେ ଏପିଏଲ ଶ୍ରେଣୀକୁ ଅନ୍ତର୍ଭୁକ୍ତ ନ କରିବା, ଟିଟିଲିକୁ ଗୁରୁତ୍ୱ ଓ ମରୁଡିକୁ ଉପେକ୍ଷା ଆଦି ବିଷୟରେ ସରକାରଙ୍କ ଚରମ ଅବହେଳାକୁ ଦାୟି କରାଯାଇଛି। ବାମରା ବ୍ଲକରେ ବର୍ତ୍ତମାନ ଉତ୍କଟ ମରୁଡି ପରିସ୍ଥିତି ଦେଖା ଦେଇଥିବା ବେଳେ ସଂପୂର୍ଣ୍ଣ ମରୁଡି ଘୋଷଣା ଦାବି ନେଇ ଆସନ୍ତା ୨୯ ତାରିଖ ଠାରୁ ରିଲେ ଅନଶନ କରାଯିବ ବୋଲି ସ୍ଥିର କରାଯାଇଛି । କାର୍ଯ୍ୟକ୍ରମରେ ଗୋବିନ୍ଦପୁର ପଞ୍ଚାୟତର ବୀରବଲ ପଟେଲ, ସୁନୀଲ ସେଠ, ଅଭିମନ୍ୟୁ ନାଏକ ସହଯୋଗ କରିଥିଲେ ।

ରିଆମାଳ ମହାଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୃତ୍ତାନ୍ତ

ରିଆମାଳ,୨୨।୧୦(ଡି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ସାର୍ବଜନୀନ ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମହାଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୃତ୍ତାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ପୂଜା ପାଇଁ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ସଭାପତି ଗୋଲବଦନ ବିଶ୍ୱାଳ ପ୍ରକାଶ କରିଛନ୍ତି। ପୂଜା ୧୯୮୩ରେ ଆରମ୍ଭ ହୋଇ ୧୩୮୦ ଟଙ୍କା ଖର୍ଚ୍ଚ ହୋଇଥିଲା। ମଙ୍ଗଳବାର କଳସ ଶୋଭାଯାତ୍ରା ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏଥିରେ ଗ୍ରାମର ମହିଳାମାନେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। କଳସ ଶୋଭାଯାତ୍ରାରେ ନାରୀ ସଂକୀର୍ତ୍ତନ ମଣ୍ଡଳିମାନେ ଯୋଗଦେଇ ମା'ଙ୍କ ଭଜନ କୀର୍ତ୍ତନ ପରିବେଷଣ କରିବେ। ୨୪ତାରିଖରେ ପୂଜା ଆରମ୍ଭ ହୋଇ ୨୮ତାରିଖ ଭସାଣି ଯାତ୍ରା ସମ୍ପନ୍ନ କରାଯିବ। ପୂଜା ଅବସରରେ କମିଟି ତରଫରୁ ଏକ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ରଖାଯାଇଛି। ଏପରି କି ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ, ମ୍ୟାଜିକ୍ ଶୋ' ଏବଂ ମେଲୋଡ଼ି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସ୍ଥିରୀ କୃତ ହୋଇଛି। ସନ୍ଧ୍ୟାରେ ମା' ଲକ୍ଷ୍ମୀଙ୍କ ନଗର ପରିକ୍ରମା ସହିତ ୨୮ ତାରିଖରେ ଲକ୍ଷ୍ମୀଙ୍କ ଲଡୁ ନିଲାମ କାର୍ଯ୍ୟକ୍ରମ ରହିଛି। ପୂଜାକୁ ସୁନ୍ଦର କରିବା ପାଇଁ ଆକର୍ଷଣୀୟ ମୂର୍ତ୍ତି, ବିଦ୍ୟୁତ୍ ତୋରଣ ସହିତ ଆଲୋକର ସାଜସଜ୍ଜା କରାଯାଇଛି। ପୂଜାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି, ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ, ଦେବଗଡ଼ ବିଧାୟକ ନୀତେଶ ଗଙ୍ଗଦେବ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି କମିଟି ସଭାପତି ବିଶ୍ୱାଳ ପ୍ରକାଶ କରିଛନ୍ତି। ସେହିପରି ଟିଙ୍କବୀର ଗ୍ରାମରେ ଆଡମ୍ବରପୂର୍ଣ୍ଣ ଭାବେ ଲକ୍ଷ୍ମୀ ପୂଜା କରାଯାଉଛି। ବାବରାକୋଟ, ଗୁଦୁରିମୁଣ୍ଡା, କୁଣ୍ଢେଇଗୋଳା, ବୁଢ଼ାପାଳ ଆଦି ସ୍ଥାନରେ ମା' ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେବ।

ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର।

ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୨୨।୧୦ (ସ୍ୱ.ପ୍ର.)

ବାରକୋଟ ବ୍ଲକ ଦନ୍ତାରିବାହାଳ ପଞ୍ଚାୟତରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଉପସ୍ଥିତିରେ ଆରକ୍ଷୀ ଅଧୀକ୍ଷିକା ଅନୁପମା ଜେମ୍ପ, ପ୍ରକଳ୍ପ ନିର୍ଦ୍ଦେଶକ ଡିଆରଡିଏ ଭିନସେଣ୍ଟ ପୁନମ କାନ୍ତ ଏକ୍କା, ଉପଜିଲାପାଳ ବିମଳେନ୍ଦୁ ମିଶ୍ର, ବାରକୋଟ ଚେୟାରମ୍ୟାନ ସୁବାସିନୀ ସାହୁ, ବିଡିଓ ଚୁନୁ ମେହେରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରରେ ୫୫ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଗୁଡିକ ମଧ୍ୟରୁ ୩୧ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ ୨୪ଟି ସାମୂହିକ ସମସ୍ୟା ରହିଥିଲା। ଶିବିରରେ ୮ଟି ଦରଖାସ୍ତର ଶୁଣାଣି କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା। ଜିଲାପାଳ ଅନ୍ୟ ଦରଖାସ୍ତଗୁଡିକର ଶୁଣାଣି କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

୨ଟ୍ରକ୍ ମୁହାଁମୁହିଁ ଧକ୍କାରେ ୨ ଗୁରୁତର

ସମ୍ବଲପୁର,୨୨।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ ୫୫ ନଂ. ଜାତୀୟ ରାଜପଥର ଖଲିଆବନ୍ଧ ଗ୍ରାମ ନିକଟରେ ସୋମବାର ରାତିରେ ୨ଟି ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଉଭୟ ଟକର ଡ୍ରାଇଭର ଗୁରୁତର ହୋଇଛନ୍ତି। ଟ୍ରକରେ ଥିବା ହେଲପରମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣା ଖବର ପାଇ ଧନୁପାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ଟ୍ରକ ଭିତରେ ଚାପି ହୋଇଥିବା ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲା। ପ୍ରାୟ ଅଧ ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଲାଗି ରହିଥିଲା । ତେଣୁ ରାସ୍ତାର ଉଭୟ ପାର୍ଶ୍ୱରେ ଟ୍ରକ୍, ବସ୍ ଓ ଅନ୍ୟାନ୍ୟ ଗାଡି ଗୁଡିକ ଛିଡା ହୋଇ ରହିଥିଲା। ସୂଚନାଯୋଗ୍ୟ ଯେ, ଟ୍ରକ (ନଂ.ଏଚ୍-ଆର୍-୩୮ଡବ୍ଲ୍ୟୁ୮୬୪୭) ଭୁବନେଶ୍ୱର ପଟୁ ସମ୍ବଲପୁରକୁ ଯାଉଥିଲା। ସେହିପରି ଅନ୍ୟ ଏକ ଟ୍ରକ (ନଂ.ଓ-ଆର୍-୨୧ ଡି୫୪୮୧) ସମ୍ବଲପୁର ପଟୁ ଯାଉଥିଲା । ପରେ ଟ୍ରକ ଦୁଇଟି ମୁହାଁମୁହିଁ ଧକ୍କା ହୋଇଥିଲା।

ଆଜି କ'ଣ କେଉଁଠି ସ୍ତରରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଫଟୋରେ ଖବର

ଦୁଗ୍ଧ ସଂଗ୍ରହକାରୀ ସଂସ୍ଥା ଚାଷୀମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ନେଇ ସୋମବାର ସମ୍ବଲପୁର ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ପ୍ରତିନିଧି ଦଳ ଯାଉଛନ୍ତି (ବାମ)। ସୋମବାର ବୁର୍ଲା ଭିମସାର ମେଡିକାଲ କଲେଜର ଅଧ୍ୟକ୍ଷ ଡା. ବ୍ରଜମୋହନ ମିଶ୍ରଙ୍କୁ ପୁରାତନ ଛାତ୍ର ସଂଘ କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି (ମଝି)। ସୋମବାର ସମ୍ବଲପୁର ଜିଲା ଭିକମପୁର ଅଞ୍ଚଳରେ ଆୟୋଜିତ ବିଜେଡିର ପଦଯାତ୍ରାରେ ଜିଲା ସଭାପତି ପ୍ରମୋଦ ରଥ ଓ ଦଳର ନେତା ଓ କର୍ମୀମାନେ।

ଡ୍ୟାନ୍ସ ଧମାକା: କୃତୀ ପ୍ରତିଯୋଗୀ ପୁରସ୍କୃତ

ଦେବଗଡ,୨୨।୧୦(ସ୍ୱ.ପ୍ର.)

ଦେବଗଡ଼ ପୌରାଞ୍ଚଳ ମଠସାହି ଦୁର୍ଗାପୂଜା କମିଟି ମନୋରମା କ୍ଲବ ପକ୍ଷରୁ ଦୁର୍ଗାପୂଜା ଉପଲକ୍ଷେ ଡ୍ୟାନ୍ସ ଧମାକା ଓ ମା'ଙ୍କ ଆଶୀର୍ବାଦ ଶାଢୀ ଓ ଭୋଗ ଲଡୁ ଥାଳି ନିଲାମ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ସଙ୍ଗୀତ ନିର୍ଦ୍ଦେଶକ ସ୍ୱର୍ଗତ ପଦ୍ମନ ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଡ୍ୟାନ୍ସ ଧମାକା କାର୍ଯ୍ୟକ୍ରମରେ ଜିଲା ତଥା ଜିଲା ବାହାରୁ ୫୦ରୁ ଉର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରି ନୃତ୍ୟ ପରିବେଷଣ କରିଥିଲେ। ସେମାନଙ୍କ ମଧ୍ୟରୁ ସମ୍ବଲପୁରର ଅର୍ପିତା ରାଉତ ପ୍ରଥମ ସ୍ଥାନ ଅଧିକାର ୩ହଜାର ୧ଟଙ୍କା ପୁରସ୍କୃତ ହୋଇଥିଲେ। ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ରିମଝିମ୍ ନାୟକ ୨ ହଜାର ୧ଟଙ୍କା ପାଇଥିବା ବେଳେ ନିଶୁ ରାନୀ ତୃତୀୟ ସ୍ଥାନ ଅଧିକାର କରି ୧ହଜାର ୧ଟଙ୍କା ଅତିଥିଙ୍କଠାରୁ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟ କବାଡି ସଂଘ ଉପାଧ୍ୟକ୍ଷ ପୃଥ୍ୱୀରାଜ ପଟ୍ଟନାୟକ, ଟିକେଶ୍ୱର ଗୁରୁ ପ୍ରମୁଖ ଯୋଗଦେଇ କଳାକାର ତଥା ଆୟୋଜକ ସଦସ୍ୟଙ୍କ ପ୍ରଶଂସା କରିବା ସହ ଉତ୍ସାହିତ କରିଥିଲେ। କଳାକାର ପ୍ରୀତମ ବେହେରା, ପିଙ୍କୁ ଝାଙ୍କର, ଚନ୍ଦନ ସାହୁ ଉଦ୍‌ଘୋଷକ ଭାବେ ମଞ୍ଚ ପରିଚାଳନା କରିଥିବା ବେଳେ ବିଚାରକ ଭାବେ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଜନ୍ମେଜୟ ନାୟକ, ବିଜୟିନୀ ଝାଙ୍କର ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ପୂଜା ଉପଲକ୍ଷେ କମିଟି ତରଫରୁ ମା ଙ୍କ ଆଶୀର୍ବାଦ ଶାଢୀକୁ ଲକି କୁପନ ମାଧ୍ୟମରେ ମଠସାହିର ଯୁବ ବ୍ୟବସାୟୀ କାଳିଆ ବେହେରାଙ୍କ ଝିଅ କ୍ଷୀତିସ୍ମିତା ବେହେରା ଭାଗ୍ୟ ବିଜେତା ହୋଇ ମାଙ୍କ ଶାଢି, ଭୋଗ ଲଡୁ, ଶଙ୍ଖା, ସୁନାର ଲକେଟ, ପିତଳ ଥାଳି ଆଦି ପୁରସ୍କାର ସ୍ୱରୂପ ଗ୍ରହଣ କରିଥିଲେ। କମିଟି ସଭାପତି ଶଶାଙ୍କ ଶେଖର ଝାଙ୍କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି କାର୍ତ୍ତିକେଶ୍ୱର ପଟ୍ଟନାୟକ, ସାଧାରଣ ସମ୍ପାଦକ କାଳିଆ ମାଝି, ସହ ସମ୍ପାଦକ ବିଜୟ ମେହେର, କୋଷାଧ୍ୟକ୍ଷ ବୁନୁ ଆଚାର୍ଯ୍ୟ, ସହ କୋଷାଧ୍ୟକ୍ଷ ଅରୁଣ ଟାଲି, ସାଂସ୍କୃତିକ ସମ୍ପାଦକ ଶିବାଶିଷ ଝାଙ୍କର, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଲୁଲୁ ନାୟକ, ଶ୍ୟାମସୁନ୍ଦର ପଟ୍ଟନାୟକ, ପ୍ରଦୀପ ବେହେରା, ସୁନ୍ଦରଲାଲ ଝାଙ୍କର, ବାପି ସାହୁ, ବାପୁନ ପଟ୍ଟନାୟକଙ୍କ ସମେତ ସାହିବାସିନ୍ଦା ପ୍ରମୁଖ ଉପସ୍ଥିତ ସହଯୋଗ କରିଥିଲେ।

ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୪

ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ଏତଦ୍‌ଦ୍ୱାରା ନିମ୍ନଦର୍ଶିତ ଋଣଗ୍ରହୀତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍

ମାୟାରୁ ମମତାର ସୃଷ୍ଟି। ମାୟା ବନ୍ଧନକୁ ଛିନ୍ନ କରିଥିବା ସାଧୁମାନଙ୍କ ମନ ଭିତରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛି ପ୍ରତି ମାୟା ବା ମମତା ନ ଥାଏ।
- ଚାଣକ୍ୟ

ସଂକ୍ଷେପରେ

ଭାଜପା ଜିଲା କୃଷକ ମୋର୍ଚ୍ଚା କମିଟି ଗଠିତ

ସମ୍ବଲପୁର, ୨୨।୧୦ (ବ୍ୟୁରୋ)
ସମ୍ବଲପୁର ଜିଲା ଭାଜପା ଜିଲା କୃଷକ ମୋର୍ଚ୍ଚା କମିଟି ଗଠନ କରାଯାଇଛି। ଏଥିରେ ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କୁ ସଭାପତି ଭାବେ ମନୋନୟନ କରାଯାଇଛି । ସେହିପରି ଅରୁଣ କୁମାର ସାହୁ ସାଧାରଣ ସମ୍ପାଦକ, ଦେବେନ୍ଦ୍ର ପୁରୋହିତ, ରାଜକିଶୋର ପ୍ରଧାନ, ପ୍ରଶାନ୍ତ କୁମାର ସାହୁ, ଶ୍ରୀକାନ୍ତ ସାହୁ ଉପସଭାପତି, ପ୍ରତାପ ସାହୁ, ରାମ ସାହୁ, ସୁବ୍ରତ ପଣ୍ଡା, ସନତ ବାବୁ ସମ୍ପାଦକ, ଶ୍ରୀତମ ପ୍ରଧାନଙ୍କୁ କୋଷାଧ୍ୟକ୍ଷ ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି, ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା ଓ ସମ୍ବଲପୁର ଜିଲା ସଭାପତି ରାମଚନ୍ଦ୍ର ମେହେର ଅନୁମୋଦନ କରିଛନ୍ତି। ଏ ନେଇ ସୋମବାର ଜିଲା ଭାଜପା ମୁଖପାତ୍ର ସୂର୍ଯ୍ୟ ପାଣିଗ୍ରାହୀ ଏକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି ।

୨୮ରେ ବହୁଭାଷୀ କବିତା ପାଠୋତ୍ସବ

ସମ୍ବଲପୁର, ୨୨।୧୦ (ବ୍ୟୁରୋ)
ସମ୍ବଲ ଭୂମି ପକ୍ଷରୁ ଚଳିତ ମାସ ୨୮ ତାରିଖ ବହୁଭାଷୀ କବିତା ପାଠ କୁମ୍ଭାରପଡା ଲାୟନ୍ସ କ୍ଲବଠାରେ ହେବ। ଏଥିରେ ସମ୍ବଲପୁରୀ, ଓଡିଆ, ହିନ୍ଦୀ, ଇଂଲିଶ ଭାଷାର କବିମାନେ ସାମିଲ ହେବେ । ଅପରପକ୍ଷେ ସମ୍ବଲ ଭୂମି ବାର୍ଷିକ ସମ୍ମାନ ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି । ସୋମବାର ସମ୍ବଲ ଭୂମି ନିର୍ଦ୍ଦେଶକ ନବୀନ କୁମାର ଦାଶ ଏକ ପ୍ରେସ ବିବୃତିରେ ସୂଚୀତ କରିଛନ୍ତି ।

ମୋତିଝରନରେ ଜିଲା କଂଗ୍ରେସର ବୈଠକ

ସମ୍ବଲପୁର, ୨୨।୧୦ (ବ୍ୟୁରୋ)
ଜିଲା କଂଗ୍ରେସର ବୈଠକ ମୋତିଝରନଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅଞ୍ଚଳ ବୁଲି ସମସ୍ୟା ଦେଖିଥିଲେ । ସେହିପରି ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ । ଏହାପରେ ଏକ ବୈଠକ ହୋଇଥିଲା । ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ହିତାଧିକାରୀଙ୍କୁ ମିଳୁ ନ ଥିବା ସମ୍ପର୍କରେ ଆଲୋଚନା କରିଥିଲେ । ତ୍ରିଲୋଚନ ପୁରୋହିତ, ନିରଞ୍ଜନ ତ୍ରିପାଠୀ, ମହମ୍ମଦ ମୁକ୍ତାର, ସେଖ ସେକାୟତ ତୁଲ୍ଲା, ମହମ୍ମଦ କୁବେର, ମହମ୍ମଦ ଅଜଗର ଅଲ୍ଲି, ସରୋଜକାନ୍ତ ମହାନ୍ତି ପ୍ରତିନିଧି ଦଳରେ ସାମିଲ ଥିଲେ ।

ଦଲେଇପଡ଼ାରେ ଛୁରାମାଡ଼, ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୨।୧୦(ବ୍ୟୁରୋ)
ସମ୍ବଲପୁର ଟାଉନ ଥାନା ଦଲେଇପଡାରେ ଶନିବାର ଆକାଶ ବରିହାଙ୍କୁ ଛୁରାମାଡ ଘଟଣାରେ ପୋଲିସ ଅଭିଯୁକ୍ତ ଆଲୋକ ସିଂଙ୍କୁ ଗିରଫ କରିଛି । ଉଭୟଙ୍କ ମଧ୍ୟରେ ସମାନ୍ୟ କଥାକୁ ନେଇ ବଚସା ହୋଇଥିଲା। ଏଥିରେ ରାଗିଯାଇ ଅଭିଯୁକ୍ତ ଆଲୋକ ଛୁରାମାଡ କରିଥିଲେ । ଫେରାର ହୋଇ ଯାଉଥିବା ବେଳେ ଲୋକ କାବୁ କରିଥିଲେ ।

ସମଲେଶ୍ୱରୀ ପୂଜା: ନାଚଗୀତରେ ମୁଖରିତ ତାଲବ

ସମ୍ବଲପୁର, ୨୨।୧୦ (ବ୍ୟୁରୋ)

ସମ୍ବଲପୁର ଜିଲା ତାଲବ ଗ୍ରାମରେ ସୋମବାର ସମଲେଶ୍ୱରୀ ପୂଜା–୨୦୧୮ ସଂପନ୍ନ ହୋଇଯାଇଛି। ପାହୁର ଯାତ୍ରା, ବରୁଆଙ୍କ ଗାଁ ପରିକ୍ରମା, ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଲବ ଗ୍ରାମ ମୁଖରିତ ହୋଇଛି । ଆଶ୍ୱିନ ଶୁକ୍ଳପକ୍ଷ ତ୍ରୟୋଦଶ ତିଥି ଅନୁସାରେ ସମଲେଶ୍ୱରୀ ପୂଜା ଓ ବଏଲ ଯାତ୍ରା ହୋଇଛି । ସକାଳ ୬ଟାରେ ମଙ୍ଗଳ ଆଳତୀ, ୮ଟାରେ ଚଣ୍ଡିପାଠ, ୧୦ଟାରେ ପାହୁର ପରିକ୍ରମା, ଅପରାହ୍ନ ୨ଟାରେ ଗ୍ରାମ୍ୟଦେବୀ ପୂଜନ ଓ ଧ୍ୱଜା ରୋହଣ ହୋଇଥିଲା । ସେହିପରି ସନ୍ଧ୍ୟା ସାଢ଼େ ୫ଟାରେ ଭକ୍ତମାନେ ସମଲେଇଙ୍କୁ ଦର୍ଶନ କରିଥିଲେ । ରାତି ୭ଟାରେ ଚଣ୍ଡିପାଠ ସହ ପୂର୍ଣ୍ଣାହୂତୀ ଓ ମହାଆଳତୀ ହୋଇଥିଲା । ରାତି ୧୨ଟାରେ ବରୁଆଙ୍କ କାର୍ଯ୍ୟକ୍ରମ, ମଧ୍ୟରାତ୍ରି ୧ଟାରେ ବରୁଆ ନଗର ପରିକ୍ରମା କରି ଭକ୍ତମାନଙ୍କୁ ଆଶୀର୍ବାଦ ଦେଇଥିଲେ। ରାତି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଗାଇସିଲେଟର ଶକ୍ତିମୟୀ ନାଟକ ଦଳ, ରେମେଣ୍ଡା, ବୁର୍ଦ୍ଦା, ଡୋରା, ଗଣ୍ଡପାଲି, କୋଲପାଲି, ଦୁଲମପୁର ଅଞ୍ଚଳର କୃଷ୍ଣଗୁରୁ ଦଳ ଭଜନ ଗାନ କରିଥିଲେ। କୁଲତାନୂଆଁପାଲି ଓ ରେଙ୍ଗାଲି ଅଞ୍ଚଳର ଦୁଲଦୁଲି ବଜା ପରିବେଷିତ ହୋଇଥିଲା। ଏଥିସହ ସଚେତନ ଧର୍ମୀ ପ୍ରଜ୍ଞାପନ ମେଢ଼ ଦର୍ଶକଙ୍କୁ ବିମୋହିତ କରିଥିଲା। କଳାକୁଞ୍ଜରେ କୃଷ୍ଣ ମହାପ୍ରଭୁଙ୍କ ଜଳଖିଆ, ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ସ୍ୱଚ୍ଛ ଭାରତ, ଗାଁ ବାଳିକାଙ୍କ ପାଣି ବଣ୍ଟନ, ପଣ୍ଡିତଙ୍କ ହୋମଯଜ୍ଞ, ରାମ ଚନ୍ଦ୍ରଙ୍କ ତୀର ମାରୁଥିବା ଦୃଶ୍ୟ, ମହିଳାଙ୍କ ମାଛ କାଟିବା ପ୍ରଭୃତି ପ୍ରଜ୍ଞାପନ ମେଢ଼ ସାମିଲ ହୋଇଥିଲା। ଉପସଭାପତି ହିମାଂଶୁ ଶେଖର ପ୍ରଧାନ, ସମ୍ପାଦକ ରାଜେଶ ଚଇନି , ସହ ସମ୍ପାଦକ ଆନନ୍ଦ କୁମାର ସାହୁ , କୋଷାଧ୍ୟକ୍ଷ ଜତିନ କୁମାର ସାହୁ, ସାଂସ୍କୃତିକ ସମ୍ପାଦକ ଶିବନାରାୟଣ ପାଣ୍ଡେ ଓ ସଂଯୋଜକ ସୁବାଷ ଚନ୍ଦ୍ର ପଟେଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ସେହିପରି କଳାକୁଞ୍ଜରେ ସୌରିନାରାୟଣ ପାଣ୍ଡେ, ରାମଚନ୍ଦ୍ର ଭୋଇ, ବଲ୍ଲଭ ସାହୁ, ସନତ ପ୍ରଧାନ, ଯକ୍ତ ବିଶ୍ୱାଳ, ଚିତ୍ରସେନ ଭୁଏ ଓ ନରେଶ ଭୁଏ କାର୍ଯ୍ୟ ତୁଲାଇଥିଲେ । ପୁରୁଷୋତ୍ତମ ଭୁଏ ବରୁଆ କାର୍ଯ୍ୟ ଓ କିରଣ ଭୁଏ ଝାଙ୍କର ଦାୟିତ୍ୱ ସମ୍ପାଦନ କରିଥିଲେ । ଚଳିତ ବର୍ଷ ପ୍ରାୟ ୧୪ ଲକ୍ଷ ୧୩ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଛି । ମନୋରଞ୍ଜନ କାର୍ଯ୍ୟକ୍ରମରେ ୨ ଲକ୍ଷ ୪୫ ହଜାର, ସାଜସଜ୍ଜାରେ ୮୦ ହଜାର, ଲାଇଟ ଓ ସାଉଣ୍ଡରେ ୪୦ ହଜାର, ପାହୁର ପରିକ୍ରମା ଓ ଛୁଗାର ଯାତ୍ରାରେ ୨୦ ହଜାର, ଖାଦ୍ୟପେୟରେ ୨୩ ହଜାର ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସଭାପତି ମହେନ୍ଦ୍ର କୁମାର ଭୋଇ ସୂଚୀତ କରିଛନ୍ତି ।



ସୋମବାର ସମ୍ବଲପୁର ତାଲବ ଗାଁରେ ସମଲେଇ ପୂଜା (ବାମ)। ଗାଁରେ ସମଲେଇ ପୂଜା ପରେ ଦେବୀଙ୍କ ଦର୍ଶନ କରିବାକୁ ଭକ୍ତମାନେ ଧାଡି ବାନ୍ଧି ଛିଡା ହୋଇଛନ୍ତି ।

ବୁଢାରଜା ମନ୍ଦିର ରାସ୍ତାରେ ଯୁବକଙ୍କୁ ତଣ୍ଟି କାଟି ହତ୍ୟା

ସମ୍ବଲପୁର,୨୨।୧୦(ବ୍ୟୁରୋ)

ସମ୍ବଲପୁର ସହରର ଅଇଁଠାପାଲି ଥାନା ଅଧୀନ ବୁଢାରଜା ମନ୍ଦିରକୁ ଯିବା ରାସ୍ତାରେ ସୋମବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ତଣ୍ଟି କାଟି ହତ୍ୟା କରାଯାଇଛି। ମୃତ ଯୁବକ ଜଣକ ହେଲେ କରମଟୁଲି ଗ୍ରାମର ବିଶାଲ ଖଡିଆ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ବିଶାଲଙ୍କୁ ଉଦ୍ଧାର କରି ବୁର୍ଲା ମେଡିକାଲ ନେଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି । ସେହପରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି।

ବିଶାଲ କିଛି ଯୁବକଙ୍କ ସହ ବୁଢାରଜା ମନ୍ଦିର ରାସ୍ତା ପଟକୁ ଆସିଥିଲେ। ସେଠାରେ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଧାରୁଆ ଅସ୍ତ୍ରରେ ତଣ୍ଟି ଓ ଶରୀରର ବିଭନ୍ନ ସ୍ଥାନକୁ ଆକ୍ରମଣ କରାଯାଇଛି। ନିକଟରେ ଥିବା କାର, କାନ୍ଥରେ ରକ୍ତ ଛିଟା ଲାଗିଛି। ବିଶାଲ ରକ୍ତାକ୍ତ ଅବସ୍ଥାରେ ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବିଶାଲଙ୍କୁ ଭ୍ୟାନରେ ବୁର୍ଲା ଡାକ୍ତରଖାନା ନେଇଥିଲା। ତେବେ ଏ ସମ୍ପର୍କରେ ଏସ୍‌ପି ସଞ୍ଜୀବ ଅରୋରା କହିଛନ୍ତି ଯେ, ପୂର୍ବଶତ୍ରୁତାକୁ ନେଇ ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ଖୁବ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

ଜିଲା କ୍ରୀଡ଼ା ସଂଘର କାଉନସିଲ ବୈଠକ

- ନଭେମ୍ବରରେ ସାହାଣିକପ୍ ଫୁଟବଲ ଟୁର୍ନାମେଣ୍ଟ
- ଡିସେମ୍ବରରେ କର୍ନେଲ ସିକେ ନାଇଡୁ, ଭିନୁମଙ୍କଡ ଟ୍ରଫି

ସମ୍ବଲପୁର,୨୨।୧୦(ବ୍ୟୁରୋ)

ସମ୍ବଲପୁର ଜିଲା କ୍ରୀଡା ସଂଘର କାଉନସିଲ ବୈଠକ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ରାଜୀବ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା । ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନଭେମ୍ବର ମାସରେ ଆନ୍ତ ଜିଲା ଗୌରିଶଙ୍କର ସାହାଣି କପ୍ ସିନିୟର ଫୁଟବଲ ଟୁର୍ନାମେଣ୍ଟ ସମ୍ବଲପୁରସ୍ଥିତ ପୂର୍ବତଟ ରେଳପଥ ଷ୍ଟାଡିୟମ, ଶାସନସ୍ଥିତ ବିକାଶ ସ୍କୁଲ ଖେଳ ପଡିଆ, ହୀରାକୁଦ ସୁବାସ ମଇଦାନ, ବୁର୍ଲା, କିସିଣ୍ଡା, ରେଡ଼ାଖୋଲ, ନାକଟିଦେଉଳ ଏବଂ ବାମରା ଅଞ୍ଚଳକୁ ଚୟନ କରାଯାଇଛି। ଏହି ୮ଟି ସ୍ଥାନ ମଧ୍ୟରୁ ୪ଟିରେ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ । ସେହିପରି ଡିସେମ୍ବର ମାସରେ ସିକେ ନାଇଡୁ ଟ୍ରଫି (୨୩ ବର୍ଷରୁ କମ୍) ଏବଂ ଭିନୁମଙ୍କଡ ଟ୍ରଫି (୧୯ ବର୍ଷରୁ କମ୍) ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ହେବ । ଏହାକୁ ନେଇ ସଭ୍ୟମାନେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଉପରୋକ୍ତ ପ୍ରତିଯୋଗିତା ଗୁଡିକରେ ପ୍ରାୟ ୧୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ଆକଳନ କରାଯାଇଛି । ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ଯୁଗ୍ମ ସମ୍ପାଦକ ତଥା ଜିଲା କ୍ରୀଡାଧିକାରୀ ଉପେନ୍ଦ୍ର ଶତପଥି, ଦୌଡକୁଦ ସମ୍ପାଦକ ତଥା ଭାରପ୍ରାପ୍ତ କୋଷାଧ୍ୟକ୍ଷ ସୁନ୍ଦରମଣୀ ବାରିକ, ଫୁଟବଲ ସମ୍ପାଦକ ଅବଦୁଲ ଗଫର୍, କ୍ରୀଡା ସମ୍ପାଦକ ପ୍ରଶାନ୍ତ ସେଠ, ହକି ସମ୍ପାଦକ କାଲୁଚରଣ ସ୍ୱାଇଁ, କାଉନସିଲ ସଭ୍ୟ ଅମୂଲ୍ୟ କୁମାର ମିଶ୍ର, ଅଶୋକ ସାହୁ, ରଞ୍ଜିତ ମିଶ୍ର, ସୟଦ ଜିନ୍ଦା, ସୁନୀଲ କୁମାର ସାହୁ, ସୁବୋଧ ସାହୁ, ବିଶ୍ୱଜିତ ପଣ୍ଡା, ମନୋଜ ଭୋଇ ଆଲୋଚନାରେ ଭାଗ ନେଇଥିଲେ।

ଚାଷୀଙ୍କୁ ଅଭାବ, ଠିକା କମ୍ପାନୀ ଶୋଷୁଛି ପାଣି

- ବିଭାଗୀୟ କର୍ମଚାରୀ ଜାଣି ଅଜଣା
- ବିରୋଧ କଲେ ସ୍ଥାନୀୟ ଚାଷୀ
- କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ସମ୍ବଲପୁର,୨୨।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ହୁମା ଟେଲ ତଳି ଅଞ୍ଚଳରେ ପାଣି ଅଭାବରୁ ଫସଲ ମରିବାକୁ ବସିଲାଣି । କେନାଲରେ ପାଣି ଅଭାବ ରହୁଥିବା ନେଇ ଚାଷୀ ବିଭାଗର ତଳ ସ୍ତରରୁ ଆରମ୍ଭ କରି ଉଚ୍ଚ ଅଧିକାରୀଙ୍କ ଯାଏ ବାର ଦୁଆର ହେଉଛନ୍ତି । ପାଣି ଠିକ ଭାବେ ଦେବା ପାଇଁ ଦାବି କରୁଛନ୍ତି । ହେଲେ ତଳି ଅଞ୍ଚଳରେ ପାଣି ସମସ୍ୟା ଲାଗି ରହିଛି । ଚାଷୀଙ୍କ ପାଇଁ ପାଣି ଅଭାବ ରହୁଛି, ହେଲେ ଠିକା କମ୍ପାନୀ ପାଣି ଶୋଷି ନେଉଛି । ୫୫ ନମ୍ବର ଜାତୀୟ ରାଜପଥ ଚାରି ଥାକିଆ ରାସ୍ତା ନିର୍ମାଣ କରୁଥିବା ଗାୟତ୍ରୀ କମ୍ପାନୀର ଟ୍ୟାଙ୍କର ସୋମବାର ହୁମା ଟେଲ ଝାଙ୍କରପାଲି ନିକଟରେ ମୁଖ୍ୟ କେନାଲରୁ ପାଣି ଚୋରି କରି ଲୋକଙ୍କ ବିରୋଧର ସମ୍ମୁଖୀନ ହୋଇଛି। ସ୍ଥାନୀୟ ଚାଷୀମାନଙ୍କ ଅସନ୍ତୋଷ ଦେଖା ଦେଇଛି। ସ୍ଥାନୀୟ ଲୋକମାନେ ପହଞ୍ଚି ପାଣି ନେବାକୁ ମନା କରିଥିଲେ । ପରେ ମାନେଶ୍ୱର ଜସେଚନ ବିଭାଗ ଅଫିସକୁ ଜଣାଇଥିଲେ । ବିଭାଗର ଜଣେ କର୍ମଚାରୀ ଯାଇ ଉକ୍ତ କମ୍ପାନୀ ଗାଡିକୁ ପାଣି ନେବାକୁ ମନା କର ସେଠାରୁ ଚାଲିଯିବାକୁ କହି ଫେରି ଆସିଥିଲେ। ହେଲେ ସ୍ଥାନୀୟ ଲୋକମାନେ ଉକ୍ତ କମ୍ପାନୀ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

ପ୍ରତିଦିନ ଟ୍ୟାଙ୍କରରେ ହଜାର ହଜାର କ୍ୟୁସେକ ପାଣି ଚୋରି ହେଉଛି। ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଜାଣି ଅଜଣା ରହୁଛନ୍ତି । ଦିନ ତମାମ ପାଣି ଚୋରି ହେଉଛି। ଯଦି ବିଭାଗର କର୍ମଚାରୀମାନେ କେନାଲ ପରିଦର୍ଶନ କରୁଥାନ୍ତେ ତାହା ହେଲେ ପାଣି ଚୋରି ରୋକାଯାଇ ପାରନ୍ତା । କର୍ମଚାରୀଙ୍କ ଅବହେଳା ହେଉ କି କମ୍ପାନୀ ସହିତ ସଲା ସୁତୁରା ହେଉ କମ୍ପାନି ଦିନ ଦିପହରେ ପାଣି ଚୋରି କରି ନେଉଛି । ଏହାକୁ ଚାଷୀ ନେଇ ମହଲରେ ଅସନ୍ତୋଷ ଦେଖା ଦେଉଛି । ଏ ସମ୍ପର୍କରେ ସ୍ଥାନୀୟ ଜେଇ ଶୁଭେନ୍ଦୁ ବେହେରାଙ୍କୁ ପଚାରିବାରୁ ପାଣି ନେଉଥିବା ଅଭିଯୋଗ ହେଲା ପରେ ଉକ୍ତ କମ୍ପାନୀକୁ ପାଣି ନେବା ପାଇଁ ମନା କରି ଦିଆଛି। ଏ ସମ୍ପର୍କରେ ଠିକା କମ୍ପାନୀ ପ୍ରକଳ୍ପ ନିର୍ଦ୍ଦେଶକ ଭେଙ୍କଟେଶ୍ୱର ରେଡ୍ଡିଙ୍କୁ ପଚାରିବାରୁ ଜଳ ସେଚନ ବିଭାଗ ପାଣି ନୋବକୁ ମନା କରିଛି। ଏଣୁ କେନାଲରୁ ପାଣି ନେବା ବନ୍ଦ କରାଯିବ ବୋଲି କହିଛନ୍ତି।



ଝାଙ୍କରପାଲି ଗ୍ରାମ ନିକଟସ୍ଥ ହୁମା ଟେଲ କେନାଲରୁ ବେଆଇନ ଭାବେ ପାଣି ନିଆଯାଉଛି ।

ବୁଢ଼ାକଟାରେ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି

ସମ୍ବଲପୁର, ୨୨।୧୦ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁଢ଼ାକଟା ଗ୍ରାମରେ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ଜୋରସୋର ଚାଲିଛି । ମୂର୍ତ୍ତି କାରିଗର ଓ ତୋରଣ ଶିଳ୍ପୀମାନେ କାମରେ ଲାଗିପଡିଛନ୍ତି । ପୂଜା କମିଟି କର୍ମକର୍ତ୍ତାମାନେ ମୂର୍ତ୍ତି ଓ ତୋରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବାକୁ ସମ୍ବଲପୁରର ୩୦ଜଣ କାରିଗର ଲାଗିଛନ୍ତି । କମିଟି ଚଳିତ ବର୍ଷ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ସ୍ଥିର କରିଛି । ଟିଣ ଚାଦରରେ ତୋରଣ ନିର୍ମାଣ ହୋଇଛି। ଏଥିପାଇଁ ୧ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଅପରପକ୍ଷେ ଗୋଡଭଗାର ୨୦ଜଣ କାରିଗର ଅତ୍ୟାଧୁନୀକ ବିଦ୍ୟୁତ ସାଜସଜ୍ଜା କରୁଛନ୍ତି । ୧୯୮୯ ମସିହାରେ ବୁଢ଼ାକଟା ଗଜଲକ୍ଷ୍ମୀ ପୂଜା ମୂଳଦୁଆ ପଡିଥିଲା । ଏହି ସମୟରେ ୫ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ସଂପ୍ରତି ଗଜଲକ୍ଷ୍ମୀ ପୂଜା କମିଟିରେ ୧ଶହ ଜଣ କର୍ମକର୍ତ୍ତା ରହିଛନ୍ତି। ରୀତିନୀତି ଓ ପରମ୍ପରାରେ ପୂଜା ସଂପୂର୍ଣ୍ଣ ହୋଇ ଆସୁଛି । ଏହିକ୍ରମରେ ୨୪ ତାରିଖ ସକାଳ ୪ଟାରେ କଳସ ଯାତ୍ରା ହେବ । ଏଥିରେ ବିଭିନ୍ନ ସାଂସ୍କୃତିକ ଦଳ ସାମିଲ ହେବେ । ୨୫ ରୁ ୨୬ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ, ୨୮ରେ ଶୋଭାଯାତ୍ରା, ଗାଁ ପରିକ୍ରମା କରିବ । ଏଥିସହ ଗଜଲକ୍ଷ୍ମୀଙ୍କ ବିସର୍ଜନ କାର୍ଯ୍ୟକ୍ରମ ରହିଛି । ସେହିପରି ୩ଦିନ ପ୍ରାୟ ୩ହଜାର ଭକ୍ତଙ୍କୁ ଅନ୍ନଭୋଗ ପ୍ରଦାନ କରାଯିବ ବୋଲି କମିଟି ସ୍ଥିର କରିଛି। ଏଥିପାଇଁ କମିଟିର ପ୍ରଫୁଲ୍ଲ ପ୍ରଧାନ, ଯାଦବ ପ୍ରଧାନ, ସୁବାଷ ପ୍ରଧାନ, ରାମେଶ୍ୱର ସାହୁ, ନରସିଂହ ବଢ଼େଇ, ଦେବେନ ବାରିକ, ମନୋଜ ବାରିକ ଓ ଅମରେନ୍ଦ୍ର ସାହୁଙ୍କୁ ଚୟନ କରାଯାଇଛି ବୋଲି ପୂଜା କମିଟି ସଭାପତି ବିଶ୍ୱଜିତ ବାଗ ଓ କୋଷାଧ୍ୟକ୍ଷ ସିପନ ସାହୁ କହିଛନ୍ତି ।



ସମ୍ବଲପୁର ଜିଲା ବୁଢ଼ାକଟା ଗ୍ରାମରେ ଗଜଲକ୍ଷ୍ମୀ ଓ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ତିଆରି ଚାଲିଛି ।

ବୁର୍ଲାରେ ନୂଆଁଖାଇ ଭେଟଘାଟ

ସମ୍ବଲପୁର, ୨୨।୧୦ (ବ୍ୟୁରୋ)

ପଶ୍ଚିମ ଓଡିଶା କଲ୍ୟାଣ ସମିତି ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାଠାରେ ନୂଆଁଖାଇ ଭେଟଘାଟସଂପନ୍ନ ହୋଇଛି । ସଭାପତି ପ୍ରଶାନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ଓ ସମ୍ମାନ କାର୍ଯ୍ୟକ୍ରମ ହୋଇଥିଲା । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ଭୀମସାର ନିର୍ଦ୍ଦେଶକ ଡା. ଅଶ୍ୱିନୀ ପୂଜାହାରୀ, ମେଡିକାଲ କଲେଜ ଅଧ୍ୟକ୍ଷ ଡା. ବ୍ରଜମୋହନ ମିଶ୍ର, ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଜ୍ୟୋତିର୍ମୟ ରଥ, ଭୀମସାରର ପ୍ରଫେସର ସୁନନ୍ଦା ନାୟକ, ୱେସ୍କୋ ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ପଟେଲ, ଜୀବନବୀମା ପ୍ରବନ୍ଧକ ସଞ୍ଜୟ ପାଣିଗ୍ରାହୀ, ପ୍ରଫେସର ବିଶ୍ୱଜିତ ପ୍ରଧାନ, କୃଷ୍ଣ କୁମାର ଗୁପ୍ତା, ବିଜେଡି ରାଜ୍ୟ ମହିଳା ସମ୍ପାଦିକା ଚନ୍ଦ୍ରଲେଖା ବହିଦାର, ମମତା ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ଅନୁଷ୍ଠାନର ବାର୍ଷିକ ସ୍ମରଣିକା ଉନ୍ମୋଚନ କରିଥିଲେ । ସେହିପରି ଚିତ୍ରାଙ୍କନ, ହସ୍ତାକ୍ଷର, ସାଧାରଣଜ୍ଞାନ, ନୃତ୍ୟ, ପିଠାପଣା, ରଙ୍ଗୋଲି, ଝୋଟି ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହ ପିଠାପଣା ଓ ରଙ୍ଗୋଲ

ଜ୍ଞାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍ ବାହାଦୁର ଶାସ୍ତ୍ରୀ

ସଂକ୍ଷେପରେ

ମନ ମୋହିଲା ରାମ, ଲକ୍ଷ୍ମଣ, ସୀତା, ହନୁମାନ ବେଶ

ରେଢ଼ାଖୋଲ,୨୨।୧୦(ଡି.ଏନ.ଏ.)
ରେଢ଼ାଖୋଲରେ ଦଶହରା ଓ ରାବଣପୋଡି ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଛି। ଏହି ଅବସରରେ ବିଭିନ୍ନ ଶକ୍ତିପୀଠ ଗୁଡିକରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ବସଷ୍ଟାଣ୍ଡସ୍ଥିତ ଦେବୀ ଦୁର୍ଗାଙ୍କ ମନ୍ଦିର, ଶିବମନ୍ଦିର ପରିସରରେ ଥିବା ମା' ବିନ୍ଧ୍ୟବାସିନୀ ଓ ବୁର୍ଡାସ୍ଥିତ ମାହେଶ୍ୱରୀ ପୀଠରେ ନବ ରାତ୍ରୀ ସହ ଦଶହରା ଉତ୍ସବ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି। କଦମ୍ବ ପଡିଆଠାରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାବଣ ପୋଡି ଉତ୍ସବରେ କୁନି କୁନି ପିଲାମାନେ ମାନେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ସୁସଜ୍ଜିତ ହୋଇ ରାମମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ଥିଲେ। କଦମ୍ବପଡିଆଠାରେ ନିର୍ମିତ ରାବଣଙ୍କ କୁଶ ପୁତ୍ତଳିକାରେ ଅଗ୍ନି ସଂଯୋଗ କରାଯାଇଥିଲା। ଶିବରାମ ସାହଙ୍କ ସଂଯୋଜନାରେ ଅନୁଷ୍ଠିତ ରାବଣପୋଡି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାଜପା ରଷ୍ଟ୍ରୀୟ ସମ୍ପାଦକ ସୁରେଶ ପୁଜାରୀ, ଗୋବିନ୍ଦ ଅଗ୍ରୱାଲ, ସୁରେନ୍ଦ୍ର ନାରାୟଣ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, କାଉନସିଲର ଆଦିତ୍ୟନାରାୟଣ ପ୍ରଧାନ, ପୁରୁଷୋତ୍ତମ ଅଗ୍ରୱାଲ, ସୁରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଦଶହରା ପାଳନ ଅବସରରେ ରାବଣ ପୋଡି ଉତ୍ସବର ତାତ୍ପର୍ଯ୍ୟ ଉପରେ ମତବ୍ୟକ୍ତ କରିଥିଲେ।

ରେଢ଼ାଖୋଲରେ ବରିଷ୍ଠ ପ୍ରଶାସକ ସୁରେଶ ମହାପାତ୍ର

ସରପଞ୍ଚମାନେ କହିଲେ ନିଜ ଅଞ୍ଚଳ ସମସ୍ୟା

ରେଢ଼ାଖୋଲ, ୨୨।୧୦ (ଡି.ଏନ.ଏ.)

ସମ୍ବଲପୁର ଜିଲା ନୋଡାଲ ଅଫିସର ତଥା ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ସଚିବ ସୁରେଶଚନ୍ଦ୍ର ମହାପାତ୍ର ସୋମବାର ରେଢ଼ାଖୋଲ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବ୍ଲକ ସଭାଗୃହରେ ଜିଲା ପରିଷଦ ସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟଙ୍କ ସହିତ ଆଲୋଚନା କରିବା ସହିତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିଥିଲେ। ସରପଞ୍ଚମାନେ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ୟା ଗୁଡିକର ସମାଧାନ କରିବାକୁ ସଚିବ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୋଚିବାହାଲ – ବଡମାଳ ପୂର୍ତ୍ତବିଭାଗ ରାସ୍ତା ଅବସ୍ଥା ସମ୍ପର୍କରେ ବଡମାଳ ସରପଞ୍ଚ ଷଡାନନ ପ୍ରଧାନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରି ମରାମତି ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଷ ଜମିକୁ ଜଳ ସେଚନ ପାଇଁ ଖୋଲା ଯାଇଥିବା ଗଭୀର ନଳକୂପଗୁଡିକୁ ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିବା ଯୋଗୁ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଲୁହାପଙ୍କ ସରପଞ୍ଚ ଅଶ୍ୱିନୀ କୁମାର ପ୍ରଧାନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ସ୍ୱାସ୍ଥ୍ୟ, ପାନୀୟ ଜଳ, ଆବସ ଯୋଜନା, ବିଦ୍ୟୁତକରଣ, ଶିକ୍ଷା, ରାସ୍ତା ଘାଟ ଓ ଖାଦ୍ୟ ଯୋଗାଣର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲାପାଳ ସମର୍ଥ ବର୍ମା, ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ତ୍ରିପାଠୀ, ସିଡିଏମଓ କଲ୍ୟାଣ ଗୁପ୍ତା, କୃଷି ଉପନିର୍ଦ୍ଦେଶକ ଖଗେନ୍ଦ୍ର ନାଥ ଜେନା, ଉପଜିଲାପାଳ ବିଶିକେସନ ଦେହୁରୀ, ବିଡିଓ ପରିକ୍ଷିତ ସାହୁ, ଟ୍ରେନି ଆଇଏଏସ ଆଶିଷ ପାଟିଲ, ଡିଏଫଓ ସଂଗ୍ରାମ କେଶରୀ ବେହେରା, ବ୍ଲକ ଅଧ୍ୟକ୍ଷା କବିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ରୋଜାଲିନ ବେହେରାଙ୍କ ସମେତ ଜିଲା ଓ ଉପଖଣ୍ଡର ବିଭିନ୍ନ ବିଭାଗୀୟ ପଦାଧିକାରୀ ଯୋଗ ଦେଇଥିଲେ। ଅପରାହ୍ନରେ ସଚିବ ସହରର କଲେଜ ଛକରେ ଥିବା ଇକୋ ପାର୍କ ବୁଲି ଦେଖିଥିଲେ। ଉପଖଣ୍ଡ ଚିକିତ୍ସାଳୟରେ ନିରାମୟ ଯୋଜନାର ସମୀକ୍ଷା କରିଥିଲେ। ରେଢ଼ାଖୋଲ ସହରକୁ ମହାନଦୀରୁ ପାନୀୟଜଳ ଯୋଗାଣ ପ୍ରକଳ୍ପ, କଦଳୀଗଡ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ।

ରେଢାଖୋଲ ବ୍ଲକ ସଭାଗୃହରେ ସଚିବ, ଜିଲାପାଳ, ପ୍ରଶାସନିକ ଅଧିକାରୀମାନଙ୍କ ସହ ଜନ ପ୍ରତିନିଧିମାନେ ଆଲୋଚନା କରୁଛନ୍ତି।

ଗଜଲକ୍ଷ୍ମୀ ପୂଜା ପାଇଁ ଶାନ୍ତି କମିଟି ବୈଠକ

ଚାନ୍ଦା ଆଦାୟ ମନା, ବାଜିବନି ଡିଜେ

ରେଢ଼ାଖୋଲ,୨୨।୧୦(ଡି.ଏନ.ଏ.)
ରେଢ଼ାଖୋଲରେ ଗଜଲକ୍ଷ୍ମୀ ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ। ଏଥିପାଇଁ ଥାନା ପରିସରରେ ଏକ ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଏଥିରେ ସଭାପତିତ୍ୱ କରିଥିଲେ। ବିଦ୍ୟୁତ ବିଭାଗକୁ ଦେୟ ପୈଠ କରି ପୂଜାମଣ୍ଡପକୁ ବିଦ୍ୟୁତ ସଂଯୋଗ କରିବାକୁ ନିଷ୍ପତ୍ତି ହୋଇଛି। ବେଆଇନ ଚାନ୍ଦା ଅସୁଲ ବନ୍ଦ କରିବା, ବିପଦପୂର୍ଣ୍ଣ ବାଣ ବ୍ୟବହାର ନ କରିବା, ଡିଜେ ସାଉଣ୍ଡ ନ ବଜାଇବାକୁ ନିଷ୍ପତ୍ତି ହୋଇଛି। ୨ ତାରିଖ ସୁଦ୍ଧା ଭସାଣି ଉତ୍ସବ କରାଯିବ। ଶାନ୍ତି ଶୃଙ୍ଖଳାର ସହିତ ପୂଜା ପାଳନ କରିବା ପାଇଁ ଥାନା ଅଧିକାରୀ ସାମଲ ପୂଜା କମିଟିର କର୍ମକର୍ତ୍ତାଙ୍କୁ ନିବେଦନ କରିଛନ୍ତି। ଶାନ୍ତି ଶୃଙ୍ଖଳାର ସହ ପାଳନ କରିଥିବା ପୂଜା କମଟିକୁ ପୋଲିସ ପକ୍ଷରୁ ପୁରସ୍କାର ପ୍ରଦାନ କରାଯିବ। ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, କାଉନସିଲର ଜ୍ଞାନରଂଜନ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ, ଅଗ୍ନିଶମ ଅଧିକାରୀ ଙ୍କ ସମେତ ୧୩ଟି ପୂଜା କମିଟିର ସଭାପତି, ସମ୍ପାଦକ ଯୋଗ ଦେଇଥିଲେ।

ଚାଷ ତ ଗଲା, ଏବେ ଆମ କଥା ବୁଝ

ଜମନକିରା,୨୨।୧୦(ଡି.ଏନ୍.ଏ.)
ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ମିଳିତ ଚାଷୀ ସଂଗଠନ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ସ୍ଥାନୀୟ ବିଡ଼ିଓ ଓ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଚାଷୀ ନେତା କୁଷଧ୍ୱଜ ଚୌଧରୀଙ୍କ ନେତୃତ୍ୱରେ ମିଳିତ ଚାଷୀ ସଂଗଠନର ଶତାଧିକ ଚାଷୀ ଏକତ୍ରିତ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତ ବର୍ଷ ବିଳମ୍ବରେ ବର୍ଷାର ଆଗମନ ହୋଇଥିଲା। ଜୁଲାଇ ମାସ ଶେଷ ସୁଦ୍ଧା ଚାଷୀମାନେ ଉପଯୋଗୀ ବର୍ଷା ହେବାରୁ ବିଳମ୍ବରେ ହେଲେ ବି ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ବର୍ଷାର ପରିମାଣ କମି ଯାଇଥିଲା। ଏଣୁ ଚାଷ କାର୍ଯ୍ୟ ବିଳମ୍ବ ହୋଇଥିଲା। ଏହା ଅଗଷ୍ଟ ମାସ ଶେଷ ସପ୍ତାହ ଆଡ଼କୁ ଗଡ଼ି ଯାଇଥିଲା। ପରେ ଲଘୁଚାପ ଯୋଗୁ ଭଲ ବର୍ଷା ହୋଇଥିଲା। କିନ୍ତୁ ସେପ୍ଟେମ୍ବର ୨୩ ତାରିଖ ସୁଦ୍ଧା ଆଦୌ ବର୍ଷା ହୋଇ ନ ଥିଲା। ଯାହା ଫଳରେ ମାଟି ଶୁଖିଲା ରହି ଧାନ ଜମି ଫାଟି ଆଁ କରିଥିଲା। ଯାହାକି ଧାନର ଗର୍ଭ ଓ ଫୁଲ ଧରିବା ବେଳେ ସମସ୍ୟା ସୃଷ୍ଟି ହୋଇଥିଲା। ଏହାଦ୍ୱାରା ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗି ପଡ଼ିଥିଲା। ଶେଷରେ ଚାଷୀମାନେ ମରୁଡ଼ିର ଆଶଙ୍କାରେ ରହି ଧାନ ବିଲରେ ଗୋରୁ ଛାଡ଼ି ଦେଇଥିଲେ। ଏବେ ଚାଷୀଙ୍କ ସ୍ଥିତ ଅତି ଗମ୍ଭୀର ଆଡ଼କୁ ଗତି କରିଛି ବୋଲି ଏହି ଦାବିପତ୍ରରେ ଦର୍ଶା ଯାଇଛି। ଏଣୁ ଜମିରେ ପାଣି ମଡାବାକୁ ପମ୍ପ, କିରାସିନି ଓ ଡିଜେଲ ଆଦି ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉ। ବ୍ଲକ୍ ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରାଯାଉ। ଏହା ସହ ଋଣ ଛାଡ଼ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଛନ୍ତି। ତେବେ ଏହି ଦାବିପତ୍ର ପ୍ରଦାନ ବେଳେ ନବୀନ କୁମାର ପଟେଲ, ଗୋକୁଳାନନ୍ଦ ଦାନୀ, ସରୋଜ କୁମାର ପଧାନ, ନନ୍ଦଲାଲ ସାହୁ, ସନ୍ତୋଷ କୁମାର ପଧାନ, ଦେବେନ୍ଦ୍ର ସୁନାନୀ, ସୁଜିତ କୁମାର ପଟେଏ, ସୁମନ୍ତ ମହାକୁଳ, ସୁଶୀଲ କୁମାର ପଟେଲ, ସିଦ୍ଧାର୍ଥ ପଟେଲ, ଧନେଶ୍ୱର ପଧାନ, କିଶୋର ମହାପାତ୍ରଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

ସରକାରୀ ଅଧିକାରୀଙ୍କୁ ଚାଷୀନେତା ଦାବିପତ୍ର ଦେଇ ସମସ୍ୟା ଅବଗତ କରାଉଛନ୍ତି।

ରାତିରେ ଗହମ ନେଇ ହଟହଟା ହେଲେ ସରପଞ୍ଚ

ସରପଞ୍ଚଙ୍କ ଗହମ ନେବାକୁ ବିରୋଧ କରି ସୋମବାର ଗ୍ରାମବାସୀ ପଞ୍ଚାୟତ ଅଫିସରେ ପହଞ୍ଚିଛନ୍ତି।

ବାମରା, ୨୨।୧୦ (ସ୍ୱ.ପ୍ର.)
ବାମରା ବ୍ଲକ ମହୁଲପାଲି ପଞ୍ଚାୟତର ସରପଞ୍ଚ ରାତିରେ ଗହମ ନେଇ ଗ୍ରାମବାସୀଙ୍କ ଦ୍ୱାରା ହଟହଟା ହୋଇଛନ୍ତି। ପରେ ପୋଲିସ ଘଟଣାର ସତ୍ୟାସତ୍ୟ ଜାଣି ସମାଧାନ କରିଛି। ରବିବାର ରାତି ପ୍ରାୟ ୮ଟାରେ ସରପଞ୍ଚ ଭବାନୀ ଶଙ୍କର କାଲୋ ଗୋଟିଏ ପ୍ଲାଷ୍ଟିକ୍ ବସ୍ତାରେ ଗହମ ନେଇ ପଞ୍ଚାୟତ ନିକଟସ୍ଥ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରୁ ବାହାରିଥିଲେ । ଏହା ଦେଖି ମହୁଲପାଲିର ପ୍ରଭା ମହାବରା, କୁନି ମହାବରା, ସୁକାନ୍ତି କୁସୁମ, ବସନ୍ତ ମହାବରା, ଯୁଧିଷ୍ଠିର ସୁନାନୀ, ସନ୍ତୋଷ କୁସୁମଙ୍କ ସମେତ ୧୦ରୁ ୧୨ଜଣ ସନ୍ଦେହରେ ଅଟକାଇଥିଲେ । ଏହାକୁ ନେଇ ସରପଞ୍ଚ କାଲୋ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ପାଣିଢୁଣ୍ଡ ହୋଇ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା । କିଛି ସମୟ ପରେ ମହୁଲପାଲି ଥାନାର ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ହସ୍ତକ୍ଷେପ କରିଥିଲା । ତେବେ ସରପଞ୍ଚ କହିଛନ୍ତି ଯେ, ତାଙ୍କ ମା' ତୁଳାବତୀ କାଲୋ ଜଣେ ପିଡିଏସ ହିତାଧିକାରୀ। ଚଳିତ ଅକ୍ଟୋବର ମାସରେ ତାଙ୍କୁ ୨ମାସର କୋଟା ବାବଦକୁ ୩୬ କେଜି ଚାଉଳ ଓ ୨୪ କେଜି ଗହମ ମିଳିଥିଲା । ଚାଉଳ ସେ ନେଇ ସାରିଥିବା ବେଳେ ୨୪ କେଜି ଗହମକୁ ନେଉଥିଲେ। ହେଲେ ସନ୍ଦେହରେ ଗାଁ ବାଲା ଅଟକାଇଥିଲେ। ତେବେ ସୋମବାର ଗ୍ରାମବାସୀ ପୁଣି ପଞ୍ଚାୟତ ଅଫିସ ପାଖରେ ପହଞ୍ଚି ପାଟିଢୁଣ୍ଡ କରିଥିଲେ।



ରାତିରେ ଗହମ ନେଇ ଲୋକଙ୍କ ଜାଲରେ ପଡିଛନ୍ତି ସରପଞ୍ଚ।

ମନେ ପଡୁଥିବେ ଶହୀଦ ଚମ୍ପେଶ୍ୱର, ଶୁକଦେବ

ରେଢ଼ାଖୋଲ,୨୨।୧୦(ଡି.ଏନ.ଏ.)
କଦଳୀଗଡ ପଞ୍ଚାୟତର ଧଉରାଖମଣ ଗ୍ରାମର ଶହୀଦ ଚମ୍ପେଶ୍ୱର ମହାକୁଡ ଓ ବଡମାଳ ରେଙ୍ଗାଳିର ଶହୀଦ ଶୁକଦେବ ପ୍ରଧାନଙ୍କୁ ପୋଲିସ ବିଭାଗ ପକ୍ଷରୁ ଶହୀଦ ଦିବସ ପାଳନ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କଦଳୀଗଡ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣା ଯୋଗ ଦେଇ ଶହୀଦ ଚମ୍ପେଶ୍ୱର ମହାଖୁଡଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରଥିଲେ। ଦେଶ ପାଇଁ ବଳିଦାନ ଓ ତ୍ୟାଗ ଚିରଦିନ ତାଙ୍କୁ ଅମର କରି ରଖିବ ବୋଲି ଅତିରିକ୍ତ ଏସ୍‌ପି ରଣା କହିଥିଲେ। ଏ ଅବସରରେ ଅନୁଷ୍ଠିତ ସଭାରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ। ରେଢ଼ାଖୋଲ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ଏସଆଇ ବୈଭବମାଳା ସ୍ୱାଇଁ, ବାରବାଙ୍କ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ସ୍ୱାଇଁ, କଦଳୀଗଡ ପଞ୍ଚାୟତ ସମିତି ସଭ୍ୟ ଧର୍ମେନ୍ଦ୍ର କଅଁର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ରଚନା ଓ କୁଇଜ ପ୍ରତି ଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସହିପରି ବଡମାଳ ରେଙ୍ଗାଳିର ଶହୀଦ ଶୁକଦେବଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବଡମାଳ ହାଇସ୍କୁଲ ପରିସରରେ ଅନୁଷ୍ଠିତ ସଭାରେ ଡିଏସପି ଶିବ ପ୍ରସାଦ ବିଶ୍ୱାଳ, ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଳାଇ, ଶୁକଦେବଙ୍କ ମା' ମନ୍ଦୋଦରୀ ପ୍ରଧାନ, ବଡମାଳ ସରପଞ୍ଚ ଷଡାନନ ପ୍ରଧାନ, ରେଙ୍ଗାଲି ସରପଞ୍ଚ ସମ୍ମିତା ମଲ୍ଲିକ ପ୍ରମୁଖ ଯୋଗ ଦେଇ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଦୁଇ ଶହୀଦଙ୍କ ପରିବାର ବର୍ଗଙ୍କୁ ପୋଲିସ ବିଭାଗ ପକ୍ଷରୁ ସମ୍ମାନୀତ କରାଯାଇଥିଲା।

କଦଳୀଗଡ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଶହୀଦ ଚମ୍ପେଶ୍ୱର ମହାକୁଡଙ୍କ ସ୍ମୃତିଚାରଣ କରୁଛନ୍ତି।

ସଂଗଠନ ସୁଦୃଢ଼ କରିବାକୁ ପରାମର୍ଶ

ରେଢ଼ାଖୋଲ,୨୨।୧୦(ଡି.ଏନ.ଏ.)
ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସୋମବାର ତ୍ରିବଣପୁରଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ରେଢ଼ାଖୋଲ ଜୋନ ୨ ସଭାପତି ସୁନିଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଂଗ୍ରେସ ନେତା ଆସଫ ଅଲ୍ଲୀଖାଁ ଯୋଗ ଦେଇ କଂଗ୍ରେସ ସଂଗଠନକୁ ସୁଦୃଢ କରିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ସଭାପତି ଭାବେ ସୁଦାମ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ସନ୍ତୋଷ ବେହେରା, ସୁଶାନ୍ତ ବେହେରା, ଶରତ ବେହେରା, ବାପି ପ୍ରଧାନ, ଯୋଗୀ ଭୋଇ, ସୁଶାନ୍ତ ମାଝି, ଭାନୁମତି ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

ତ୍ରିବଣପୁରଠାରେ କର୍ମୀ ସମ୍ମିଳନୀରେ ନେତା ଓ କର୍ମୀ ଆଲୋଚନା କରୁଛନ୍ତି।

ଚାଷୀ ଗୌତମଙ୍କ ଘରେ ପ୍ରଶାସନିକ ଅଧିକାରୀ

ଧମା, ୨୨।୧୦ (ଡି.ଏନ.ଏ.)
ମାନେଶ୍ୱର ବ୍ଲକ ହୁମା ପଞ୍ଚାୟତର ପାଞ୍ଚଫୁଟ ଗ୍ରାମର ଯୁବ ଚାଷୀ ଗୌତମ ସେଠ (୩୦)ଙ୍କ ଘରେ ପ୍ରଶାସନ ପହଞ୍ଚିଛି। କେନାଲ ପାଣି ଅଭାବରୁ ଉଜୁଡି ଯାଉଥିବା ଚାଷର ଅବସ୍ଥା, ମୁଣ୍ଡରେ ପରିବାର ପ୍ରତିପୋଷଣ ଏବଂ ଆଣିଥିବା ଧାରକରଜ ସୁଝିବା ଚିନ୍ତାରେ ମାନସିକସ୍ଥିତି ହରାଇ ସେ ନିକଟରେ ଆତ୍ମହତ୍ୟା କରିଛନ୍ତି। ଶେଷରେ ସୋମବାର ପ୍ରଶାସନର ନିଦ ଭାଙ୍ଗିଛି। ମାନେଶ୍ୱର ବ୍ଲକ ତହସିଲଦାର ଦୁର୍ବାଦଳ ଦେହୁରୀ ଏବଂ ବରଗାଁ ରାଜସ୍ୱ ନିରୀକ୍ଷିକା ରୋହିଣୀ ମିର୍ଦ୍ଧା ଉକ୍ତ ଗ୍ରାମକୁ ଯାଇ ଗୌତମଙ୍କ ବାପା ଓ ସ୍ତ୍ରୀଙ୍କୁ ଭେଟିଛନ୍ତି। ସେ କରିଥିବା ଋଣ ଭାରର ସମୀକ୍ଷା କରିଛନ୍ତି । ହେଲେ କୌଣସି ପ୍ରକାର ସହାୟତାର ପ୍ରତିଶ୍ରୁତି ଦେଇ ନାହାନ୍ତି । ଦ୍ୱିତୀୟତଃ ଗ୍ରାମର ଚାଷୀମାନଙ୍କୁ ଭେଟି କେନାଲ ପାଣିର ସମସ୍ୟା ଉପରେ ଆଲୋଚନା କରିଛନ୍ତି। ତେବେ କେନାଲରେ ପାଣି ଛାଡିବାକୁ ମାନେଶ୍ୱର ବିଡିଓ ,ବଂ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଲିଖିତ ଅଭିଯୋଗ କରିବାକୁ ଏହି ଅଧବକାରୀମାନେ ପରାମର୍ଶ ଦେଇଛନ୍ତି। ଅତିଶୀଘ୍ର କେନାଲରେ ପାଣି ଛାଡିବାକୁ ବ୍ୟବସ୍ଥା କରିବା ପାଇଁ ଚେଷ୍ଟା କରିବେ ବୋଲି କଥା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ରବିବାର ବିଧାୟକ ରୋହିତ ପୂଜାରୀ ଗୌତମଙ୍କ ପରିବାରକୁ ଭେଟି କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବିଜୁ ପକ୍କା ଘର ଓ ରାସନ କାର୍ଡ ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ବି ଦେଇଥିଲେ।

ଜମନକିରାରେ ୨ ବିଇଓଙ୍କୁ ନେଇ ଟଣାଓଟରାର ପୂର୍ଣ୍ଣଚ୍ଛେଦ

ଜଣକୁ ବଦଳି, ଜଣେ ପାଇଲେ ପୂର୍ଣ୍ଣ କ୍ଷମତା

ଜମନକିରା,୨୨।୧୦(ଡି.ଏନ୍.ଏ)
ଜମନକିରା ବ୍ଲକ୍‌ରେ ୨ ଜଣ ବିଇଓଙ୍କୁ ନେଇ ଲାଗି ରହିଥିବା ଟଣାଓଟରା ତଥା ବିବାଦୀୟ ପରିସ୍ଥିତିର ଅନ୍ତ ଘଟିଛି। ଏହି ସମସ୍ୟାରେ ପୂର୍ଣ୍ଣଚ୍ଛେଦ ପଡିବା ସହ ଜଣଙ୍କୁ ପୂର୍ଣ୍ଣ କ୍ଷମତା ମିଳିଛି। ବିଇଓ ବିଶ୍ୱନାଥ ସାହୁଙ୍କ ନାକଟିଦେଉଳକୁ ବଳଦି ହୋଇଛି। ପୂର୍ବରୁ ଅବସ୍ଥାପିତ ଥିବା ବିଇଓ ସୁଷମା ନାୟକ ପୁନର୍ବାର ଦାୟିତ୍ୱ ଗ୍ରହଣ କରିଥିଲେ। ୨ ମାସ ପୂର୍ବରୁ ବିଇଓ ଭାବେ ସୁଷମା ନାୟକ ଜମନକିରାରେ ଯୋଗ ଦେଇଥିଲେ। ସେ ଅବସ୍ଥାପିତ ହେବାର ୨ ମାସ ପରେ ରେଢ଼ାଖୋଳକୁ ବଦଳି କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ଡ. ପ୍ରମୋଦ ପଣ୍ଡା ତାଙ୍କୁ କାର୍ଯ୍ୟରୁ ରିଲିଫ କରିଥିଲେ। ମାତ୍ର ସେ ଟ୍ରିବ୍ୟୁନାଲ କୋର୍ଟରୁ ରହିତାଦେଶ ଆଣି ପୁନଃର୍ବାର ନିଜ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ଅନ୍ୟପଟେ ରାଜ୍ୟ ଗଣ ଶିକ୍ଷା ବିଭାଗ (ପତ୍ର ସଂଖ୍ୟା ନଂ.୨୧୧୩୭/ଏସ୍‌ଏମ୍‌ଇ/ତା ୨୪।୯।୨୦୧୮) ବିଶ୍ୱନାଥ ସାହୁଙ୍କୁ ଏଠାରେ ବିଇଓ ଭାବେ ଅବସ୍ଥାପିତ କରିଥିଲା। ଏଣୁ ସେପ୍ଟେମ୍ବର ୨୬ ତାରିଖ ପୂର୍ବାହ୍

"କୋହଲି ଓ ରୋହିତ ଫର୍ମରେ ଥିଲେ ୱେଷ୍ଟଇଣ୍ଡିଜ ଯଦି ୪୦୦ ରନ କରେ, ଭାରତ ବିଜୟ ଲକ୍ଷ୍ୟ ହାସଲ କରିନେବ ।
–ବ୍ରାଏନ ଲାରା, ମହାନ୍ ୱେଷ୍ଟଇଣ୍ଡିଜ୍ କ୍ରିକେଟର

ତୃତୀୟରୁ ଆରମ୍ଭ

ହକି ବିଶ୍ୱକପର ପ୍ରଥମ ସଂସ୍କରଣ ୧୯୭୧ ଅକ୍ଟୋବର ୧୫ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହାର ଆୟୋଜକ ଥିଲା ସ୍ପେନ । ମ୍ୟାଚ ଗୁଡ଼ିକ ବାର୍ସିଲୋନା ଓ କାଟାଲୋନିଆରେ ଆୟୋଜିତ ହୋଇଥିଲା । ପ୍ରଥମ ସଂସ୍କରଣରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ । ବିଶ୍ୱକପର ପ୍ରଥମ ଟାଇଟଲ ହାସଲ କରିଥିଲା ପାକିସ୍ତାନ । ଫାଇନାଲରେ ଆୟୋଜକ ସ୍ପେନକୁ ୧-୦ ଗୋଲରେ ହରାଇ ପାକିସ୍ତାନ ପିନ୍ଧିଥିଲା ବିଜୟ ମୁକୁଟ । ସେମିଫାଇନାଲରେ ପରାଜିତ ହୋଇଥିବା ଭାରତ ପ୍ଲେ-ଅଫ୍‌ରେ କେନିୟାକୁ ୨-୧ ଗୋଲରେ ହରାଇ ତୃତୀୟ ସ୍ଥାନ ହାସଲ କରିଥିଲା । ତେଣୁ ତୃତୀୟ ସ୍ଥାନ ହାସଲରୁ ଭାରତର ଆରମ୍ଭ ହୋଇଥିଲା ବିଶ୍ୱକପ ଅଭିଯାନ । ପ୍ରତିଯୋଗିତାରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ । ପୁଲ୍ 'ଏ'ରେ ଭାରତ ସମେତ ପଶ୍ଚିମ ଜର୍ମାନୀ, କେନିୟା, ଫ୍ରାନ୍ସ ଓ ଆର୍ଜେଣ୍ଟିନା ସ୍ଥାନ ପାଇଥିଲେ । ପୁଲ୍ 'ବି'ରେ ରହିଥିଲେ ସ୍ପେନ, ପାକିସ୍ତାନ, ନେଦରଲାଣ୍ଡ, ଅଷ୍ଟ୍ରେଲିଆ ଓ ଜାପାନ । ପ୍ରତିଯୋଗିତାରେ ମୋଟ ୩୦ଟି ମ୍ୟାଚ ଖେଳାଯାଇଥିଲା । ମ୍ୟାଚ ପିଛା ୨.୨ ହାରରେ ମୋଟ ୬୬ଟି ଗୋଲ ହୋଇଥିବାବେଳେ ପାକିସ୍ତାନର ତନଭୀର ଦର୍ ୮ଟି ଗୋଲ ଦେଇ ଟପ୍ ସ୍କୋରର ବିବେଚିତ ହୋଇଥିଲେ ।

ପୁଲ୍ 'ଏ'ରେ ଭାରତ ୪ଟି ମ୍ୟାଚ ଖେଳି ସବୁଥିରେ ବିଜୟୀ ହୋଇଥିଲା । ପ୍ରଥମ ମ୍ୟାଚରେ ଫ୍ରାନ୍ସକୁ ୧-୦ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ପରବର୍ତ୍ତୀ ମ୍ୟାଚ ଗୁଡ଼ିକରେ ଯଥାକ୍ରମେ ଆର୍ଜେଣ୍ଟିନାକୁ ୧-୦, କେନିୟାକୁ ୨-୦ ଏବଂ ପଶ୍ଚିମ ଜର୍ମାନୀକୁ ୧-୦ ଗୋଲରେ ପରାସ୍ତ କରିଥିଲା । ଫଳରେ ଭାରତ ୮ ପଏଣ୍ଟ ସହ ପୁଲ୍ 'ଏ'ରେ ଶୀର୍ଷସ୍ଥାନ ହାସଲ କରି ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା । ଏହି ପୁଲ୍‌ରେ ପଶ୍ଚିମ ଜର୍ମାନୀ, କେନିୟା ଓ ଫ୍ରାନ୍ସ ୪ ପଏଣ୍ଟ ଲେଖାଏ ପାଇ ଲିଗ୍ ପର୍ଯ୍ୟାୟ ଶେଷ କରିଥିଲେ । ତେବେ ଗୋଲ ବ୍ୟବଧାନକୁ ବିଚାରକୁ ନିଆଯାଇ ସେମିଫାଇନାଲରେ ପ୍ରବେଶ ପାଇଁ କେନିୟା ଓ ପଶ୍ଚିମ ଜର୍ମାନୀ ମଧ୍ୟରେ ଏକ ପ୍ଲେ-ଅଫ୍ ମ୍ୟାଚ ଖେଳାଯାଇଥିଲା । ଏଥିରେ ୨-୧ ଗୋଲରେ ବିଜୟ ସହ କେନିୟା ସେମିଫାଇନାଲରେ ପ୍ରବେଶ କରିଥିଲା । ପୁଲ୍ 'ବି'ରେ ସ୍ପେନ ଓ ପାକିସ୍ତାନ ୫ ପଏଣ୍ଟ ଲେଖାଏ ପାଇ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ । ଗୋଲ ବ୍ୟବଧାନରେ ସ୍ପେନ ପୁଲ୍‌ର ଶୀର୍ଷସ୍ଥାନୀୟ ଦଳଭାବେ ସେମିଫାଇନାଲ ଖେଳିଥିଲା । ପ୍ରଥମ ସେମିଫାଇନାଲରେ ଭାରତ ୧-୨ ଗୋଲରେ ପାକିସ୍ତାନଠାରୁ ହାରି ଯାଇଥିଲା । ସେହିପରି ଦ୍ୱିତୀୟ ସେମିଫାଇନାଲରେ କେନିୟାକୁ ୧-୦ ଗୋଲରେ ହରାଇ ସ୍ପେନ ଫାଇନାଲରେ ପ୍ରବେଶ କରିଥିଲା । ଫାଇନାଲରେ ପାକିସ୍ତାନ ୧-୦ ଗୋଲରେ ସ୍ପେନକୁ ହରାଇଥିବାବେଳେ ବ୍ରୋଞ୍ଜ ପଦକ ମୁକାବିଲାରେ ଭାରତ ୨-୧ ଗୋଲରେ କେନିୟାକୁ ପରାସ୍ତ କରିଥିଲା । ନେଦରଲାଣ୍ଡକୁ ୧-୦ ଗୋଲରେ ହରାଇ ପଶ୍ଚିମ ଜର୍ମାନୀ ୫ମ, ଅଷ୍ଟ୍ରେଲିଆକୁ ୧-୦ ଗୋଲରେ ହରାଇ ଫ୍ରାନ୍ସ ୭ମ ଏବଂ ଆର୍ଜେଣ୍ଟିନାକୁ ୨-୦ ଗୋଲରେ ହରାଇ ଜାପାନ ୯ମ ସ୍ଥାନ ଅଧିକାର କରିଥିଲା । ଗୋଲ ସ୍କୋରିଂରେ ତନଭୀରଙ୍କ ପଛକୁ ରହିଥିଲେ କେନିୟାର ଅବତାର ସିଂ ଓ ସ୍ପେନର ଜୁଆନ ଅମାତ । ଏ ଦୁହେଁ ୪ଟି ଲେଖାଏ ଗୋଲ ସ୍କୋର କରିଥିଲେ । ପାକିସ୍ତାନର ଅବଦୁଲ ରଶିଦ ଏବଂ ପଶ୍ଚିମ ଜର୍ମାନୀର ଉଲ୍ଫଗାଙ୍ଗ ବୌମଗାର୍ଟ, ଓ୍ୱିନ୍‌ଫ୍ରେହ୍ ମାଏର ଓ ଉଲି ଭୋସ ୩ଟି ଲେଖାଏ ଗୋଲ ଦେଇଥିଲେ । ଭାରତୀୟଙ୍କ ମଧ୍ୟରେ କୁଲ୍‌ୱନ୍ତ ସିଂ ଓ ରାଜିନ୍ଦର ସିଂ ସର୍ବାଧିକ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ । ପ୍ରତିଯୋଗିତାରେ ଭାରତ ଖେଳିଥିବା ୬ଟି ମ୍ୟାଚରୁ ମାତ୍ର ଗୋଟିଏରେ ପରାଜିତ ହୋଇଥିଲେ ହେଁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା ।

ଭାରତ-ଏ'କୁ ବିଜୟ ଦେଲେ ମନ୍ଧାନା

ମୁମ୍ବାଇ, ୨୨।୧୦

ସ୍ମୃତି ମନ୍ଧାନା

ସ୍ଥାନୀୟ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସଠାରେ ସୋମବାରଠାରୁ ଭ୍ରମଣକାରୀ ଅଷ୍ଟ୍ରେଲିଆ-ଏ ବିପକ୍ଷରେ ଆରମ୍ଭ ହୋଇଥିବା ମହିଳା ଟି୨୦ କ୍ରିକେଟ ସିରିଜର ପ୍ରଥମ ମ୍ୟାଚ୍‌କୁ ଭାରତ-ଏ' ଦଳ ୪ ଉଇକେଟ୍‌ରେ ଜିତିନେଇଛି । ଭାରତୀୟ-ଏ ମହିଳା କ୍ରିକେଟ ଦଳର ତାରକା ଖେଳାଳି ସ୍ମୃତି ମନ୍ଧାନା ଅର୍ଦ୍ଧଶତକ ହାସଲ କରି ଦଳର ବିଜୟରେ ମୁଖ୍ୟଭୂମିକା ଗ୍ରହଣ କରିଥିଲେ । ଏହି ବିଜୟ ସହ ହରମନ୍‌ପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ-ଏ ଦଳ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି ।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୬୦ ରନ କରିଥିଲା । ଦଳ ପକ୍ଷରୁ ଓପନର୍ ଟାଲିଆ ମ୍ୟାକଗ୍ରା ୨୩ ବଲରୁ ୩୧ ରନ କରି ଭଲ ପ୍ରାରମ୍ଭ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାଓମି ଷ୍ଟାଲେନବର୍ଗ ୩୯ ଓ ହିଥର ଗ୍ରାହମ ୪୩ ରନ କରିଥିଲେ । ଭାରତ ପକ୍ଷରୁ ଦୀପ୍ତି ଶର୍ମା ଓ ଅଞ୍ଜୁ ପାଟିଲ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ । ଜବାବରେ ଭାରତ ଆରମ୍ଭରୁ ଜେମିମା ରୋଡ୍ରିଗୁଏଜ (୪) ଓ ତାନିଆ ଭାଟିଆ (୦)ଙ୍କ ଉଇକେଟ୍ ହରାଇ ସଙ୍କଟରେ ପଡ଼ିଥିଲା । ଲରେନ୍ ଚିଟ୍‌ଲେ ଉଭୟ ବ୍ୟାଟ୍ସମ୍ୟାନଙ୍କୁ ଲଗାତର ୨ଟି ବଲରେ ଆଉଟ୍ କରି ହ୍ୟାଟ୍ରିକ ସୃଷ୍ଟି କରିଥିଲେ । ତେବେ ମଧ୍ୟକ୍ରମରେ ମନ୍ଧାନା (୭୨ ରନ, ୪୦ ବଲ)ଓ ହରମନପ୍ରୀତ୍ କୌର (୪୫ ରନ, ୩୯ ବଲ)ଙ୍କ ଉପଯୋଗୀ ଇନିଂସ ବଳରେ ଭାରତ ଗୋଟିଏ ଓଭର ପୂର୍ବରୁ ୬ ଉଇକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା । ବୁଧବାର ଏହି ଗ୍ରାଉଣ୍ଡରେ ସିରିଜର ୨ୟ ମ୍ୟାଚ୍ ଖେଳାଯିବ ।

ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ-ଏ ଇନିଂସ- ୧୬୦/୬, ୨୦ ଓଭର (ହିଥର ୪୩, ଷ୍ଟାଲେନବର୍ଗ ୩୯, ଅଞ୍ଜୁ ୨/୨୨)।

ଭାରତ-ଏ ଇନିଂସ- ୧୬୩/୬, ୧୯ ଓଭର(ମନ୍ଧାନା ୭୨, କୌର ୪୫, ଲରେନ ୨/୧୮)।

ଆଜିଠାରୁ ଅଲ ଓଡ଼ିଶା ଓପନ୍ ସ୍କୁକର

କଟକ ଅଫିସ,୨୨।୧୦

୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ମାତାମଠସ୍ଥିତ ଗୋଲ୍ଡେନ କିଙ୍ଗ ସ୍କୁକର କ୍ଲବ ପକ୍ଷରୁ ୪ର୍ଥ ଅଲ ଓଡ଼ିଶା ଓପନ ସ୍କୁକର ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ । ଚଳିତ ସଂସ୍କରଣ ନିମନ୍ତେ ମୋଟ୍ ୩୬ଜଣ ପ୍ରତିଯୋଗୀ ନାମ ପଞ୍ଜୀକରଣ କରିଥିବା ଜଣାପଡ଼ିଛି । ତେବେ ଆକାଶ ମହାପାତ୍ର ଏହି ଟୁର୍ନାମେଣ୍ଟର ଟପ୍‌ସିଡ ଖେଳାଳି ରହିଛନ୍ତି । ଏହାଛଡ଼ା ସୁବ୍ରତ ଦାସ, ସିଦ୍ଧାର୍ଥ ସେନ୍, ରାକେଶ ପ୍ରଧାନ, ମହମ୍ମଦ ରାଜା, ରୁମିତ ଗୁପ୍ତା, ଜିତେନ ଷଡ଼ଙ୍ଗୀ, ଅନୁଜ ପଣ୍ଡାଙ୍କ ଭଳି ନାମୀଦାମୀ ଖେଳାଳି ମଧ୍ୟ ପ୍ରତିଯୋଗିତାରେ ଭାଗନେବେ । ଚାମ୍ପିୟନ ପ୍ରତିଯୋଗୀ ନିମନ୍ତେ ୧୨ହଜାର ଟଙ୍କା ଆର୍ଥିକ ପୁରସ୍କାର ରାଶି ଧାର୍ଯ୍ୟ କରାଯାଇଥିବା ବେଳେ ରନର୍ସଅପ ନିମନ୍ତେ ୬ହଜାର, ସେମିଫାଇନାଲିଷ୍ଟଙ୍କ ନିମନ୍ତେ ୩ହଜାର ଓ କ୍ୱାର୍ଟର ଫାଇନାଲିଷ୍ଟଙ୍କ ନିମନ୍ତେ ୨ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ । ଏତଦବ୍ୟତୀତ ପ୍ରଦର୍ଶନ ଭିତ୍ତିରେ ପ୍ରତ୍ୟେକ ଦିବସର ଜଣେ ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯିବ ବୋଲି କ୍ଲବର ମାଲିକ ଜ୍ଞାନରଞ୍ଜନ ବେହେରା ଓ ଆୟୋଜକ ଅନୁଜ ପଣ୍ଡା କହିଛନ୍ତି । ପ୍ରତ୍ୟେକ ମ୍ୟାଚ୍ ନକ୍‌ଆଉଟ ପର୍ଯ୍ୟାୟ ହୋଇଥିବା ବେଳେ ପ୍ରିକ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ମ୍ୟାଚ୍‌ଗୁଡ଼ିକ ୫ ଫ୍ରେମ ବିଶିଷ୍ଟ କରାଯିବ ।

ଫୁଟବଲ ଟୁର୍ନାମେଣ୍ଟ: ଗୋଲାମୁଣ୍ଡା ଚାମ୍ପିୟନ

ଜୁନାଗଡ,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତ କଟିଙ୍ଗପଦରଠାରେ ୨ଦିନ ଧରି ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ଗୋଲାମୁଣ୍ଡା ଓ ତେନ୍ତୁଲିଖୁଣ୍ଟି ବାଲିଜୋରପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ତେନ୍ତୁଲିଖୁଣ୍ଟି ବାଲିଜୋରପଡାକୁ ଗୋଲାମୁଣ୍ଡା ଦଳ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି । ସେପରି ଭାବେ ମନୋଜ ମହାଳିକ ଓ ମନୋରଞ୍ଜନ ଶବର ଦାୟିତ୍ୱ ତୁଲାଇଥିଲେ । କଟିଙ୍ଗପଦର ମା' ମାଉଲି ଯୁବକ ସଂଘ ପକ୍ଷରୁ ଚାଲିଥିବା ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଜୁନାଗଡ ପୂର୍ବତନ ବ୍ଲକ ଅଧକ୍ଷ ମନୋଜ କୁମାର ମେହେର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, କୈଳାସ ଭୋଇ, ଟଙ୍କଧର ଶବର, ବିଦ୍ୟାଧର ଭୋଇ, ଉତ୍କଳ ବେମାଲ, କୁରୁକ୍ଷେତ୍ର ଭୋଇ, ବୃନ୍ଦାବନ ଶବର, ସୁରେନ୍ଦ୍ର ପାନ, ସୁରେଶ ବାଗ, ବାନ୍ଛେଶ୍ୱର ମାଝି ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ କଲ୍‌କି ବାଣୁଆ ମଞ୍ଚ ପରିଚାଳନା କରିଥିଲେ । ଏହି ଟୁର୍ନାମେଣ୍ଟରେ ବ୍ଲକର ୧୬ଟି ଦଳ ଭାଗ ନେଇଥିଲେ ।

ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ବରଗଡ଼

ଟେଣ୍ଡର ଆହ୍ୱାନ ବିଜ୍ଞପ୍ତି

ନୋଟିସ୍ ସଂଖ୍ୟା ୧୧୨୧୯ ତା୨୨।୧୦।୨୦୧୮

ବରଗଡ଼ ଜିଲ୍ଲାର ରାଜବୋରାସମ୍ବର ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାନ୍ଧୁପାଲି ପରିସରରେ ବାଳିକା ଛାତ୍ରାବାସ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଣ ନିମିତ୍ତ ଆଗ୍ରହୀ କମ୍ପାନୀ / ସଂସ୍ଥା ଏବଂ କର୍ପୋରେସନଠାରୁ ନିର୍ଦ୍ଧାରିତ ଫର୍ମରେ ଜଉମୁଦ ଦିଆ ଟେଣ୍ଡର ଆମନ୍ତ୍ରଣ ଦିଆଯାଉଅଛି । ତା୨୪।୧୦।୨୦୧୮ ରୁ ତା୦୭।୧୧।୨୦୧୮ ପର୍ଯ୍ୟନ୍ତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟ ନିର୍ଘଣ୍ଟ ସମୟ ମଧ୍ୟରେ ୨୦୦୦ ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ ଜିଲ୍ଲା ଶିକ୍ଷା ଅଧିକାରୀ ବରଗଡ଼ଙ୍କୁ ଦେୟ କରି ଟେଣ୍ଡର କାଗଜ ଓ ନିୟମାବଳୀ ପାଇପାରିବେ । ଟେଣ୍ଡର ପେପରଗୁଡିକ ସିଲ୍ଡ୍ ପୋଷ୍ଟ / ରେଜିଷ୍ଟ୍ରି ଡାକ ଯୋଗେ ତା୧୬।୧୧।୨୦୧୮ ଅପରାହ୍ନ ୫.୦୦ଘ. ପର୍ଯ୍ୟନ୍ତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ବରଗଡ଼ଠାରେ ଦାଖଲ କରିବେ । ନିର୍ଦ୍ଧାରିତ ତାରିଖ ଏବଂ ସମୟ ପରେ ମିଳିଥିବା ଟେଣ୍ଡର କାଗଜ ବିଚାରକୁ ନିଆଯିବ ନାହିଁ । ଟେଣ୍ଡର କାଗଜ ଜିଲ୍ଲା କ୍ରୟ କମିଟି ସଦସ୍ୟମାନଙ୍କ ତଥା ନିଲାମଧାରୀ କିମ୍ବା ତାଙ୍କ ପ୍ରାଧିକୃତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଖୋଲାଯିବ । ଏ ସଂକ୍ରାନ୍ତରେ ଧାର୍ଯ୍ୟ ତାରିଖ ପରେ ସୂଚିତ କରାଯିବ । ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଟେଣ୍ଡର କାଗଜ ବାତିଲ / ଆମନ୍ତ୍ରିତ ବିଲ୍‌ର ଆବଶ୍ୟକ ପରିବର୍ତ୍ତନ / ଯେକୌଣସି ଟେଣ୍ଡର ଖାରଜ କିମ୍ବା ସମସ୍ତ ବିଟ୍ କିମ୍ବା ସଂପୂର୍ଣ୍ଣ ଟେଣ୍ଡର ପ୍ରକ୍ରିୟା ବାତିଲ କରିପାରିବେ । ପ୍ରକାଶ ଥାଉ କି ଉକ୍ତ ଟେଣ୍ଡରର ସବିଶେଷ ବିବରଣୀ ଜିଲ୍ଲା ୱେବସାଇଟ୍ ବରଗଡ଼ www.bargarh.nic.in ରେ ଉପଲବ୍ଧ ଅଟେ ।

ଜିଲ୍ଲାପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲା ଶିକ୍ଷା ଅଧିକାରୀ, ବରଗଡ଼

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES) ମଳକଣ୍ଟକ (FISSURE) ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

For Single Day		For 7 Days		For 15 Days		For 30Days	
6 × 4	12 × 4	6 × 4	12 × 4	6 × 4	12 × 4	6 × 4	12 × 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

Get Instant Cash against Gold, Sell Your Gold at 100% Market Value
GOLD CASH LTD (an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ (କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ । 1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact: 9193648139
SATAPADA, PURI, ODISHA - 752011

ACTING ଅଭିନୟ
ଆପଣ ହିରୋ/ ହିରୋଇନ୍/ ଭିଲିଆନ୍/ କମେଡିଆନ୍ କଳାକାର ହେବାକୁ ଚାହାଁନ୍ତିକି? ୩/୬/୧୨ ମାସ କୋର୍ସରେ Direct Admn. କରନ୍ତୁ (ମାଗଣା)
ଯୋଗ୍ୟତା - ମାଟ୍ରିକ୍ (ଫେଲ/ପାସ୍)
ଇଣ୍ଡିଆନ୍ ସ୍କୁଲ୍ ଅଫ୍ ଡ୍ରାମା (ବମ୍ବେ)
ଭୁବନେଶ୍ୱର ଅଫିସ୍ - ଭୀମଟାଙ୍ଗୀ
9338354591/8480090600

LOAN
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି ।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି ।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ । ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

T.C.F. FINANCE
ଋ

ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

ସେଲ୍‌ଫି କର୍ନର

@ ଚନ୍ଦନ

@ ଗୋପବନ୍ଧୁ

@ ଜେମ୍‌ସ

@ ଦୀପକ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ତିତ୍‌ଲି କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଫେରିଲା କଂଗ୍ରେସ

ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)

- ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ ଜିତେନ୍ଦ୍ର
- ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ବୁଲିକି ଆସିଲେ ମାତ୍ର ଫଳ ଶୂନ
- ସ୍ୱତନ୍ତ୍ର ପ୍ୟାକେଜ ଦେବାକୁ ପ୍ରଧାନମନ୍ତ୍ରୀଙ୍କୁ କୁହନ୍ତୁ ଧର୍ମେନ୍ଦ୍ର
- ଶାସନ କରିବାକୁ ସରକାରଙ୍କ ନୈତିକତା ନାହିଁ: ନରସିଂହ

ତିତ୍‌ଲି ପ୍ରଭାବିତ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଆସିବାପରେ ରାଜ୍ୟ ସରକାରଙ୍କ କାର୍ଯ୍ୟଦକ୍ଷତା ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ରାଜ୍ୟ ସରକାର ଏ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବାରେ ବିଫଳ ହୋଇଛନ୍ତି। ତେଣୁ ଏ ସରକାରର ଶାସନ କରିବା ପାଇଁ କୌଣସି ନୈତିକତା ନାହିଁ ବୋଲି ବିରୋଧୀ ଦଳ ନେତା ନରସିଂହ ମିଶ୍ର ଅଭିଯୋଗ କରିଛନ୍ତି। ଏହାସହ କ୍ଷତିଗ୍ରସ୍ତ ଲୋକମାନଙ୍କୁ ଅଧିକ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ପ୍ରଦେଶ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂହ ଦାବି କରିଛନ୍ତି। ଏହାସହ କେନ୍ଦ୍ର ସରକାର ଓଡିଶା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ସେ କହିଛନ୍ତି।

ସୋମବାର କଂଗ୍ରେସ ମୁଖ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିତେନ୍ଦ୍ର ସିଂହ କହିଛନ୍ତି ଯେ, ତିତ୍‌ଲି ଏବଂ ଏହାର ପରବର୍ତ୍ତୀ ସମୟରେ ଦେଖାଦେଇଥିବା ବନ୍ୟା ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ୩ ଜିଲା ଗଞ୍ଜାମ, ଗଜପତି ଏବଂ ରାୟଗଡାର ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲି। କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ମୋତେ କ୍ଷତିଗ୍ରସ୍ତ ହୋଇଥିବା ଏବଂ ମୃତ୍ୟୁବରଣ କରିଥିବା ପରିବାର ପାଖରେ ପହଞ୍ଚି ସେମାନଙ୍କ ଅସୁବିଧା ବୁଝିବାକୁ ନିର୍ଦ୍ଦେଶ ଦେଇଥିଲେ। ତୃଣମୂଳସ୍ତରକୁ ଯାଇ ଦେଖିଲୁ ରାସ୍ତା ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି। ସେଥିଲାଗି ଚାଲିକି କ୍ଷତିଗ୍ରସ୍ତଙ୍କ ନିକଟରେ ପହଞ୍ଚିଲୁ। ରାଜ୍ୟ ସରକାର ବାତ୍ୟା ମୁକାବିଲା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ। ଜିରୋ କାଜୁଆଲିଟି ପ୍ରଚାର ବିଫଳ ହେବାପରେ ମଧ୍ୟ ୪ଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ସତ ଲୁଚାଇଲେ। ୪ଦିନ ପରେ ସରକାର ୬୧ଲୋକ ମୃତ୍ୟୁବରଣ କରିଥିବା ସ୍ୱୀକାର କଲେ। ଏ ପର୍ଯ୍ୟନ୍ତ ଆହୁରି ୧୩ଜଣ ନିଖୋଜ ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟ ସରକାର ମାଗଣାରେ କିରୋସିନ, ଚାଉଳ ଏବଂ ୩ହଜାର ଟଙ୍କା ତୁରନ୍ତ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଲେ। ମାତ୍ର ବାସ୍ତବ ଚିତ୍ର ଏଭଳି ଯେ, କାହାକୁ ୩କେଜି ଚାଉଳ ମିଳିଛି ତ ଆଉ କାହାକୁ ୫୦କେଜି ମିଳିଛି। କିଏ ଲିଟରେ କିରୋସିନ ପାଇଲା ବେଳକୁ ଆଉ କେହି ପାଏ ପାଇଛି। ୩ହଜାର ଟଙ୍କା କାହାରିକୁ ମିଳି ନାହିଁ। ପାଣି ଏବେ ସେଠାକାର ଲୋକମାନଙ୍କ ମୁଖ୍ୟ ସମସ୍ୟା ପାଲଟିଛି। ଗଞ୍ଜାମ ଜିଲା କ୍ଷୟକ୍ଷତି ଆଦି ରିପୋର୍ଟ ପ୍ରଶାସନ ପକ୍ଷରୁ ଦର୍ଶାଯାଇଥିବା ବେଳେ ଗଜପତିର କୌଣସି ତଥ୍ୟ ଏପର୍ଯ୍ୟନ୍ତ ଆସିପାରି ନାହିଁ। ପ୍ରଶାସନର ଏଭଳି ଅବହେଳା ପାଇଁ ସେହି ଜିଲାର ଜିଲାପାଳଙ୍କୁ ତୁରନ୍ତ ବହିଷ୍କାର କରାଯାଉ ବୋଲି ଜିତେନ୍ଦ୍ର ଦାବି କରିଛନ୍ତି।

ଏହାସହ ଉକ୍ତ ଜିଲାଗୁଡିକରେ ଯେଉଁ ଲୋକଙ୍କର ସମ୍ପୂର୍ଣ୍ଣ ଘର ଭାଙ୍ଗିଯାଇଛି ସେମାନଙ୍କୁ ୧୦ଲକ୍ଷ ଟଙ୍କା ଏବଂ ଅଧା ଭାଙ୍ଗିଥିବା ଘର ପାଇଁ ୫ଲକ୍ଷ ଟଙ୍କା ଦିଆଯାଉ। ସରକାରଙ୍କ ପାଖରେ ପ୍ରାକୃତିକ ବିପର୍ଯ୍ୟୟ ପରେ ଥଇଥାନ ଲାଗି କୌଣସି ବ୍ୟବସ୍ଥା ନାହିଁ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିକି ଆସିଲେ। ସେହିସବୁ ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ଦେଖିବାପରେ ମଧ୍ୟ ଫଳ ଶୂନ। କେନ୍ଦ୍ରମନ୍ତ୍ରୀ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅତି ପାଖ ଲୋକ। ତେଣୁ ରାଜ୍ୟକୁ ଏକ ସ୍ୱତନ୍ତ୍ର ପ୍ୟାକେଜ ଦେବାପାଇଁ ସେ କେନ୍ଦ୍ର ନିକଟରେ କହୁ ନାହାନ୍ତି ବୋଲି ଜିତେନ୍ଦ୍ର ପ୍ରଶ୍ନ ଉଠାଇଛନ୍ତି।

ସେହିପରି ବିରୋଧୀ ଦଳ ନେତା କହିଛନ୍ତି ଯେ, ଦୁଃଖର ବିଷୟ ୧୨ଦିନ ପରେ ମଧ୍ୟ ଲୋକମାନେ ପିଇବା ପାଣି ପାଇପାରି ନାହାନ୍ତି। ଏ ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ହୋଇପାରି ନାହିଁ। ବହୁଗାଁର ମହିଳାମାନେ ଅଭିଯୋଗ କରିଛନ୍ତି ବାତ୍ୟା ପୂର୍ବରୁ ପ୍ରଶାସନ ସେମାନଙ୍କୁ କୌଣସି ପ୍ରକାର ସଚେତନ କରି ନାହିଁ। ସରକାର କହିଲେ ବାତ୍ୟା ପ୍ରଭାବିତ ଅଞ୍ଚଳବାସୀଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେଉଛନ୍ତି। ମାତ୍ର ଲୋକମାନେ ଅଭିଯୋଗ କରିଛନ୍ତି ସେମାନଙ୍କୁ ଜମା ବି ରନ୍ଧାଖାଦ୍ୟ ମିଳିନାହିଁ। ଯଦି ସରକାର ସବୁ ଯୋଗାଇ ଦେଉଥିଲେ ତେବେ ସେଗୁଡିକ କୁଆଡେ ଯାଉଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ କହିଛନ୍ତି ଯେ, ଚାଷୀମାନଙ୍କ ଲାଗି ସରକାର ସ୍ୱତନ୍ତ୍ର ପ୍ୟାକେଜ ଦିଅନ୍ତୁ। ସମବାୟ ବ୍ୟାଙ୍କରୁ ଆଣିଥିବା ଋଣ ଛାଡ କରାଯାଉ। ଯଦି ସରକାର ଏ ଦାବି ନ ମାନନ୍ତି ତେବେ ୩ଜିଲାରେ ଜୋର୍‌ଦାର ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି।

୧୦କୋଟିର ମାନହାନି ମାମଲା କଲେ ତନୁଶ୍ରୀ

ମୁମ୍ବାଇ: ଅଭିନେତ୍ରୀ ତନୁଶ୍ରୀ ଦତ୍ତ ରାକ୍ଷୀ ସାଓ୍ୱନ୍ତଙ୍କ ନାମରେ ୧୦କୋଟି ଟଙ୍କାର ମାନହାନି ମକଦ୍ଦମା ଦାଏର କରିଛନ୍ତି। ୨୦୦୮ର 'ହର୍ନ ଓକେ ପ୍ଲିଜ୍' ଫିଲ୍ମସେଟ୍‌ରେ ତନୁଶ୍ରୀ ଡ୍ରଗ୍ସ ସେବନ କରିଥିବା ରାକ୍ଷୀ କହିବା ପରେ ସେ ନିଆଁବାଣ ହୋଇଛନ୍ତି। ତନୁଶ୍ରୀଙ୍କ ଓକିଲ ନୀତିନ୍ ସତପୁତେ କହିଛନ୍ତି ଯେ, ତନୁଶ୍ରୀଙ୍କ ତରଫରୁ ରାକ୍ଷୀ ସାଓ୍ୱନ୍ତଙ୍କ ବିରୋଧରେ ୧୦କୋଟି ଟଙ୍କାର ଏକ ମାନହାନି ମକଦ୍ଦମା ଦାଏର ହୋଇଛି। କାରଣ ତାଙ୍କ ମହକିଲଙ୍କ ନାମରେ ମିଥ୍ୟା ଆରୋପ ଲଗାଇ ତାଙ୍କର ଚରିତ୍ର ଓ ଭାବମୂର୍ତ୍ତିକୁ ରାକ୍ଷୀ କ୍ଷୁଣ୍ଣ କରିଛନ୍ତି। ଏଥିପାଇଁ ତାଙ୍କ ବିରୋଧରେ ଏକ ଫୌଜଦାରି ଏବଂ ମାନହାନି ମକଦ୍ଦମା ଦାଏର ହୋଇଛି।

ତନୁଶ୍ରୀ ୨୦୦୮ର ଉକ୍ତ ଫିଲ୍ମସେଟ୍‌ରେ ଅଭିନେତା ନାନା ପାଟେକର ତାଙ୍କୁ ଯୌନ ଉତ୍ପୀଡନ ଦେଇଥିବା ଅଭିଯୋଗ କରିଥିଲେ। ତନୁଶ୍ରୀଙ୍କ ମୁହଁ ବନ୍ଦ କରିବାକୁ ନାନା ଗୁଣ୍ଡା ଲଗାଇ ତାଙ୍କ କାର୍ ଭଙ୍ଗାରୁଜା କରିଥିଲେ। ଘଟଣାକ୍ରମେ ଏହି ଫିଲ୍ମର ଟାଇଟଲ୍ 'ନଥାନି ଉତ୍ତରୋ' ରଖାଯାଇ ତନୁଶ୍ରୀଙ୍କ ବଦଳରେ ରାକ୍ଷୀ ସାଓ୍ୱନ୍ତଙ୍କୁ ଅଭିନୟ ପାଇଁ ସୁଯୋଗ ଦିଆଯାଇଥିଲା। ତେବେ ରାକ୍ଷୀ ନିକଟରେ କହିଛନ୍ତି, ତନୁଶ୍ରୀ ନିଶା ସେବନ ପ୍ରଭାବରେ ଫିଲ୍ମସେଟ୍‌ରେ ୪ ଘଣ୍ଟା ଚେତା ହରାଇଥିଲେ। ନାନା ପାଟେକର ତନୁଶ୍ରୀଙ୍କ ଅଭିଯୋଗକୁ ଅସ୍ୱୀକାର କରୁଥିବା ବେଳେ ତନୁଶ୍ରୀ ତାଙ୍କ ନାମରେ ପୋଲିସରେ ଅଭିଯୋଗ କରିବା ସହିତ ତାଙ୍କର ନାର୍କୋ-ଆନାଲିସିସ୍, ବ୍ରେନ୍ ମ୍ୟାପିଂ ଏବଂ ଲାଏ-ଡିଟେକ୍ଟର ଟେଷ୍ଟ କରାଇବା ପାଇଁ ଦାବି କରିଛନ୍ତି।

ବାରିପଦା ସଭାରେ ବିଶୃଙ୍ଖଳା ନେଇ ଅରୁଣଙ୍କୁ ଦୋଷ ଦେଲେ ଦାମ

ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ)

ବାରିପଦାଠାରେ ହେଉଥିବା ସମାବେଶରେ ଦେଖାଦେଇଥିବା ବିଶୃଙ୍ଖଳା ପାଇଁ ଶାସକ ଦଳ ବିଧାୟକ ଅରୁଣ ସାହୁଙ୍କୁ ବରିଷ୍ଠ ନେତା ଦାମୋଦର ରାଉତ ଟାର୍ଗେଟ କରିଛନ୍ତି। ଦାମ କହିଛନ୍ତି ଯେ, ବାରିପଦା ସଭା ଭଣ୍ଡୁର ହୋଇନାହିଁ। ମୋତେ ଛଉ ପଡିଆକୁ ୩କିମି ପୂର୍ବରୁ ଶୋଭାଯାତ୍ରାରେ ପାଛୋଟି ନିଆଯାଇଛି। ଦୁଇ, ତିନିଜଣ ଭାଷଣ ଦେବାପରେ ଜଣେ ଯୁବକ ଉପରକୁ ଆସି କ'ଣ କହୁଥିଲେ। ସଭାରେ ଉପସ୍ଥିତ ଲୋକମାନେ ତାକୁ ସଭା ବାହାରକୁ ତଡି ଦେଇଥିଲେ। ଏହାପରେ ମୁଁ ଭାଷଣ ଦେଲି ଏବଂ ଲୋକମାନେ ଯାଇଥିଲେ। ମୟୂରଭଞ୍ଜ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ନୟାଗଡ ବିଧାୟକ ଅରୁଣ ସାହୁ ସମାବେଶକୁ ଭଣ୍ଡୁର କରିବା ପାଇଁ ନିଜ ସମର୍ଥକଙ୍କୁ ପଠାଇଥିଲେ। ଅରୁଣଙ୍କ ଇଙ୍ଗିତରେ ସମାବେଶରେ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଉଦ୍ୟମ ହୋଇଥିଲା ବୋଲି ଦାମ କହିଛନ୍ତି।

ଭାରତୀୟ ସେନ୍‌ସର ବୋର୍ଡ ଉପଦେଷ୍ଟା କମିଟି ସଦସ୍ୟ ହେଲେ ଶ୍ରୀକାନ୍ତ ପାଢ଼ୀ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

ଓଡ଼ିଶା ଜନ୍ମିତ ଯୁବ ସାମାଜିକ କର୍ମୀ ତଥା ବମ୍ବେ ହାଇକୋର୍ଟରେ ଭାରତ ସରକାରଙ୍କ ଓକିଲ ଭାବେ କାର୍ଯ୍ୟ କରୁଥିବା ଶ୍ରୀକାନ୍ତ ପାଢ଼ୀଙ୍କୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ତରଫରୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ(ଭାରତୀୟ ସେନ୍‌ସର ବୋର୍ଡ)ରେ ଏକ ମର୍ଯ୍ୟାଦାଜନକ ପଦବୀରେ ନିଯୁକ୍ତ କରାଯାଇଛି। ପାଢ଼ୀ ଆଗାମୀ ଦୁଇବର୍ଷ ପାଇଁ ବୋର୍ଡର ଉପଦେଷ୍ଟା କମିଟି ସଦସ୍ୟ ରହିବାକୁ ମନୋନୀତ ହୋଇଛନ୍ତି।

ଓଡ଼ିଶା ସହ ମହାରାଷ୍ଟ୍ର, ଗୁଜରାଟ ଓ କର୍ନାଟକର ବିଭିନ୍ନ ଅଞ୍ଚଳରେ ନିଜର ସାମାଜିକ କାମ ପାଇଁ ପରିଚିତ ଥିବା ପାଢ଼ୀ ଗଞ୍ଜାମ ଜିଲା ପୋଡ଼ିଜିଠାରେ ଜନ୍ମଗ୍ରହଣ କରିଥିଲେ। ବିଜେବି କଲେଜରୁ ଶିକ୍ଷାଗ୍ରହଣ କରିବା ପରେ ସୁରତରୁ ଆଇନରେ ସ୍ନାତକ ଏବଂ ପରେ ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକୋତ୍ତରରେ ଉତ୍ତୀର୍ଣ୍ଣ ହୋଇଥିଲେ। ତାଙ୍କ ପ୍ରଚେଷ୍ଟାରେ ମୁମ୍ବାଇରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନାମରେ ଦୁଇଟି ରାସ୍ତାର ନାମକରଣ ସମ୍ଭବ ହୋଇପାରିଥିଲା।

୨୮ରୁ ସରକାରୀ ଛୁଟି ଉପଭୋଗ କରିବେ ଡାକ୍ତର: ଓମ୍‌ସା

ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ): ସରକାରଙ୍କ ଅନ୍ୟ କର୍ମଚାରୀ ଯେଭଳି ଭାବେ ସରକାରୀ ଛୁଟିଦିନଗୁଡିକୁ ଉପଭୋଗ କରୁଛନ୍ତି ଡାକ୍ତରମାନେ ମଧ୍ୟ ସେଭଳି ଆସନ୍ତା ୨୮ ତାରିଖରୁ ଛୁଟି ଉପଭୋଗ କରିବେ। ଡାକ୍ତରଖାନାରେ ରୋଗୀସେବା ନ କରି ସମୂହ ଛୁଟି ଉପଭୋଗ କରିବେ ବୋଲି ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏଶନ (ଓମ୍‌ସା) ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଆସୋସିଏଶନର ସଭାପତି ଡା. ନିରାକାର ଭଙ୍ଗ କହିଛନ୍ତି।

OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION
JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA
Tel : 0674-2395734, Fax : 0674-2394946, e-mail : eerwssodisha@gmail.com
No.910-O
No. 8985 **REQUEST FOR PROPOSAL (RFP)** Date : 20.10.2018
The Engineer-in-Chief, RWSS, Odisha, Jal O Parimal Bhawan, Unit-5, Bhubaneswar-751001, on behalf of the Government of Odisha in Panchayati Raj & Drinking Water Department invites sealed RFP from eligible professional organizations / Institutions / Company/ Consultancy firms for setting up of a Project Manitoring Unit (PMU) in Rural Water Supply & Sanitation Organization.

Sl. No.	Name of Work	Bid Identification No	Cost of Bid Document (Non-refundable)	Availability of Bid document in Govt. site. From	To
1	For setting up of a Project Monitoring Unit (PMU) in Rural Water Supply & Sanitation Organisation for implementation of Rural Water Supply Projects, Odisha to provide project management, Technical guidance, capacity building, co-ordination and monitoring support etc.	EIC, RWSS-30/18-19	Rs. 10,000/- (Rupees Ten thousand) only	17.00 hrs of 22.10.2018	15.00 hrs of 26.11.2018

1. The documents can be downloaded from Odisha government website www.odishapanchayat.gov.in from 22.10.2018 to 26.11.2018 and in such case the cost of RFP document should be furnished in shape of demand draft as per details given in RFP document.
2. Place & date of receipt of RFP document: up to 15 hours of 26.11.2018 in office of the Engineer-in-chief, RWSS, Odisha Jal "O" Parimal Bhawan, Unit-V, BBSR through speed post / Registered Post/Courier/Special messenger. No drop box facility available.
3. Date of opening : 16.00 hours of 26.11.2018 in office of Engineer-in-chief, RWSS Odisha.
4. The details of the eligibility criteria & other conditions can be seen from the RFP document.

25040/11/0026/1819 **Sd./- Engineer-in-Chief, RWSS**

ଉପ ନିର୍ଦ୍ଦେଶକ, ବନ୍ଧ ନିରାପତ୍ତା ଓ ସହାୟକ ସେବାଙ୍କ କାର୍ଯ୍ୟାଳୟ, ସେଚ ସଦନ, କେଶରୀ ନଗର, ଭୁବନେଶ୍ୱର-୭୫୧୦୦୧
ଇ-ମେଲ: dddamsafety-eicwr.od@nic.in, ଦୂରଭାଷ:୦୬୭୪-୨୩୯୫୩୯୦
ଦରସୂଚୀ ଆହ୍ୱାନ ବିଜ୍ଞପ୍ତି -୦୩/୨୦୧୮-୧୯ No.647-A
ସଂଖ୍ୟା: ୨୩୩୦ ତାରିଖ: ୨୦.୧୦.୨୦୧୮
୧. ମୋଟ କାର୍ଯ୍ୟ ସଂଖ୍ୟା-୦୪ ୨. କାର୍ଯ୍ୟର ପ୍ରକାର: କମ୍ପ୍ୟୁଟର ଓ ତତ୍ ସମ୍ପର୍କିତ ଉପକରଣ, ଟିଭି, ପ୍ରୋଜେକ୍ଟର ଭଳି ବୈଦ୍ୟୁତିକ ସାମଗ୍ରୀ ଯୋଗାଣ ଓ ଉପଯୁକ୍ତ ସାଜ ସରଞ୍ଜାମ ଲଗେଇବା ସହ ପରୀକ୍ଷାମୂଳକ ଚାଳନା ଏବଂ ମରାମତି ୩. ଦରସୂଚୀ ଗ୍ରହଣ କରିବାର ଅନ୍ତିମ ସମୟ: ତା.୩୧.୧୦.୨୦୧୮ ରିଖ ଅପରାହ୍ନ ୦୩ଟା । ସବିଶେଷ ବିବରଣୀ ପାଇଁ http://dowrorissa.gov.in ପରିଦର୍ଶନ କରନ୍ତୁ। ଆବଶ୍ୟକ ସ୍ଥଳେ ଅନ୍ତିମ ତିଥି ପୂର୍ବରୁ ଯେ କୌଣସି ପ୍ରକାରର ଯୋଗପତ୍ର/ ଶୁଦ୍ଧି ପତ୍ର/ରଦ୍ଦକରଣ ବିଜ୍ଞପ୍ତି କେବଳ ଏହି ୱେବସାଇଟରେ ପ୍ରକାଶିତ ହୋଇପାରିବ ।
32314/11/0012/1819 ସ୍ୱା/- ଉପ ନିର୍ଦ୍ଦେଶକ

GOVERNMENT OF ODISHA
E-PROCUREMENT NOTICE
Email : eemi_gm1@yahoo.co.in
Bid Identification No. : Online Tender/05/GMID-1/2018-19
No.648-A

Name of Work	:	Civil Construction Works.
No. of Work	:	10(Ten)
Estimated Cost	:	Varies from Rs 18.68 lakh to Rs 74.70 lakh
Period of Completion	:	3(Three) Calendar Months
Time for receipt of Bid (online)	:	From 30.10.2018, 10.00 Hours to 08.11.2018 upto 17:00 Hours
Name & Address of the Officer, Inviting Tender	:	Executive Engineer, M. I. Division, Ganjam-I, Berhampur

Further details can be seen from the website: **http://www.odisha.gov.in**, **https://www.tendersodisha.gov.in**.
Executive Engineer,
32104/11/0011/1819 **M.I. Divn. Ganjam-I, Berhampur**

OFFICE OF THE DIVISIONAL FOREST OFFICER, BHADRAK WILDLIFE DIVISION
AT/P.O/P.S.-CHANDBALI,
DISTRICT-BHADRAK, PIN-756133
Notice No. 132/ 1F(WL)-266 /2018, Dated 20th October 2018
Tender Call Notice
No.89-MM:- Sealed tenders/bids are invited from established / reputed, registered, experienced and accredited manufacturers/resellers for
"Supply of 7 (Seven) numbers of FRP speed boats fitted with outboard engine for patrolling activities".
The eligibility criteria and detailed specifications are available in the tender document. The tender document and other details are available in the websites **www.odishaforest.in** and **www.odisha.gov.in** (all tenders section) and **www.wildlife.odisha.gov.in.**
The last date of receipt of bids is 12.11.2018 by 4.00 P.M.
Sd./- Divisional Forest Officer
08079/11/0003/1819 **Bhadrak Wildlife Division**

GOVT. OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER, MAHANADI NORTH DIVISION-I, JAGATPUR, CUTTACK
E-mail ID :- exengr.mnd@gmail.com
'e' Procurement Notice No- MND-3/2018-19
No.651-A: The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e-procurement portal **www.tendersorissa.gov.in**.
The tender submission process will be completely online.

1.		Nature of Work	:	Road work
2.		Total No. of Works	:	3 (Three) works
3.		Bid Identification No.	:	MND-3/18-19
4.		Tender Cost	:	Between Rs. 60.00 Lakhs to Rs. 1.00 Crore
5.		Period of completion	:	5 (Five) Calendar months
6.		Other Details	:	As noted below
	a)	Procurement Officer	:	Executive Engineer, Mahanadi North Division-I, Jagatpur email: exengr.mnd@gmail.com Ph:- 0671-2491546
	b)	Availability of Tender On-line for bidding	:	10.00 Hours of 27.10.2018 to 17.00 Hours of 05.11.2018
	c)	Last date & time of submission of bid document	:	17.00 Hours of 05.11.2018
	d)	Date, time & place of opening of online tender	:	06.11.2018 at 11.30 Hours in the O/o the Executive Engineer, Mahanadi North Division-I, Jagatpur
	e)	Date of Lottery (if required)	:	13.11.2018 at 11.30 Hours

Further details can be seen from the Govt. website "https://tendersodisha.gov.in".
Executive Engineer
32003/11/0005/1819 **Mahanadi North Division-I, Jagatpur**

ସର୍ବ ଶିକ୍ଷା ଅଭିଯାନ, କଳାହାଣ୍ଡି, ଭବାନୀପାଟନା
ଶୁଦ୍ଧି ପତ୍ର
ନଂ. 5132/SSA/18 ତାରିଖ 22.10.18
ଏହି କାର୍ଯ୍ୟାଳୟ ପତ୍ରାଙ୍କ 5112 ତାରିଖ 12.10.2018 ରେ ପ୍ରକାଶିତ ହୋଇଥିବା ବିଜ୍ଞାପନରେ ଚପରାସୀ-ତଥା ଝାଡୁଦାର ପଦବୀ ପାଇଁ କେବଳ ମହିଳା ପ୍ରାର୍ଥିନୀ ଆବେଦନ କରିପାରିବେ ବୋଲି ଉଲ୍ଲେଖ କରାଯାଇଅଛି, କିନ୍ତୁ ଉକ୍ତ ପଦବୀ ପାଇଁ ଉଭୟ ପୁରୁଷ ଓ ମହିଳା ପ୍ରାର୍ଥୀ/ପ୍ରାର୍ଥିନୀ ଆବେଦନ କରିପାରିବେ ବୋଲି ଏତଦ୍ୱାରା ସମସ୍ତ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।
ସ୍ୱା./- ଜିଲା ପ୍ରକଳ୍ପ ସଂଯୋଜକ, ସର୍ବ ଶିକ୍ଷା ଅଭିଯାନ, କଳାହାଣ୍ଡି, ଭବାନୀପାଟନା

OFFICE OF THE TAHASILDAR, SADAR, CUTTACK
The details of corrigendum published vide letter no.-7097, Dt. 22.10.2018 against the sealed proposal for Event Management at Baliyatra-2018 published on Dt. 06.10.2018 in Odiya daily "Samaj" and "Dharitri".
Please refer website www.cuttack.nic.in
Sd./- Tahasildar, Sadar, Cuttack

ACADEMY OF TRIBAL LANGUAGES & CULTURE
(ST & SC Development Department, Govt. of Odisha)
Adivasi Exhibition Ground, Unit- 1, Bhubaneswar- 751009
Tele. /Fax-0674-2597821, Email- atlcbbsr_08@yahoo.com

ସୌନ୍ଦର୍ଯ୍ୟ

ଘରୋଇ ଉପାୟରେ ଇନ୍‌ଷ୍ଟାଣ୍ଟ ଗ୍ଲୋ

ଏମିତି କେଉଁ ମହିଳା ହେଉ କି ଝିଅ କିଏବା ଚାହେଁନି ସୁନ୍ଦର ଦେଖାଯିବାକୁ। ଖାସ୍‌କରି କୌଣସି ସ୍ପେସିଆଲ୍ ଅକେଜନ୍‌ରେ ଝିଅମାନେ ପାର୍ଲର ଯାଇ ଫେସିଆଲ କରିଥାନ୍ତି । କିନ୍ତୁ କେତୋଟି ଘରୋଇ ଉପାୟ ଅବଲମ୍ବନ କରି ଆପଣଙ୍କ ମୁହଁରେ ଇନ୍‌ଷ୍ଟାଣ୍ଟ ଗ୍ଲୋ ଆଣିପାରିବେ।

ଗୋଲାପଜଳ ଓ ଲେମ୍ବୁ
ଗୋଲାପ ଜଳ ଓ ଲେମ୍ବୁର ସମାନ ପରିମାଣ ମାତ୍ରା ନିଅନ୍ତୁ। ଏହାକୁ ଭଲଭାବେ ମିଶାଇ ମୁହଁରେ ଲଗାଇ ୩୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହାପରେ ଥଣ୍ଡା ପାଣିରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ।

ମୁଲ୍‌ତାନି ମାଟି
ଏକ ଚାମଚ ମୁଲ୍‌ତାନି ମାଟିରେ ଗୋଲାପ ଜଳ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଅଧଘଣ୍ଟା ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଏହାପରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ। ଏହାକୁ ଲଗାଇବା ଦ୍ୱାରା କୌଣସି ସାଇଡ୍ ଇଫେକ୍ଟ ପଡି ନ ଥାଏ।

ଡାଲିମ୍ବ ଓ ଲେମ୍ବୁ ଫେସମାସ୍କ
ଡାଲିମ୍ବ ଏବଂ ଲେମ୍ବୁ ଫେସ୍ ମାସ୍କରେ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ସ୍କିନ୍ ସମସ୍ୟା ଦୂର କରିବା ସହ ମୁହଁ ଗ୍ଲୋ କରିଥାଏ। ଡାଲିମ୍ବ ଏବଂ ଲେମ୍ବୁ ରସକୁ ମିଶାଇ ମୁହଁରେ ୧୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହାପରେ ମୁହଁକୁ ଧୋଇ ଦିଅନ୍ତୁ ଦେଖିବେ କିପରି ଚମକ ବାହାରୁଛି।

ଅମୃତଭଣ୍ଡା
ଯଦି ଆପଣଙ୍କ ମୁହଁରେ ବ୍ରଣ ସମସ୍ୟା ରହିଛି ତେବେ ଅମୃତଭଣ୍ଡା ବ୍ୟବହାର କରିପାରିବେ। ଏଥିପାଇଁ କଞ୍ଚା ଅମୃତଭଣ୍ଡାର ରସ ବାହାର କରି ରସକୁ ମୁହଁରେ ଲଗାଇ ଦିଅନ୍ତୁ। ଏହାଦ୍ୱାରା ମୁହଁରେ ଗ୍ଲୋ ଆସିବା ସହ ମୁଖବ୍ରଣ ମଧ୍ୟ ଦୂର ହୋଇଥାଏ।

ଫ୍ୟାଶନ

କମ୍ ହାଇଟ୍‌ରେ ବି ଲାଗିବେ ଷ୍ଟାଇଲିଶ୍

କୌଣସି ପାର୍ଟି ହେଉ କିମ୍ବା ଫଙ୍କଶନ୍ ଆକର୍ଷକ ଦେଖିବାକୁ ସମସ୍ତେ ଚାହାନ୍ତି, କିନ୍ତୁ ଝିଅମାନେ ଅଧିକ ମିକ୍ସ ଡ୍ରେସ ଚୟନ କରୁଛନ୍ତି କିନ୍ତୁ ଯେଉଁମାନଙ୍କର ହାଇଟ୍ କମ୍ ସେମାନଙ୍କୁ ସାଧାରଣଃ ମିକ୍ସ ଡ୍ରେସ ଏତେଟା ମାନି ନ ଥାଏ। କାହିଁକି ନା ଏହି କାରଣରୁ ତାଙ୍କ ହାଇଟ୍ କମ୍ ଲାଗିଥାଏ । କେତୋଟି ଫ୍ୟାଶନ୍ ଟ୍ରିକ୍‌କୁ ଆପଣେଇ ପାରିଲେ ଆପଣଙ୍କ ଲୁକ୍ ଆହୁରି ଆକର୍ଷଣୀୟ ହେବ...

ବେଲ୍ଟ: ଆପଣ ଏପରି ଡ୍ରେସ କ୍ୟାରି କରନ୍ତୁ ଯେଉଁଥିରେ ଅଣ୍ଟାରେ ଇଲାଷ୍ଟିକ୍ ଥିବା ଡ୍ରେସ ପିନ୍ଧିବା ଦ୍ୱାରା ଯାହା ଆପଣଙ୍କୁ ଷ୍ଟାଇଲିଶ ଲୁକ୍ ଦେବ। ଏହା ଆପଣଙ୍କ ବଡିକୁ ସମାନ ସେପ୍ ଦେବ।

ଢିଲା ଡ୍ରେସ: ଯଦି ଆପଣଙ୍କ ହାଇଟ୍ କମ୍ ତେବେ ଅଧିକ ଢିଲା ପୋଷାକ ପିନ୍ଧନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କ ହାଇଟ୍ ଆହୁରି କମ୍ ଲାଗିବ। ଆପଣଙ୍କ ପାଇଁ ସ୍ଲିମଫିଟ୍ ଏବଂ ଫିଟିଂ ହେଉଥିବା ଡ୍ରେସ୍ ପରଫେକ୍ଟ ହେବ।

ପରଫେକ୍ଟ ହେବ ମନୋକ୍ରୋମ : ବଡିକୁ ସିଙ୍ଗଲ ଫ୍ରେମ୍ ଲୁକ୍ ଦେବାକୁ ହେଲେ ସିଙ୍ଗଲ ଡାର୍କ କଲର ମନୋକ୍ରୋମ ମ୍ୟାକ୍ସି ଡ୍ରେସକୁ ମଧ୍ୟ ଚୟନ କରିପାରିବେ। ଆପଣ ଚାହିଁଲେ ବ୍ଲାକ୍, ରୟାଲ ବ୍ଲୁ, ଗ୍ରୀନ କିମ୍ବା ରେଡ୍ କଲରର ମ୍ୟାକ୍ସି ପିନ୍ଧିକି ନିଜକୁ ଡେଙ୍ଗା ଦେଖାଇ ପାରିବେ।

ଷ୍ଟ୍ରାଇପ୍ସ ଓ ପ୍ରିଣ୍ଟ ଥିବା ଡ୍ରେସ : କମ୍ ହାଇଟ୍ ହୋଇଥିଲେ ଆପଣ ସବୁବେଳେ ଭର୍ଟିକାଲ ଡ୍ରେସ ପିନ୍ଧନ୍ତୁ। ଏହାଦ୍ୱାରା ଆପଣଙ୍କ ଲୁକ୍ ଷ୍ଟାଇଲିସ୍ ହେବ। ଯଦି ଆପଣ ପ୍ରିଣ୍ଟେଡ୍ ମ୍ୟାକ୍ସି ଡ୍ରେସ ପିନ୍ଧିବାକୁ ଚାହୁଁଥାନ୍ତି ତେବେ ଏହି କଥାକୁ ଧ୍ୟାନରେ ରଖନ୍ତୁ ଯେ ଛୋଟ ପ୍ରିଣ୍ଟ ଡିଜାଇନ୍ ହୋଇଥିଲେ ଭଲ। ବଡ ପ୍ରିଣ୍ଟ ଆପଣଙ୍କୁ ଏତେଟା ମାନିବ ନାହିଁ।

ପ୍ରଜନନ କ୍ଷମତା ଓ ଯକ୍ଷ୍ମା

ମହିଳାଙ୍କ କ୍ଷେତ୍ରରେ ଟିବି ୟୁଟ୍ରସ୍‌ରେ ସଂକ୍ରମଣ କାରଣରୁ ଏଣ୍ଡୋମେଟ୍ରିଅମର ପତଳା କରିଥାଏ ତେଣୁ ଏହା ଭ୍ରୂଣର ଠିକ୍ ବିକାଶରେ ବାଧାସୃଷ୍ଟି କରିଥାଏ । ଯେବେ କି ପୁରୁଷଙ୍କ କ୍ଷେତ୍ରରେ ଏହା ଏପିଡାଇଡେମୋ-ଅର୍କିଟସ ସୃଷ୍ଟି କରି ପ୍ୟାସେଜକୁ ବ୍ଲକ କରିଥାଏ, ଯାହାଦ୍ୱାରା ପୁରୁଷ ଆଜୋସ୍ପର୍ମିକ ହୋଇଥାଏ। ଯେଉଁଠାରେ ସ୍ପର୍ମ ସିମେନ ମଧ୍ୟକୁ ପ୍ରବେଶ କରିପାରେ ନାହିଁ । ଏହାର ଲକ୍ଷଣଗୁଡିକ ସହଜରେ ଜଣାଯାଇ ନ ଥାଏ ଏବଂ ସମୟାନୁକ୍ରମେ ଏହା ମନୁଷ୍ୟର ପ୍ରଜନନ କ୍ଷମତାରେ ପ୍ରଭାବ ପକାଇଥାଏ ।

ଟିବିରେ ପୀଡିତ ଥିବା ପ୍ରତି ଦଶଜଣ ମହିଳାଙ୍କ ମଧ୍ୟର ଜଣେ ମହିଳା ଗର୍ଭ ଧାରଣ କରିପାରନ୍ତି ନାହିଁ ଏବଂ ପାଖାପାଖି ୪୦ରୁ ୮୦ ପ୍ରତିଶତ ମହିଳାଙ୍କ ମଧ୍ୟରେ ଜେନେଟିଆଲ ଟ୍ୟୁବରକ୍ୟୁଲୋସିସ୍ ଦେଖାଯାଇଥାଏ। ସାଧାରଣତଃ ଯଦି ପ୍ରତିରୋଧକ କ୍ଷମତା ନିମ୍ନ ହୋଇଥାଏ ଏବଂ ଜଣେ ଟିବି ସଂକ୍ରମିତଙ୍କ ସହିତ ସଂଯୋଗରେ ରୁହନ୍ତି ତେବେ ଟିବି ଆପଣଙ୍କ ଜୀବନରେ ପ୍ରଭାବ ପକାଇଥାଏ । ଯେବେ ଏକ ସଂକ୍ରମିତ ବ୍ୟକ୍ତି ଛିଙ୍କିଥାନ୍ତି କିମ୍ବା କାଶିଥାନ୍ତି ତେବେ ଟିବିର ବ୍ୟାକ୍ଟେରିଆ ବାୟୁ ମାଧ୍ୟମରେ ସଞ୍ଚରିତ ହୋଇଥାଏ ଏବଂ ଆମ୍ଭେମାନେ ଶ୍ୱାସକ୍ରିୟା କରିବା ସମୟରେ ଆମର ଫୁସଫୁସରେ ପ୍ରବେଶ କରିଥାଏ । ଆହୁରି ମଧ୍ୟ ସଂକ୍ରମିତ ବ୍ୟକ୍ତିସହିତ ଇଣ୍ଟରକ୍ରସ ଦ୍ୱାରା ମଧ୍ୟ ଜେନେଟିଆଲ ଟ୍ୟୁବରକ୍ୟୁଲୋସିସ୍ ହେବାର ଆଶଙ୍କା ଥାଏ ।

ଏକ ମଛର ଆକ୍ରମଣକାରୀ ହୋଇଥିବା ହେତୁ ଟିବି ମହିଳାଙ୍କ ପ୍ରଜନନରେ କ୍ଷତି ପକାଇଥାଏ ବୋଲି ଜାଣିବା ଖୁବ କଷ୍ଟକର । ମହିଳାଙ୍କ କ୍ଷେତ୍ରରେ କିଛି ଲକ୍ଷଣ ତଥା ଋତୁସ୍ରାବରେ ଅନିୟମିତତା, ଭାର୍ଜିନାଲ ଡିସ୍‌ଚାର୍ଜ ସହିତ ରକ୍ତ ଏବଂ ଇଣ୍ଟରକ୍ରସ ପରେ ଯନ୍ତ୍ରଣା ଇତ୍ୟାଦି ଦେଖାଯାଇଥାଏ। କିନ୍ତୁ ବହୁ କ୍ଷେତ୍ରରେ ବ୍ୟାକ୍ଟେରିଆ ଧୀର ହୋଇ ରହିଥାଏ ତେଣୁ ଏହାର ଲକ୍ଷଣଗୁଡିକ ପରବର୍ତ୍ତୀ ସ୍ତରରେ ଦେଖାଯାଇଥାଏ ।

ଅପରପକ୍ଷରେ ପୁରୁଷଙ୍କ କ୍ଷେତ୍ରରେ ବିଭିନ୍ନ ଲକ୍ଷଣ ତଥା ସହଜରେ ଭାର୍ଜିନାରେ ପ୍ରବେଶ ନ କରିପାରିବା, ନିମ୍ନ ସ୍ପର୍ମ ଧାରଣ ଏବଂ ପିଟ୍ୟୁଟାରି ଗ୍ରନ୍ଥି ଉପଯୁକ୍ତ ପିରମାଣର ହରମୋନ କ୍ଷରଣ କରିପାରିବା ଇତ୍ୟାଦି ଦେଖାଯାଇଥାଏ। ଏହି ମଛର ଆକ୍ରମଣକାରୀ ବନ୍ଧ୍ୟାତ୍ୱର କାରଣ ହୋଇଥିବା ବେଳେ ସଂକ୍ରମଣ ହୋଇଥାଏ ଏବଂ ସାଧାରଣ ଅଙ୍ଗଭଙ୍ଗୀ ସୃଷ୍ଟିରେ ବାଧା ଏବଂ ପ୍ରତିରୋଧ କରିଥାଏ।

ଜେନେଟିଆଲ ଟ୍ରାକ୍‌ରେ ଟିବିର ଉପସ୍ଥିତିକୁ ଚିହ୍ନଟ କରିବା କଷ୍ଟକର ହେଲେ ମଧ୍ୟ, ଏହାକୁ ଚିହ୍ନଟ କରିବା ପାଇଁ କିଛି ସ୍ୱତନ୍ତ୍ର ପ୍ରକ୍ରିୟା ରହିଛି। ଯେପରି କି ଟିବିରେ ପୀଡିତ ଥିବା ମହିଳାଙ୍କ ଫାଲୋପିଆନ ଟ୍ୟୁବର ଟିସ୍ୟୁ, ୟୁଟ୍ରସର ଏଣ୍ଡୋମେଟ୍ରିଆଲ ଟିସ୍ୟୁର ସଂଗ୍ରହ କରି ଲ୍ୟାବକୁ ପଠାଯାଇଥାଏ ଯେଉଁଠାରେ ବ୍ୟାକ୍ଟେରିଆ ବୃଦ୍ଧି କରାଯାଇ ପରେ ପରୀକ୍ଷଣ ପାଇଁ ବ୍ୟବହାର କରାଯାଏ । ଚିହ୍ନଟ କରିବାର ଏକ ବିଶ୍ୱାସଜନକ ପ୍ରକ୍ରିୟା ହେଉଛି ଟ୍ୟୁବରକ୍ୟୁଲୋସିସ୍‌ର ହିଷ୍ଟୋଲୋଜିକ୍ ଚିହ୍ନଟ ଯାହା ଚିକିତ୍ସକମାନଙ୍କୁ ଲାପାରୋସ୍କୋପି ମାଧ୍ୟମରେ ଏହି ସତ୍ୟତା ପ୍ରମାଣ କରାଯାଏ କି ଏହି ସନ୍ଦେହଜନକ କ୍ଷତ ଟ୍ୟୁବରକ୍ୟୁଲୋସିସ୍ ଯୋଗୁ ହୋଇଥାଏ କି ନାହିଁ। ପଲିମରେଜ ଚେନ ପ୍ରତିକ୍ରିୟା ମଧ୍ୟ ଏହା ଚିହ୍ନଟ କରିବାର ଏକ ପ୍ରକ୍ରିୟା । କିନ୍ତୁ ଦୁର୍ଭାଗ୍ୟବଶତଃ ତାହା ଖୁବ୍ ମୂଲ୍ୟବାନ ଏବଂ ସୁବିଧାଜନକ ନୁହେଁ। ସାଧାରଣତଃ ମହିଳାମାନେ ଚିନ୍ତା କରିଥାନ୍ତି ଯେ, ଟିବିରେ ପୀଡିତ ହେଲେ ମଧ୍ୟ ସେମାନେ ଗର୍ଭଧାରଣ କରିପାରିବେ ଏବଂ ଟିବିର ମେଡିସିନ ସେମାନଙ୍କୁ ସଫଳ ଗର୍ଭଧାରଣ କରିବାରେ ସାହାଯ୍ୟ କରିବ । ଥରେ ଶିଶୁର ଜନ୍ମ ପରେ ମା' ସ୍ତନ୍ୟର ବ୍ୟାକ୍ଟେରିଅମରୁ ସଂକ୍ରମିତ ହେବାର ଆଶଙ୍କା ପ୍ରତି ସଜାଗ ରହିଥାନ୍ତି ଯେବେ କି ଏହି ବ୍ୟାକ୍ଟେରିଆ କେବଳ ନିଃଶ୍ୱାସ ପ୍ରଶ୍ୱାସ ଦ୍ୱାରା ପ୍ରଭାବିତ ହୋଇଥାଏ । ତେଣୁ ମା' ମାନେ ସ୍ତନ୍ୟପାନ କରିବା ସମୟରେ ମୁହଁରେ ମାସ୍କ ଲଗାଇବା ଆବଶ୍ୟକ ।

ଟିବି ଏଣ୍ଡୋମେଟ୍ରିଟିସର ହିଷ୍ଟୋଲୋଜିକ ଚିହ୍ନଟ ପରେ ଅତ୍ୟଧିକ ଅସୁବିଧାକୁ ଦୂର କରିବା ପାଇଁ ଆଣ୍ଟି-ଟିବି ମେଡିସିନ ସହିତ ଏହାର ଚିକିତ୍ସା ଆରମ୍ଭ କରିବା ଆବଶ୍ୟକ । ୬ରୁ ୮ମାସ ପର୍ଯ୍ୟନ୍ତ ଏହି ଆଣ୍ଟିବାୟୋଟିକର କୋର୍ସ ଠିକ୍‌ଭାବେ ସମ୍ପୂର୍ଣ୍ଣ କରିବା ଉଚିତ କିନ୍ତୁ ଏହା ଫାଲୋପିଆନ ଟ୍ୟୁବର ଭଲ କରିବାର ଗ୍ୟାରେଣ୍ଟି ପ୍ରଦାନ କରି ନ ଥାଏ । ସେହି ଟ୍ୟୁବକୁ ଭଲ କରିବା ପାଇଁ ବହୁ ଡାକ୍ତର ସର୍ଜରି କରିଥାନ୍ତି କିନ୍ତୁ ଏହା ଏକ କଷ୍ଟକର କାମ । ଶେଷରେ ଏଥିରେ ଇନ-ଭିଟ୍ରୋ ଫର୍ଟିଲାଇଜେଶନ କିମ୍ବା ଇଣ୍ଟ୍ରାସାଇଟୋପ୍ଲାସମିକ ସ୍ପର୍ମ ଇଞ୍ଜେକଶନ (ଆଇସିଏସଆଇ)ର ହସ୍ତକ୍ଷେପ କରାଯାଇଥାଏ । କୁପୋଷଣର ଶିକାର ଶିଶୁମାନେ ନିମ୍ନ ପ୍ରତିରୋଧକ ହେତୁ ସହଜରେ ଟିବି ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ତେଣୁ ଚିକିତ୍ସା ସମୟରେ ଖାଦ୍ୟପେୟ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଜଣେ ନିଶାଦ୍ରବ୍ୟ ପ୍ରୋସେସେଡ ମାଂସ ଏବଂ ମିଠାଜାତୀୟ ଖାଦ୍ୟ ତଥା ପାଇଜ, କପ କେକ ଇତ୍ୟାଦିରୁ ଦୂରେଇ ରହିବା ଆବଶ୍ୟକ। ସେମାନଙ୍କ ଖାଦ୍ୟପେୟରେ ପତ୍ରଜନିତ ପନିପରିବା, ଉଚ୍ଚମାତ୍ରାର ଭିଟାମିନ ଡି, ଉଚ୍ଚମାତ୍ରାର ଆଇରନ ସପ୍ଲିମେଣ୍ଟ, ହୋଲ ଗ୍ରେନ ଏବଂ ଅନସାଚ୍ୟୁରେଟେଡ ଫ୍ୟାଟ ରହିବା ଆବଶ୍ୟକ । ଟିବିର ଚିକିତ୍ସାରେ ଖାଦ୍ୟପେୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ, ଭୁଲ ଖାଦ୍ୟପେୟ ଚିକିତ୍ସାକୁ ଅସଫଳ କରିବା ସହିତ ସଂକ୍ରମଣର କାରଣ ହୋଇଥାଏ । ଯଦି ଆପଣଙ୍କ ପରିବାର ସଦସ୍ୟ କିମ୍ବା ସହକର୍ମୀ ଟ୍ୟୁବରକ୍ୟୁଲୋସିସ୍‌ର ସକ୍ରିୟ ରୋଗୀ ହୋଇଥାନ୍ତି ତେବେ ସେମାନଙ୍କ ନିକଟରେ ରହୁଥିବା ଅନ୍ୟ ଲୋକମାନେ ସତର୍କ ରହିବା ଆବଶ୍ୟକ ଏବଂ ନିୟମିତ ଛାତିର ଏକ୍ସ-ରେ, ଟ୍ୟୁବରକୋଲିମ ଟେଷ୍ଟ କରି ସେମାନେ ଟିବି ଦ୍ୱାରା ଆକ୍ରାନ୍ତ କି ନାହିଁ ଏହା ଜାଣିବା ଦରକାର । ଛୋଟ ପିଲାଙ୍କ ପାଇଁ ଏହି ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ଯେବେ କି ସେମାନେ ସହଜରେ ଟିବି ଦ୍ୱାରା ପ୍ରଭାବିତ ହୋଇଥାନ୍ତି କିନ୍ତୁ ଏହାର ଚିହ୍ନଟ କରିବା ଖୁବ୍ କଷ୍ଟକର । ଏହିପରି କିଛି ସ୍ୱତନ୍ତ୍ର କ୍ଷେତ୍ରରେ ଅଧିକ ଅସୁବିଧା ଦୂର କରିବା ପାଇଁ ଆଇଓନାଇଜ୍‌ଡ ପରି ଚିକିତ୍ସା କରିବା ଉଚିତ ଏବଂ ପରୀକ୍ଷଣ ସମୟରେ ଟିବିର ପ୍ରଭାବ ଜାଣିବା ପାଇଁ ପରୀକ୍ଷା କରିବା ଆବଶ୍ୟକ ।

ଜଣେ ନିଜକୁ ଜନଗହଳି ସ୍ଥାନରୁ ଦୂରେଇ ରଖି ଟିବି ଠାରୁ ଦୂରେଇ ରଖିପାରିବେ । ଯେଉଁଠାରେ ଆପଣ ନିୟମିତ ସଂକ୍ରମିତ ଲୋକମାନଙ୍କ ସଂଯୋଗରେ ରହିଥାନ୍ତି। ଯଦି ସମ୍ଭବ ତେବେ ଠିକ୍ ହେଲ୍‌ଥକେୟାର ସିଷ୍ଟମ ନେବା ସହିତ ନିୟମିତ ଆଧାରରେ ଶାରୀରିକ ପରୀକ୍ଷା ଏବଂ ପରିସ୍ଥିତି ବିରୋଧରେ ଟିକାକରଣ କରିବା ଆବଶ୍ୟକ ।

– ଡା. ଅକ୍ଷୟ ମହାପାତ୍ର
ଆଇଭିଏଫ ବିଶେଷଜ୍ଞ, ଇନ୍ଦିରା ଆଇଭିଏଫ ହସ୍‌ପିଟାଲ, ଭୁବନେଶ୍ୱର

ଖାଦ୍ୟରୁଚି

ବିନା ସୁଜି, ବେସନରେ ଢୋକଲା

ଆବଶ୍ୟକ ସାମଗ୍ରୀ: ଏକ କପ ହରଡ ଡାଲି (୫ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ), ଏକ କପ ଚଣା ଡାଲି (୫ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ), ଦୁଇକପ ଅରୁଆ ଚାଉଳ (୫ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ), ଏକ କପ ଦହି ଏବଂ ସ୍ୱାଦ ଅନୁସାରେ ଲୁଣ। ଏକ କପ (ବଡ) ଚାମଚ ଚିନି, କଟା ହୋଇଥିବା ଗୋଟିଏ କଞ୍ଚାଲଙ୍କା, ଦୁଇଟି ଲମ୍ବା ଆକାରରେ କଟା ହୋଇଥିବା କଞ୍ଚାଲଙ୍କା,ଏକ ଇଞ୍ଚର ଅଦା (କଟାହୋଇଥିବା), ଅଧା ଚାମଚ ଜୁଆଣି,ଭୁର୍ଯୁଙ୍ଗପତ୍ର, ଅଧା ଛୋଟ ଚାମଚ ହଳଦୀ,ଏକ ପ୍ୟାକେଟ୍ ଇନୋ, ୧ଲେମ୍ବୁ,୧ଚାମଚ ଛୋଟ ଆକାରରେ କଟା ହୋଇଥିବା ଧନିଆ ପତ୍ର, ଅଧା ଚାମଚ ସୋରିଷ, ଅଳ୍ପ ମାତ୍ରାରେ ହେଙ୍ଗୁ, ଆବଶ୍ୟକ ଅନୁସାରେ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ହରଡ ଡାଲି ଏବଂ ଚଣାଡାଲିକୁ ମିଶାଇ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଡାଲିର ପେଷ୍ଟକୁ ଗୋଟିଏ ପ୍ଲେଟରେ କାଢ଼ି ଦିଅନ୍ତୁ, ପୁଣି ଏହାପରେ ଚାଉଳକୁ ଗ୍ରାଇଣ୍ଡ କରିଦିଅନ୍ତୁ। ଏବେ ଡାଲି, ଚାଉଳର ପେଷ୍ଟକୁ ଏକାଠି ଭଲ ଭାବେ ମିଶାଇ ଦିଅନ୍ତୁ। ଏବେ ଏହାକୁ ୪-୫ଘଣ୍ଟା ପର୍ଯ୍ୟନ୍ତ ରଖି ଦିଅନ୍ତୁ। ନିଧାର୍ଯ୍ୟ ସମୟ ମଧ୍ୟରେ ପେଷ୍ଟରେ ଲୁଣ, ହଳଦୀ, ଜୁଆଣି,ଅଧାଚାମଚ ଚିନି, ଧନିଆପତ୍ର, ଅଦା, କଟା କଞ୍ଚାଲଙ୍କା, ହେଙ୍ଗୁ, ଇନୋ,ଏକ ଚାମଚ ତେଲ ପକାଇ ମିଶାଇ ଦିଅନ୍ତୁ। ଏବେ ଏକ ପ୍ରେସରକୁକରର ଭିତର ଭାଗରେ ତେଲ ଲଗାଇ ତାକୁ ଚିକ୍କଣ କରିଦିଅନ୍ତୁ। ଏବେ ଏହି ମିଶ୍ରଣକୁ ପ୍ରେସର କୁକରରେ ପକାଇ ଦିଅନ୍ତୁ। କୁକରର ଢାଙ୍କୁଣି ବନ୍ଦ କରିଦିଅନ୍ତୁ। ପ୍ରେସର କୁକରର ହ୍ୱିସିଲ କାଢ଼ି ଦିଅନ୍ତୁ। ଏହାକୁ କିଛି ସମୟ ପର୍ଯ୍ୟନ୍ତ ବସାଇ ରଖନ୍ତୁ। ନିଧାର୍ଯ୍ୟ ସମୟ ପରେ ଢାଙ୍କୁଣି ଖୋଲି ଦିଅନ୍ତୁ। ଅଳ୍ପ ଆଞ୍ଚରେ ପ୍ୟାନ୍‌ରେ ତେଲ ପକାନ୍ତୁ । ତେଲ ଗରମ ହେଲା ପରେ ସୋରିଷ, କଞ୍ଚାଲଙ୍କା,ଭୁର୍ଯୁଙ୍ଗ ପତ୍ର ପକାଇ ଘାଣ୍ଟନ୍ତୁ। ଏହା ଭାଜିହେଲା ପରେ ସେଥିରେ ପାଣି,ଲେମ୍ବୁ ରସ,ଲୁଣ ପକାଇ ଫୁଟାନ୍ତୁ। ପ୍ରଥମେ ଫୁଟିବାକୁ ଆରମ୍ଭ କଲେ ଆଞ୍ଚ ବନ୍ଦ କରିଦିଅନ୍ତୁ। ଏବେ ଢୋକଲାକୁ ଏକ ପ୍ଲେଟରେ କାଢ଼ି ରଖନ୍ତୁ ଏହାକୁ ଏକ ଛୁରି ସାହାଯ୍ୟରେ ପିସ୍ ପିସ୍ କରି ଦିଅନ୍ତୁ। ଏବେ ଢୋକଲା ଉପରେ ଛୁଙ୍କ ପକାଇ ଦିଅନ୍ତୁ। ଏବେ ଆପଣଙ୍କ ଢୋକଲା ପ୍ରସ୍ତୁତ ହୋଇଗଲା।

ସଂକ୍ଷେପରେ

ପେନ୍‌ସନ ଲାଭ ପ୍ରଦାନରେ ୩୨ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ,୨୨-୧୦: ଭାରତ ପେନସନ ଲାଭ ଦେବାରେ ୩୪ ଦେଶ ମଧ୍ୟରେ ୩୨ତମ ସ୍ଥାନକୁ ଖସି ଆସିଛି। ମେଲବୋର୍ନ ମର୍ସର ଗ୍ଲୋବାଲ ପେନସନ ସୂଚକାଙ୍କରୁ ଏହା ଜଣାପଡିଛି। ନୀତି ନିର୍ଦ୍ଧାରକମାନେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଆର୍ଥିକ ସୁରକ୍ଷା ଦେବା ସହ ଅର୍ଥନୀତି ବୃଦ୍ଧିରେ ସହାୟକ ହୋଇପାରୁଥିବା ଯୋଜନା ପ୍ରଣୟନ କରିବାକୁ ସଂଘର୍ଷ କରୁଛନ୍ତି। ସୂଚକାଙ୍କ ରିପୋର୍ଟରେ କୁହାଯାଇଛି ଯେ, ଭାରତ ଅବସରପ୍ରାପ୍ତଙ୍କ ଆୟ ପ୍ରଣାଳୀକୁ ଅଧିକ ମଜଭୂତ କରିବା ଲାଗି ଧିରେ ଅଥଚ କ୍ରମାଗତ ପ୍ରୟାସ ଜାରି ରଖିଛି। ଏହା ସୂଚକାଙ୍କର ଗ୍ରେଡ ତିରେ ଜାପାନ, ଚାଇନା, ଦକ୍ଷିଣ କୋରିଆ, ମେକ୍ସିକୋ ତଥା ଆର୍ଜେଣ୍ଟିନା ସହିତ ରହିଛି।

ପେଟିଏମ୍ ମାଲିକଙ୍କୁ ବ୍ଲାକ୍‌ମେଲିଂ ଉଦ୍ୟମ କମ୍ପାନୀର ୩ କର୍ମଚାରୀ ଗିରଫ

ନୂଆଦିଲ୍ଲୀ,୨୨-୧୦: ଇ-ୱାଲେଟ କମ୍ପାନୀ ପେଟିଏମ୍ ପ୍ରତିଷ୍ଠାତା ବିଜୟ ଶେଖର ଶର୍ମାଙ୍କୁ ବ୍ଲାକ୍‌ମେଲିଂ କରିବା ଅଭିଯୋଗରେ ନୋଇଡା ପୋଲିସ କମ୍ପାନୀର ୩ କର୍ମଚାରୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା କର୍ମଚାରୀ ରହିଛନ୍ତି। ସେମାନେ ଗ୍ରାହକଙ୍କ ବ୍ୟକ୍ତିଗତ ଡାଟା ଚୋରି କରିବା ପରେ ଏହାକୁ ବାହାରେ ପ୍ରକାଶ କରିଦେବେ ବୋଲି ଭୟ ଦେଖାଇ ମାଲିକ ବିଜୟ ଶେଖରଙ୍କଠାରୁ ୨୦ କୋଟି ଟଙ୍କା ଆଦାୟ କରିବାକୁ ଚେଷ୍ଟା କରିଥିଲେ ବୋଲି ପୋଲିସ ନିକଟରେ ଅଭିଯୋଗ ହୋଇଛି। ଏହି ବ୍ଲାକ୍‌ମେଲିଂର ମୁଖ୍ୟ ସୂତ୍ରଧର ଥିବା ମହିଳା ଜଣକ ବିଜୟଙ୍କ ସେକ୍ରେଟାରୀ ଭାବେ କାର୍ଯ୍ୟ କରୁଥିଲେ।

ଚିନି ଶିଳ୍ପକୁ ଆଉ ଏକ ପ୍ୟାକେଜ ଖୁବଶୀଘ୍ର

ନୂଆଦିଲ୍ଲୀ,୨୨-୧୦: ଆଖୁ ଚାଷୀଙ୍କ ଲାଭ ବଢ଼ାଇବା ଉଦ୍ଦେଶ୍ୟରେ ଚିନି ଶିଳ୍ପ ପାଇଁ କେନ୍ଦ୍ର ସରକାର ଆଉ ଏକ ପ୍ୟାକେଜ ଘୋଷଣା କରିବାକୁ ଯାଉଛନ୍ତି। ଖୁବଶୀଘ୍ର ଏ ସଂକ୍ରାନ୍ତରେ ଘୋଷଣା ହେବ। ଇଥାନଲର ଉତ୍ପାଦନ ବୃଦ୍ଧି କରିବା ଲାଗି ଚିନି ମିଲ୍‌ମାନଙ୍କୁ ଦିଆଯାଉଥିବା ଋଣରେ ସୁଧ ହାରକୁ ୬% କମାଇବା ନେଇ କ୍ୟାବିନେଟ୍ ନୋଟ୍ ତିଆରି ହେଉଛି। କେନ୍ଦ୍ର ସରକାର ଜୁନ୍‌ରେ ଚିନି ଉଦ୍ୟୋଗ ପାଇଁ ପ୍ୟାକେଜ୍ ଘୋଷଣା କରିଥିଲେ। ଦ୍ୱିତୀୟ ପ୍ୟାକେଜ୍ ଘୋଷଣା ନେଇ ଗଠିତ କମିଟି ତାଙ୍କର ସୁପାରିସ କରିସାରିଛନ୍ତି। ଏହା ପ୍ରସ୍ତୁତ ହେବା ପରେ କ୍ୟାବିନେଟ୍‌ର ଅନୁମୋଦନ ନିଆଯିବ ବୋଲି ଖାଦ୍ୟ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି।

> ଆଇଟି କରିଡର ଲାଗି ଜାପାନ ସହ ହୋଇଥିବା ଚୁକ୍ତି ଦୁଇ ଦେଶର ସମ୍ପର୍କ ଦୃଢୀକରଣ ଦିଗରେ ବିଶେଷ ଭାବେ ସହାୟକ ହେବ।
> – ଗଗନ ସଭରୱାଲ, ବରିଷ୍ଠ ନିର୍ଦ୍ଦେଶକ, ନାସକମ୍

> ଚମଡା ଏବଂ ବୟନ ଶିଳ୍ପ ଭଳି ଶ୍ରମିକକେନ୍ଦ୍ରିକ ଶିଳ୍ପଗୁଡିକରେ ରହିଥିବା ବିଭିନ୍ନ ଅସୁବିଧା ଉପରେ ସରକାର ଧ୍ୟାନ ରଖିଛନ୍ତି।
> – ଅନୁପ ୱାଧୱାନ, ବାଣିଜ୍ୟ ସଚିବ

ଡାକ୍ତରଙ୍କୁ ଲାଞ୍ଚ ଦେଇ ଭ୍ୟାକ୍ସିନର ଦାମ୍ ବଢ଼ାଉଛନ୍ତି ଫାର୍ମା କମ୍ପାନୀ !

ନୂଆଦିଲ୍ଲୀ,୨୨-୧୦

- ମିଳୁଛି ୨୦-୨୧% ଇନସେଣ୍ଟିଭ
- ଦ୍ୱିଗୁଣା ହେଉଛି କମିନେଶନ ଭ୍ୟାକ୍ସିନ୍‌ର ଦାମ୍
- ପ୍ରତିବର୍ଷ ୭ରୁ ୧୦% ଶିଶୁ ପାଉନାହାନ୍ତି ସରକାରୀ ଭ୍ୟାକ୍ସିନ୍

ଫାର୍ମା କମ୍ପାନୀମାନେ ସ୍ୱତନ୍ତ୍ର ବ୍ରାଣ୍ଡର ଭ୍ୟାକ୍ସିନ ଲେଖିବା ଲାଗି ଡାକ୍ତର ଓ ହସ୍ପିଟାଲକୁ ଲାଞ୍ଚ ଦେଉଛନ୍ତି। ଇନସେଣ୍ଟିଭ ନାମରେ ଏହି ଲାଞ୍ଚ ଦିଆଯାଉଛି। ଏଭଳି ସ୍ୱତନ୍ତ୍ର ଧରଣର ଭ୍ୟାକ୍ସିନ ଲେଖିବା ଲାଗି ଡାକ୍ତର ଓ ହସ୍ପିଟାଲକୁ ୨୦ରୁ ୨୧ ପ୍ରତିଶତ ଇନସେଣ୍ଟିଭ ମିଳୁଛି ବୋଲି ଖୋଳତାଡରୁ ଜଣାପଡିଛି। ବିଶେଷକରି ଏକାଧିକ କମିନେଶନର ଡୋଜ ପାଇଁ ଏଭଳି ପଦ୍ଧତି ଆପଣାଯାଉଛି। ଫାର୍ମା କମ୍ପାନୀମାନେ ଡାକ୍ତର ଓ ହସ୍ପିଟାଲକୁ ଦେଉଥିବା ଏହି ଇନସେଣ୍ଟିଭକୁ ରୋଗୀଙ୍କଠାରୁ ଆଦାୟ କରୁଛନ୍ତି। ଏହି କାରଣରୁ ଭ୍ୟାକ୍ସିନଗୁଡିକ ମହଙ୍ଗା ହେଉଛି। ଏକ ଅଧ୍ୟୟନରୁ ଜଣାପଡିଛି ଯେ, ୫ ପ୍ରକାର ରୋଗ ପାଇଁ ଭ୍ୟାକ୍ସିନର ଦାମ୍ ୨୮୦୦ ଟଙ୍କା ରହିଛି। କିନ୍ତୁ ଏଥିରେ ଆଉ ଏକ ରୋଗ ଯଥା– ହେପାଟାଇଟିସ୍ ବି କୁ ମିଶାଇ ଦେଲେ ଏହି ଭ୍ୟାକ୍ସିନର ଦାମ୍ ଏକାଥରକେ ୩୯୦୦ ଟଙ୍କାକୁ ବୃଦ୍ଧି ପାଉଛି। ମଜାର କଥା ହେଲା ମାତ୍ର ୬୦ ଟଙ୍କାରେ ହେପାଟାଇଟିସ ବି ଭ୍ୟାକ୍ସିନ ବଜାରରେ ଉପଲବ୍ଧ। ସେହିପରି ହେପାଟାଇଟିସ ବି ସମେତ ୫ ପ୍ରକାର ରୋଗ ପ୍ରତିରୋଧକ ପାଇଁ ବ୍ୟବହୃତ ହେଉଥିବା ଭ୍ୟାକ୍ସିନ୍ ୩୮୨ ଟଙ୍କାରେ ବିକ୍ରି କରାଯାଉଛି। କିନ୍ତୁ ଡାକ୍ତରମାନେ ଏଥିରେ ଇଞ୍ଜେକଶନ୍ ଦିଆଯାଇପାରୁଥିବା ପୋଲିଓ ଭ୍ୟାକ୍ସିନ୍‌କୁ ମିଶାଇବାକୁ ଲେଖିଦେଉଛନ୍ତି। ଫଳରେ ଏହି କମିନେଶନ ଭ୍ୟାକ୍ସିନ୍‌ର ମୂଲ୍ୟ ୨୩୯୨ ଟଙ୍କା ହୋଇଯାଉଛି। କହି ରଖିବାକୁ ହେବ ଯେ, କେବଳ ଇଞ୍ଜେକଶନ ଦିଆଯାଇପାରୁଥିବା ପୋଲିଓ ଭ୍ୟାକ୍ସିନ୍‌ର ମୂଲ୍ୟ ମାତ୍ର ୪୦୦ ଟଙ୍କା ରହିଛି। ମାତ୍ର ଗୋଟିଏ ରୋଗକୁ ଯୋଡିବା ଦ୍ୱାରା ଭ୍ୟାକ୍ସିନ୍‌ର ଦାମ୍‌ରେ ବିରାଟ ପାର୍ଥକ୍ୟ ଥିବା ନେଇ ପେଡିଟ୍ରିସିଆନମାନେ ପ୍ରଶ୍ନ ଉଠାଇଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୩୯୦୦ ଟଙ୍କାର ଭ୍ୟାକ୍ସିନର ଗୋଟିଏ ଡୋଜ୍ ପ୍ରୟୋଗ ପାଇଁ ଡାକ୍ତର କିମ୍ବା ସମ୍ପୃକ୍ତ ହସ୍ପିଟାଲକୁ ୭୫୦ ଟଙ୍କାର ଇନସେଣ୍ଟିଭ ମିଳିଥାଏ। ପ୍ରାରମ୍ଭିକ ଆକଳନରୁ ଜଣାପଡିଛି ଯେ, ଦେଶରେ ପ୍ରତିବର୍ଷ ପ୍ରାୟ ୨ କୋଟି ଶିଶୁ ଜନ୍ମ ନିଅନ୍ତି। ଏମାନଙ୍କ ମଧ୍ୟରୁ ୭ରୁ ୧୦ ପ୍ରତିଶତ ଅର୍ଥାତ ପ୍ରାୟ ୧୪ରୁ ୨୦ ଲକ୍ଷ ଶିଶୁଙ୍କୁ ସରକାରୀ ଖର୍ଚ୍ଚରେ ଭ୍ୟାକ୍ସିନ୍ ଦିଆଯାଇପାରୁନି। ଅର୍ଥାତ ସେମାନଙ୍କୁ ଭ୍ୟାକ୍ସିନ୍ ଦେବା ପାଇଁ ବଜାର ଦରରେ କିଣିବାକୁ ପଡେ। ତେବେ ଫାର୍ମା କମ୍ପାନୀଙ୍କ ଯୁକ୍ତି ହେଲା ଯେ, ଭ୍ୟାକ୍ସିନ୍‌କୁ ସୁରକ୍ଷିତ ରଖିବା ଲାଗି କୋଲ୍ଡ ଚେନ୍ ଲଜିଷ୍ଟିକ୍ସର ଆବଶ୍ୟକତା ରହୁଥିବାରୁ ଏହାର ରକ୍ଷଣାବେକ୍ଷଣ ଲାଗି ଖର୍ଚ୍ଚ କରିବାକୁ ପଡିଥାଏ। ଏହି କାରଣରୁ ଡାକ୍ତର ଓ ହସ୍ପିଟାଲକୁ ଇନସେଣ୍ଟିଭ ଦିଆଯାଏ। ତେବେ ଏହା ଏବେ ଏକ ସାଧାରଣ ଘଟଣା ହୋଇଗଲାଣି। ଏହାଛଡା ଫାର୍ମା କମ୍ପାନୀଙ୍କ ଯୁକ୍ତି ହେଲା ଗୋଟିଏ ପ୍ରକାର ଭ୍ୟାକ୍ସିନ ଅପେକ୍ଷା ଏକାଧିକ କମିନେଶନ ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡେ। କାରଣ ଅନେକ ଜଟିଳ ପ୍ରକ୍ରିୟାରେ ଏକାଧିକ କମିନେଶନକୁ ଯୋଡାଯାଇଥାଏ। ସେ ଯାହା ହେଉ ପରୋକ୍ଷରେ ଶିଶୁର ପରିବାର ହିଁ କ୍ଷତିଗ୍ରସ୍ତ ହେଉଛି।

ହୋଣ୍ଡା ଟୁହ୍ୱିଲର୍ସର ସଡ଼କ ସଚେତନତା ଅଭିଯାନ

ଭୁବନେଶ୍ୱର,୨୨-୧୦

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ସଡକ ସୁରକ୍ଷା ସଚେତନତା ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ସାରା ଦେଶରେ ପଞ୍ଚମରୁ ସପ୍ତମ ଶ୍ରେଣୀ ମଧ୍ୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଦଶହରାର ବିଷୟ ବସ୍ତୁ ଅନୀତି ଉପରେ ନୀତିର ବିଜୟକୁ ପ୍ରେରଣା ଭାବେ ଏଥିରେ ଗ୍ରହଣ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷାର ବାହକ ଭାବେ ଗ୍ରହଣ କରି ସେମାନଙ୍କ ଦ୍ୱାରା ସୁରକ୍ଷା ସଚେତନତା ସୃଷ୍ଟି ଏହି ଅଭିଯାନର ଲକ୍ଷ୍ୟ ଅଟେ। ଏହି ଅଭିଯାନ ଅନ୍ତର୍ଗତ ପଥଚାରୀଙ୍କଠାରୁ ଚାଳକ ପର୍ଯ୍ୟନ୍ତ ୧୦ ପ୍ରମୁଖ ସଡକ ସୁରକ୍ଷା ପ୍ରସଙ୍ଗ ଉପରେ କମ୍ପାନୀ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବ। ଦେଶରେ ଦିନକୁ ଦିନ ସଡକ ଦୁର୍ଘଟଣା ଯୋଗୁ ଅନେକ ଜୀବନହାନି ହେଉଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କମ୍ପାନୀର ଉପସଭାପତି ପ୍ରଭୁ ନାଗରାଜ ସୂଚନା ଦେଇଛନ୍ତି।

୪ ବର୍ଷରେ କୋଟିପତିଙ୍କ ସଂଖ୍ୟା ବଢ଼ିଛି ୬୦%

ନୂଆଦିଲ୍ଲୀ,୨୨-୧୦

- କୋଟିପତିଙ୍କ ସଂଖ୍ୟା ୧.୪୦ ଲକ୍ଷକୁ ବଢ଼ିଛି
- ଆୟକର ରିଟର୍ନ ଦାଖଲ ସଂଖ୍ୟା ୮୦ ପ୍ରତିଶତ ବୃଦ୍ଧି
- ଟିକସ-ଜିଡିପି ଅନୁପାତ ୫.୯୮ ପ୍ରତିଶତ

ଦେଶରେ ଏକ କୋଟି ଟଙ୍କା ଆୟ ଦର୍ଶାଇଥିବା ଟିକସଦାତାଙ୍କ ସଂଖ୍ୟା ବିଗତ ୪ ବର୍ଷରେ ୬୦% ଅର୍ଥାତ ୮୧ ହଜାର ବୃଦ୍ଧି ପାଇଛି। ଏହି ଅବଧି ମଧ୍ୟରେ କୋଟିପତିଙ୍କ ସଂଖ୍ୟା ୧.୪୦ ଲକ୍ଷକୁ ବଢ଼ିଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ସୋମବାର ଏ ସମ୍ପର୍କରେ ବିସ୍ତାରିତ ତଥ୍ୟ ପ୍ରଦାନ କରିଛି।

ବିଗତ ୪ ବର୍ଷରେ ଟିକସଦାତାଙ୍କ ସଂଖ୍ୟା ଏବଂ ପ୍ରତ୍ୟକ୍ଷ ଟିକସ ଆଦାୟକୁ ନେଇ ସିବିଡିଟି ପକ୍ଷରୁ ତଥ୍ୟ ଉପସ୍ଥାପନ କରାଯାଇଛି। ଏହାର ଅଧ୍ୟକ୍ଷ ସୁଶୀଲ ଚନ୍ଦ୍ରା କହିଛନ୍ତି ଯେ, ଆଲୋଚ୍ୟ ଅବଧିରେ ଆୟକର ରିଟର୍ନ ଦାଖଲ ସଂଖ୍ୟା ୮୦ ପ୍ରତିଶତ ବୃଦ୍ଧି ପାଇଛି। ସେ କହିଛନ୍ତି ଯେ, ଆର୍ଥିକ ବର୍ଷ ୨୦୧୭-୧୮ରେ ପ୍ରତ୍ୟକ୍ଷ ଟିକସ-ଜିଡିପି ଅନୁପାତ(୫.୯୮ ପ୍ରତିଶତ) ଗତ ୧୦ ବର୍ଷରେ ସବୁଠାରୁ ଉନ୍ନତ। ଗତ ୪ ବର୍ଷରେ ଜିଏସ୍‌ଟି ରିଟର୍ନ ଦାଖଲକାରୀଙ୍କ ସଂଖ୍ୟା ୮୦ ପ୍ରତିଶତ ବୃଦ୍ଧି ପାଇଛି। ଫଳରେ ରିଟର୍ନ ଦାଖଲକାରୀଙ୍କ ସଂଖ୍ୟା ୨୦୧୩-୧୪ରେ ୩.୭୯ କୋଟି ଥିବା ବେଳେ ୨୦୧୭-୧୮ରେ ବୃଦ୍ଧି ପାଇ ୬.୮୫ କୋଟିରେ ପହଞ୍ଚିଯାଇଛି। ୨୦୧୪-୧୫ରେ ୮୮,୬୪୯ ଜଣ ଟିକସଦାତା କୋଟିଏରୁ ଅଧିକ ଆୟ ଦର୍ଶାଇଥିବା ବେଳେ ୨୦୧୭-୧୮ରେ ଏହା ୬୦% ବୃଦ୍ଧି ପାଇ ୧,୪୦,୧୩୯ରେ ପହଞ୍ଚିଛି। ସେହିପରି ବାର୍ଷିକ ୧ କୋଟି ଟଙ୍କା ଆୟ କରୁଥିବା ବ୍ୟକ୍ତିବିଶେଷଙ୍କ ସଂଖ୍ୟା ୪୮,୪୧୬ରୁ ୮୧,୩୪୪କୁ ବୃଦ୍ଧି ପାଇଛି, ଯାହାକି ୬୮% ଅଧିକ।

ୟୁବିଆଇ ଏମ୍‌ଡିଙ୍କ ଓଡିଶା ଗସ୍ତ

ଭୁବନେଶ୍ୱର,୨୨-୧୦

ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ) ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଅଶୋକ କୁମାର ପ୍ରଧାନ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ୬୦ରୁ ଊର୍ଦ୍ଧ୍ୱ ଶାଖା ପରିଚାଳକଙ୍କୁ ଭେଟିଛନ୍ତି। ଆଞ୍ଚଳିକ କାର୍ଯ୍ୟାଳୟର ଆବଶ୍ୟକତା ଉପରେ ସେ ବିବେଚନା କରିବା ସହ ଋଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହ ବିଭିନ୍ନ ସ୍ଥାନରୁ ଆସିଥିବା ଗ୍ରାହକଙ୍କ ସହ ସେ ଆଲୋଚନା ମଧ୍ୟ କରିଥିଲେ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବାଲାନ୍ସ ଶିଟ୍ ଦାଖଲ, ଏମ୍‌ଏସ୍‌ଏମ୍‌ଇ ଋଣ ଏବଂ ରିଟେଲ ଋଣ ପ୍ରଦାନ ଉପରେ ବ୍ୟାଙ୍କର ପଦକ୍ଷେପ ଉପରେ ସେ ସୂଚନା ଦେଇଥିଲେ। ଋଣ ଅସୁଲି ଉପରେ ପ୍ରାଥମିକତା ଦେବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ଉପମହାପ୍ରବନ୍ଧକ ରାଜକିଶୋର ନାୟକ ଏବଂ ସହାୟକ ମହାପ୍ରବନ୍ଧକ ରତିକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ମହିନ୍ଦ୍ରା ମାରାଜୋର ବୁକିଂ ରେକର୍ଡ

ଭୁବନେଶ୍ୱର,୨୨-୧୦

Mahindra Rise.

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ ପକ୍ଷରୁ ପ୍ରସ୍ତୁତ ମାରାଜୋ ବୁକିଂ କ୍ଷେତ୍ରରେ ରେକର୍ଡ ହାସଲ କରିଛି। ଲଞ୍ଚ ପରଠାରୁ ଗୋଟିଏ ମାସରେ ଏହା ୧୦,୦୦୦ ୟୁନିଟରୁ ଅଧିକ ବୁକିଂ ହାସଲ କରିଛି। ବିଶ୍ୱ ସ୍ତରୀୟ ଜ୍ଞାନକୌଶଳରେ ଏହା ପ୍ରସ୍ତୁତ ହୋଇଥିବା ବେଳେ ସର୍ବୋତ୍କୃଷ୍ଟ ପ୍ରଡକ୍ଟ ଗ୍ରାହକ ଲାଭ କରିପାରିବେ ବୋଲି କମ୍ପାନୀ ପ୍ରକାଶ କରିଛି। ଏହାର ବୋଲ୍ଡ ତଥା ଡାଇନାମିକ ଡିଜାଇନ ଯୋଗୁ ଗ୍ରାହକମାନଙ୍କର ଭଲ ପାଇବା ଲାଭ କରି ପାରିଛି। ଏହା ଉନ୍ନତ ରାଇଡିଂ ଅଭିଜ୍ଞତା, ଲକଜ୍ୟୁରୀ, ଇଣ୍ଡଷ୍ଟ୍ରି ଫାଷ୍ଟ ସରାଉଣ୍ଡିଂ କୁଲ୍, ସ୍ପେସ ପ୍ରଦାନ କରିବ। ଗୋଟିଏ ମାସରେ ବୁକିଂକୁ ଉନ୍ନତ ରେସପନ୍ସ ମିଳିଥିବାରୁ ଏହାକୁ ନେଇ ଅତ୍ୟନ୍ତ ଖୁସି ବୋଲି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ଅଟୋମୋଟିଭ୍ ସେକ୍ଟର ସେଲସ ଏବଂ ମାର୍କେଟିଂ ମୁଖ୍ୟ ବିଜୟ ନାକ୍ରା ସୂଚନା ଦେଇଛନ୍ତି।

ଗ୍ରାହକଙ୍କୁ ଆଶ୍ୱସ୍ତ କଲା ଏସ୍‌ବିଆଇ

ଟିଡିଏସ୍ ଫର୍ମ ଦାଖଲ ଲାଗି ଯିବାକୁ ପଡ଼ିବନି ମୂଳ ଶାଖା

ନୂଆଦିଲ୍ଲୀ,୨୨-୧୦

ସୁଧ ଉପରେ ଟିଡିଏସ୍ ସୁରକ୍ଷା ଲାଗି ଗ୍ରାହକଙ୍କୁ ୧୫ଜି ଏବଂ ୧୫ଏଚ୍ ଫର୍ମ ଜମା କରିବାକୁ ପଡିଥାଏ। ପୂର୍ବରୁ ଏହା ନିଜର ଘରୋଇ ଶାଖାରେ ଯାଇ କରିବାକୁ ପଡୁଥିଲା। ତେବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଏବେ ଗ୍ରାହକଙ୍କୁ ଆଶ୍ୱସ୍ତ କରି ନିୟମ କୋହଳ କରିଛି। ଏଣିକି ଉକ୍ତ ଫର୍ମକୁ ବ୍ୟାଙ୍କର ଯେକୌଣସି ଶାଖାରେ ଜମା କରାଯାଇପାରିବ। ଆର୍ଥିକ ବର୍ଷ ଆରମ୍ଭରେ ଉକ୍ତ ଦୁଇଟି ଫର୍ମକୁ ଜମା କରିବାକୁ ପଡ଼ିଥାଏ। ଫଳରେ ଗ୍ରାହକଙ୍କ ସୁଧ ଉପରେ ଟିଡିଏସ୍(ଟ୍ୟାକ୍ସ ଡିଡକ୍ଟେଡ ଆଟ୍ ସୋର୍ସ ବା ମୂଳ ଉତ୍ସ ଉପରେ ଟିକସ କାଟିବା) କଟାଯାଇ ନ ଥାଏ। ସ୍ଥାୟୀ ଜମା ଅଥବା ଆକାଉଣ୍ଟରେ ଥିବା ଅର୍ଥରୁ ବାର୍ଷିକ ୧୦ ହଜାର ଟଙ୍କାରୁ ଅଧିକ ସୁଧ ମିଳୁଥିଲେ ଟିଡିଏସ୍ କଟାଯାଏ।

କାନାରା ବ୍ୟାଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ରୁଡସେଟ୍ ପରିଦର୍ଶନ

ଭୁବନେଶ୍ୱର,୨୨-୧୦

କାନାରା ବ୍ୟାଙ୍କ ବାଙ୍ଗାଲୋର ମୁଖ୍ୟ କାର୍ଯ୍ୟାଳୟର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏମ୍.ଭି ରାଓ ଭୁବନେଶ୍ୱରର ରୁଡସେଟ୍ ପ୍ରତିଷ୍ଠାନ ପରିଦର୍ଶନ କରିଛନ୍ତି। ପ୍ରତିଷ୍ଠାନରେ ତାଲିମପ୍ରାପ୍ତ ଉଦ୍ୟୋଗୀଙ୍କୁ ସେ ସମ୍ବର୍ଦ୍ଧିତ କରିଛନ୍ତି। ୨୦୧୭-୧୮ରେ ରୁଡସେଟ୍ ୧୧୩୭ ବେରୋଜଗାର ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ ସହ ରୋଜଗାରକ୍ଷମ କରାଇଥିବା ପ୍ରତିଷ୍ଠାନର ନିର୍ଦ୍ଦେଶକ ନିରୋଜ କୁମାର ଦୋରା ଏହି ଅବସରରେ ସୂଚନା ଦେଇଛନ୍ତି। ଯୁବତୀଯୁବକଙ୍କୁ ସ୍ୱାବଲମ୍ବନ କରିବା ଦିଗରେ କାନାରା ବ୍ୟାଙ୍କ ଆର୍ଥିକ ସହାୟତା ପ୍ରଦାନ ଲାଗି ପ୍ରସ୍ତୁତ ରହିଥିବା ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର କହିଛନ୍ତି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ସିଲେଇ ମେଶିନ ବଣ୍ଟନ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଆଲୁମିନିୟମ ଉପଯୋଗ ୭.୨ ନିୟୁତ ଟନ୍‌କୁ ବୃଦ୍ଧି ଘଟିବ

ଭୁବନେଶ୍ୱର,୨୨-୧୦

ଆଗାମୀ ୫ ବର୍ଷ ମଧ୍ୟରେ ଦେଶରେ ଆଲୁମିନିୟମ ଉପଯୋଗ ପରିମାଣ ଦୁଇଗୁଣ ହେବ। ଏହା ବର୍ତ୍ତମାନ ୩. ୬ ନିୟୁତ ଟନ୍ ଥିବା ବେଳେ ୭.୨ ନିୟୁତ ଟନ୍‌କୁ ବୃଦ୍ଧି ଘଟିବ। ଏପରି ସ୍ଥିତିରେ ଆନୁସଙ୍ଗିକ ଉଦ୍ୟୋଗଗୁଡିକ ଉପରେ ଗୁରୁତ୍ୱ ପ୍ରଦାନ କରିବାର ବିଶେଷ ଆବଶ୍ୟକତା ରହିଛି। ଏହା ନ ହେଲେ ଆଗାମୀ ଦିନରେ ଭାରତକୁ ୫ ବିଲିୟନ ଡଲାର ମୂଲ୍ୟର ଆନୁଷଙ୍ଗିକ ଉତ୍ପାଦ ଆମଦାନୀ କରିବାକୁ ପଡିବ। ନୂଆଦିଲ୍ଲୀଠାରେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଏବଂ ଜବାହରଲାଲ ନେହେରୁ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟର(ଜେଏନ୍‌ଆରଡିସି) ଆନୁକୂଲ୍ୟରେ ଆୟୋଜିତ ଜାତୀୟ ଆଲୁମିନିୟମ ନେଟୱର୍କ ସମ୍ମେଳନ ୨୦୧୮ କାର୍ଯ୍ୟକ୍ରମରେ ଯୋଗଦେଇ ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଏହା କହିଛନ୍ତି। ଘରୋଇ ଆଲୁମିନିୟମ ଶିଳ୍ପ ବର୍ତ୍ତମାନ ଉତ୍ପାଦନ ଲାଗି ବ୍ୟୟର ସର୍ବୋଚ୍ଚ ସ୍ଥାନରେ ରହିଛି। ଉଚ୍ଚ ମୂଲ୍ୟଯୁକ୍ତ ଏବଂ ଉଚ୍ଚ ମାନର ଆନୁଷଙ୍ଗିକ ଉତ୍ପାଦର ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନର ଆବଶ୍ୟକତା ରହିଥିବା ଚାନ୍ଦ କହିଛନ୍ତି। ଆନୁସଙ୍ଗିକ ଉଦ୍ୟୋଗଗୁଡିକୁ ପ୍ରୋ

ଏଥର ଇଣ୍ଡିଆନ ସୁପର ଲିଗ୍‌ରେ ଆମର ଏକ ନୂଆ ଦଳ ଅଂଶଗ୍ରହଣ କରିଛି। ଏଥର ଆମେ ଭିନ୍ନ ଷ୍ଟାଇଲରେ ଖେଳିବୁ ।
–ଯୋଶେଫ୍ ଗୋମ୍ବାଉ, ଦିଲ୍ଲୀ ଡାଇନାମୋସ କୋଚ୍

ତିନିମାସ ହେଲା ମୋ ହାତରେ ଯନ୍ତ୍ରଣା ରହିଥିଲେ ମଧ୍ୟ ସୁଇସ୍ ଓପନରେ ଅଂଶଗ୍ରହଣ ଲାଗି କୌଣସି ଅସୁବିଧା ନାହିଁ ।
–ରୋଜର ଫେଡେରର, ସୁଇସ୍ ଟେନିସ ଖେଳାଳି

ସଂକ୍ଷେପରେ

ମଣିପୁର, ଉତ୍ତରାଖଣ୍ଡ, ନାଗାଲାଣ୍ଡ ବିଜୟୀ

ଭୁବନେଶ୍ୱର, ୨୨।୧୦(କ୍ରୀଡ଼ା ପ୍ରତିନିଧି): ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫି ସମିତ ଓଭର ଜୋନାଲ ଲିଗ୍‌ରେ ସୋମବାର ମଣିପୁର, ଉତ୍ତରାଖଣ୍ଡ, ନାଗାଲାଣ୍ଡ ବିଜୟ ହାସଲ କରିଛନ୍ତି। କିଟ୍ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ମଣିପୁର ୧୫ ରନରେ ମେଘାଳୟକୁ ପରାସ୍ତ କରିଛି। ମଣିପୁର ଶୁଭମ୍ ଚୌହାନଙ୍କ ଶତକ ବଳରେ ୫୦ ଓଭରରେ ୬ ଉଇକେଟ ହରାଇ ୨୩୬ ରନ କରିଥିଲା। ଶୁଭମ୍ ୧୨୬ ବଲ୍‌ରୁ ୧୦୬ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ଆର୍ଯ୍ୟନ ୨ଟି ଉଇକେଟ ନେଇଥିଲେ। ଜବାବରେ ମେଘାଳୟ ୫୦ ଓଭରରେ ୮ ଉଇକେଟ ହରାଇ ୨୨୧ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ହ୍ରିତିକ ଶର୍ମା ସର୍ବାଧିକ ୮୫ ରନ କରିଥିବାବେଳେ ବିଜୟୀ ଦଳର ରେକ୍ସ ୩ଟି ଉଇକେଟ ନେଇଥିଲେ। ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଉତ୍ତରାଖଣ୍ଡ ୯ ଉଇକେଟରେ ସିକ୍କିମ୍‌କୁ ପରାସ୍ତ କରିଛି। ସିକ୍କିମ ୨୨ ଓଭରରେ ୫୯ ରନ କରି ଅଲଆଉଟ ହୋଇଥିବାବେଳେ ପ୍ରତିପକ୍ଷ ଦଳର ଜଗମୋହନ ନାଗରକୋଟି ୨୦ ରନ ବିନିମୟରେ ୬ଟି ଉଇକେଟ ନେଇଥିଲେ। ଉତ୍ତରାଖଣ୍ଡ ୫.୫ ଓଭରରେ ମାତ୍ର ୧ ଉଇକେଟ ହରାଇ ୬୫ ରନ ସଂଗ୍ରହ କରି ନେଇଥିଲା। ବିକାଶ କ୍ରିକେଟ ଗ୍ରାଉଣ୍ଡରେ ନାଗାଲାଣ୍ଡ ୧୬୨ ରନରେ ମିଜୋରାମକୁ ହରାଇ ଦେଇଛି। ନାଗାଲାଣ୍ଡ ୫୦ ଓଭରରେ ୭ ଉଇକେଟ ହରାଇ ୨୩୬ ରନ କରିଥିଲା। ଦଳ ପକ୍ଷରୁ ଭିଯୁଲ କପୁର ସର୍ବାଧିକ ୮୭ ରନ କରିଥିଲେ। ଜବାବରେ ମିଜୋରାମ ୨୮ ଓଭରରେ ୭୪ ରନ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ଡାନିଏଲ ୧୫ ରନ ଦେଇ ୬ ଉଇକେଟ ସଫଳତା ପାଇଥିଲେ।

ପ୍ରଥମ ଦିନିକିଆରେ ବାଂଲାଦେଶ ବିଜୟୀ

ଢାକା, ୨୨।୧୦: ଓପନର୍ ଇମ୍ରୁଲ କାଏସ୍‌ଙ୍କ ଶତକ ବଳରେ ଘରୋଇ ବାଂଲାଦେଶ ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଜିମ୍ବାୱେକୁ ୨୮ ରନରେ ପରାସ୍ତ କରିଦେଇଛି। ବାଂଲାଦେଶ ପକ୍ଷରୁ ଧାର୍ଯ୍ୟ ୨୭୨ ରନର ଟାର୍ଗେଟକୁ ପିଛା କରି ଭ୍ରମଣକାରୀ ଜିମ୍ବାୱେ ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ୍ ହରାଇ ୨୪୩ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟ ସହ ବାଂଲାଦେଶ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ୨୪ରେ ଚିଟାଗଙ୍ଗ୍‌ରେ ଖେଳାଯିବ। ସ୍ଥାନୀୟ ଶେର୍ ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ବାଂଲାଦେଶ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ୍ ହରାଇ ୨୭୧ ରନ କରିଥିଲା। ଓପନର ଇମ୍ରୁଲ କାଏସ୍ ଦଳ ପକ୍ଷରୁ ସର୍ବାଧିକ ୧୪୪ ରନ କରିଥିଲେ। କାଏସ୍‌ଙ୍କ ଦିନିକିଆ କ୍ୟାରିୟରର ଏହା ଶ୍ରେଷ୍ଠ ଇନିଂସ। ଘରୋଇ ଦଳ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ମିଥୁନ (୩୭) ଓ ମହମ୍ମଦ ସୈଫଉଦ୍ଦିନ (୫୦) ଉପଯୋଗୀ ବ୍ୟାଟିଂ କରିଥିଲେ। ସଫଳ ବୋଲରଭାବେ ଜିମ୍ବାୱେ ପକ୍ଷରୁ କାଏଲ ଜାର୍ଭିସ ୪ଟି ଓ ଟେଣ୍ଡାଇ ଚତରା ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଜିମ୍ବାୱେ ବ୍ୟାଟ୍ସମ୍ୟାନ ଭଲ ବ୍ୟାଟିଂ କରିଥିଲେ ମଧ୍ୟ ବଡ଼ ଇନିଂସ ଖେଳିବାରେ ବିଫଳ ହେବାରୁ ଦଳ ଟାର୍ଗେଟ୍‌ଠାରୁ ୨୮ ରନ ଦୂରରେ ରହିଯାଇଥିଲା।

ଭାରତ-ଶ୍ରୀଲଙ୍କା ଦୃଷ୍ଟିହୀନ କ୍ରିକେଟ ୨୫ରେ

କଟକ ଅଫିସ, ୨୨।୧୦

ଭାରତ-ଶ୍ରୀଲଙ୍କା ଦ୍ୱିପାକ୍ଷିକ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍ ଆସନ୍ତା ୨୫ରେ ସ୍ଥାନୀୟ ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ । ଦୃଷ୍ଟିହୀନ କ୍ରିକେଟ କ୍ଷେତ୍ରରେ ଓଡ଼ିଶାରେ ଏହା ହେଉଛି ଦ୍ୱିତୀୟ ଅନ୍ତର୍ଜାତୀୟ ମ୍ୟାଚ୍ । ପୂର୍ବରୁ ୨୦୧୭ ଦୃଷ୍ଟିହୀନ କ୍ରିକେଟ ବିଶ୍ୱକପରେ କିଟ୍ ଗ୍ରାଉଣ୍ଡରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଏକ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ଭାରତ ୯ ଉଇକେଟରେ ବିଜୟୀ ହୋଇଥିଲା ।

ତେବେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜର ପ୍ରଥମ ମ୍ୟାଚ୍ ମଙ୍ଗଳବାର ଦିଲ୍ଲୀରେ ଖେଳାଯାଉଥିବାରୁ କଟକରେ ହେବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ଟି ସିରିଜ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ରହିବ। ସିରିଜର ୩ୟ ତଥା ଅନ୍ତିମ ମ୍ୟାଚ ୨୭ ତାରିଖରେ କୋଲ୍‌କାତାରେ ଖେଳାଯିବ । ନିମପୁର ସ୍ପୋର୍ଟସ କମ୍ପ୍ଲେକ୍ସରେ ସୋମବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଡକାଯିବା ସହ ମ୍ୟାଚ୍ ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଛି । ଏହି ମ୍ୟାଚ୍‌ରେ ଭାରତ ଜର୍ସିରେ ଦୁଇ ଓଡ଼ିଆ ତାରକା ଖେଳାଳିଙ୍କୁ ଦେଖିବାକୁ ମିଳିବ । ଜାତୀୟ ଦଳରୁ ସର୍ବାଧିକ ମ୍ୟାଚ୍ ଖେଳିଥିବା ଓଡ଼ିଆ ଖେଳାଳି ମହମ୍ମଦ ଜାଫର ଇକ୍‌ବାଲ ଓ ନବାଗତ ଅଲରାଉଣ୍ଡର ଲିଙ୍ଗରାଜ ରାଉତରା ଜାତୀୟ ଦଳରେ ରହିଛନ୍ତି । ଜାଫର ଇକ୍‌ବାଲ ସମ୍ମିଳନୀରେ ଉପସ୍ଥିତ ରହି କହିଥିଲେ ଯେ, ଘରୋଇ ମାଟିରେ ଭାରତ ମ୍ୟାଚ୍‌କୁ ଜିତିବାକୁ ଚେଷ୍ଟା କରିବ। ଦୁଇଜଣ ଯାକ ଓଡ଼ିଆ ଖେଳାଳି ବ୍ୟକ୍ତିଗତ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଉଦ୍ୟମ କରିବେ । ପୋଲିସ ଏସିପି ତ୍ରିନାଥ ମିଶ୍ର ଖେଳାଳିମାନଙ୍କ ସୁରକ୍ଷା ନେଇ ସମସ୍ତ ପଦକ୍ଷପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଗ୍ରାଉଣ୍ଡ ପରିଦର୍ଶନ ମଧ୍ୟ କରିଥିଲେ। ୨ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ରହିବାର ଆଶା ଥିବାରୁ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ବାହିନୀ ମୁତୟନ କରାଯିବ ବୋଲି ଏସିପି ମିଶ୍ର କହିଛନ୍ତି । ଅନ୍ୟପକ୍ଷରେ ୨୪ ତାରିଖ ପୂର୍ବାହ୍ନରେ ଉଭୟ ଭାରତ ଓ ଶ୍ରୀଲଙ୍କା ଦଳ ଭୁବନେଶ୍ୱରରେ ପହଞ୍ଚିବା ପରେ ସେହିଦିନ ମଧ୍ୟାହ୍ନ ୧୨.୩୦ରେ ନିମପୁର ଗ୍ରାଉଣ୍ଡରେ ଅଭ୍ୟାସ ନିମନ୍ତେ ପହଞ୍ଚିବେ । ଭୁବନେଶ୍ୱରର ଜିଞ୍ଜର ହୋଟେଲରେ ଉଭୟ ଦଳର ରହଣି ବ୍ୟବସ୍ଥା କରାଯାଇଛି । ୨୫ ତାରିଖ ପୂର୍ବାହ୍ନ ୯ଟାରେ ମ୍ୟାଚ୍ ଆରମ୍ଭ ହେବା ବେଳେ ଦୂରଦର୍ଶନରେ ଏହାର ସିଧାପ୍ରସାରଣ କରାଯିବ । କ୍ରିକେଟ ଆସୋସିଏଶନ ଫର ଭିଜିବୁଲ ଏମ୍ପାୟର୍ଡ(କାଭି), କ୍ରିକେଟ ଆସୋସିଏଶନ ଫର ଦି ବ୍ଲାଇଣ୍ଡ ଇନ ଇଣ୍ଡିଆ(କାବି) ଓଡ଼ିଶା, ରାଜ୍ୟ କ୍ରୀଡ଼ା ଏବଂ ଯୁବ ବିଭାଗର ମିଳିତ ଆନୁକୂଲ୍ୟରେ ଏହି ମ୍ୟାଚ୍ ଆୟୋଜନ ହେଉଛି । ସମ୍ମିଳନୀରେ କାଭି ଓଡ଼ିଶା ଉପସଭାପତି ଅଶୋକ କୁମାର ସାହୁ, ଯୁଗ୍ମ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପୋଲିସ ଏସିପି ତ୍ରିନାଥ ମିଶ୍ର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

- ନିମପୁର ଗ୍ରାଉଣ୍ଡ ଅନୁଧ୍ୟାନ କଲେ ଏସିପି
- ଜାତୀୟ ଜର୍ସିରେ ଜାଫର, ଲିଙ୍ଗରାଜ
- ଦୁଇ ଦଳ ୨୪ରେ ଅଭ୍ୟାସ ପାଇଁ ପହଞ୍ଚିବେ

ଅବସର ନେବେ ହେରାଥ୍

କଲମ୍ବୋ, ୨୨।୧୦

ଭେଟେରାନ ଶ୍ରୀଲଙ୍କା ବାମହାତୀ ସ୍ପିନର ରଙ୍ଗନା ହେରାଥ୍ ତାଙ୍କ ସ୍ୱର୍ଣ୍ଣିମ କ୍ରିକେଟ କ୍ୟାରିୟରରୁ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ନଭେମ୍ବର ୬ରୁ ଗାଲେରେ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ପରେ କ୍ରିକେଟରୁ ସନ୍ନ୍ୟାସ ନେବାକୁ ହେରାଥ୍ ଘୋଷଣା କରିଛନ୍ତି। ୪୦ ବର୍ଷୀୟ ହେରାଥ୍ ଠିକ୍ ୧୯ ବର୍ଷ ତଳେ ଏହି ଗ୍ରାଉଣ୍ଡରେ ପଦାର୍ପଣ କରି ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ଏହି ଅଭିଜ୍ଞ ସ୍ପିନର ବର୍ତ୍ତମାନ ସୁଦ୍ଧା ୯୨ଟି ଟେଷ୍ଟ ମ୍ୟାଚ୍ ଖେଳି ମୋଟ୍ ୪୩୦ଟି ଉଇକେଟ୍ ଅକ୍ତିଆର କରିଛନ୍ତି। କିମ୍ବଦନ୍ତୀ ସ୍ପିନର ମୁଥାୟା ମୁରଲୀଧରନ (୮୦୦)ଙ୍କ ପରେ ସର୍ବାଧିକ ଟେଷ୍ଟ ଉଇକେଟ୍ ହାସଲକାରୀ ଶ୍ରୀଲଙ୍କା ଖେଳାଳିଭାବେ ସେ ୨ୟ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ହେରାଥ୍ ଯଦି ୫ଟି ଉଇକେଟ୍ ଦଖଲ କରନ୍ତି ତେବେ ରିଚାର୍ଡ ହାର୍ଡଲୀ (୪୩୧), ଷ୍ଟୁଆର୍ଟ ବ୍ରଡ୍ (୪୩୨) ଓ କପିଲ ଦେବ (୪୩୪)ଙ୍କୁ ପଛରେ ପକାଇବାର ସୁଯୋଗ ତାଙ୍କ ନିକଟରେ ରହିଛି।

ଜାତୀୟ ବେଞ୍ଚ୍‌ପ୍ରେସ୍ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୨୨।୧୦(କ୍ରୀଡ଼ା ପ୍ରତିନିଧି)

ଆସନ୍ତା ନଭେମ୍ବର ୧୪ରୁ ୧୮ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଲୋନାଭେଲାଠାରେ ଜାତୀୟ ବେଞ୍ଚ୍‌ପ୍ରେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଉତ୍କଳ କରାଟେ ସ୍କୁଲରେ ହୋଇଥିବା ଚୟନ ପ୍ରକ୍ରିୟାରେ ୧୯ ଖେଳାଳି ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପୁରୁଷ ବିଭାଗରେ ୧୮ ପ୍ରତିଯୋଗୀ ସାମିଲ। ଏକମାତ୍ର ମହିଳା ଭାବେ ଚନ୍ଦ୍ରବଦନୀ ମହନ୍ତ ଏଥିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ମନୋନୀତ ପୁରୁଷ ପ୍ରତିଯୋଗୀମାନେ ହେଲେ ମହମ୍ମଦ ଆବିଦ, କେ.ଦୋରା, ମହମ୍ମଦ ଜାବେଦ ଅରସାଦ, ରାକେଶ ଭୁକ୍ତା, ରାକେଶ କୁମାର ଶତପଥୀ, ଅଭିଷେକ କର, ବିଚିତ୍ର ନାୟକ, ସୁନୀଲ ନାୟକ, ବିଭୂତି ଭୂଷଣ ଭଞ୍ଜ, ଆଶିଷ ମଲିଆ, ପ୍ରଫୁଲ୍ଲ ଅମଲ୍‌ତ୍ୟା, ଦିବାକର ଗୋଚ୍ଛାୟତ, ନାରାୟଣ ସେଠୀ, ସୁଦାମ ସିଂ, ବିଶ୍ୱଜିତ ଜେନା, ସୁଜିତ କୁମାର ଗିରି, ଭାସ୍କର ବେହେରା ଓ ରାଜେନ୍ଦ୍ର ପରିଡ଼ା। ଚୟନ ଶିବିରକୁ ଦେବାଶିଷ ଆଚାର୍ଯ୍ୟ, ସନ୍ତୋଷ କୁମାର ବାରିକ, ପ୍ରଦୀପ କୁମାର ପାତ୍ର, ଗୌରୀ ମହାନ୍ତି, ଡ. ହରିପ୍ରସାଦ ପଟ୍ଟନାୟକ ଓ ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

ଜାତୀୟ ବେଞ୍ଚ ପ୍ରେସ୍ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ସହ।

ଅଶ୍ୱିନ, ରାହାନେ, କାର୍ତ୍ତିକଙ୍କ ପାଇଁ ସୁଯୋଗ

ନୂଆଦିଲ୍ଲୀ, ୨୨।୧୦ (ପି.ଟି.)

ମଙ୍ଗଳବାରଠାରୁ ଖେଳାଯିବାକୁଥିବା ଦେଓଧର ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ପୃଥ୍ୱୀ ଶ'ଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବା ସ୍ୱାଭାବିକ। କିନ୍ତୁ ଦିନିକିଆ ଫର୍ମାଟରେ ତିଷ୍ଠି ରହିବାକୁ ହେଲେ ଅଜିଙ୍କ୍ୟ ରାହାନେ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ଭଳି ସିନିୟର ଖେଳାଳିଙ୍କ ଲାଗି ଏହି ଟୁର୍ନାମେଣ୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆସନ୍ତା ବର୍ଷ ବିଶ୍ୱକପ୍ ଖେଳିବା ପୂର୍ବରୁ ଭାରତ ହାତରେ ଆଉ ମାତ୍ର ୧୭ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ରହିଛି। ଚୂଡ଼ାନ୍ତ ଦଳରେ ସ୍ଥାନ ପାଇବାକୁ ହେଲେ ଷ୍ଟାର ଖେଳାଳିମାନଙ୍କୁ ସ୍ଥିର ପ୍ରଦର୍ଶନ ବଜାୟ ରଖିବାକୁ ହେବ। ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଆସୁଥିବା ଯୁବ ଖେଳାଳିମାନଙ୍କ ଲାଗି ମଧ୍ୟ ସୁଯୋଗ ରହିଛି। ଦେଓଧର ଟ୍ରଫିରେ ଭଲ ପ୍ରଦର୍ଶନ କରିପାରିଲେ ଆସନ୍ତା ମାସରେ ନ୍ୟୁଜିଲାଣ୍ଡ ଟୁର୍‌ରେ ଯିବାକୁ ଥିବା ଭାରତ ଏ' ଦଳରେ ସ୍ଥାନ ମିଳିପାରେ। ଅଶ୍ୱିନଙ୍କ ଟେଷ୍ଟ ପାର୍ଟନର ରବୀନ୍ଦ୍ର ଜାଡେଜା ଇତିମଧ୍ୟରେ ଅନ୍ତର୍ଜାତୀୟ ଦିନିକିଆକୁ ପ୍ରତ୍ୟାବର୍ତ୍ତନ କରିବାରେ ସମର୍ଥ ହୋଇପାରିଛନ୍ତି। ଅଶ୍ୱିନ ୨୦୧୭ ଜୁଲାଇଠାରୁ ଭାରତ ତରଫରୁ ଅନ୍ତର୍ଜାତୀୟ ଦିନିକିଆ ଖେଳିନାହାନ୍ତି। ଭାରତର ସ୍ପିନ ବିଭାଗ ଏକପ୍ରକାର ସ୍ଥିର ହୋଇଯାଇଥିବା ମନେ ହେଉଛି। ତେଣୁ ବିଶ୍ୱକପ୍ ୨୦୧୯ ପୂର୍ବରୁ ହ୍ୱାଇଟ୍ ବଲ୍ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବାକୁ ହେଲେ ଅଶ୍ୱିନଙ୍କୁ ଆଖିଦୃଶିଆ ପ୍ରଦର୍ଶନ କରିବାକୁ ହେବ। ଇଣ୍ଡିଆ ଏ' ଟିମ୍‌ରେ ତାଙ୍କ ଅଧିନାୟକ ତଥା ତାମିଲନାଡୁ ଟିମ୍‌ମେଟ ଦୀନେଶ କାର୍ତ୍ତିକଙ୍କର ମଧ୍ୟ ସମାନ ପରିସ୍ଥିତି। ଦୀନେଶ ଚଳିତ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରୁ ବାଦ୍ ପଡ଼ିଛନ୍ତି। ଉଇକେଟକିପର ବ୍ୟାଟ୍ସମ୍ୟାନଙ୍କୁ ଯେଉଁ ସୁଯୋଗ ମିଳିଥିଲା ସେଥିରେ ସେ ସେତେଟା ଖରାପ ପ୍ରଦର୍ଶନ କରି ନାହାନ୍ତି। କିନ୍ତୁ ନିଦାହାସ ଟ୍ରଫି ଫାଇନାଲରେ ମ୍ୟାଚ ବିଜୟୀ ଶେଷ ବଲ୍ ଛକାପରଠାରୁ ଉଲ୍ଲେଖନୀୟ ପ୍ରଦର୍ଶନ କରିନାହାନ୍ତି। ତାଙ୍କ ସ୍ଥାନରେ ଆସିଥିବା ରିଷଭ ପନ୍ତ ପ୍ରଭାବୀ ପ୍ରଦର୍ଶନ କରିପାରିଛନ୍ତି। ଆସନ୍ତା ମାସରେ ଅଷ୍ଟ୍ରେଲିଆ ଟୁର୍ ପାଇଁ ଦଳରେ ସ୍ଥାନ ପାଇବାକୁ ହେଲେ କାର୍ତ୍ତିକଙ୍କୁ ଦେଓଧର ଟ୍ରଫିରେ ଭଲ କରି ଦେଖାଇବାକୁ ହେବ। ଇଂଲଣ୍ଡ ଟୁର୍ ବେଳେ ଉପେକ୍ଷିତ ହୋଇଥିବା ନୂଆ ପ୍ରତିଭା ଶ' ଓ କରୁଣ ନାୟାରଙ୍କୁ ଭାରତ ଏ' ଦଳରେ ସ୍ଥାନ ମିଳିବା ପ୍ରାୟ ନିଶ୍ଚିତ।

ଦେଓଧର ଟ୍ରଫି ଆଜିଠାରୁ

ଇଣ୍ଡିଆ ଏ' ଦଳ: ଦୀନେଶ କାର୍ତ୍ତିକ (ଅଧିନାୟକ ଓ ଉଇକେଟ କିପର), ପୃଥ୍ୱୀ ଶ', ଅମୋଲପ୍ରୀତ ସିଂ, ଅଭିମନ୍ୟୁ ଈଶ୍ୱରନ, ଅଙ୍କିତ ବାଓନେ, ନୀତିଶ ରାଣା, କରୁଣ ନାୟାର, କ୍ରୁନାଲ ପାଣ୍ଡ୍ୟା, ରବିଚନ୍ଦ୍ରନ ଅଶ୍ୱିନ, ଶ୍ରେୟାସ ଗୋପାଲ, ଶାମ୍ବ ମୁଲାନୀ, ମହମ୍ମଦ ସିରାଜ, ଧାୱଲ କୁଲକର୍ଣୀ, ସିଦ୍ଧାର୍ଥ କାଉଲ।

ଇଣ୍ଡିଆ ବି' ଦଳ: ଶ୍ରେୟାସ ଆୟାର (ଅଧିନାୟକ), ମୟଙ୍କ ଅଗ୍ରୱାଲ, ରୀତୁରାଜ ଗାଏକ୍ୱାଡ, ପ୍ରଶାନ୍ତ ଚୋପ୍ରା, ହନୁମା ବିହାରୀ, ମନୋଜ ତିୱାରୀ, ଅଙ୍କୁଶ ବେନ୍ସ (ଉଇକେଟକିପର), ରୋହିତ ରାୟୁଡୁ, କେ. ଗୋଥାମ, ମୟଙ୍କ ମାର୍କଣ୍ଡେ, ଏସ. ନଦୀମ, ଦୀପକ ଚହର, ବରୁଣ ଆରୋନ, ଜୟଦେବ ଉନାଡ୍‌କଟ।

ଇଣ୍ଡିଆ ସି' ଦଳ: ଅଜିଙ୍କ୍ୟ ରାହାନେ (ଅଧିନାୟକ), ଅଭିନବ ମୁକୁନ୍ଦ, ଶୁଭମ ଗିଲ୍, ସୁରେଶ ରାଇନା, ସୂର୍ଯ୍ୟକୁମାର ଯାଦବ, ଇଶାନ କିଷାନ (ଉଇକେଟକିପର), ବିଜୟ ଶଙ୍କର, ୱାଶିଂଟନ ସୁନ୍ଦର, ରାହୁଲ ଚହର, ପପୁ ରୟ, ନବଦୀପ ସଇନି, ରାଜନୀଶ ଗୁରବାଣୀ, ଉମର ନାଜିର।

ଜାତୀୟ ଦଳରେ ସୋନି, ଯବାମଣି

ଯବାମଣି ଟୁଡୁ

ସୋନି ବେହେରା

କଟକ ଅଫିସ,୨୨।୧୦

ଅକ୍ଟୋବର ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡଠାରେ ଏଏଫ୍‌ସି ୧୯ ବର୍ଷରୁ କମ୍ ମହିଳା ଫୁଟବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ । ଏହି ଚାମ୍ପିୟନଶିପ୍ ନିମନ୍ତେ ଘୋଷିତ ଜାତୀୟ ଦଳରେ ୨ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି । ଏମାନେ ହେଲେ କଟକ ସାଇ କେନ୍ଦ୍ରର ସୋନି ବେହେରା ଓ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲର ଯବାମଣି ଟୁଡୁ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରା ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ୱଜନିଆକିଙ୍କୁ ହରାଇଲେ ପ୍ଲିସ୍କୋଭା

କାଲାଙ୍ଗ (ସିଙ୍ଗାପୁର), ୨୨।୧୦

ଏଠାରେ ଆରମ୍ଭ ହୋଇଥିବା ଡବ୍ଲ୍ୟୁଟିଏ ଫାଇନାଲ୍ସର ଉଦ୍‌ଘାଟନୀ ଦିବସରେ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଡିଫେଣ୍ଡିଂ ଚାମ୍ପିୟନ ତଥା ଡେନମାର୍କର ତାରକା ମହିଳା ଟେନିସ ଖେଳାଳି କାରୋଲିନ ୱଜନିଆକି ପରାଜୟର ସାମ୍ନା କରିଛନ୍ତି। ଚେକ୍ ଗଣରାଜ୍ୟ ତଥା ବିଶ

ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ଓଡ଼ିଶା ଅଗ୍ରଣୀ

କଟକ ଅଫିସ,୨୨।୧୦: କୋଲ୍‌କାତାର ସଲ୍ଟଲେକ୍ ଜେୟୁ ସେକେଣ୍ଡ କ୍ୟାମ୍ପସ ଗ୍ରାଉଣ୍ଡରେ ଚାଲିଥିବା ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଓଡ଼ିଶା-ବେଙ୍ଗଲ ମ୍ୟାଚ୍‌ର ଦ୍ୱିତୀୟ ଦିନର ଖେଳ ଶେଷ ହୋଇଛି । ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଜାରି ରଖିବା ସହ ୯ରନ୍‌ରେ ଅଗ୍ରଣୀ ରହିଛି । ଦୁଇ ଓପନର ସଙ୍କେତ ବେହେରା ୨୮ ରନ୍ ଓ ବିଶ୍ୱଜିତ ପାତ୍ର ୩୩ରନ୍‌ରେ ଅପରାଜିତ ଅଛନ୍ତି। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୬୫ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଯଜ୍ଞଜିତ ସାହୁ ସର୍ବାଧିକ ୨୫ରନ୍ କରିଥିବା ବେଳେ ଅଂଶୁମାନ ସାହୁ ୨୩ ରନ୍, ଶୋଭନ ଦେବ ବେହେରା ୨୨ରନ୍ କରିଥିଲେ। ବେଙ୍ଗଲ ପକ୍ଷରୁ ସିଦ୍ଧାର୍ଥ ସିଂ ସର୍ବାଧିକ ୫ଟି ଉଇକେଟ ଦଖଲ କରିଥିଲେ । ଜବାବରେ ବେଙ୍ଗଲ ଅଧିନାୟକ ଅଭିଷେକ ପୋରେଲଙ୍କ ୧୦୨ରନ୍ ବଳରେ ୨୨୪ରନ୍ କରିଥିଲା। ଓଡ଼ିଶା ପକ୍ଷରୁ ଆଶୁତୋଷ ଛୁରିଆ ୬ଟି ଉଇକେଟ ହାସଲ କରିଛନ୍ତି ।

୧୫ ବର୍ଷରୁ କମ୍ ସାଫ୍ ଫୁଟବଲ

ଭାରତୀୟ ଦଳରେ ୩ ଓଡ଼ିଆ

ଭୁବନେଶ୍ୱର, ୨୨।୧୦(କ୍ରୀଡ଼ା ପ୍ରତିନିଧି)

ନେପାଳର କାଠମାଣ୍ଡୁଠାରେ ଚଳିତମାସ ୨୫ରୁ ନଭେମ୍ବର ୩ ପର୍ଯ୍ୟନ୍ତ ୧୫ ବର୍ଷରୁ କମ୍ ସାଫ୍ ଫୁଟବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ଚାମ୍ପିୟନଶିପ୍‌ରେ ଟାଇଟଲ ବଜାୟ ରଖିବା ଭାରତର ମୁଖ୍ୟ ଲକ୍ଷ୍ୟ ରହିବ। ଜୁନିୟର ସ୍ତରର ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ସୋମବାର ୨୫ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଏଥିରେ ୩ ଜଣ ଓଡ଼ିଆ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଟଙ୍କଧର ବାଗ୍, ଫରୱାର୍ଡ ପୁରୁଷୋତ୍ତମ କେରକେଟା ଓ ଅମନ୍ ଖାଲ୍‌କୋ। ଟଙ୍କଧର ବଲାଙ୍ଗୀର, ଅମନ ରାଉରକେଲା ଓ ପୁରୁଷୋତ୍ତମ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ଅନ୍ତେବାସୀ। କେବଳ ସେତିକି ନୁହେଁ, ମୁଖ୍ୟ କୋଚ୍‌ଭାବେ ଓଡ଼ିଶାର ଶୁଭେନ୍ଦୁ ପଣ୍ଡା(ଏଏଫସି-ଏ ଫୁଟବଲ କୋଚ୍)ଙ୍କୁ ଗୁରୁଦାୟିତ୍ୱ ଅର୍ପଣ କରାଯାଇଛି।

ଭାରତ ଗ୍ରୁପ 'ବି'ରେ ସ୍ଥାନ ପାଇଛି ଏବଂ ପର୍ଯ୍ୟାୟରେ ପାକିସ୍ତାନ ଓ ଭୁଟାନ ସହିତ ମୁକାବିଲା କରିବ। ଦଳ ୨୫ ତାରିଖ ପ୍ରଥମ ମ୍ୟାଚରେ ପାକିସ୍ତାନ ଓ ୨୯ରେ ଭୁଟାନକୁ ଭେଟିବ। ନଭେମ୍ବର ୧ରେ ସେମିଫାଇନାଲ ଏବଂ ୩ରେ ଫାଇନାଲ ଓ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଖେଳାଯିବ। ଆଗାମୀ ଟୁର୍ନାମେଣ୍ଟରେ ଭାରତୀୟ ଦଳର ଭଲ ପ୍ରଦର୍ଶନକୁ ନେଇ ଶୁଭେନ୍ଦୁ ବେଶ୍ ଆଶାବାଦୀ। ''ଭବିଷ୍ୟତକୁ ଦୃଷ୍ଟିରେ ରଖାଯାଇ ଭାରତୀୟ ଦଳ ମନୋନୟନ କରାଯାଇଛି। ଏଥିରେ ଭଲ ପ୍ରଦର୍ଶନ କଲେ ସେମାନେ ଭବିଷ୍ୟତରେ ସିନିୟର ଦଳରେ ଖେଳି ପାରିବେ। ଏବେ ଅନ୍ତର୍ଜାତୀୟ ଅଭିଜ୍ଞତା ହାସଲ ପାଇଁ ସେମାନଙ୍କ ନିକଟରେ ସୁବର୍ଣ୍ଣ ସୁଯୋଗ ପହଞ୍ଚିଛି। ଗତ ଚାଇନା ଗସ୍ତରେ ଆମ ଦଳ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲା, ତେଣୁ ଆଗାମୀ ଟୁର୍ନାମେଣ୍ଟରେ ମଧ୍ୟ ସକାରାତ୍ମକ ପ୍ରଦର୍ଶନ ନେଇ ଆଶା ରହିଛି'' ବୋଲି ଶୁଭେନ୍ଦୁ ପ୍ରକାଶ କରିଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳି ଓ କୋଚ୍‌ଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

ପୁରୁଷୋତ୍ତମ କେରକେଟା

ଟଙ୍କଧର ବାଗ୍

ଅମନ୍ ଖାଲ୍‌କୋ

କୋଚ୍ ଶୁଭେନ୍ଦୁ ପଣ୍ଡା

ଭାରତୀୟ ଦଳ

ଗୋଲକିପର: ଦିପେଶ ଚୌହାନ, ସନ୍ତୋଷ ସିଂ ଇରେଙ୍ଗବାମ୍, ଫେଭିନୋ ଫର୍ନାଣ୍ଡିଜ।
ଡିଫେଣ୍ଡର: କୁଶାଙ୍ଗ ସୁଦ୍ଧା, ଅବଦୁଲ ହାନାନ୍, ସାଜାଦ ହୁସେନ ପାରେ, ତାନ୍‌ଚୋକ୍ ହାଙ୍ଗ ସୁଦ୍ଧା, ଉମାନ ଥାପା, ଅଙ୍କିତ ଟପ୍ପୋ, ଟଙ୍କଧର ବାଗ୍।
ମିଡ୍‌ଫିଲ୍ଡର: ଲାଲପେଖଲୁଆ ଜୋଙ୍ଗଟେ, ଲାଲରିନ୍‌ସାଙ୍ଗା ସାମୁଏଲ, ଲାଲରାମ୍ପାନା ପାଉଡୁ, ଶୁଭୋ ପଲ୍, ନାଗମିନଲୁନ ଖୋଙ୍ଗସାଇ, ଫ୍ରେଡି ଚାଙ୍ଗଥାନ୍‌ସାଙ୍ଗା, ଜନ୍ ଶେରିଙ୍ଗ ଲେପ୍‌ଚା, ଚାଙ୍ଗଲୁଟ୍ ଲାଲଚନହିମା, ହର୍ଷ ଶୈଳେଶ ପାତ୍ରି।
ଫରୱାର୍ଡ: ଅମନ୍ ଖାଲ୍‌କୋ, ଆର୍ଯ୍ୟ ଗନ୍ଧର୍ବ, ପୁରୁଷୋତ୍ତମ କେରକେଟା, ଭାନଲାଲରୁଆତଫେଲା।
ମୁଖ୍ୟ କୋଚ୍: ଶୁଭେନ୍ଦୁ ପଣ୍ଡା।

ରୋହିତ୍ ପ୍ରଥମ ଭାରତୀୟ

ଗୁଆହାଟୀ, ୨୨।୧୦: ସ୍ଥାନୀୟ ବର୍ଷାପରା କ୍ରିକେଟ ଷ୍ଟାଡିୟମରେ ରବିବାର ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଦିନିକିଆକୁ ଭାରତୀୟ କ୍ରିକେଟ ଦଳ ୮ ଉଇକେଟ୍‌ରେ ଜିତିନେଇଥିଲା। ଏହି ମ୍ୟାଚରେ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ୍ ବିନିମୟରେ ୩୨୨ ରନ କରିଥିବାବେଳେ ଭାରତ ଅଧିନାୟକ ବିରାଟ କୋହଲି (୧୪୦) ଓ ରୋହିତ୍ ଶର୍ମା (୧୫୨*)ଙ୍କ ବିସ୍ଫୋରକ ଶତକ ବଳରେ ୪୨.୧ ଓଭରରେ ୨ଟି ଉଇକେଟ୍ ହରାଇ ହାସଲ କରିନେଇଥିଲା। ରୋହିତ୍ ୧୧୭ ବଳରୁ ୧୫ ଚୌକା ଓ ୮ ଛକା ସହାୟତାରେ ଏହି ବୃହତ୍ ଇନିଂସ ଖେଳିଥିଲେ। ଏହି ଅପରାଜିତ ଇନିଂସ ସହ ରୋହିତ ପ୍ରଥମ ଭାରତୀୟ ବ୍ୟାଟ୍ସମ୍ୟାନଭାବେ ଏକଦିବସୀୟ କ୍ରିକେଟରେ ୬ଥର ଦେଢ଼ଶହରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିବାର କୃତିତ୍ୱ ହାସଲ କରିଛନ୍ତି। ଯେଉଁଥିରେ ଦୁଇଟି ଦ୍ୱିଶତକୀୟ (୨୦୯ ରନ ବନାମ ଅଷ୍ଟ୍ରେଲିଆ ଏବଂ ୨୬୪ ରନ ବନାମ ଶ୍ରୀଲଙ୍କା) ଇନିଂସ ସାମିଲ ରହିଛି। ୧୮୯ତମ ଦିନିକିଆରୁ ଏହା ତାଙ୍କର ୨୦ତମ ଶତକ ଥିଲା। ଦିନିକିଆରେ ସର୍ବାଧିକଥର ଦେଢ଼ଶହରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଥିବା ଭାରତୀୟ ବ୍ୟାଟ୍ସମ୍ୟାନ ତାଲିକାର ୨ୟ ସ୍ଥାନରେ ସଚିନ ତେନ୍ଦୁଲକର ରହିଛନ୍ତି। ସଚିନ ଦିନିକିଆ କ୍ୟାରିୟରରେ ୫ଥର ୧୫୦ ବା ତଦୂର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି।

ରାଇକୋନେନ ଜିତିଲେ ୟୁଏସ୍ ଗ୍ରାଁ ପ୍ରି

ଅଷ୍ଟିନ୍, ୨୨।୧୦: ଫେରାରିର କିମି ରାଇକୋନେନ ୟୁଏସ୍ ଗ୍ରାଁ ପ୍ରି ଫର୍ମୁଲା ୱାନ୍ ମୋଟର ରେସିଂ ଟାଇଟଲ ଜିତିଛନ୍ତି। ରବିବାର ଅନୁଷ୍ଠିତ ଏହି ଫର୍ମୁଲା ୱାନ ରେସ୍‌ରେ ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ ଦ୍ୱିତୀୟ ହୋଇଥିବାବେଳେ ମର୍ସିଡିଜର ଲୁଇସ୍ ହାମିଲଟନଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଫୋର୍ସ ଇଣ୍ଡିଆର ଦୁଇ ଡ୍ରାଇଭର ଏଷ୍ଟିବାନ ଓକନ ଏବଂ ସର୍ଗିଓ ପେରେଜ ଯଥାକ୍ରମେ ୮ମ ଓ ୧୦ ସ୍ଥାନ ଅଧିକାର କରି ସେମାନଙ୍କ ଟିମ୍ ପାଇଁ ପଏଣ୍ଟ ସଂଗ୍ରହ କରିଛନ୍ତି। ୫ ବର୍ଷ ଓ ୬ ମାସ ମଧ୍ୟରେ ରାଇକୋନେନ ପ୍ରଥମ ଥର ପାଇଁ ଏକ ଗ୍ରାଁପ୍ରି ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି।

CLASSIFIED DISPLAY

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

	SIZE	COLOR	B/W
For 15 insertions	6 × 8	40,000	35,000
8 insertions in a month	6 × 8	20,000	18,000
4 insertions in a month	6 × 8	11,000	10,000
Single day	6 × 8	2,800	2,500

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable



ନକଲି ମାଓବାଦୀ ସାଜି ଜେଲଗଲେ ଯୁବକ

ବେଲପଡ଼ା ଥାନା

- ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କୁ ଦେଇଥିଲେ ଧମକ
- ଦାବି କରିଥିଲେ ୨ଲକ୍ଷ ଟଙ୍କା, ୧୩ ବସ୍ତା ଚାଉଳ, ୨ଟିପା ତେଲ
- ୧୦ଦିନ ତଳେ ଦାବି ମୁତାବକ ଚାଉଳ, ତେଲ ନେଇଥିଲେ

ବେଲପଡ଼ା, ୨୨।୧୦(ଡି.ଏନ.ଏ.)

ନିଜକୁ ମାଓବାଦୀ ବୋଲି ପରିଚୟ ଦେଇ ବ୍ଲକ ଅଧକ୍ଷାଙ୍କ ସ୍ୱାମୀଙ୍କୁ ଟଙ୍କା ମାଗିବା ଜଣେ ଯୁବକଙ୍କୁ ମହଙ୍ଗା ପଡିଛି। ବଲାଙ୍ଗୀର ଜିଲା ବେଲପଡ଼ା ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ସୋମବାର ବେଲପଡା ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି ପାଟଣାଗଡ଼ ଏସ୍‌ଡିପିଓ ଶେଷଦେବ ବରିହା। ଗିରଫ ଯୁବକ ହେଲେ ବେଲପଡ଼ା ଥାନା ଅନ୍ତର୍ଗତ ଜାମଜୁରୀ ଗ୍ରାମର ପୀତବାସ ଧରୁଆ(୨୩)। ଗତ ୮ତାରିଖରେ ସେ ବ୍ଲକ ଅଧ୍ୟକ୍ଷା ବୈଜୟନ୍ତୀ ପାଣିଗ୍ରାହୀଙ୍କ ସ୍ୱାମୀ ରମାବଲ୍ଲଭ ପାଣିଗ୍ରାହୀଙ୍କୁ ଫୋନ କରି ନଗଦ ୨ଲକ୍ଷ ଟଙ୍କା, ୧୩ ବସ୍ତା ଚାଉଳ ଓ ୨ଟିପା ତେଲ ଦେବାକୁ ଦାବି କରିଥିଲେ। ଦୁଇଦିନ ମଧ୍ୟରେ ପ୍ରଦାନ ନ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏହି ଧମକରେ ଭୟଭୀତ ହୋଇ ରମାବଲ୍ଲଭ ୧୦ତାରିଖରେ ଦାବି ମୁତାବକ ୧୩ବସ୍ତା ଚାଉଳ ଓ ୨ଟିପା ତେଲ ଧମକ ଦେଇଥିବା ଯୁବକ ନିରୂପିତ ସ୍ଥାନ ପଣ୍ଡକିମାଳରେ ପହଞ୍ଚାଇଥିଲେ। ପରେ ଉକ୍ତ ମୋବାଇଲ ନମ୍ବରରୁ ଅବିଳମ୍ବେ ୨ଲକ୍ଷ ଟଙ୍କା ଦେବା ପାଇଁ ବାରମ୍ବାର ଫୋନ ଆସିଥିଲା। ହେଲେ ଦୁଇ ଚାରିଦିନ ମହଲତ ମାଗି ରମାବଲ୍ଲଭ ରବିବାର ପୋଲିସର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ଧମକ ମିଳିଥିବା ମୋବାଇଲ ନମ୍ବର ୭୬୮୪୯୮୪୦୦୪କୁ ଟ୍ରାକିଂ କରି ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବା ସହ ତାଙ୍କୁ ଗିରଫ କରିଥିଲା। ଗିରଫ ପୀତବାସ ବିଭିନ୍ନ ସମୟରେ ମାଓବାଦୀ ପରିଚୟ ଦେଇ ଚାନ୍ଦା ଅସୁଲି କରିଥିବା ସ୍ୱୀକାର କରିଥିବା ଏସଡିପିଓ ବରିହା କହିଛନ୍ତି। ଏ ନେଇ ଥାନାରେ ଦଫା ୩୮୬, ୪୯୧, ୫୦୭ରେ ଏକ ମାମଲା(ନଂ. ୧୮୮/୧୮) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପାଟଣାଗଡ ଜେଲକୁ ପଠାଇ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ବେଲପଡା ଥାନା ଆଇଆଇସି ଲୋକନାଥ ସାହୁ ଉପସ୍ଥିତ ଥିଲେ।

CHILD HEART CLINIC
CARE HOSPITALS BHUBANESWAR
Dr. K Nageswar Rao
MD (Pediatric), DM (Cardiology), Fellowship - Pediatric Cardiology
Children's Hospital, Westmead, Sydney, Australia
Dr. Tapan Dash
Pediatric Cardiac Surgeon, CARE Hospitals, Hyderabad
Available for Consultations: 25th & 26th Oct. 2018, 10 AM Onwards
CARE Hospitals, Bhubaneswar
Patients may require device closures for ASD, VSD & PDA. For complex interventions like Neonatal Valvotomy, Stenting of the Duct, Closure of Abnormal Vessel (Coronary AV Fistula, Collaterals, etc.) and hybrid procedures like Periventricular Device Closure, register today.
CARE Hospitals: Bhubaneswar
Plot No. 324, Unit No. 42, Prachi Enclave, Chandrasekharpur, Bhubaneswar - 751016
For Appointment
1800 3000 10 10
0674-3021999

ହାତୀ ଆକ୍ରମଣରେ ଜଣେ ମୃତ

ରାଜଗାଙ୍ଗପୁର,୨୨।୧୦(ଡି.ଏନ୍.ଏ.)

ହାତୀ ଆକ୍ରମଣରେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବନଖଣ୍ଡ ଅଧୀନ କୁଣ୍ଡୁଣିଆ ପଞ୍ଚାୟତ କେନ୍ଦୁକୁଦର ମୋଦିପଡ଼ାର ଗୋବର୍ଦ୍ଧନ ଲାକଡ଼ା (୫୦)ଙ୍କ ମୃତ୍ୟୁ ହୋଇଥିବା ରାଜଗାଙ୍ଗପୁର ରେଞ୍ଜ ଅଫିସ ପକ୍ଷରୁ ସୂଚନା ମିଳିଛି। ୨୦ରୁ ଅଧିକ ହାତୀ ଏହି ଅଞ୍ଚଳକୁ ଆସି ଧାନ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଉଛନ୍ତି। ଏଣୁ ହାତୀଙ୍କୁ ଘଉଡ଼ାଇବା ପାଇଁ ଗ୍ରାମବାସୀ ସନ୍ଧ୍ୟା ହେଲେ ନିଜ ଧାନକ୍ଷେତ ପାଖରେ ନିଆଁ ଜାଳି ଜଗି ରହୁଛନ୍ତି। ରବିବାର ରାତିରେ ମୋଦିପଡ଼ା ଗ୍ରାମବାସୀ କ୍ଷେତ ଜଗିଥିଲେ। ସୋମବାର ଭୋର ୪ଟାରେ ୧୦ରୁ ଅଧିକ ହାତୀ ବିଲରେ ପଶି ଧାନ ଖାଇଥିଲେ। ହାତୀଙ୍କୁ ଘଉଡ଼ାଇବା ପାଇଁ ଗ୍ରାମବାସୀ ମିଳିତ ଭାବରେ ପ୍ରୟାସ କରିଥିଲେ। ଏହି ସମୟରେ ଗୋବର୍ଦ୍ଧନ ଏକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଗୋବର୍ଦ୍ଧନଙ୍କୁ ଶୁଣ୍ଢରେ କଚାଡ଼ି ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ହାତୀପଲ ସେଠାରୁ ଚାଲିଯିବା ପରେ ଗ୍ରାମବାସୀ ଗୋବର୍ଦ୍ଧନଙ୍କ ମୃତଦେହ ଉଦ୍ଧାର କରି ବନ ବିଭାଗ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ଅଧିକାରୀମାନେ ସେଠାରେ ପହଞ୍ଚି ମୃତଦେହ ଜବତ କରି ରାଜଗାଙ୍ଗପୁର ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଗୋବର୍ଦ୍ଧନଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି।

ବାତ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ୨୭୭୦ କୋଟି ଅନୁମୋଦନ

- ରିଲିଫ୍ ପାଇଁ ଗଞ୍ଜାମ, ଗଜପତି, ରାୟଗଡ଼ାକୁ ୩୭୫ କୋଟି
- ଉଦ୍ୟାନ କୃଷିକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସାମିଲ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

ବାତ୍ୟା ତିତ୍‌ଲି ଓ ଏହାର ପରବର୍ତ୍ତୀ ପ୍ରବଳ ବର୍ଷା ଯୋଗୁ ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲା ସମେତ ୧୭ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସେହି ଜିଲାଗୁଡ଼ିକରେ ହୋଇଥିବା କ୍ଷୟକ୍ଷତି ଓ ସହାୟତା ରାଶି ୨୭୭୦ କୋଟି ଟଙ୍କାକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ସୋମବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧକ୍ଷତାରେ ବସିଥିବା ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସଡମା)ର ରାଜ୍ୟସ୍ତରୀୟ କାର୍ଯ୍ୟ ନିର୍ବାହୀ କମିଟି ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଜରୁରୀ ପରିସ୍ଥିତିରେ ପ୍ରଭାବିତ ଅଞ୍ଚଳରେ ଯେଉଁ ଅର୍ଥ ବଣ୍ଟାଯାଇଥିଲା ସେଗୁଡ଼ିକୁ ମଧ୍ୟ ଅନୁମୋଦନ ମିଳିଛି। ଗଞ୍ଜାମ,ଗଜପତି ଓ ରାୟଗଡ଼ା ଜିଲାରେ ପ୍ରଥମ କିସ୍ତିରେ ରିଲିଫ ବାବଦରେ ୧୦୨କୋଟି ଟଙ୍କା ବଣ୍ଟନରେ ଖର୍ଚ୍ଚ ହୋଇଥିବା ଜିଲାପାଳମାନେ ଜଣାଇଛନ୍ତି। ସେହି ଜିଲାଗୁଡ଼ିକରେ ୩୭୫ କୋଟି ଟଙ୍କା ରିଲିଫ ବାବଦରେ ପ୍ରଦାନ କରାଯିବ। ଏହି ପ୍ରସ୍ତାବକୁ ବୈଠକରେ ଅନୁମୋଦନ କରାଯାଇଛି। ତେବେ ସମୁଦାୟ ଅନୁମୋଦନ ଅର୍ଥରୁ ଗଞ୍ଜାମ ଓ ଗଜପତି ଜିଲାରେ ୯୦ ପ୍ରତିଶତ ଅର୍ଥ ପୁନରୁଦ୍ଧାର ଓ ଥଇଥାନ ପାଇଁ ଖର୍ଚ୍ଚ କରାଯିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ ସୂଚନା ଦେଇଛନ୍ତି। ପ୍ରଥମ କିସ୍ତି ରିଲିଫ ବଣ୍ଟନ ଶେଷ ହେବା ପରେ ପରବର୍ତ୍ତୀ କିସ୍ତି କ୍ଷତିଗ୍ରସ୍ତ ପରିବାରବର୍ଗଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ପ୍ରଥମ ପର୍ଯ୍ୟାୟରେ ବିଦ୍ୟୁତ ଭିତ୍ତିଭୂମିକୁ ସଜାଡିବା ପାଇଁ ଶକ୍ତି ବିଭାଗ ପାଇଁ ୨୭ କୋଟି ଟଙ୍କା ଏବଂ ଚାଉଳ, ଚୁଡା, ଗୁଡ଼ ଆଦି ଶୁଖିଲା ଖାଦ୍ୟ ଯୋଗାଇବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ୨୦.୩୧ କୋଟି ଆଗୁଆ ପ୍ରଦାନ କରାଯାଇଛି। ସେହିପରି ଉଠାଜଳସେଚନ ମରାମତି ପାଇଁ ଜଳ ସମ୍ପଦ ବିଭାଗକୁ ୭.୭୪ କୋଟି ଟଙ୍କା ଆଗତୁରା ପ୍ରଦାନ କରାଯାଇଥିବା ବେଳେ ରାସ୍ତାଘାଟ,ଅଙ୍ଗନୱାଡି ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମରାମତି ପାଇଁ ପୂର୍ତ୍ତ ବିଭାଗକୁ ୪୯.୫୫ କୋଟି ,ଗ୍ରାମ୍ୟ ଉନ୍ନୟନ ବିଭାଗକୁ ୫୫ କୋଟି ଏବଂ ପଞ୍ଚାୟତିରାଜ ବିଭାଗକୁ ୬୨୪.୨୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ମୃତାହତ ଗୃହପାଳିତ ପ୍ରାଣୀଙ୍କ କ୍ଷତିପୂରଣ ପାଇଁ ପ୍ରାଣୀ ସମ୍ପଦ ବିଭାଗକୁ ୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ କ୍ଷୟକ୍ଷତି ଆକଳନ ଭିତ୍ତିରେ ଉକ୍ତ ଖର୍ଚ୍ଚ ଅଟକଳକୁ ବୈଠକରେ ଅନୁମୋଦନ କରାଯାଇଛି। ସେହିପରି ଗୃହ ନିର୍ମାଣ, ଲୁଗାପଟା, ବାସନକୁସନ ଏବଂ ଘରୋଇ ଆସବାବପତ୍ର, ଚାଷଜମିରୁ ବାଲି ଉଠାଣ, ଗୃହପାଳିତ ପ୍ରାଣୀମାନଙ୍କ ମୃତ୍ୟୁ, କ୍ଷତିଗ୍ରସ୍ତ ନୌକା ଏବଂ ଜାଲ ଆଦିର ପୁନରୁଦ୍ଧାର ବାବଦରେ ୨୧୮ .୫୦ କୋଟି ଟଙ୍କାର ଅଟକଳକୁ ମଧ୍ୟ ବୈଠକରେ ଅନୁମୋଦନ କରାଯାଇଛି ବୋଲି ଏସ୍‌ଆର୍‌ସି ସୂଚନା ଦେଇଛନ୍ତି। ଆସନ୍ତା ଦୁଇ ଦିନ ମଧ୍ୟରେ ଶସ୍ୟହାନି ରିପୋର୍ଟ ଦେବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

କ୍ଷତିଗ୍ରସ୍ତ ଅଞ୍ଚଳରେ କାଜୁ ଓ ଅନ୍ୟାନ୍ୟ ଉଦ୍ୟାନ କୃଷି କରିଥିବା ଚାଷୀମାନଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ)ରେ ସାମିଲ କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଉଦ୍ୟାନଗୁଡିକର ପୁନରୁଦ୍ଧାର କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଓଡ଼ିଶା ଜୀବିକା ମିଶନରେ ସାମିଲ କରି କର୍ମ ନିୟୋଜନ ଓ ରୋଜଗାର ସୁବିଧା ଯୋଗାଇଦେବା ପାଇଁ ପରାମର୍ଶ ଦିଆଯାଇଛି। ପୂଜା ଛୁଟି ପରେ ଆବାସିକ ବିଦ୍ୟାଳୟଗୁଡିକରେ ଛାତ୍ରାବାସଗୁଡ଼ିକୁ ବିଦ୍ୟୁତ ସଂଯୋଗ ଏବଂ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ କ୍ଷୟକ୍ଷତି ଭରଣା ପାଇଁ ରାଜ୍ୟ ସରକାର ପ୍ରାଥମିକ ଆକଳନ କରି କେନ୍ଦ୍ର ସରକାରଙ୍କୁ ୨୭୭୦.୨୮ କୋଟି ଟଙ୍କାର ସହାୟତା ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେଥିରୁ ୨୦୧୪.୦୯ କୋଟି ଟଙ୍କା ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏନ୍‌ଡିଆର୍‌ଏଫ)ରୁ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅକ୍ଟୋବର ୧୮ ତାରିଖରେ ଚିଠି ଲେଖି ଅନୁରୋଧ କରିଛନ୍ତି । ବାତ୍ୟା ଓ ବର୍ଷା ପରବର୍ତ୍ତୀ ପୁନରୁଦ୍ଧାର ଓ ଥଇଥାନ ପାଇଁ ଅନ୍ତରୀଣ ସହାୟତା ବାବଦରେ ତୁରନ୍ତ ୧ ହଜାର କୋଟି ଟଙ୍କା ଏବଂ ବାତ୍ୟା ଓ ବର୍ଷାରେ ନଷ୍ଟ ହୋଇଥିବା ୫୭,୧୩୧ ବାସଗୃହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଚିଠି ଜରିଆରେ କେନ୍ଦ୍ରକୁ ଅବଗତ କରାଇଛନ୍ତି।

ଜରାସିଂହା ପାଟଖଣ୍ଡା ଯାତ୍ରା ସମ୍ପନ୍ନ

ପାଟଖଣ୍ଡା ଯାତ୍ରା ଅନ୍ତିମ ଦିବସରେ ଦେବତା ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି।

ଦେଓଗାଁ,୨୨।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହାଠାରେ ବିଜୟାଦଶମୀରୁ ୫ଦିନ ଧରି ଚାଲିଥିବା ମା' ପାଟଖଣ୍ଡା ଯାତ୍ରା ବାହୁଡା ବିଜୟ ସହ ସୋମବାର ସମ୍ପନ୍ନ ହୋଇଯାଇଛି। ଅପରାହ୍ନରେ ପାଟଖଣ୍ଡା ଦେବତା ବଗୁଆଙ୍କ ମଧ୍ୟରେ ପ୍ରବେଶ କଲାପରେ ସ୍ୱତନ୍ତ୍ର ବାଦ୍ୟର ତାଳେତାଳେ ବିଭିନ୍ନ ଭଙ୍ଗିରେ ନୃତ୍ୟକରି ମାନସିକଧାରୀଙ୍କୁ ବର ପ୍ରଦାନ କରିବା ସହ ରାଜ ନଅର ପରିଭ୍ରମଣ କରିଥିଲେ। ପରେ ବଳି ପ୍ରଦାନ କାର୍ଯ୍ୟକ୍ରମ କରାଯାଇଥିଲା। ପୂଜାର୍ଚ୍ଚନା ପରେ ଶେଷରେ ଭକ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରି ଦେବତା ଏକମୂହାଁ ହୋଇ ସ୍ୱସ୍ଥାନ ଅର୍ଥାତ ଦେଖାର ଜଙ୍ଗଲ ପ୍ରତ୍ୟାବର୍ତ୍ତନ ପରେ ଯାତ୍ରା ସମ୍ପନ୍ନ ହୋଇଥିଲା। ଯାତ୍ରାକୁ ମୁଖ୍ୟ ସେବାୟତ ସନ୍ତୋଷ ଥନାପତି, ମୁଖ୍ୟ ସେବକ ସାମନ୍ତ ଦୁର୍ଗାପ୍ରସାଦ ସିଂଦେଓ, ପଣ୍ଡିତ ଅସିତ କୁମାର ତ୍ରୀପାଠୀ, ଉଜ୍ଜ୍ୱଳ ଝାଙ୍କର. ଡା.ସରୋଜ କୁମାର ସାହୁ ବିଏନଏଏ ଯୁବକ ସଂଘ ତଥା ଜରାସିଂହା ଗ୍ରାମବାସୀ ସହଯୋଗ କରିଥିଲେ।

ଫେରାର ଅଭିଯୁକ୍ତ ଗିରଫ

ରେଢ଼ାଖୋଲ,୨୨।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡ ବଡବାହାଳ ଝରାମୁଣ୍ଡା ଗ୍ରାମର ସରୋଜ ପ୍ରଧାନ(୨୮) ନାମକ ଜଣେ ଯୁବକଙ୍କୁ ରବିବାର ରାତିରେ ରେଢ଼ାଖୋଲ ଥାନା ପୋଲିସ ଗିରଫ କରିଛି। ତାଙ୍କ ନାମରେ ଜଣେ ବାଳିକାଙ୍କୁ ବଳାତ୍କାର କରିଥିବା ନେଇ ଅଭିଯୋଗ ରହିଛି। ୨୦୧୭ ଡିସେମ୍ବର ୧୧ରେ ଏ ନେଇ ରେଢ଼ାଖୋଲ ଥାନାରେ ଦଫା ୩୭୬, ପୋକ୍‌ସୋ ଆକ୍ଟର ଧାରା ୬ ଓ ୩ ଏସିଏଟି ଆକ୍ଟରେ ଏକ ମାମଲା ଏକ ମାମଲା (ନଂ ୨୧୪/୧୭) ରୁଜୁ ହୋଇଥିଲା। ସେବେଠୁ ସେ ଫେରାର ଥିଲେ। ସୋମବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ହେଲେ ଜାମନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ କହିଛନ୍ତି।

ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ପାଇକମାଳ, ୨୨।୧୦ (ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ଥାନା କୋକନରା ଗ୍ରାମ ସୀମାନ୍ତ ଏକ ମହୁଲଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ସୋମବାର ଉଦ୍ଧାର କରିଛି । ମୃତକ ହେଲେ କେନାବୁଦା ଗ୍ରାମର ଭୀଷ୍ମଦେବ ବରିହା । ପାଇକମାଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇ ଘଟଣାର ଅନୁସନ୍ଧାନ ଚଳାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୯/୧୮) ରୁଜୁ ହୋଇଛି । ଅନ୍ୟପକ୍ଷେ ଭୀଷ୍ମଦେବଙ୍କୁ ହତ୍ୟା କରି ମହୁଲ ଗଛରେ ଟାଙ୍ଗି ଦେଇଥିବା ତାଙ୍କ ବାପା ଅଭେଲ ବରିହା ଅଭିଯୋଗ କରିଛନ୍ତି । ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ କହିଛି । ସୂଚନା ଅନୁସାରେ, ଭୀଷ୍ମଦେବ ଶୁକ୍ରବାର ସନ୍ଧ୍ୟାରେ ରାବଣପୋଡି ଦେଖିବାକୁ ପାଇକମାଳ ଯାଇଥିଲେ ଏବଂ ଆଉ ଘରକୁ ଫେରି ନ ଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ନ ପାଇବାରୁ ଭୀଷ୍ମଦେବଙ୍କ ବାପା ଅଭେଲ ରବିବାର ପାଇକମାଳ ଥାନାରେ ଅଭିଯୋଗ କରିଥିଲେ ।

ଚମତ୍କାରୀ ଫାଇଦା

କୋଷ୍ଠକାଠିନ୍ୟ ରୁ ଉପଶମ
ଗ୍ୟାସ୍ ରୁ ମୁକ୍ତି
ଏସିଡିଟି ରୁ ଆରାମ

Dr. Juneja's
ପେଟ ସଫା
Natural Laxative Granules & Tablets
ପେଟ ସଫା ତୋ ହର ରୋଗ ଦଫା
ଯଦି କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା ଆପଣଙ୍କୁ ମଧ୍ୟ ଘେରିରହିଛି ତେବେ ଆଜି ହିଁ ନିଅନ୍ତୁ, ଆୟୁର୍ବେଦିକ ପେଟ ସଫା ଗ୍ରାନ୍ୟୁଲ୍‌ସ। ଏହା ପ୍ରଥମ ଦିନରୁ ପ୍ରଭାବ ଦେଖାଏ, ପାଟିରେ ଲାଖିରହେ ନାହିଁ ଏବଂ ଏହା ଅଭ୍ୟାସରେ ମଧ୍ୟ ପରିଣତ ହୁଏନାହିଁ ।
www.petsaffa.com • 24x7 Helpline: 0171-3055233

ଏସ୍‌ସିବିର ୫ ବିଭାଗରେ ଖୋଲିବ ଡେଷ୍ଟିଚ୍ୟୁଟ୍ ୱାର୍ଡ

ଅସହାୟଙ୍କ ମୃତ୍ୟୁ ପରେ ତନାଘନା

କଟକ ଅଫିସ, ୨୨।୧୦

ଏସ୍‌ସିବି ମେଡିକାଲର ମେଡିସିନ ବିଭାଗ ସାମ୍ନାରେ ଚିକିତ୍ସା ନ ପାଇ ଜଣେ ଅସହାୟ(ଡେଷ୍ଟିଚ୍ୟୁଟ) ରୋଗୀଙ୍କ ରବିବାର ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାପରେ ପରିସ୍ଥିତିର ମୁକାବିଲା ପାଇଁ ଏସ୍‌ସିବି କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିଛନ୍ତି। ଏହି ଅନୁଯାୟୀ ମେଡିକାଲର ୫ଟି ବିଭାଗ ଯଥା ଅସ୍ଥିଶଲ୍ୟ, ମେଡିସିନ, ଶିଶୁ ରୋଗ, ପ୍ରସୂତି ଓ ଶଲ୍ୟ ବିଭାଗରେ ଅସହାୟ ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ଖୋଲାଯିବ। ଉପରୋକ୍ତ ବିଭାଗଗୁଡ଼ିକର ବିଭାଗୀୟ ମୁଖ୍ୟମାନଙ୍କୁ ସୋମବାର ଅଧୀକ୍ଷକ ପ୍ରଫେସର ଡାକ୍ତର ପି.କେ. ଦେବତା ଚିଠି କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଏହି ୱାର୍ଡ କାର୍ଯ୍ୟକ୍ଷମ ହେବ ବୋଲି ମେଡିକାଲ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ସୂଚନା ଦେଇଛନ୍ତି। ସୂଚନାଥାଉକି, କେବଳ ଏହି ଗୋଟିଏ ଘଟଣା ନୁହେଁ ଏସ୍‌ସିବିରେ ଅସହାୟ ରୋଗୀଙ୍କୁ ନେଇ ବହୁ ଘଟଣା ଘଟିଛି। ନିକଟରେ ଓଡ଼ିଶା ମାନବାଧିକାର କମିଶନଙ୍କ ଅଧକ୍ଷ ନିଜେ ମେଡିକାଲ ଆସି ଅସହାୟ ରୋଗୀମାନଙ୍କ ଦୁର୍ଦ୍ଦଶା ଆଖିରେ ଦେଖିଥିଲେ। ଏହା ପରେ ତୁରନ୍ତ ଅସହାୟମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର କମିଶନଙ୍କ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ପୁନର୍ବାର ଏଭଳି ଘଟଣା ଘଟିଥିବା ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁ କହିଛନ୍ତି।

ପୁରୁଣା ଗଣ୍ଠି ଯନ୍ତ୍ରଣା କାରଣରୁ ଚିନ୍ତିତ ରୋଗୀମାନଙ୍କ ପାଇଁ ଶୁଭ ଖବର
ଡା. ଅର୍ଥୋ ୬୦ କ୍ୟାପ୍‌ସୁଲର ୧ ଡବା ସହିତ ଗୋଟିଏ ଡା. ଅର୍ଥୋ ଅଏଣ୍ଟମେଣ୍ଟ ସମ୍ପୂର୍ଣ୍ଣ ମାଗଣା

ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା।
ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ତୁଳସୀ ଦାସ

ସଂକ୍ଷେପରେ

କଳାକାର ସମ୍ମିଳନୀ ଉଦ୍‌ଯାପିତ

ଜହ୍ନାପଙ୍କ,୨୨।୧୦(ଡି.ଏନ.ଏ.): ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ ଅନ୍ତର୍ଗତ ତୁଳସୀପୁର ଶିବ ସଂକ୍ରାନ୍ତ କ୍ଲବ ଆନୁକୂଲ୍ୟରେ କଳାକାର ସମ୍ମିଳନୀ-୨୦୧୮ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ତଥା ଓଡିଶା ବିଧାନସଭାର ବାଚସ୍ପତି ପ୍ରଦୀପ କୁମାର ଅମାତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବୌଦ୍ଧ ବ୍ଲକ ଉପାଧକ୍ଷ ମନରଞ୍ଜନ ପୁରୋହିତ, ବିକେଏସଏସର ଉପସଭାପତି ହରେନ୍ଦ୍ର ତରିଆ, ପଦ୍ମନପୁର ସରପଞ୍ଚ ପ୍ରତାପ କିଶୋର ପରିଡା, ପୂର୍ବତନ ସରପଞ୍ଚ ମହେନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷକ ଅରବିନ୍ଦ ପ୍ରଧାନ ଯୋଗଦେଇ ଗ୍ରାମାଞ୍ଚଳରେ ଲୋପ ପାଇ ଯାଉଥିବା କଳାର କିପରି ବିକାଶ ହେବ ଏବଂ ଏହାର ଲୋକପ୍ରିୟତା ହେବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଏହି କଳାକାର ସମ୍ମିଳନୀରେ ବୀଣାକାର, ଦଣ୍ଡନୃତ୍ୟ, ନମଗୁରୁ, ଭଗବତ, ଘୁଡୁକା, କରମା ନୃତ୍ୟ ଆଦି ପ୍ରଦର୍ଶନ କରାଯାଇଥିଲା। ୩୨ଜଣ କଳାକାର ଏଥିରେ ଅଂଶ ଗ୍ରହଣ କରିଥିଲେ । ମୁଣ୍ଡାପଡା ସରପଞ୍ଚ ବିଦ୍ୟାଧର ସ୍ୱାଇଁ ସଭାରେ ଅଧକ୍ଷତା କରିଥିଲେ । ଭଲ କଳା ପ୍ରଦର୍ଶନ କରିଥିବା ଦଳକୁ ମୁଖ୍ୟଅତିଥି ଅମାତ ସମ୍ମାନୀତ କରିଥିଲେ । କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଆଖାପାଖ ଗାଁର ଲୋକଙ୍କ ଭିଡ ଲାଗିଥିଲା ।

ପିଡିଏସ୍ କିରୋସିନ ବଣ୍ଟନରେ ଅନିୟମିତତା ଅଭିଯୋଗ

ପଲଶାଗୋରା,୨୨।୧୦(ଡି.ଏନ.ଏ.): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସିମିଲିପଦର ପଞ୍ଚାୟତରେ ପିଡିଏସ କିରୋସିନ ବଣ୍ଟନରେ ଅନିୟମିତତା ନେଇ ଜିଲା ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ । ପ୍ରକାଶ ଯେ, ସିମିଲିପଦର ପଞ୍ଚାୟତର ପିଡିଏସ କି ରୋସିନି ବଣ୍ଟନ ଦାୟିତ୍ୱ ଏକ ବେସରକାରୀ ସଂସ୍ଥା ସନ୍ତୋଷି ଦେବୀ ସ୍ୱୟଂ ସହାୟକ ଗୋଷ୍ଠୀ ପର୍ଥଲା ନାମରେ ଅଛି। ଫଳରେ ଉକ୍ତ ସଂସ୍ଥାଟି ବହୁ ବର୍ଷ ହେବ ବଣ୍ଟନ ଦାୟିତ୍ୱ ତୁଲାଉଥିବାବେଳେ ଏଇ କିଛି ମାସ ହେବ ହିତାଧିକାରୀମାନଙ୍କୁ ହଇରାଣ ହରକତ କରୁଛି। ସେହିପରି ବଣ୍ଟନ ସମ୍ବନ୍ଧୀୟ କୌଣସି ସୂଚନା, ନୋଟିସ ଗ୍ରାମମାନଙ୍କରେ ଛାପୁ ନ ଥିବା ବେଳେ ତରବର ହୋଇ ଗୋଟିଏ ଦିନ ବା ଦିନେ ବାଣ୍ଟି ଚୁପ ରହୁଛି । ଏହାର ସୂଚନାପାଇ ନ ଥିବା ହିତାଧିକାରୀ ପରବର୍ତ୍ତି ସମୟରେ କିରୋସିନ ଆଣିବା ପାଇଁ ଯାଉଥିବାବେଳେ କିରୋସିନ ନ ଦେଇ ଫେରାଇ ଦେଇଥିବା ଅଭିଯୋଗ ହେଉଛି। ଅନ୍ୟପଟେ ସ୍ୱୟଂ ସହାୟକ ଗୋଷ୍ଠୀର ଏହି ସାମଗ୍ରୀ ବଣ୍ଟନ ଦାୟିତ୍ୱ ଶମ୍ଭୁପ୍ରସାଦ ଅଗ୍ରୱାଲ ଓ ତାଙ୍କ ପୁଅ ଉଜ୍ଜ୍ୱଳ ଅଗ୍ରୱାଲ ବାଣ୍ଟୁ ଥିବାରୁ ମନ ଇଚ୍ଛା ବାଣ୍ଟି ବଳକା କିରୋସିନ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ତେଣୁ ବିଭାଗୀୟ ଅଧିକାରୀ ଏହାର ତଦନ୍ତ କରି ଏହାଠାରୁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦ୍ୱାରା ବଣ୍ଟନ ଦାୟିତ୍ୱ ନେବାକୁ ଦାବି ହେଉଛି ।

ମନମୋହିଲା ରାବଣରାଜ

ବାଉଁଶୁଣୀ,୨୨।୧୦(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀରେ ଦୁର୍ଗାପୂଜା ଅବସରରେ ସ୍ଥାନୀୟ ଡିମିରିପାଲି ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୫୧ତମ ଶାରଦୀୟ ଦୂର୍ଗାପୂଜା ଅବସରରେ କଳାକାରମାନଙ୍କ ମଧ୍ୟରେ ଏକ ରାବଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଦୁର୍ଗାପୂଜା ଅବସରରେ ରାବଣ ପୋଡି ଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ବାଉଁଶୁଣୀର ରାବଣ ପ୍ରତିଯୋଗିତା ସ୍ଥାନୀୟ ଦର୍ଶକଙ୍କ ମନମୋହିଥିଲା। ବୌଦ୍ଧ ଜିଲାରେ ରାମଲୀଳା ଯାତ୍ରାକୁ ଗଣପର୍ବର ମାନ୍ୟତା ଦିଆଯାଉଥିବାବେଳେ ରାବଣ ଚରିତ୍ର ଖୁବ୍ ଗୁରୁତ୍ୱ ବହନ କରିଥାଏ। ତେଣୁ ଯାତ୍ରା କମିଟି ଗୁଡିକରେ ରାବଣ ଚରିତ୍ରରେ ଅଭିନୟ କରିବା ପାଇଁ କଳାକାରମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ହୋଇଥାଏ। ବାଉଁଶୁଣୀ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ରାମଲୀଳା ହେଉଥିବାବେଳେ ଏହି ଅଞ୍ଚଳରେ ରାବଣ ଚରିତ୍ର ପାଇଁ ଲୋକଙ୍କ ମଧ୍ୟରେ ଅହେତୁକ ଆକର୍ଷଣ ସୃଷ୍ଟି ହୋଇଥାଏ। ଫଳରେ ଚଳିତ ଦୁର୍ଗାପୂଜା ଅବସରରେ ସ୍ଥାନୀୟ ଡିମିରିପାଲି ଷ୍ଟାର କ୍ଲବ ଆନୁକୂଲ୍ୟରେ ଶ୍ରେଷ୍ଠ ରାବଣ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଉତ୍ସବରେ ମୁଖ୍ୟଅତିଥି ଭାବେ ବରଗଡ ଧନୁଯାତ୍ରାର କଂସ ମହାରାଜ ଭୁବନେଶ୍ୱର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଗୋଲାପ ଚନ୍ଦ୍ର ଦାସ(ସେନାପତି), ଜଗନ୍ନାଥ ସାହୁ(ଅକ୍ରୁର) ଓ କଣ୍ଟମାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦଶରଥ ମେହେର ଯୋଗଦେଇଥିଲେ। ସେହିପରି କଣ୍ଟାମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ମହୀଧର ରଣା, ବୌଦ୍ଧ ବ୍ଲକ ଅଧକ୍ଷ୍ୟା ରେବତୀ ମହାଲିକ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଗଙ୍ଗାଧର ମେହେର, ସଂଗ୍ରାମ ଦେହୁରୀ, ସୁବାଷ ଚନ୍ଦ୍ର ସାହୁ,ରଘୁନାଥ ମେହେର, ସ୍ୱାଧିନ ନାଏକ, ସରୋଜ ଝାଙ୍କର, ମାର୍କଣ୍ଡ ତରିଆ, ଜଗବନ୍ଧୁ ଦେହୁରୀ, ଶଙ୍କର ମେହେର ଏମିତି ଦଶ ଜଣ ରାବଣ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାରେ ବାଉଁଶୁଣୀ ଗଡଭିତର ରାମଲୀଳା କମିଟିର ରାବଣ ଅଭିନେତା ସଂଗ୍ରାମ ଦେହୁରୀ ଚମତ୍କାର ଅଭିନୟ ଦେଖାଇ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପୋଡଖାଲ ରାମଲୀଳାର ରାବଣ ସ୍ୱାଧୀନ ନାଏକ ଦ୍ୱିତିୟ ଓ ମହଲି ରାମଲୀଳା କମିଟିର ଜଗବନ୍ଧୁ ଦେହୁରୀ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଷ୍ଟାର କ୍ଲବର ସଦସ୍ୟମାନେ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ରାବଣ ପ୍ରତିଯୋଗିତାରେ ଶ୍ରେଷ୍ଠ ହୋଇଥିବା ରାବଣ ସଂଗ୍ରାମ ଦେହୁରୀ।

ଡକାୟତି ଯୋଜନା ପଣ୍ଡ

ମହାନଦୀ ପଠାରୁ ୨ଗିରଫ, ୩ ଫେରାର

ବୌଦ୍ଧ,୨୨।୧୦(ସ୍ୱପ୍ର)

ବୌଦ୍ଧ ପୋଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି । ମିଳିଥିବା ସୁଚନା ଅନୁଯାୟୀ, ଗତ ରବିବାର ବୌଦ୍ଧ ସହରରେ ମା' ଦୁର୍ଗାଙ୍କ ଭସାଣୀ ଉତ୍ସବ ଚାଲିଥିବା ଯୋଗୁ ପୋଲିସ ପକ୍ଷରୁ ସହରରେ ପାଟ୍ରୋଲିଂ କାର୍ଯ୍ୟ ଚାଲିଥିଲା। ଏହି ସମୟରେ ସୋନପୁର ଓ ବୌଦ୍ଧର କିଛି ଅସାମାଜିକ ବ୍ୟକ୍ତି ସହରରେ ଡକାୟତି ଯୋଜନା ଉଦ୍ୟମ କରିବା ପାଇଁ ମହାନଦୀର ହନୁମାନ ଘାଟ କୂଳରେ ଏକତ୍ରିତ ହୋଇ ପ୍ରସ୍ତୁତ ହେଉଥିଲେ। ତେବେ ପୋଲିସ ପକ୍ଷରୁ ଘଟଣାସ୍ଥଳରେ ପହଞ୍ଚି ଚଢାଉ କରାଯାଇ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରବାରେ ସଫଳ ହୋଇଥିବାବେଳେ ୩ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିଲେ । ଗିରଫ୨ ଅଭିଯୁକ୍ତ ହେଲେ ସୋନପୁର ସହରର ବଡବଜାରର ରବି ନାରାୟଣ ସାହୁ(୨୨) ଓ ଦୀପକ ସାହୁ(୨୧) । ପୋଲିସ ଏମାନଙ୍କ ପାଖରୁ ଗୋଟିଏ ବନ୍ଧୁକ, ୨ଟି ବୋମା, ଗୋଟିଏ ଖଣ୍ଡା ଓ ଗୋଟିଏ ବାଇକ୍(ଓଡି-୩୧ ସି ୦୩୭୫)କୁ ମଧ୍ୟ ଜବତ କରିଛି । ବୌଦ୍ଧ ଥାନା ଅଧିକାରୀ ତପସ୍ୱନୀ କହଁରଙ୍କୁ ପଚାରିବାରୁ ଡକାୟତି ଯୋଜନା ପାଇଁ ପ୍ରସ୍ତୁତ ହେଉଥିବା ଖବରପାଇ ଚଢାଉ କରିବାରୁ ୨ଜଣଙ୍କୁ ଗିରଫ କରବାରେ ସଫଳ ହୋଇଥିବାବେଳେ ୩ ଜଣ ଫେରାର ହୋଇଯାଇଥିଲେ । ଏ ନେଇ ବୌଦ୍ଧ ଥାନାରେ କେସ ନଂ ୨୩୯/୧୮ରେ ଏକ ମାମଲା ରୁଜୁ କରାଯାଇ ୨ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ପ୍ରକାଶ କରିଥିଲେ ।

ଡକାୟତି ଯୋଜନା ଉଦ୍ୟମ ବେଳେ ଗିରଫ ହୋଇଥିବା ୨ଜଣ ଅଭିଯୁକ୍ତ।

ମହେଶ୍ୱରପିଣ୍ଡା କାଳୀପୂଜା ଶୁଭସ୍ତମ୍ଭ ସ୍ଥାପନ

ମନମୁଣ୍ଡା,୨୨।୧୦(ଡି.ଏନ.ଏ)

ବୌଦ୍ଧ ଜିଲା ଦହ୍ୟା(ରକ୍ସା) ପଞ୍ଚାୟତ ମହେଶ୍ୱରପିଣ୍ଡା ଗ୍ରାମରେ ଆଗାମୀ ଶ୍ୟାମକାଳୀଙ୍କ ପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି ।ମହାନଦୀରୁ ବାଦ୍ୟଯନ୍ତ୍ର, ଘଣ୍ଟ ତାଳେତାଳେ ଶୋଭାଯାତ୍ରା ସହ ଜଳପୂର୍ଣ୍ଣ କଳସିମାନ ପୂଜାମଣ୍ଡପକୁ ଅଣାଯାଇଥିଲା। ପଣ୍ଡିତ ପ୍ରାଣବନ୍ଧୁ ମିଶ୍ର ପୌରହିତ୍ୟ କରିଥିବାବେଳେ ଅକବଡମାଳୀ ସପତ୍ନିକ କର୍ତ୍ତା ହୋଇଥିଲେ। ଦୁଇ ଦିନ ଧରି ହେବାକୁ ଥିବା ଉକ୍ତ ପୂଜାରେ ପାରାୟଣ, ମେଲୋଡି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହେବ ବୋଲି କମିଟି ସଭାପତି ପଞ୍ଚାନନ ବେହେରା, ସମ୍ପାଦକ ସୁରୁବାବୁ ସେଠୀଙ୍କ ସୂତ୍ରରୁ ଜାଣିବାକୁ ମିଳିଛି । ଶୁଭସ୍ତମ୍ଭ ସ୍ଥାପନ ଉତ୍ସବରେ ଗୌର ମହାକୁଡ, ସୁବାଷ ମାଝୀ, ବିଭୁ ଭୁକ୍ତା, ସମ୍ପଦ ଭୁକ୍ତା, କାଏଲ ବେହେରା, ଅଶେଷ ନାଏକ, ପ୍ରମୋଦ ସାହୁ, କ୍ୟୋମ ଭୁକ୍ତା, ନିରଞ୍ଜନ ବଡମାଳୀ ପ୍ରମୁଖ ସହଯୋଗ କରିଥିଲେ ।

ଯୋଗୀନ୍ଦ୍ରପୁର ମାତୃ ମନ୍ଦିର ଉଦ୍‌ଘାଟିତ

ମନମୁଣ୍ଡା,୨୨।୧୦(ଡି.ଏନ.ଏ.)

ଶ୍ରୀ ଅରବିନ୍ଦ ସେବାଶ୍ରମ, ଯୋଗିନ୍ଦ୍ରପୁରର ଆନୁକୂଲ୍ୟରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଯୋଗିନ୍ଦ୍ରପୁର ପରିସରରେ ମାତୃ ମନ୍ଦିରର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଶ୍ରୀ ଅରବିନ୍ଦ ପାଠଚକ୍ର ସଂଗଠନର ରାଜ୍ୟ ସଂଯୋଜକ ପ୍ରସାଦ ତ୍ରିପାଠୀ ଓ ବ୍ରଜମୋହନ ବେହେରାଙ୍କ ଦ୍ୱାରା ରବିବାର ମହାସମାରୋହରେ ଉଦ୍‌ଘାଟିତ କରିଥିଲେ । ଏଥିରେ କଣ୍ଟାମାଳ ବିଧାୟକ ମହିଧର ରଣା, ବ୍ଲକ ଅଧକ୍ଷା ଜାଙ୍କଶ୍ୱରୀ ପ୍ରଧାନ, ସ୍ଥାନୀୟ ସରପଞ୍ଚ ବିଦ୍ୟାଧର ମହାକୁଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉଦ୍‌ଘାଟନ ପରେ ସମବେତ ଧ୍ୟାନ କରାଯାଇଥିଲା। ପରେ ବୌଦ୍ଧ ଜିଲା ସମେତ ସୁବର୍ଣ୍ଣପୁର, ବଲାଙ୍ଗୀର, ସମ୍ବଲପୁର ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁ ମାତୃଭକ୍ତ ଦର୍ଶନ କରି ମା'ଙ୍କ ବାଣୀ ଓ ପ୍ରସାଦ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରକୃତିବନ୍ଧୁ ଶିକ୍ଷୟିତ୍ରୀ ବିନୋଦିନୀ ଜାଲ ଓ ଶିକ୍ଷକ ଉଗତ କହଁରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ କ୍ରମେ ଓ ଯୋଗିନ୍ଦ୍ରପୁର ଶ୍ରୀ ଅରବିନ୍ଦ ସେବାଶ୍ରମର ସମସ୍ତ ସଭ୍ୟା, ସଭ୍ୟ ଓ ଜିଲାର ପାଠଚକ୍ର ସଂଗଠନର କର୍ମକର୍ତ୍ତାଙ୍କ ଆନ୍ତରିକ ସହଯୋଗରେ ସଫଳ ହୋଇଥିଲା ।

ଯୋଗୀନ୍ଦ୍ରପୁର ପରିସରରେ ମାତୃ ମନ୍ଦିରର ଶୁଭ ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା କର୍ମକର୍ତ୍ତା।

ଭତା ଲାଗି ଆବେଦନ କରି ବୁରୁଧ୍ ନିରାଶ

ଅତାବିରା, ୨୨।୧୦ (ଡି.ଏନ.ଏ)

ବଏସ୍ ୭୦ ଡେଗ୍‌ଲାନ, ୪ ଥର ଭତା ଲାଗି ଆବେଦନ କରି ନିରାଶ ହେଇଛନ୍। ଏନ୍‌ତା ଝନେ ବୁରୁଧ୍‌କୁଁ ଦେଖିବାକେ ମିଳିଛେ ବରଗଡ ଜିଲା ଭେଡେନ ବ୍ଲକ୍ ଦେଶଭଟିଲି ପଂନ୍‌ଚେତର ବିଶିପାଲି ଗାଁରେ। ଖବର ନେବାରେ ଜନାଯାଇଛେ ଯେ, ବିଶିପାଲି ଗାଁର ବାସିନ୍‌ଦା ହେଉଛନ୍ ବନମାଳୀ ତାଣ୍ଡିଆ(୭୦)। ସେ ବୁଢ଼ାବୁଢ଼ା ଭତା ପାଏବାର ଲାଗି ଫର୍ମ ପୂରନ୍ କରବାର ସଂଗେ ଭୋଟ୍ ପରିଚଏପତର, ଆଧାର କାର୍ଡ, ଫଟୋ ଆଦି କାଗଜ୍‌ପତର ୪ ଥର ହେଲା ଦାଖଲ କରିଆସୁଛନ୍। ହେଲେ ଆଏଜ୍‌ତକ୍ ତାହାକୁ ଭତା ନାଇଁ ମିଳିଥିବାର ବନମାଳିଙ୍କୁ ପଚରାବାରେ କହିଥିଲେ। ହେଲେ ଇ ବଏସେ ବି ସେ ହାର ନାଇଁମାନି। ଘରେ ବସି ବସି ସମିଆ ଗୁଆଁବାର ବଦ୍‌ଲା ସେ ଜରି ବସ୍‌ତାରୁ ସୂତା ବାହାର କରି ଦଉରା, ପଘା ତିଆରୁଥିବାର ଦେଖିବାକେ ମିଳିଥିଲା। ଯେନ୍‌ଟା କି ଆମର ସମାଜ୍ ଲାଗି ଗୁଟେ ଉଦାହରନ୍ ଆଏ।

ବୁରୁଧ୍ ବନମାଳୀ ଦଉରା ବଟ୍‌ବାରେ ବାଇ ଅଛନ୍।

ଚିକିତ୍ସା ଲାଗି ବୁର୍ଲା ଡାକ୍‌ତରଖାନା ନିଆଗଲା

ସୂର୍ଯ୍ୟକଁର ହାତ୍‌ଗୋଡରୁ ଶିଁକ୍‌ଲା ଫିଟ୍‌ଲା

ଅତାବିରା, ୨୨।୧୦ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ବ୍ଲକ୍ ଲରମ୍ଭା କଲେଜ ଛକ୍ କେନାଲ ଆଡିରେ ଘରକରି ରହି ଆସୁଛନ୍ ସୂର୍ଯ୍ୟ ମେହେରଙ୍କର ପରିବାର। ହେଲେ ସୂର୍ଯ୍ୟ ମାନ୍‌ସିକ ରୋଗ୍‌ରେ ପଡ୍‌ଲାରୁ ପରିବାର ଲୋକ୍ ଉପେ ଶୂଇନ୍ ହେଇ ତାକର ହାତ୍‌ଗୋଡ ଶିଁକ୍‌ଲାରେ ବାଁଧି ଘରେ ରଖିଥିଲେ। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଲା ଉତାରୁ ତାକର ପାସ୍‌କେ ଚିକିତ୍ସା ଲାଗି ସହଯୋଗ୍‌ର ହାତ୍ ବଢ଼ିଛେ। ସୋମବାର ସୂର୍ଯ୍ୟକଁର ହାତ୍‌ଗୋଡରୁ ଶିଁକ୍‌ଲା ଫିଟିଛେ। ତାହାକୁ ଚିକିତ୍ସା ଲାଗି ଭୀମସାର ବୁର୍ଲା ଡାକ୍‌ତରଖାନାର ମାନ୍‌ସିକ ବିଭାଗରେ ଭର୍‌ତି କରାଯାଇଛେ। ଖବର ନେବାରେ ଜନାଯାଇଛେ ଯେ, ସୂର୍ଯ୍ୟ ମେହେର ପନିପରିବା ବେପାର କରି ପରିବାର ଚଲଉଥିଲେ। ସମିଆ ଦେଖି ଖରାଦିନେ ଆଇସ୍‌କ୍ରିମ ବେପାର ବି କରୁଥିଲେ। ହେଲେ କେହେନ୍‌ସି କାରନ୍‌ରୁ ସେ ମାନ୍‌ସିକ୍ ରୋଗ୍‌ରେ ପିଡିତ୍ ହେଲେ। ପରିବାର ଲୋକ୍ ହଜାର ହଜାର ଟଂକା ଧାର ଉଧାର କରି ତାହାକୁ ଚିକିତ୍ସା କଲେ, ହେଲେ ତାହାକୁ ଠିକ୍ କରି ନାଇଁପାରଲେ। ଦିନୁ ଦିନ୍‌କେ ତାକର ବେଭାର ଆଚାରରେ ପରିବର୍‌ତନ ହେବାର ସଂଗେ ପରିସ୍‌ଥିତି ଅନାଏତ୍ ହେଲା। ଘରର ଲୋକ୍ ଉପେ ଶୂଇନ୍ ହେଇ ତାକର ହାତ୍‌ଗୋଡ ଶିଁକ୍‌ଲାରେ ବାଁଧି ରଖିଥିଲେ। ଇ ବାବ୍‌ଦେ ଗଲା ଅକ୍ଟୋବର ୨୧ ତାରିଖ୍ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ଖବର ବହାର୍‌ଲାରୁ ବରଗଡ ଜିଲାପାଲ ଇନ୍ଦ୍ରମଣି ତ୍ରିପାଠୀଙ୍କର ନିର୍‌ଦେଶରେ ଅତାବିରା ବିଡିଓ ପ୍ରଣବ କୁମାର ମେହେର, ଲରମ୍ଭା କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ଆର୍ ସରପଂଚ୍ ବିକାଶ ଭୋଇ ସୂର୍ଯ୍ୟକଁର ଘରେ ପୁହଁଚି ଚିକିତ୍ସା ଲାଗି ବୁର୍ଲା ଡାକ୍‌ତରଖାନା ନେବାକେ କହିଥିଲେ। ସୋମବାର ସରପଂଚ୍ ବିକାଶ ଭୋଇ, ଇଓ ସନ୍ତୋଷ ବେହେରା, ସାମାଜିକ କର୍‌ମୀ ମାନସ ପଣ୍ଡା, ପ୍ରଶାନ୍ତ ପଣ୍ଡା, ରାଜେଶ ସାହୁ, ବାବୁଲୁ ସୁନା, କୈଳାଶ ପଞ୍ଚବିହାର, ମନୋଜ ମେହେର, କୈଳାଶ ସୁନା, ସୁବଲ ହାତୀ, ସଞ୍ଜିବ କର୍ଣ୍ଣ, ସୁବ୍ରତ ସାଲିମା ପର୍‌ମୁଖ ସୂର୍ଯ୍ୟକୁଁ ଗୁଟେ ଗାଡିରେ ଚିକିତ୍ସା ଲାଗି ବୁର୍ଲା ଡାକ୍‌ତରଖାନା ନେଇଥିଲେ। ସୂର୍ଯ୍ୟକଁର ଦୁଇ ପୁଓ ମଣ୍ଟୁ ଆର୍ ପିଣ୍ଟୁ ବାପାକେ ଚିକିତ୍ସା ଲାଗି ବୁର୍ଲା ନେବାର ଆଗ୍‌ରୁ ତାକର ହାତ୍‌ଗୋଡରୁ ଶିଁକ୍‌ଲା ଫିଟେଇଥିଲେ। ଏହେଦେ ସୂର୍ଯ୍ୟକୁଁ ବୁର୍ଲା ଡାକ୍‌ତରଖାନାର ମାନ୍‌ସିକ ବିଭାଗ୍‌ରେ ଭର୍‌ତି କରାଯାଇଛେ। ଇ ବାବ୍‌ଦେ ଅତାବିରା ବିଡିଓ ପ୍ରଣବ ବେହେରାଙ୍କୁ ପଚ୍‌ରାଲାରୁ ସୂର୍ଯ୍ୟକଁର ହାତ୍‌ଗୋଡ୍‌ରୁ ଶିଁକ୍‌ଲା ଫିଟାଯାଇଛେ। ବ୍ଲକ୍ ପର୍‌ଶାସନ ତରଫୁ ସହାୟ୍ ଯୁଗେଇ ଦିଆଯିବା ବଲି ସେ କହିଥିଲେ।

ସୂର୍ଯ୍ୟକୁଁ ଚିକିତ୍ସା ଲାଗି ନିଆଯାଉଛେ।

ଜିଲାପାଳଙ୍କ ଜନଶୁଣାଣି ଶିବିର

ତଳଗାଁ,୨୨।୧୦(ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଆଡେଣୀଗଡ ଗ୍ରାମ ପଞ୍ଚାୟତରେ ସୋମବାର ଜିଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲାପାଳ ସୀତାଶୁଂ ରାଉତ, ବୌଦ୍ଧ ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଟ୍ଟାନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜନ ମହାନ୍ତି, ହରଭଙ୍ଗା ବିଡିଓ ରବୀନ୍ଦ୍ର ଶତପଥୀ, ହରଭଙ୍ଗା ବ୍ଲକ ତହସିଲଦାର ବବିତାରାଣୀ ଦଳବେହେରା, ଆଡେଣୀଗଡ ସରପଞ୍ଚ ଝିଲିରାଣୀ ପ୍ରଧାନ ଯୋଗଦେଇଥିଲେ । ଏଥିରେ ସର୍ବମୋଟ ୫୯ଟି ଅଭିଯୋଗ ପାଇଁ ଦରଖାସ୍ତ ପହଞ୍ଚିଥିବାବେଳେ ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୪୯ଟି ଥିବା ବେଳେ ୧୦ଟି ସାମୂହିକ ଥିଲା । ଶିବିରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ଜଣଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିବାବେଳେ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ଚେକ ପ୍ରଦାନ କରାଯାଇଥିଲା । ଏହ ସହ ୧୪ଜଣଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଜିଲା ବହୁ ପଦାଧିକାରୀମାନେ ଯୋଗଦେଇଥିଲେ ।

ଆଡେଣୀଗଡ଼ଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
କ୍ଷେତ୍ରୀ



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।
- ହୋମର

ସଂକ୍ଷେପରେ

ଧାନ ଫସଲରେ ରୋଗପୋକ

ଅତାବିରା, ୨୨।୧୦ (ଡି.ଏନ.ଏ): ବରଗଡ ଜିଲା ଅତାବିରା ଓ ଭେଡେନ ଅଞ୍ଚଳରେ ଧାନ ଫସଲରେ ଚକଡା ରୋଗପୋକ ବ୍ୟାପିବାରେ ଲାଗିଛି। ଫଳରେ ଧାନଗଛଗୁଡିକ ମଉଳି ଯାଇ ନଷ୍ଟ ହେଉଛି । ଚକଡା ରୋଗପୋକ ଦମନ କରିବା ପାଇଁ ଚାଷୀମାନେ ବିଭିନ୍ନ କମ୍ପାନୀର କୀଟନାଶକ ଆଣି ପ୍ରୟୋଗ କରୁଥିଲେ ମଧ ତାହା କାମକୁ ଆସୁନି। ଫଳରେ ଧାନ ଫସଲ ରୋଗାକ୍ରାନ୍ତ ହୋଇଯାଉଛି । ଧାନ ଗଛଗୁଡିକ ମରି ଯାଉଛି । ବିଶିପାଲି ଗ୍ରାମର ଦାମୋଦର ପାଣ୍ଡେ ନାମକ ଜଣେ ଚାଷୀ ନିଜ ଜମିରେ କୀଟନାଶକ ପ୍ରୟୋଗ କରିଥିଲେ ମଧ ରୋଗପୋକ ଦମନ ହୋଇନାହିଁ । ଫଳରେ ତାଙ୍କର ୨ ଏକର ଧାନ ଫସଲ ରୋଗପୋକ ଯୋଗୁ ନଷ୍ଟ ହୋଇଥିବା ସେ କହିଛନ୍ତି ।

ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

ଝାରବନ୍ଧ, ୨୨।୧୦ (ଡି.ଏନ.ଏ): ଝାରବନ୍ଧ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦାମୋଦର ବରିହାଙ୍କ ସୋମବାର ପରଲୋକ ହୋଇଛି । ତାଙ୍କୁ ୬୬ବର୍ଷ ହୋଇଥିଲା । ସେ ୧୯୯୪ରେ କନ୍ଦାଡଙ୍ଗର ଗ୍ରାମ ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ବ୍ଲକ ଅଧ୍ୟକ୍ଷ ହୋଇଥିଲେ । ସେ ରାଜନୀତି ସହିତ ଚାଷୀ ସଙ୍ଗଠନରେ କାର୍ଯ୍ୟ କରୁଥିଲେ । କନ୍ଦାଡଙ୍ଗରଠାରେ ଉଚ୍ଚ ବିଦ୍ୟାଳୟ କରିବାରେ ତାଙ୍କ ପ୍ରମୁଖ ଭୂମିକା ଥିଲା । ବଡ ପୁଅ ତିଲକ ବରିହା ମୁଖ୍ୟାଗ୍ନି ଦେଇଥିଲେ ।

ଶ୍ୟାମାକାଳୀ ପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପିତ

ବରପାଲି, ୨୨।୧୦ (ଡି.ଏନ.ଏ): ବରପାଲି ସହରର ଶ୍ୟାମାଛକରେ ଶ୍ୟାମାକାଳୀଙ୍କ ପୂଜନୋତ୍ସବ କରାଯିବା ଏଥିପାଇଁ ସୋମବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି । ଏଥର ୫୦ତମ ବର୍ଷରେ ପାଳିତ ହେବାକୁ ଯାଉଥିବା ସୁବର୍ଣ୍ଣ ଜୟନ୍ତୀ ଅବସରରେ ୬ତାରିଖରେ କଳସ ଶୋଭଯାତ୍ରା ସହ ପୂଜାବିଧି ଅନୁଷ୍ଠିତ ହେବ । ବିଭିନ୍ନ କାର୍ଯ୍ୟକ୍ରମ ମଧରେ ମାଁ କାଳୀଙ୍କ ନିକଟରେ ୫୬ ଭୋଗ ଲାଗିହେବ । ପଣ୍ଡିତ ହେମନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ହୋଇ ୧୧ ତାରିଖରେ ସମାପନ ହେବାର କାର୍ଯ୍ୟସୂଚୀ ରହିଛି ।

ଶାରଦୀୟ ଦୁର୍ଗାପୂଜା ଉଦ୍‌ଯାପିତ

ଗାଇସିଲେଟ,୨୨।୧୦ (ଡି.ଏନ୍.ଏ): ଗାଇସିଲେଟ ଅଞ୍ଚଳର ପୁରପଲ୍ଲୀରେ ମା' ଦୁର୍ଗାଙ୍କ ଶାରଦୀୟ ପୂଜା ସମାପନ ହୋଇଛି। ଚଳିତବର୍ଷ ପଣ୍ଡିତ ପ୍ରଫୁଲ୍ଲ କୁମାର ମହାନ୍ତି, ଲଳିତ କୁମାର ପଣ୍ଡା, ପ୍ରଶାନ୍ତ ଦାଶ ଓ ସିଦ୍ଧାର୍ଥ ପଣ୍ଡା ଚଣ୍ଡିପାଠ ଓ ହୋମଯଜ୍ଞ କରିଥିଲେ । ପୂଜାରେ କିଶୋର ଯୋଷୀ ଓ ତାଙ୍କ ସ୍ତ୍ରୀ ନୁରାବତୀ ଯୋଷୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଲୋକମାନଙ୍କ ମନୋରଞ୍ଜନ ସକାଶେ ଦଣ୍ଡନୃତ୍ୟ, ପାଲା, ନମୋଗୁରୁ ରାମଲୀଳା, ଅର୍କେଷ୍ଟ୍ରା ପରିବେଶଣ କରାଯାଇଥିଲା । ରାବଣପୋଡି କାର୍ଯ୍ୟକ୍ରମରେ ଆତସବାଜି ଦେଖିବା ସକାଶେ ପ୍ରବଳ ଲୋକ ସମାଗମ ହୋଇଥିଲା । ସେହିପରି କଟାବାହାଲ, କନ୍ଦାଗାଡ, ଭାଙ୍ଗମୁଣ୍ଡାରେ ମଧ୍ୟ ଶାରଦୀୟ ପୂଜା ଅନୁଷ୍ଠିତ ହୋଇଥିଲା ।

ଚିନ୍ତା ବଢ଼ାଇଛି ଆସନ୍ନ ମରୁଡ଼ି

ଏମାନେ ଯାହା କୁହନ୍ତି...

ପାଣି ଅଭାବରୁ ବିଜେପୁର ଅଞ୍ଚଳର କ୍ଷତିଗ୍ରସ୍ତ ଧାନ ଫସଲ ।

୫ଏକର ଜମିରେ ଧାନଚାଷ କରିଛି । ସବୁଜମି ଅଣଜଳସେଚିତ । ତଥାପି ଫସଲ ଭଲ ହୋଇଥିଲା । କିନ୍ତୁ ଚକଡ଼ା ଯୋଗୁ ପ୍ରାୟ ଅଢ଼େଇ ଏକର ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଗଲାଣି । କୀଟନାଶକ ପ୍ରୟୋଗ କାମକୁ ଆସିଲାନି । ଆଉ ବାକିତକ ମଧ୍ୟ ପାଣି ଅଭାବରୁ କ୍ଷତିଗ୍ରସ୍ତ ହୋଇଛି ।-**ମୋତିଲାଲ ସାହୁ, ତାଲପାଲି**

ଦେଢ଼ ଏକର ଜମିରେ ଧାନ ଫସଲ କରିଛି । ସବୁଜମିରେ ଚକଡ଼ା ରୋଗପୋକଙ୍କ ଉପଦ୍ରବ ରହିଛି । ପଦ୍ମପୁର ଏବଂ ଗାଇସିଲେଟ ବ୍ଲକକୁ ଯାଇ କୀଟନାଶକ ଆଣି ଫସଲରେ ପକାଇଥିଲି । ହେଲେ କିଛି ଲାଭ ହୋଇନାହିଁ । ଏବେ ଯାହା ଫସଲ ବଞ୍ଚିଛି, ପାଣି ଅଭାବରୁ ଉଜୁଡ଼ିବାରେ ଲାଗିଛି ।-**ଚିନ୍ତାମଣି ସାହୁ, ତାଲପାଲି**

ଚକଡ଼ା ନିୟନ୍ତ୍ରଣାଧୀନ ରହିଛି । କାଁ ଭାଁ କେତେକ ସ୍ଥାନରେ ତାହା ଦେଖାଯାଉଛି। ୫୦ପ୍ରତିଶତ ରିହାତିରେ ଚାଷୀଙ୍କୁ କୀଟନାଶକ ଯୋଗାଇ ଦିଆଯାଉଛି । ଜମିକୁ ପାଣି ମଡ଼ାଇବା ପାଇଁ ଚାଷୀଙ୍କୁ ୫୦ପ୍ରତିଶତ ରହାତିରେ ପମ୍ପସେଟ୍ ଏବଂ ଆବଶ୍ୟକ ପାଇପ୍ ଯୋଗାଇ ଦିଆଯାଉଛି ।-**ଦୀନବନ୍ଧୁ ଗାନ୍ଧୀ, ଜିଲା କୃଷି ଉପନିର୍ଦ୍ଦେଶକ**

ଝାରବନ୍ଧ ବ୍ଲକରେ ଜିଲାପାଳ ଅଭିଯୋଗ ଗୁଡିକର ଶୁଣାଣି କରୁଛନ୍ତି ।

୨୮ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ଝାରବନ୍ଧ, ୨୨।୧୦ (ଡି.ଏନ.ଏ)

ଝାରବନ୍ଧ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ହୋଇଛି । ଏଥିରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦାନ କରି ୧୮ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଅଭିଯୋଗ ଶୁଣାଣି କରିଥିଲେ । ସାମୂହିକ ଅଭିଯୋଗ ମଧରେ ଚଳିତ ବର୍ଷ ଶେଷ ପର୍ଯ୍ୟାୟରେ କମ୍ ବର୍ଷା ହୋଇଥିବାରୁ ଫସଲ ନଷ୍ଟ ହୋଇଥିବା ଚାଷୀ ସଙ୍ଗଠନ ଜଣାଇଥିଲେ ଏବଂ କ୍ଷୟକ୍ଷତି ଆକଳନ କରିବା ପାଇଁ ଅନୁରୋଧ କରିଥିଲେ। ସେହିପରି ଡଭାରୁ ଲଉଡିଦର୍ହା ଓ ଝାରବନ୍ଧରୁ ଲଉଡିଦର୍ହା ରାସ୍ତା ଶୋଚନୀୟ ହୋଇପଡିଛି। ଏହାର ଶୀଘ୍ର ମରାମତି ପାଇଁ ଦାବି ହୋଇଥିଲା । ଏହି ଅଭିଯୋଗ ଶୁଣାଣିରେ ଜିଲା ପ୍ରକଳ୍ପ ଅଧିକାରୀ କୃତିବାସ ରାଉତ, ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ଉପଖଣ୍ଡ ପୋଲିସ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା, ନବକୃଷ୍ଣ ସାହୁ, ବ୍ଲକ ଅଧକ୍ଷ ବିଜୟ କେତନ ପ୍ରଧାନ, ବିଡିଓ ଗିକେଶ୍ୱର ପଟେଲ, ସିଡିପିଓ ସନ୍ଧ୍ୟାରାଣୀ ନେପାକଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

ସହର ରାସ୍ତା ପାଲଟିଛି ମରଣଫନ୍ଦା

ବରପାଲି, ୨୨।୧୦ (ଡି.ଏନ.ଏ)

ବରପାଲି ସହରର ରାସ୍ତାଘାଟ ଓ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ହୋଇ ପାରିନାହିଁ। ସ୍ଥାନୀୟ ଗୁଡିଆପଡା ରାସ୍ତା କଥା ନ କହିବା ଭଲ । ଅଶୋକ କ୍ଲବଠାରୁ ଗଣେଷ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୧୫୦ ମିଟର ରାସ୍ତାରେ ବଡ ଗର୍ତ୍ତ ସୃଷ୍ଟି ହେବା ସହ ଗେଟି ଉପୁଡି ଖାଲଖମାରେ ପରିଣତ ହୋଇଛି । ସହରର ଏହି ମୁଖ୍ୟରାସ୍ତା ଦେଇ ସମଗ୍ର ଅଞ୍ଚଳକୁ ଯାତାୟାତ କରାଯାଉଛି । ମାତ୍ର ରାସ୍ତା ଅବସ୍ଥା ବିପଦ ସଙ୍କୁଳ ଥବବାରୁ ଜନଅସନ୍ତୋଷ ବଢିବାରେ ଲାଗିଛି । ନିକଟରେ ସରିଥିବା ଦୁର୍ଗାପୂଜା ସମୟରେ ଲୋକେ ଏହି ରାସ୍ତାରେ ଯାତାୟାତ କରିବାରେ ବହୁ ଅସୁବିଧା ଭୋଗିଥିଲେ । ଏ ନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗିରଥି ପଧାନଙ୍କୁ ପଚାରିବାରୁ ରାସ୍ତା ମରାମତି ପାଇଁ ପଦକ୍ଷେପ ନେବାକୁ କହିଥିଲେ ।

ଜମିପଟ୍ଟା ଦାବିରେ ଧାରଣା

ଜମିପଟ୍ଟା ଦାବିରେ ବରଗଡ଼ ଜିଲାପାଳ ଅଫିସ ଆଗରେ ଧାରଣା ଦିଆଯାଇଛି ।

ବରଗଡ଼ ଅଫିସ,୨୨।୧୦

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଗୁଡ଼େଶିରା ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଶତାଧିକ ମହିଳାପୁରୁଷ ସୋମବାର ଜମିପଟ୍ଟା ଦାବିରେ ଜିଲାପାଳ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନେ ସମସ୍ତେ ଭୂମିହୀନ ହୋଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ସେମାନଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇନାହିଁ । ଫଳରେ ବିଭିନ୍ନ ସରକାରୀ ଯୋଜନାରୁ ସେମାନେ ବାଦ୍ ପଡ଼ିଥିବା ଅଭିଯୋଗ କରିଛନ୍ତି । ଏ ନେଇ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସେମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝି ସ୍ମାରକପତ୍ର ଗ୍ରହଣ କରିବା ସହିତ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଏହାପରେ ସେମାନେ ଧାରଣାରୁ ଓହରିଥିଲେ । ଇଂ ଦେବବ୍ରତ ମିଶ୍ର ଧାରଣାର ନେତୃତ୍ୱ ନେଇଥିଲେ ।

ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

ଅତାବିରା, ୨୨।୧୦ (ଡି.ଏନ.ଏ)

ଭେଡେନ ବ୍ଲକ ଅନ୍ତର୍ଗତ ଡାଲବ ହାଟପଦାଠାରେ ଗଜଲକ୍ଷ୍ମୀ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଚଳିତ ବର୍ଷ କମିଟିର ସଭାପତି ସଂଗ୍ରାମ ମିଶ୍ର, ଉପସଭାପତି ରାଧାକାନ୍ତ ସେଣ, ସମ୍ପାଦକ ପ୍ରମୋଦ ଦତ୍ତା, ସହ ସମ୍ପାଦକ ସତ୍ୟପ୍ରକାଶ ଖମାରୀ, କୋଷାଧକ୍ଷ ନିଶିକାନ୍ତ ପାତ୍ରୀ, ସହ କୋଷାଧକ୍ଷ ସତ୍ୟନାରାୟଣ ବିଶ୍ୱାଳଙ୍କୁ କର୍ମକର୍ତ୍ତା ଭାବେ ଚୟନ କରାଯାଇଛି । ଆସନ୍ତା ୨୪ରୁ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଗଜଲକ୍ଷ୍ମୀ ପୂଜା ଚାଲିବ ।

କ୍ରିକେଟ ଟୁର୍ନାମେଣ୍ଟ ଅଏଁଲାପାଲି ଚାମ୍ପିୟନ

ଭେଡ଼େନ,୨୨।୧୦(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଗ୍ରାମପଞ୍ଚାୟତର ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ଡେଙ୍ଗୁଲିଟ୍ରିକ୍ରା ଖେଳ ପଡ଼ିଆରେ ସୋମବାର ଅନୁଷ୍ଠିତ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଅଏଁଲାପାଲି ଦଳ ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ବିଜୟୀ ଦଳ ଗୁରୁପାଲି ଦଳକୁ ପରାସ୍ତ କରିଛି। ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗୁରୁପାଲି ଦଳ ନିର୍ଦ୍ଧାରିତ ଦୁଇ ଓଭରରେ ୧୨ ରନ୍ କରିଥିଲେ । ଏହାର ଜବାବରେ ଅଏଁଲାପାଲି ଦଳ ୧.୧ ଓଭରରେ ବିଜୟ ପାଇଁ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲେ। ବିଜୟୀ ଦଳର ରାଜୁ ବିଶିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଏବଂ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା । ଉଦଯାପନୀ ଉତ୍ସବରେ ଯୁବବାହିନୀ ସଂଯୋଜକ ଅରବିନ୍ଦ ହୋତା, ଶିବୁ ଆଚାର୍ଯ୍ୟ, ଚୁଷବନ୍ତ ବେହେରା, ଉଗ୍ରସେନ ବରିହା, ରାଜେନ୍ଦ୍ର ସାହୁ, ଚୈତନ୍ୟ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଯୁବ ବାହିନୀ ସଭାପତି ମନୋଜ ବେହେରା, ସମ୍ପାଦକ କୀର୍ତ୍ତନ ବରିହା ସହଯୋଗ କରିଥିଲେ। ଏଥିରେ ଧୁବେନପାଲି, ଅଏଁଲାକଟା, ତାଲଗାଁ, ଅଏଁଲାପାଲି, ଗୁରୁପାଲି, କାଶିଟିକ୍ରା, ବରଗାଁ ଏବଂ ଭୁବନପାଲି ଦଳ ଅଂଶଗ୍ରହଣ କରିଥିଲେ ।

■ ଶିଶୁକନ୍ୟାଙ୍କୁ ଚକ୍ଷୁ କର୍କଟ

ଚିକିତ୍ସାରେ ଅର୍ଥ ସାଜିଛି ପ୍ରତିବନ୍ଧକ

ବରଗଡ଼ ଅଫିସ,୨୨।୧୦

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ବଇଦପାଲି ଗ୍ରାମର କାଞ୍ଚନୀ ସାହୁ ଓ ଧବଳେଶ୍ୱର ସାହୁଙ୍କ ୮ବର୍ଷ ବୟସର ଶିଶୁକନ୍ୟା ପ୍ରିୟଙ୍କା । ତାଙ୍କ ଡାହାଣ ଆଖିରେ କର୍କଟ ରୋଗ ଦେଖାଯିବା ପରିବାର ଲୋକଙ୍କୁ ଚିନ୍ତାରେ ପକାଇ ଦେଇଛି। ଭୁବନେଶ୍ୱରର ଏଲ୍‌ବି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ଏବଂ କଟକ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍‌ପିଟାଲକୁ ଚିକିତ୍ସା ପାଇଁ ନେବା ସତ୍ତ୍ୱେ ପ୍ରିୟଙ୍କା ଭଲ ହୋଇ ପାରି ନାହାନ୍ତି । ଉଚ୍ଚତର ଚିକିତ୍ସା ହେଲେ ଝିଅ ରୋଗମୁକ୍ତ ହେବ ବୋଲି ପରିବାର ଲୋକେ ଆଶା ବାନ୍ଧିଛନ୍ତି । ମାତ୍ର ସେଥିପାଇଁ ଅର୍ଥ ବାଧକ ସାଜିଛି ।

ଗତ ଫେବୃୟାରୀ ମାସରୁ ପ୍ରିୟଙ୍କାଙ୍କ ଡାହାଣ ଆଖି ଅସ୍ୱାଭାବିକ ଭାବେ ବଢ଼ିବାରେ ଲାଗିଲା । ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ବରଗଡ଼, ବୁର୍ଲା ଡାକ୍ତରଖାନା ନେଲେ । ସେଠାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏଲ.ବି ପ୍ରସାଦ ଚକ୍ଷୁ ଚିକିତ୍ସାଳୟକୁ ନେବା ପାଇଁ ଡାକ୍ତରମାନେ ପରାମର୍ଶ ଦେଲେ । ଚିକିତ୍ସାବେଳେ ପ୍ରିୟଙ୍କାଙ୍କ ଆଖିରେ ଏକ ଟ୍ୟୁମର ହୋଇଥିବା ଏବଂ ତାହା କର୍କଟ ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ କଟକର କ୍ୟାନସର ହସପିଟାଲକୁ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। କାଞ୍ଚନୀ ଓ ଧବଳେଶ୍ୱର ଗତ ତିନିମାସ ଧରି ସେଠାରେ ଝିଅଙ୍କୁ ଚିକିତ୍ସା ପାଇଁ ରଖିଥିଲେ।

ଝିଅକୁ ଧରି ଚିକିତ୍ସା ସହାୟତା ପାଇଁ ମା ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି ।

ଧବଳେଶ୍ୱରଙ୍କ ଜମିବାଡ଼ି ନାହିଁ। ଟିଭି ମରାମତି କରି ଯେଉଁ ଦୁଇ ପଇସା ମିଳେ, ସେଥିରୁ ସେ ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି । ମାତ୍ର ଏବେ ଝିଅଙ୍କ ଚିକିତ୍ସାରେ ବ୍ୟସ୍ତ ରହୁଥିବାରୁ ସମ୍ପୂର୍ଣ୍ଣ ବେରୋଜଗାର ହୋଇ ପଡ଼ିଛନ୍ତି ଧବଳେଶ୍ୱର। ଫଳରେ ଝିଅ ଚିକିତ୍ସା ପାଇଁ କିଭଳି ଅର୍ଥ ଯୋଗାଡ଼ କରିବେ, ତାହା ତାଙ୍କ ପାଇଁ ଏବେ ଚିନ୍ତାର କାରଣ ପାଲଟିଛି । ଜିଲା ପ୍ରଶାସନ ପକ୍ଷରୁ ଚିକିତ୍ସା ସହାୟତା ମିଳିବା ଆଶା ନେଇ ଧବଳେଶ୍ୱର ଓ କାଞ୍ଚନୀ ପ୍ରିୟଙ୍କାକୁ ଧରି ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ଦରଖାସ୍ତ ଦେଇ ସହାୟତା ପାଇଁ ଗୁହାରି କରିଛନ୍ତି। ଜିଲା ପ୍ରଶାସନ କିମ୍ବା କୌଣସି ସହୃଦୟ ବ୍ୟକ୍ତି ସହଯୋଗ କଲେ ପ୍ରିୟଙ୍କା ରୋଗମୁକ୍ତ ହେବ ବୋଲି ସେମାନେ ଆଶା ରଖିଛନ୍ତି ।

ପ୍ରତିଶ୍ରୁତି ପରେ ଧାରଣା ସ୍ଥଗିତ

ବିଜେପୁର, ୨୨।୧୦ (ଡି.ଏନ.ଏ)

ପ୍ରଧାନମନ୍ତ୍ରୀ ଫସଲ ବୀମା କ୍ଷତିପୂରଣ ପ୍ରଦାନ ଦାବିରେ ବରଗଡ ଜିଲା ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କ ବିଜେପୁର ଶାଖା ସମ୍ମୁଖରେ ଚାଲିଥିବା ଚାଷୀମାନଙ୍କ ଧାରଣା ସୋମବାର ସପ୍ତମ ଦିବସରେ ପହଞ୍ଚିଥିଲା । ତେବେ ଜିଲା ସମବାୟ ନିବନ୍ଧକ ଦିବାକର ଭୋଇଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ସାମୟିକ ସ୍ଥଗିତ ରଖାଯାଇଥିବା ଚାଷୀ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି ।

ଏହି ବ୍ଲକର ଲାଉମୁଣ୍ଡା ସମବାୟ ସମିତିରେ ୯୭ ଜଣ ଚାଷୀ ବୀମା କ୍ଷତିପୂରଣରୁ ବଞ୍ଚିତ ହୋଇଥିବା ଜଣାପଡିବାରୁ ସେମାନଙ୍କ ମଧ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ଗତ ୧୨ ତାରିଖଠାରୁ ଚାଷୀମାନେ ଲାଉମୁଣ୍ଡା ସମବାୟ ସମିତି ଓ ସମ୍ବଲପୁର କେନ୍ଦ୍ର ବ୍ୟାଙ୍କରେ ତାଲା ପକାଇ ଧାରଣାରେ ବସିଥିଲେ । ଡିଆର୍ ଦିବାକର ଭୋଇ ସୋମବାର ଆନ୍ଦୋଳନସ୍ଥଳକୁ ଆସି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ସମବାୟ ସମିତି ଚାଷୀମାନଙ୍କ ନିକଟରୁ ପ୍ରିମିୟମ ଟଙ୍କା ସଂଗ୍ରହ କରି ବ୍ୟାଙ୍କକୁ ଦେବା ସହ ନିର୍ଦ୍ଧାରିତ ସମୟ ମଧରେ ବୀମା କମ୍ପାନୀକୁ ତାହା ପ୍ରଦାନ କରାଯାଇଛି । ସେମାନେ କ୍ଷତିପୂରଣ ପାଇବାରେ ଅସୁବିଧା ନାହିଁ । ଆମେ ବୀମା କମ୍ପାନୀ ସହ ଯୋଗାଯୋଗ କରୁଛୁ ବୋଲି ଡିଆର ଦିବାକର ଭୋଇ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ଦେଢ଼ଟାରେ ଆନ୍ଦୋଳନ ସ୍ଥଗିତ ରହିଥିଲା । ଏହି ସମୟରେ ଏସଡିସିସି ବ୍ୟାଙ୍କର ଅତିରିକ୍ତ ଶାଖା ପରିଚାଳକ ଆଶିଷ କୁମାର ଦୀପ ଉପସ୍ଥିତ ଥିଲେ । ଚାଷୀ ସଙ୍ଗଠନର ସୁବାଷ ପଧାନ, ଯଦୁମଣି ପଟେଲ, ଅରକ୍ଷିତ ସାହୁ, ଲଳିତ ସାହୁ, ରାଜକିଶୋର ପାଣିଗ୍ରାହୀ ପ୍ରମୁଖ ଚାଷୀ ଆଲୋଚନାରେ ସାମିଲ ହୋଇଥିଲେ । ବୀମା କ୍ଷତିପୂରଣ ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚାଷୀ ସଙ୍ଗଠନ ଚେତାବନୀ ଦେଇଛି ।

ବୀମା କ୍ଷତିପୂରଣ ଦାବିରେ ଆନ୍ଦୋଳନ

ବିଜେପୁର ଏସଡିସିସି ବ୍ୟାଙ୍କରେ ତାଲା ପକାଇ ଚାଷୀମାନେ ଧାରଣା ଦେଇଛନ୍ତି ।

ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର

ସଂକ୍ଷେପରେ

ମିଳିନି ବୀମା କ୍ଷତିପୂରଣ, ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ,୨୨।୧୦: ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଏସ. ଡୁମ୍ବେରପାଲି ପଞ୍ଚାୟତ ଅନେକ ଚାଷୀଙ୍କୁ ଏପଯର୍ୟନ୍ତ ଗତ ୨୦୧୭ ଖରିଫ ଫସଲକ୍ଷତିର ବୀମା କ୍ଷତିପୂରଣ ମିଳି ନ ଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ଚାଷୀମାନେ ସୋମବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଉକ୍ତ ପଞ୍ଚାୟତ ଅଧୀନ ଏସ. ଡୁମ୍ବେରପାଲି, ପିପିଲିପାଲି, ବନବାସପାଲି, ନୂଆପାଲି ଗ୍ରାମର ଅନେକ ଚାଷୀଙ୍କୁ ବର୍ତ୍ତମାନ ସୁଦ୍ଧା ଫସଲବୀମା କ୍ଷତିପୂରଣ ମିଳିପାରିନାହିଁ । ସେମାନଙ୍କ ମଧ୍ୟରେ ସୁରେନ୍ଦ୍ର ସାହୁ, ବିଷ୍ଣୁ ସାହୁ, ରବିନ୍ଦ୍ର ସାହୁ, ସୀତାରାମ ସାହୁ, ଗୋପାଳ ସାହୁ, ଗୁଣନିଧି ସାହୁ, ମହାଦେବ ସାହୁ ପ୍ରମୁଖ ଚାଷୀ ରହିଛନ୍ତି । ସେହିପରି ଗୁଡ଼େଶିରା ପଞ୍ଚାୟତର ଅନେକ କ୍ଷତିଗ୍ରସ୍ତ ଚାଷୀ ମଧ୍ୟ ଫସଲବୀମା କ୍ଷତିପୂରଣ ପାଇବାରୁ ବାଦ୍ ପଡ଼ିଥିବା ଅଭିଯୋଗ କରିଛନ୍ତି । ରବିନ୍ଦ୍ର ସାହୁ, ସୁରେନ୍ଦ୍ର ସାହୁଙ୍କ ସମେତ ଅନେକ କ୍ଷତିଗ୍ରସ୍ତ ଚାଷୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସକୁ ଆସିଥିଲେ ।

କୋସଲ ଯୁବ ସମନ୍ୱୟ ସମିତିର ବୈଠକ

ବରଗଡ଼ ଅଫିସ,୨୨।୧୦: ବରଗଡ଼ ପୁରୋହିତ ଭବନ ପରିସରରେ ସୋମବାର କୋସଲ ଯୁବ ସମନ୍ୱୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତିର ରାଜ୍ୟ ସଭାପତି ନୀଲାଦ୍ରୀ ବିହାରୀ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ । ରାଜ୍ୟ ସମ୍ପାଦକ ସବ୍ୟସାଚୀ ପୂଜାରୀ, କାର୍ଯ୍ୟକାରୀ ସଭାପତି ଲିପସିତ୍ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । କୋସଲ ରାଜ୍ୟ ସମନ୍ୱୟ ସମିତିର ଅଧ୍ୟକ୍ଷ ପ୍ରମୋଦ ମିଶ୍ର ମୁଖ୍ୟଅତିଥି ଏବଂ ସାଧାରଣ ସମ୍ପାଦକ ସୁନିଲ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଯୁବ ସଙ୍ଗଠନର କାର୍ଯ୍ୟକାରୀ ସଭାପତିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଯୁବ ସଙ୍ଗଠନର ଆଗାମୀ ରଣନୀତି ଉପରେ ଆଲୋଚନା ହୋଇଥିଲା। ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରୁ ଯୁଗ ଜାଗରଣ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା। ସେହିପରି ଆସନ୍ତା ୨୭ତାରିଖରେ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରକୁ ପୂର୍ଣ୍ଣକାଳୀନ ବିମାନ ବନ୍ଦର କରିବା ସହିତ ଦେଶର ପ୍ରମୁଖ ସହର ଗୁଡ଼ିକୁ ବିମାନ ଚଳାଚଳ ଆରମ୍ଭ କରିବା ଦାବିରେ କୋସଲ ଯୁବ ସମନ୍ୱୟ ସମିତି, ଝାରସୁଗୁଡ଼ା ପକ୍ଷରୁ ବିମାନ ବନ୍ଦର ସମ୍ମୁଖରେ ଧାରଣା ଦେବା ସହିତ ଦାବିପତ୍ର ପ୍ରଦାନର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଥିଲା ।

ଆଜିଠୁ ଆରମ୍ଭ କୁମାରୋତ୍ସବ

ଶକ୍ତିପୀଠ କାନପୁର ଚଳଚଞ୍ଚଳ

ବୀରମହାରାଜପୁର, ୨୨।୧୦ (ଡି.ଏନ.ଏ.)



ସୁବର୍ଣ୍ଣପୁର ଜିଲାର ଅନ୍ୟତମ ପ୍ରାଚୀନ ଶକ୍ତିପୀଠ ବୀରମହାରାଜପୁର ନିକଟସ୍ଥ କାନପୁରଠାରେ ମା' ମାହେଶ୍ୱରୀଙ୍କ ପ୍ରସିଦ୍ଧ କୁମାରୋତ୍ସବ ଯାତ୍ରା ପାଇଁ ସାରା ଅଞ୍ଚଳ ଏବେ ଚଳଚଞ୍ଚଳ। ଆବାହମାନ କାଳରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ଏଠାରେ ଅନୁଷ୍ଠିତ ହୋଇ ଆସୁଥିବା ତ୍ରିଦିନାତ୍ମକ ଯାତ୍ରାର ମଙ୍ଗଳବାର ହେଉଛି ଶୁଭାରମ୍ଭ। କେବଳ ସୁବର୍ଣ୍ଣପୁର ଜିଲା ନୁହେଁ ପଶ୍ଚିମଓଡିଶାର ଏକ ପ୍ରସିଦ୍ଧ ଶକ୍ତିକ୍ଷେତ୍ର ଭାବେ ପରିଚିତ ଏହି ଦେବୀ ପୀଠରେ ଫି ବର୍ଷ ଆଶ୍ୱିନ ପୂର୍ଣ୍ଣିମା ଅବସରରେ ଏହି ପର୍ବପାଳନ କରାଯାଇ ଥିବାରୁ ଏ ଯାତ୍ରାକୁ ଆଶୀନପୁନି ଯାତରା ଭାବେ ସଭିଏ ଜାଣନ୍ତି। ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଏଇଠି ସମାଗମ ହୁଏ। ଚଳିତବର୍ଷ ଯାତ୍ରା ସକାଶେ ପ୍ରସ୍ତୁତ ପର୍ବ ବୃତ୍ତାନ୍ତ ହୋଇଛି। ମଙ୍ଗଳବାର ଅପରାହ୍ନରେ ମନ୍ଦିରରେ ଅଧିବାସ ଅର୍ଥାତ ଆବାହନୀ ହୋମଯଜ୍ଞାଦି ସହ ଦେବୀଙ୍କ ପ୍ରତୀକ ଛତ୍ର ଓ ଆଲମଙ୍କୁ ସଜ୍ଜିତ କରାଯାଇ ପୂଜା ମଣ୍ଡପରେ ବିଜେ କରାଯିବ। ରୀତିନୀତ ଅନୁଯାୟୀ ପୂଜାର୍ଚ୍ଚନା ପରେ ଅନ୍ନଭୋଗ ଲାଗି ହେବ। ଦେବୀଙ୍କୁ ଏଠାରେ ଖମ୍ଭେଶ୍ୱରୀ, ପରମେଶ୍ୱରୀ ଓ ନାରାୟଣୀ ରୂପେ ପୂଜିତ କରାଯାଇଥାଏ । ଅଧିବାସ ପୂଜନୋତ୍ସବ ପରଦିନ କୁମାର ପୂର୍ଣ୍ଣିମା ତିଥିରେ ଯାତ୍ରାର ମୁଖ୍ୟପର୍ବ ଆୟୋଜିତ ହୋଇଥାଏ । ବୁଧବାର ପୂର୍ଣ୍ଣିମା ପଡୁଥିବାରୁ ଏ ଦିନ ଦେମୂଳ-ଯାତ୍ରାର ବିଧିରହିଛି । ମାହେଶ୍ୱରୀ ରୂପରେ ପୂଜା ପାଇଥିବା ଦେବୀଙ୍କ ପ୍ରତୀକ ବାଡି ଓ ଖଣ୍ଡା ସହିତ କଳା, ଧଳା ଛତର ଓ ଆଲମଙ୍କୁ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ଦେମୂଳ ପଡିଆକୁ ନିଆଯିବ। ସେଠାରେ ବିଳମ୍ବିତ ରାତିରେ ଅନୁଷ୍ଠିତ ହେବ ନିଷ୍ଠା ଓ ଭକ୍ତିର ସହ ମହାଖଳା ପୂଜା। ଗୁରୁବାର ପ୍ରତ୍ୟୁଷରୁ ଦେବୀଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯିବା ସହ ଉଦଯାପନୀ ଉତ୍ସବ ଆୟୋଜନର ବିଧି ରହିଛି। ଏହି ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ନ୍ୟବେଦ୍ୟ ଅର୍ପଣ ପରେ ଦେବୀଙ୍କ

ବରଷକ ପରେ ଗମ୍ଭୀରାରୁ ବାହାରିବେ ମା' ମାହେଶ୍ୱରୀ

ଗମ୍ଭୀରାକୁ ପ୍ରତ୍ୟାବର୍ତ୍ତନ କରିବେ। ଏହି ଗଣପର୍ବର ଅନନ୍ୟ ଆକର୍ଷଣ ହେଉଛି ଶୋଳ ଭରନୀ ବାଦ୍ୟ ଓ ବାଡି ଖେଳ ଭଳି ସମରକଳାର ପ୍ରଦର୍ଶନୀ ଶହଶହ ବର୍ଷଧରି ଏଠାରେ ପାଳିତ ହୋଇ ଆସୁଥିବା କୁମାରୋତ୍ସବ ଯାତ୍ରାରେ ଜିଲା ଓ ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକ ସାମିଲ ହୋଇଥାନ୍ତି । ମିଳିଥିବା ସୂଚନାମତେ ଚଳିତବର୍ଷ ଦେମୂଳ ଯାତ୍ରାକୁ ଅଧିକ ଆକର୍ଶଣୀୟ ତଥା ଉପଭୋଗ୍ୟ କରିବା ପାଇଁ ଯାତ୍ରା କମିଟି ବିଶେଷ କରି ଯୁବଗୋଷ୍ଠୀ ଯୋଜନାବଦ୍ଧ ପ୍ରୟାସ ଚଳାଇଛନ୍ତି । ବିଶେଷତଃ ରାତ୍ରିକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଆଲୋକସଜ୍ଜା ସହିତ ଶାନ୍ତିଶୃଙ୍ଖଳା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ପାଗ ଅନୁକୂଳ ଥିବାରୁ ଯାତ୍ରାର ମଜା ନେବାକୁ ପିଲାଠାରୁ ବୁଢା ଯାଏ ଗାଁ ଗାଁରେ ଭିଡ ଜମାଇବା ଆରମ୍ଭ କରି ଦେଲେଣି।

ଅଧିକାରୀମାନେ ଜନ ଅଭିଯୋଗର ଶୁଣାଣି କରୁଛନ୍ତି।

୭୪ ଅଭିଯୋଗର ଶୁଣାଣି କଲା ପ୍ରଶାସନ

ଉଲୁଣ୍ଡା, ୨୨।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପଞ୍ଚାୟତ ସମିତି ସଭାଗୃହରେ ଏଡିଏମ ଶରତ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନକ୍ରମେ ବ୍ଲକସ୍ତରୀୟ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ମିଶ୍ର, ଏସପି ଦେବୀପ୍ରସାଦ ଦାସ, ବୀରମହାରାଜପୁର ଉପଜିଲାପାଳ ସୁବ୍ରତ ଦାସ, ସିଡିଏମଓ ବିଜୟଲକ୍ଷ୍ମୀ ଗୁରୁ, ବିଡିଓ ରୁନୁ ଲାକ୍ରା, ତହସିଲଦାର ଶରତ ଚନ୍ଦ୍ର ସେଠୀ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ମୋଟ ୭୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୬୬ଟି ବ୍ୟକ୍ତିଗତ ଏବଂ ୮ ସାମୂହିକ ଅଭିଯୋଗ ଆସିଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିତାଲି ମହାକୁର ଉପସ୍ଥିତ ରହିଥିଲେ।

ଜିଲା କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତା

ସୋନପୁର,୨୨।୧୦(ନି.ପ୍ର.)

କଂଗ୍ରେସ ସଂଗଠନକୁ ତୃଣମୂଳସ୍ତରରୁ ମଜ୍‌ବୁତ କରିବା ସହ ଆସନ୍ତା ୨୦୧୯ ନିର୍ବାଚନକୁ ଦୃଷ୍ଟିରେ ରଖି ସାଙ୍ଗଠନିକ ସ୍ତରରେ ଅଦଳବଦଳ କରାଯାଉଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟିର ସଭାପତି ଶଙ୍କର କୁମାର ଦାଶ ସୋମବାର ଜିଲା କମିଟିର କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ନୂତନ କମିଟିରେ ସଂଗ୍ରାମ ନାୟକ, ଚିତ୍ତରଞ୍ଜନ ମିଶ୍ର, ନରେନ୍ଦ୍ର ପଣ୍ଡା, ସୁନିଲ ସାହୁ, ସନ୍ତୋଷ ଦେହେରୀ ଓ ସବିତା ମାଝି ଉପସଭାପତି, ବରୁଣ ସୁନା, ଛବିଳ କର୍ଣ୍ଣ, ଲକ୍ଷ୍ମଣ ଦେହେରୀ, ଆକବର ଅଲି, କାର୍ତ୍ତିକ ନାଗ ଓ ସୂର୍ଯ୍ୟକାନ୍ତି ବାଘ ସାଧାରଣ ସମ୍ପାଦକ, ନିମାଇଁ ଚରଣ ପାଣିଗ୍ରାହୀ, ଚନ୍ଦ୍ରମଣି ତ୍ରିପାଠୀ, ଗଣପତି ପଣ୍ଡା, ମିଲୁ ସାହୁ, ବାନ୍ଧ ବିହାରୀ ନାଏକ, ସତ୍ୟାନନ୍ଦ ମେଣ୍ଡଲି, ବସନ୍ତ ମହାକୁର, ପ୍ରଭୁଦତ୍ତ ବଡ୍ରିଆ, ସଞ୍ଜୁଲେଖା ସାହୁ ସମ୍ପାଦକ, ରାଜେଶ ମିଶ୍ର କୋଷାଧ୍ୟକ୍ଷ ଓ ନରଦେବ ଭୋଇଙ୍କୁ ମୁଖପାତ୍ର କରାଯାଇଛି। ସୁଧୀର କୁମାର ପଣ୍ଡାଙ୍କୁ ସୁବର୍ଣ୍ଣପୁର ଟାଉନ କଂଗ୍ରେସ କମିଟିର ସଭାପତି ଭାବେ ନିଯୁକ୍ତି ମିଳିଥିବା ବେଳେ ତରଭା ଟାଉନ ସଭାପତି ପ୍ରବୀଣ କୁମାର ସାହୁ ଓ ବିନିକା ଟାଉନ ସଭାପତି ଭାବେ ଗୋପିନାଥ ପଣ୍ଡାଙ୍କୁ ନୂତନ ନିଯୁକ୍ତି ଦିଆଯାଇଛି। ୨୯ଜଣଙ୍କୁ କାର୍ଯ୍ୟନିର୍ବାହୀ କମିଟିରେ ନିଆଯାଇଛି। ସେହିପରି ଜିଲା କମିଟିରେ ସ୍ୱତନ୍ତ୍ର ନିମନ୍ତ୍ରିତ ଭାବେ ବିରୋଧି ଦଳ ନେତା ନରସିଂହ ମିଶ୍ର, ପ୍ରାକ୍ତନ ଏମ୍‌ପି ଶରତ ପଟ୍ଟନାୟକ, ବନମାଳୀ ହୋତା, ନରେନ୍ଦ୍ର ମିଶ୍ର, ସର୍ବେଶ୍ୱର ପୁରୋହିତ, ଜିତେନ୍ଦ୍ର ପଟ୍ଟନାୟକ, ପ୍ରତ୍ୟୁଷ ରଞ୍ଜନ ମିଶ୍ର, ବିନୋଦ ପାତ୍ର, ଲକ୍ଷ୍ମଣ କୁମାର ମେହେର ଓ ରବି ନାରାୟଣ ପାଣିଗ୍ରାହୀ ଅଛନ୍ତି ।

କୈଶୋର ସ୍ୱାସ୍ଥ୍ୟର ସୁରକ୍ଷା ସମ୍ପର୍କିତ କର୍ମଶାଳା

କନ୍ୟା ସନ୍ତାନ କୌଣସି ଗୁଣରେ ନ୍ୟୂନ ନୁହନ୍ତି

ସୋନପୁର,୨୨।୧୦ (ନି.ପ୍ର.)

ସଚେତନତା କର୍ମଶାଳାରେ ମଞ୍ଚାସୀନ ଅତିଥି ବୃନ୍ଦ।

କୈଶୋର ସ୍ୱାସ୍ଥ୍ୟର ସୁରକ୍ଷା ତଥା ବାଲ୍ୟ ବିବାହ ଓ ତାର ପ୍ରତିକାର ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା ସୁବର୍ଣ୍ଣପୁର ଡିଆରଡିଏ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କନ୍ୟା ସନ୍ତାନମାନେ କେବେ ବି କୌଣସି ଗୁଣରେ ନ୍ୟୂନ ନୁହନ୍ତି। ସେମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଓ ବାଲ୍ୟ ବିବାହର କୁପରିଣାମ ସମ୍ପର୍କରେ ଜାଣିବା ସହ ଅନ୍ୟମାନଙ୍କୁ ସଚେତନ କରାଇ ପାରିଲେ ଜିଲାରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ଡିଏସ୍‌ପି ଆନନ୍ଦବର୍ଦ୍ଧନ ଗୁରୁ ପ୍ରାକ୍ ସ୍ୱାଧୀନତା ସମୟରୁ ଏହି କୁପ୍ରଥା ଚାଲିଆସିଛି, ଯାହାକୁ ରାଜା ରାମ ମୋହନ ରାୟ ପ୍ରତିରୋଧ କରିଥିଲେ ବୋଲି କହିଥିଲେ। ବର୍ତ୍ତମାନ ଏହାକୁ ପ୍ରତିରୋଧ କରିବା ପାଇଁ ଉଚ୍ଚଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷାର ବ୍ୟବସ୍ଥା କରାଯାଇଛି। ବାଲ୍ୟବିବାହ ପାଇଁ ଏକଲକ୍ଷ ଜରିମାନା ସହ ଦୁଇବର୍ଷ ଜେଲଦଣ୍ଡର ବ୍ୟବସ୍ଥା ରହିଛି। ଆଇନର କାର୍ଯ୍ୟକାରିତା ସହିତ ସାମାଜିକସ୍ତରରେ ମଧ୍ୟ ସଚେତନତା ଜରୁରି ବୋଲି ଗୁରୁ କହିଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ହିମାଂଶୁ ଭୂଷଣ ନାୟକ ଅନ୍ୟତମ ଅତିଥିଭାବେ ଯୋଗଦେଇ ୧୯୨୯ରେ

- **ବାଲ୍ୟ ବିବାହର କୁପରିଣାମ ସମ୍ପର୍କରେ ସଚେତନତା ଜରୁରୀ**
- **ବାଲ୍ୟ ବିବାହ ରୋକିବା ପାଇଁ ସାମୂହିକ ପ୍ରତିବଦ୍ଧତା ଜରୁରୀ**
- **କୈଶୋର ସ୍ୱାସ୍ଥ୍ୟ ପାଇଁ ଆତ୍ମରକ୍ଷା କୌଶଳ ଆବଶ୍ୟକ**

ବାଲ୍ୟ ବିବାହ ପ୍ରତିରୋଧ ଆଇନ ସମ୍ପର୍କରେ ସୂଚନା ଦେଇଥିଲେ। ବାଲ୍ୟ ବିବାହ ସମ୍ପର୍କରେ ସୂଚନା ପାଇଲେ ଶିଶୁ ମଙ୍ଗଳ କମିଟି, ଚାଇଲ୍ଡ ଲାଇନ, ସିଡିପିଓ ଏବଂ ସ୍ଥାନୀୟ ପୋଲିସକୁ ଯୋଗାଯୋଗ କରିବାକୁ ନାୟକ ପରାମର୍ଶ ଦେଇଥିଲେ। ରେଆରର ସାଧାରଣ ସମ୍ପାଦକ ଆଶୁତୋଷ ହୋତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ବର୍ତ୍ତମାନ ବାଲ୍ୟ ବିବାହ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଏବଂ ଏଥିପାଇଁ ସାମୂହିକ ପ୍ରତିବଦ୍ଧତା ଜରୁରୀ ବୋଲି କହିଥିଲେ। ଭଲ୍ୟୁଣ୍ଟାରୀ ହେଲଥ ଆସୋସିଏଶନ ଅଫ ଇଣ୍ଡିଆ, ଓଡିଶା ଶାଖାର ସଂଯୋଜକ ସମୀର ସାହୁ କୈଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିବା ସହ ରାୟଗଡା, ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୧୨ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ବାଲ୍ୟ ବିବାହ ଓ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ କରାଯାଉଥିବା ସମ୍ପର୍କରେ ଉପସ୍ଥାପନା କରିଥିଲେ। ସୁବର୍ଣ୍ଣପୁର ସର୍ବଶିକ୍ଷା ଅଭିଯାନର ବାଳିକା ଶିକ୍ଷା ସଂଯୋଜକ ମାନସ ରଞ୍ଜନ ସେଠ୍ ଯୋଗଦେଇ ଶିକ୍ଷା ଜୀବନ ସହ ଜଡିତ ହେବା ଦରକାର ବୋଲି କହିବା ସହ ଲିଙ୍ଗ ଓ ଯୌନତା ସମ୍ପର୍କରେ ଆଲୋଚନା କରିଥିଲେ। ବର୍ତ୍ତମାନ କୈଶୋର ସ୍ୱାସ୍ଥ୍ୟ ପାଇଁ ଜୀବନ କୌଶଳ ଶିକ୍ଷା ଓ ଆତ୍ମରକ୍ଷା କୌଶଳ ଅତ୍ୟନ୍ତ ଆବଶ୍ୟକ ବୋଲି ସେଠ୍ କହିଥିଲେ। କିଶୋରୀ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ସାନିଟାରୀ ନାପକିନ ଅତ୍ୟନ୍ତ ଅପରିହାର୍ଯ୍ୟ ଏବଂ ଏହାର ବ୍ୟବହାର ଶୈଳୀ ସମ୍ପର୍କରେ ତାଲିମର ଆବଶ୍ୟକତା ରହିଛି ବୋଲି ଶିକ୍ଷୟିତ୍ରୀ ସନ୍ତୋଷିନୀ ନନ୍ଦ ପ୍ରକାଶ କରିଥିଲେ। ପ୍ରକଳ୍ପ ସଂଯୋଜକ ଅନଙ୍ଗ ନେଗି ସମସ୍ତଙ୍କୁ ସ୍ୱାଗତ କରିବା ସହ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡି କର୍ମୀ, ଶିକ୍ଷକ, ପଞ୍ଚାୟତିରାଜ ଲୋକ ପ୍ରତିନିଧି, ଓକିଲ, ବରିଷ୍ଠ ନାଗରିକ ମଞ୍ଚ, ବିଦ୍ୟାଳୟ ପରିଚାଳନା କମିଟି, ସ୍ୱେଚ୍ଛାସେବୀ ସଂଗଠନ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ପରିଦର୍ଶିକା, ଅଭିଭାବକ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଲକ୍ଷ୍ମଣ କୁମାର ସା, ଗୁଣନିଧି ମାଝି, ବିଶ୍ୱମ୍ଭର ସାହୁ ଓ ସୁଦାମ ଗାଇଗରିଆ ସହଯୋଗ କରିଥିଲେ।

ପଞ୍ଚାୟତ ସମିତି ସଭ୍ୟାସଭ୍ୟଙ୍କୁ ଅବହେଳା

୧୭ ନିର୍ବାଚିତ ପ୍ରତିନିଧି ବିଡିଓଙ୍କ ଦ୍ୱାରସ୍ଥ

ତରଭା,୨୨।୧୦(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ନିର୍ବାଚିତ ପଞ୍ଚାୟତ ସମିତି ସଭ୍ୟାସଭ୍ୟମାନଙ୍କୁ ଗୁରୁତ୍ୱ ଦିଆଯାଉନି। ପ୍ରକୃତ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଆବଶ୍ୟକତା ଥିବା ପ୍ରକଳ୍ପଗୁଡିକୁ ଅଗ୍ରାଧିକାର ମିଳୁନି। ମନଇଚ୍ଛା ସବୁ କାମ କରାଯାଉଛି। ବ୍ଲକର ମୋଟ ୨୧ଟି ପଞ୍ଚାୟତରୁ ୧୭ ପଞ୍ଚାୟତର ସମିତି ସଭ୍ୟାସଭ୍ୟ ଏକ ବୈଠକରେ ମିଳିତ ହୋଇ ବିଡିଓ ନିହାର ରଞ୍ଜନ କୁଅଁରଙ୍କଠାରେ ସୋମବାର ଏହି ଅଭିଯୋଗ କରିଛନ୍ତି। ସେମାନେ ଲିଖିତ ଭାବେ ଅଭିଯୋଗ କରିଛନ୍ତ ଯେ, ପଞ୍ଚାୟତ ସମିତ ବୈଠକରେ ଆଲୋଚ୍ୟ ବିଷୟଗୁଡିକ ବିବରଣୀରେ ସ୍ଥାନ ପାଉନି। ଯଦି ବା ସ୍ଥାନ ପାଉଛି ତାହା କାର୍ଯ୍ୟକାରୀ ହେଉନି। ନିର୍ବାଚିତ ପ୍ରତିନିଧିମାନେ ଦେଉଥିବା ପ୍ରକଳ୍ପଗୁଡିକୁ ବାଦ୍ ଦିଆଯାଇ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଉଛି। ହିତାଧିକାରୀ ଚୟନ ସମୟରେ ଲୋକ ପ୍ରତିନିଧିଙ୍କ ସୁପାରିଶକୁ ଗ୍ରହଣ କରାଯାଉନି। ଫଳରେ ଯୋଗ୍ୟ ବ୍ୟକ୍ତି ସରକାରୀ ଯୋଜନାରୁ ବାଦ୍ ପଡୁଛନ୍ତି। ପଞ୍ଚାୟତସ୍ତରୀୟ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଇ ସମିତିକୁ ପରିଚାଳନା କରାଯାଉଛି। ଯାହା ଗଣତନ୍ତ୍ରର କଣ୍ଠରୋଧ ବୋଲି ସଭ୍ୟା ସଭ୍ୟ ଅଭିଯୋଗ କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ସୃଷ୍ଟ ପରିସ୍ଥିତି ପାଇଁ ପ୍ରଶାସନ ଦାୟୀ ରହିବ ବୋଲ ସେମାନେ ଚେତାବନୀ ଦେଇଛନ୍ତ। ଏହି ସ୍ମାରକପତ୍ରରେ ସମିତି ସଭ୍ୟ ମିତ୍ରବ୍ରତ ମିଶ୍ର, ପ୍ରାଣବନ୍ଧୁ ରଣା, ଗୀତା ଷାଣ୍ଡ, ସୌଭାଗ୍ୟବତୀ କୁଅଁର, ସୁଦେଷ୍ଣା ପାତ୍ର, ସନ୍ତୋଷିନୀ ସେଲ୍‌ମା, ବିକାଶ ରଣା, କିର୍ତ୍ତନ ପୋଢ, ସଞ୍ଜିବ କୁମାର ନାଏକ, ହେମନ୍ତ ମାଝି, ଜ୍ୟୋତ୍ସ୍ନାମୟୀ ରଣା, ବରମେଷ ବାରିକ, ଅନିରୁଦ୍ଧ ସେଠୀ, ସୂର୍ଯ୍ୟକାନ୍ତି କୁମ୍ଭାର, ହିରଣ୍ୟ କୁମାରୀ ସାହୁ, ସାବିତ୍ରି ମଲ୍ଲିକ ଓ ଶିବ ବିଶ୍ୱାଳ ପ୍ରମୁଖ ସ୍ୱାକ୍ଷର କରିଛନ୍ତି। ଏ ସମ୍ପର୍କରେ ବିଡିଓ ନିହାର ରଞ୍ଜନ କହିଁର କୁହନ୍ତି ସଭ୍ୟାସଭ୍ୟଙ୍କଠାରୁ ସେ ଏହି ସ୍ମାରକପତ୍ର ପାଇଛନ୍ତି। ଏଥିରେ କୌଣସି



ଈର୍ଷା କାହାର କୌଣସି କ୍ଷତି କରିପାରେ ନାହିଁ, ବରଂ ନିଜର ଅଶେଷ ଅନିଷ୍ଟ କରେ।

-ଚାଣକ୍ୟ

ସଂକ୍ଷେପରେ

କମ୍ପାନୀ ମ୍ୟାନେଜରଙ୍କଠାରୁ ଲୁଟ୍ ମାମଲା

୨ ଲୁଟେରା ଗିରଫ

ନୂଆପଡା ଅଫିସ/କୋମନା,୨୨।୧୦ ନୂଆପଡା ଜିଲା ଖଡିଆଳ ଅଞ୍ଚଳରେ ଏକ ବେସରକାରୀ କମ୍ପାନୀରେ କାମ କରୁଥିବା ବ୍ୟକ୍ତିଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେବା ଘଟଣାରେ କୋମନା ପୋଲିସ ୨ଜଣ ଲୁଟେରାଙ୍କୁ ଗିରଫ କରିଛି । ସେମାନେ ହେଲେ କୋମନା ଥାନା ଅନ୍ତର୍ଗତ ପଏଁର ଗାଁର ଟିକଚନ ଶବର(୩୨) ଏବଂ ଚାନ୍ଦୋପଲାର ତ୍ରିଲୋଚନ ଶବର(୩୦)। ଏମାନଙ୍କ ବିରୋଧରେ ଦଫା ୩୯୨(କେଶ ନମ୍ବର ୯୭)ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଖଡିଆଳସ୍ଥିତ ଏକ ବେସରକାରୀ ଜମା କମ୍ପାନୀରେ କାର୍ଯ୍ୟରତ ଶିଶୁପାଲ ଜାଲ(୩୦)ନାମକ ଜନୈକ ଯୁବକ ଗତ ମେ ମାସ ୧୬ତାରିଖରେ କୋମନା ଥାନା ଅନ୍ତର୍ଗତ ଚିକ୍ରାପଡା ଅଞ୍ଚଳରୁ ଟଙ୍କା ସଂଗ୍ରହ କରି ଯାଉଥିବାବେଳେ ପଏଁର ଗାଁ ନିକଟରେ ୨ଜଣ ଦୁର୍ବୃତ୍ତ ଅଟକାଇ ଟଙ୍କା ସହ ବାଇକ୍‌କୁ ଲୁଟି ନେଇଥିଲେ । ଏଥିରେ ୧ଲକ୍ଷ ୨୯ହଜାର ୪୮୪ଟଙ୍କା ଥିବା ଅଭିଯୋଗ ହୋଇଥିଲା । ତେବେ ବହୁ ଦିନ ଧରି ପୋଲିସ ତନାଘନା କରିବା ପରେ ବର୍ତ୍ତମାନ ଏହି ୨ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି । ହେଲେ ଅଦ୍ୟାବଧୀ ସେମାନଙ୍କଠାରୁ ଟଙ୍କା ଅସୁଲି ହୋଇପାରିନଥିବା ପ୍ରକାଶ । ଏମାନଙ୍କୁ ସୋମବାର ସନ୍ଧ୍ୟାରେ କୋମନା ଗ୍ରାମନ୍ୟାୟାଳୟକୁ ଚାଲାଣ କରାଯାଇଥିବା ଥାନାଧିକାରୀ ନିର୍ମଳ ପାଣଗ୍ରାହୀ ସୂଚନା ଦେଇଛନ୍ତି ।

ଲୁଚିଯାଉଛି ଗୋଧସର ପ୍ରାକୃତିକ ମନୋରମ ଦୃଶ୍ୟ

ଗୋଧସ ଜଳପ୍ରପାତରେ ତୀର୍ଥଯାତ୍ରୀମାନେ ଗାଧୋଉଛନ୍ତି (ବାମ) । ଦୁର୍ଗମ ଜଙ୍ଗଲ ମଧ୍ୟରେ ଖରାପ ରାସ୍ତାରେ ଯାତ୍ରୀମାନେ ଚାଲି ଚାଲି ଯାଉଛନ୍ତି ।

- ଗୋଧସକୁ ପର୍ଯ୍ୟଟନ ମାନଚିତ୍ରରେ ରଖିବାକୁ ଦାବି
- ଗମନାଗମନର ସୁବିଧା ନାହିଁ
- ଯାତ୍ରୀ ଆସୁଛନ୍ତି, ରହିଛି ସରକାରୀ ଉଦାସୀନତା

ନୂଆପଡା ଅଫିସ,୨୨।୧୦

ପ୍ରକୃତିପ୍ରେମୀ, ଗବେଷକମାନେ ସୁନାବେଡା ଅଭୟାରଣ୍ୟକୁ ଓଡିଶାର କାଶ୍ମୀର ବୋଲି କହିଥାନ୍ତି । ଏହା ଏକ ଭୂସ୍ୱର୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଠାରେ ଚିରହରିତ ଜଙ୍ଗଲ ସାଙ୍ଗକୁ ଶତାଧିକ ଚିରସ୍ରୋତା ଝରଣା, ସୁଉଚ୍ଚ ଜଳପ୍ରପାତ । ସମୁଦ୍ର ପତନରୁ ହଜାର ହଜାର ଫୁଟ ଉଚ୍ଚରେ ଥିବା ହେତୁ ଏଠାରେ ଖରା, ବର୍ଷା, ଶୀତ ଏକାକାର ଅନୁଭୂତ ହୋଇଥାଏ । ଏଭଳି ଘଞ୍ଚ ଜଙ୍ଗଲ ମଧ୍ୟରେ ଗୋଧସ ଭଳି ସୁଉଚ୍ଚ ଚିରସ୍ରୋତା ଜଳପ୍ରପାତ ଅନ୍ୟତମ । ବର୍ତ୍ତମାନର ଗଣାମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମର ପ୍ରଚାର ପ୍ରସାର ଫଳରେ ଏହା ପର୍ଯ୍ୟଟକଙ୍କ ଧ୍ୟାନ ଆକର୍ଷିତ କରିବାରେ ଲାଗିଛି । ଏଠିକାର ପ୍ରାକୃତିକ ଦୃଶ୍ୟ କହିଲେ କାହିଁ କେତେଦୂରରୁ ଝରଣାର ପାଣି ଅବିରତ ଭାବରେ ବୋହି ଆସୁଛି। ଶେଷର ଦୀର୍ଘ ଅଢେଇଶ ଫୁଟ ତଳକୁ କଚାଡି ହୋଇ ପଡୁଛି । ତଳେ ସ୍ୱତଃ ଏକ ପୋଖରୀ ତିଆରି ହୋଇଯାଇଛି । ଏଠାରେ ଲୋକେ ନିତି ଗାଧୋଇ ଜଳପ୍ରପାତର ମଜା ନେଇଥାନ୍ତି । ଏହା ପରେ ନିକଟରେ ଅବସ୍ଥାପିତ ଶିବମନ୍ଦିରର ଦର୍ଶନ କରି ସାରି ପାହାଡ ଚଢି ବନାନୀର ଉପଭୋଗ କରିଥାନ୍ତି । ବିଶେଷ କରି ଶିବରାତ୍ରି ଦୁର୍ଗାପୂଜା ସମୟରେ ଏଠାରେ ଭିଡ ଦେଖିବାକୁ ମିଳିଥାଏ । ସେହିଭଳି ନୂଆବର୍ଷ ସମୟ ପାଖେଇ ଆସିଲେ ଏଠାକୁ ନବାଗତମାନଙ୍କର ପିକନିକ ବେଶ ଜମିଥାଏ । ଦୈନିକ ଓଡିଶାର ବିଭିନ୍ନ ଜିଲା ସମେତ ପଡୋଶୀ ଛତିଶଗଡର ଶତାଧିକ ଦର୍ଶକ ଏଠାରେ ରୁଣ୍ଡ ହେଉଛନ୍ତି । ଘଞ୍ଚ ଜଙ୍ଗଲ ମଧ୍ୟରେ ଅତ୍ୟନ୍ତ ଖରାପ ରାସ୍ତା ସତ୍ତ୍ୱେ ଲୋକେ ଏଠାକୁ ଆସିବାକୁ ହାର ମାନୁ ନାହାଁନ୍ତି । ଏଠାରେ ରାସ୍ତାଘାଟ, ବିଜୁଳି କି ପାଛଶାଳା ଭଳି ମୌଳିକ ସୁବିଧା ଯୋଗାଇବାରେ ପ୍ରଶାସନ ମୁଣ୍ଡ ଖେଳାଉନଥିବା ଅଭିଯୋଗ ହୋଇଥାଏ । ନାଁକୁ ମାତ୍ର ଠିକାଦାର ସନ୍ତୁଷ୍ଟିକରଣ ପାଇଁ ୨ରୁ ୪ଲକ୍ଷ ଟଙ୍କାର ରାସ୍ତା ଉନ୍ନତିକରଣ କାମ ହୋଇଛି । ଏହାବାଦ କୌଣସି କାମ ହୋଇ ନାହିଁ । ତେଣୁ ଜିଲା ତଥା ରାଜ୍ୟପ୍ରଶାସନ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେଇ ଏହାର ପୁନଃରୁଦ୍ଧାର କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି । ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି । ଏହି ବିଷୟରେ ଜିଲା ପର୍ଯ୍ୟଟନ ଅଧିକାରୀ ଭଗବାନ ଖରାଙ୍କୁ ପଚାରିବାରୁ ନିକଟରେ ଗୋଧସ ପରିଦର୍ଶନ କରି ସେଠିକାର ଗୁରୁତ୍ୱ ସମ୍ପର୍କରେ ଜାଣିଛନ୍ତି। ଏହା ଉପରେ ଏକ ରିପୋର୍ଟ ତିଆରି କରୁଛନ୍ତି। ଏ ନେଇ ସରକାରଙ୍କ ସମ୍ପୃକ୍ତ ବିଭାଗକୁ ଜଣାଇବେ । ଇକୋ– ଟୁରିଜିମରୁ ଏଠିକାର ପୁନଃରୁଦ୍ଧାର କରିବାକୁ ଉଦ୍ୟମ କରାଯିବ ବୋଲି କହିଛନ୍ତି।

ସେମାନେ ଯାହା କହନ୍ତି....

ଗୋଧସ ପଶ୍ଚିମ ନୂଆପଡା କାହିଁକି ଓଡିଶାର ଏକ ପ୍ରସିଦ୍ଧ ଜଳପ୍ରପାତ ଭିତରେ ଅନ୍ୟତମ । ହେଲେ ଏହା ପ୍ରଶାସନିକ ସ୍ଥାଣୁତା ଯୋଗୁ ଲୁଚି ଯାଉଛି । ପର୍ଯ୍ୟଟନ କ୍ଷେତ୍ରକୁ ଆସି ପାରୁନାହିଁ ।

-**କେଶବାନନ୍ଦ ପଣ୍ଡା**, ଯୁବ ଆଇନଜୀବି

ପଡୋଶୀ ରାଜ୍ୟମାନଙ୍କରେ ଛୋଟିଆ ଜାଗାମାନଙ୍କୁ ଯେଉଁଭଳି ମାନ୍ୟତା ଦିଆଯାଇଛି । ନୂଆପଡା ଜିଲାରେ ଗୋଧସ ଭଳି ଜାଗାଥାଇ ସୁଦ୍ଧା କୌଣସି ବିକାଶ କରାଯାଇପାରୁନାହିଁ। ଏହା ଉପରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେବା ଜରୁରୀ ।

- **ରାହୁଲ ଯାଦବ**, ଯୁବ ସାମାଜିକ କର୍ମୀ

ଆମେ ରାଜ୍ୟ ତଥା ରାଜ୍ୟ ବାହାର ବିଭିନ୍ନ ଜାଗା ବୁଲି ଦେଖିଛୁ । ହେଲେ ଗୋଧସ ଭଳି ପ୍ରାକୃତିକ ପ୍ରାଚୁର୍ଯ୍ୟ ହେଉକି ଝରଣା, ପ୍ରପାତ ଦେଖିନାହୁଁ । ଏଠିକାର ପୁନଃରୁଦ୍ଧାରର ଆବଶ୍ୟକତା ରହିଛି ।

-**ସ୍ୱାତୀ ପଣ୍ଡା**, ଛାତ୍ରୀ, ନୂଆପଡା

ଗୋଧସ ସାଙ୍ଗକୁ ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନର ଉନ୍ନୟନ ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଛୁ । ହେଲେ ସରକାର ଆଖି ବୁଜି ଦେଇଛନ୍ତି। ଏହା ଉପରେ ଦୃଷ୍ଟି ନ ଦେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବୁ ।

-**ଓମ୍ ପ୍ରକାଶ କଲାର**, ସ୍ଥାନୀୟ ସରପଞ୍ଚ

ମାଝିଗୁଡାରେ ବର୍ସେଲମାଝିଙ୍କ ବାର୍ଷିକ ଦଶହରା

କୋକସରା,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡାର ଅଧିପାତ୍ରି ଦେବୀ ବର୍ସେଲମାଝିଙ୍କ ବାର୍ଷିକ ଦଶହରା ରବିବାର ପାଳିତ ହୋଇଯାଇଛି। ଗ୍ରାମର ଦେବୀ ବର୍ସେଲମାଝିଙ୍କୁ ସକାଳେ ଗ୍ରାମ ପୂଝାରୀ ପୂଜାର୍ଚ୍ଚନା ସହ ଶ୍ରଦ୍ଧାଳୁମାନେ ଦର୍ଶନ ସହ ମାନସିକ ଧାରିମାନେ ଶୁକ୍ଳଭୋଗ ସହ ବୋନା ପାରା, କୁକୁଡା ବଳି ଦେଇଥିଲେ। ଦଶହରାକୁ ନେଇ ମାଝିଗୁଡା ଗ୍ରାମ ଉତ୍ସବ ମୁଖର ହୋଇପଡେ । ରାତିରେ ଦର୍ଶକମାନେ ମନୋରଞ୍ଜନ ପାଇଁ ରେକର୍ଡ ଡ୍ୟାନ୍ସ ଓ ଘୁମୁରା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ଭାଜପା ଜିଲା ଉପସଭାପତି ବନ୍ଦ୍ରିନାରାୟଣ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ କଂଗ୍ରେସ ଯୁବାନେତା ଦିଗାମ୍ବର ଦୁରିଆ, ଆଇନଜୀବୀ ଲକ୍ଷ୍ମୀକାନ୍ତ ଖମାରି, ମୁଖ୍ୟବକ୍ତା ଧବଳେଶ୍ୱର ନାଗ, କ୍ଷିରୋଦ ବାଗ, ତ୍ରିନାଥ ନାଗ, ସନ୍ତୋଷ ପାଢି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ମାଝିଗୁଡା ଦଶହରା କମିଟି କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ

ଉଦ୍‌ଘାଟନୀ ମ୍ୟାଚରେ ରିଷିଡ଼ା ବିଜୟୀ

ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ସହ ୨ଦଳର ଖେଳାଳି ।

ରିଷିଡ଼ା,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ବାପୁଜୀ ମିନି ଷ୍ଟାଡିୟମଠାରେ ରବିବାର ଅପରାହ୍ନରେ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ରିଷିଡା ଦଳ ୧–୦ ଗୋଲରେ ତେରେସିଂହା ଦଳକୁ ପରାସ୍ତ କରି ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରିଷିଡା ସରପଞ୍ଚ ସରସ୍ୱତୀ ମାଝି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରିଷିଡା ଫୁଟବଲ ଟିମ୍ ତରଫରୁ ଆୟୋଜିତ ଏହି ଟୁର୍ନାମେଣ୍ଟ ପରିଚାଳନା ଦାୟୀତ୍ୱରେ ବିନୋଦ ହେର୍ଣ୍ଣା, ଶିବୁ କୁମାର ଓ ରଶ୍ମିରଞ୍ଜନ ଲେଙ୍କା ଥିବା ବେଳେ ରେଫରି ଦାୟୀତ୍ୱରେ ଲିପୁ ସେଠ, ରଞ୍ଜନ ନାଏକ ଓ ଲିପୁନ ରଣା ରହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସୋନୁ ରଣା, ବଣ୍ଟି ସେଠ ପ୍ରମୁଖ ସହାୟତା କରୁଛନ୍ତି। ଟୁର୍ନାମେଣ୍ଟରେ ଏହି ବ୍ଲକ ରିଷିଡା ସମେତ ତେରେସିଂହା, ଶିରାବାହାଲ, ରେଙ୍ଗାଲି, ପୌରକେଲା, ଯମୁନାପୁର, ଅବୁଜବାହାଲ, କୁଶୁର୍ଲା ଦଳ ଭାଗ ନେଇଛନ୍ତି ।

ଜୁନାଗଡରେ ଖୋଲିବ ନୂତନ ଉପନିବନ୍ଧକ କାର୍ଯ୍ୟାଳୟ

ଜୁନାଗଡ,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ତହସିଲରେ ନୂତନ ଉପନିବନ୍ଧକ କାର୍ଯ୍ୟାଳୟ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ସିକୃତି ମିଳିଛି। ଏଥି ପାଇଁ ବିଭାଗ ପକ୍ଷରୁ ଗତ ୧୨।୧୦।୨୦୧୮ରେ ବିଜ୍ଞପ୍ତି ସଂଖ୍ୟା ୩୮୬୭୧/ଆରଏଣ୍ଡଡିଏମ ଅନୁଯାୟୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବିଭାଗ ଅତିରିକ୍ତ ସଚିବ ଶଶଧର ନାୟକ ଗତ ୨୦ ତାରିଖରେ ପତ୍ର ସଂଖ୍ୟା ୩୯୦୮୦ ଅନୁଯାୟୀ କଳାହାଣ୍ଡି ଅତିରିକ୍ତ ଜିଲାପାଳ ତଥା ଜିଲା ନିବନ୍ଧକ ଅଧିକାରୀ ଶରତ ଶ୍ରୀଚନ୍ଦନଙ୍କୁ ଜୁନାଗଡ ତହସିଲରେ ନୂତନ ଉପ ନିନବନ୍ଧକ କାର୍ଯ୍ୟାଳୟ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଉପନିବନ୍ଧକ କାର୍ଯ୍ୟାଳୟ ହେଲେ ଜୁନାଗଡ ତହସିଲର ୧୭୯ଟି ଗ୍ରାମର ଲୋକ ଉପକୃତ ହେବା ସହ ଜମିବାଡି ସମନ୍ଧୀୟ କିଣାବିକା ପାଇଁ ଉଭୟ କ୍ରେତା ଓ ବିକ୍ରେତା ମଧ୍ୟ ଉପକୃତ ହେବେ। ପୂର୍ବରୁ ଏହି କାମ ପାଇଁ ସେମାନେ ଧର୍ମଗଡ ଓ ଜୟପାଟଣାକୁ ଯାଇ ଖର୍ଚ୍ଚାନ୍ତ ହେବା ସହ ବିଭିନ୍ନ ଦଲାଲାଙ୍କ ଶିକାର ହୋଇ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବର୍ତ୍ତମାନ ଜୁନାଗଡ ତହସିଲରେ ଉପନିବନ୍ଧକ କାର୍ଯ୍ୟାଳୟ ଖୋଲିବ ବୋଲି ରାଜସ୍ୱ ବିଭାଗର ସିକୃତି ମିଳିବା ପରେ ଜୁନାଗଡ ତହସିଲଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

ତରବୋଡ଼ରେ ଉଜୁଡିଯାଉଛି ଚାଷ

ନୂଆପଡା ଅଫିସ,୨୨।୧୦

ତରବୋଡ ଅଞ୍ଚଳବାସୀ ଜିଲାପାଳଙ୍କୁ ଭେଟି ଗୁହାରି କରୁଛନ୍ତି ।

- ଜିଲାପାଳଙ୍କୁ ଭେଟିଲେ ଶତାଧିକ ଚାଷୀ
- ଅନୁଧ୍ୟାନ ପାଇଁ ଟିମ ପଠାଯିବ: ଜିଲାପାଳ
- ଅବାଧ ନିଶାକାରବାର ଉପରେ ଏସପିଙ୍କୁ ଅବଗତ କଲେ

ଚଳିତ ବର୍ଷ ବର୍ଷା ଦିନେ ଠିକ ବର୍ଷା ହୋଇଥିଲା । ଜିଲାବ୍ୟାପୀ ଚାଷିମାନେ ମଧ୍ୟ ଖୁସି ଥିଲେ ଯେ ଭଲ ଚାଷ ହେବ। ହେଲେ ଠିକ୍ ଶେଷ ସମୟରେ ବର୍ଷା ଛାଡିଗଲା । ଫଳରେ ବର୍ତ୍ତମାନ ଏହା ଢିପ ଜମିର ଚାଷ ପାଇଁ କାଳ ହୋଇଛି । ଜିଲାର ତରବୋଡ ଅଞ୍ଚଳର ଶତାଧିକ ଏକର ଚାଷ ଜମି ଉଜୁଡି ଯାଉଥିବା ନେଇ ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି । ସୋମବାର ଅଞ୍ଚଳର ଶତାଧିକ ଚାଷୀମାନେ କୋମନା ବ୍ଲକ ହେଡକ୍ୱାର୍ଟରକୁ ଯାଇ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ଗୁହାରୀ କରିଛନ୍ତି । ଅଞ୍ଚଳକୁ ମରୁଡି ଘୋଷଣା କରିବା ସହ ଆନୁଷଙ୍ଗୀକ ସହାୟତା ବ୍ୟବସ୍ଥା ଯୋଗାଇ ଦେବାକୁ ଦାବି କରିଛନ୍ତି । ଅନ୍ୟପକ୍ଷେ ଜିଲାପାଳ ଏହା ଉପରେ ଏକ ଟିମ ଗଠନ କରି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବେ ବୋଲି କହିଛନ୍ତି ।

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ଗ୍ରାମପଞ୍ଚାୟତ ତଥା ଆଖପାଖ ଦର୍ଲିପଡା, ଜଟଗଡ, ମାନିଗୁଡା ଆଦି ଗ୍ରାମପଞ୍ଚାୟତରେ ଜଳସେଚନର କୌଣସି ସୁବିଧା ନାହିଁ। ଟିକିଏ ବର୍ଷା ଛାଡିଗଲେ ଚାଷ ମରି ଯାଇଥାଏ । ଏଥର ବର୍ଷା ଦିନେ ଭଲ ବର୍ଷା ହୋଇଥିଲା । ହେଲେ ଠିକ୍ ସମୟରେ ବର୍ଷା ଛାଡିଦେଲା। ଗତ ସେପ୍ଟେମ୍ବର ମାସ ପହିଲାରୁ ବର୍ଷା ବୁନ୍ଦିଏ ହେଲେ ହୋଇ ନାହିଁ। ଏଣେ ଛୋଟ କିସମର ଧାନ ଫଳିବା ଆରମ୍ଭ କଲାବେଳକୁ ଗଛ ସବୁ ମରିବାକୁ ବସିଛି। ଚାଷୀମାନେ ଖର୍ଚ୍ଚାନ୍ତ ହୋଇ ଡିଜେଲ ପମ୍ପ ଲଗାଇ ପାଣି ମଡାଉଛନ୍ତି । ଏଭଳି ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏହା ଉପରେ ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ଅଧିକାରୀଙ୍କ ପାଦ ପଡୁ ନାହିଁ । ତେବେ ଶେଷରେ ବାଧ୍ୟ ହୋଇ ଅଞ୍ଚଳବାସୀ ମହିଳାପୁରୁଷମାନେ ଏକତ୍ର ହୋଇ ଜିଲାପାଳଙ୍କୁ ଭେଟିଛନ୍ତି । ସୋମବାର କୋମନାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଚାଲିଥିଲା । ଏଥିରେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଜିଲାପାଳ ଏହା ଉପରେ ଏକ ଜିଲାସ୍ତରୀୟ ଟିମ୍ ଗଠନ କରିବେ । ସେମାନେ ସମ୍ପୃକ୍ତ ଅଞ୍ଚଳ ବୁଲି ସବୁ ସ୍ଥିତି ଆକଳନ କରିବେବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ଅବସରରେ ଗ୍ରାମବାସୀ ଏସ୍‌ପି ସ୍ମିତ ପରମାରଙ୍କୁ ଏଠାରେ ଚାଲିଥିବା ଅବାଧ ନିଶା କାରବାର ଉପରେ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ଉପରେ ଅଙ୍କୁଶ ଲଗାଇବାକୁ ଦାବି କରିଛନ୍ତି । ଏସ୍‌ପି ଏହା ଉପରେ କାର୍ଯ୍ୟାନୁଷ୍ଠାନ କରିବେ ବୋଲି କହିଥିଲେ । ତରବୋଡ ବାସିନ୍ଦାଙ୍କ ମଧ୍ୟରେ ଅର୍ଜୁନ ଜଗତ, ଚନ୍ଦ୍ର ଅହୀର, ମନୀଷ ଦୁବେ, କାମଧର ସେଠୀ, ଶୈଳେଶ ଭଷାଣୀ, ରତନ ଦୁବେ, ବୁଟିଆ ମହରା, ଗୋବିନ୍ଦ ପାଣ୍ଡେ, ହେମନ୍ତ ପୋଢ ପ୍ରମୁଖ ସାମିଲ ଥିଲେ ।

ରାଶନ କାର୍ଡ ବଣ୍ଟନକୁ ନେଇ ଉତ୍ତେଜନା

ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ତାଲା ପକାଇଲେ

ହିତାଧିକାରୀମାନେ ପଞ୍ଚାୟତରେ ତାଲା ପକାଇଛନ୍ତି ।

ଜୁନାଗଡ,୨୨।୧୦(ସ୍ୱ.ପ୍ର./ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ମାଟି ଗାଁ ପଞ୍ଚାୟତରେ ସୋମବାର ରାଶନ କାର୍ଡ ବଣ୍ଟନକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଅସନ୍ତୋଷ ହିତାଧିକାରୀମାନେ ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ତାଲା ପକାଇଥିଲେ। ଖବର ପାଇ ଜୁନାଗଡ ବିଡିଓ ପରମବ୍ରହ୍ମ ଯୋଷୀ ଘଟଣାସ୍ଥଳରେ ପହଞ୍ଚି ଉଭୟପକ୍ଷ ବୁଝାଶୁଝା କରି ସମସ୍ତଙ୍କୁ ବନ୍ଦ କୋଠରିରୁ ଉଦ୍ଧାର କରିଥିଲେ। ସୋମବାର ସକାଳେ ହିତାଧିକାରୀମାନଙ୍କୁ ରାଶନ କାର୍ଡ ପ୍ରଦାନ ପାଇଁ ସୂଚନା ଦିଆଯାଇଥିଲା। ସୂଚନା ଅନୁଯାୟୀ ମାଟି ଗାଁ ପଞ୍ଚାୟତ ଅନ୍ତର୍ଗତ ଡାବଝରଣ, ଭତ୍ରାଗୁଡା, ବୁଢୀପଦର, କୁମ୍ଭପଡା, କୋଲି ଗାଁ, ମାଟି ଗାଁ, ଡୁଡୁଙ୍ଗଗୁଡା ଆଦି ଗ୍ରାମର ୫ ଶହରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ନାମ ରାଶନ କାର୍ଡ ପାଇଁ ପଞ୍ଜୀକୃତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୨୦ ଜଣ ବ୍ୟକ୍ତିଙ୍କ ରାଶନ କାର୍ଡ ଆସିଥିବା ବେଳେ କମ୍ପ୍ୟୁଟରରେ ଭୁଲ ଯୋଗୁ କ୍ରମିକ ସଂଖ୍ୟା ୧୭୧ ଦେଖାଦେଇଥିଲା। ହିତାଧିକାରୀମାନେ ଆସି କାର୍ଡ ନେବା ବେଳକୁ ୧୭୧ ବଦଳରେ ୧୨୦ କାର୍ଡ ବଣ୍ଟା ଯିବାକୁ ନେଇ ସନ୍ଦେହ ପ୍ରକାଶ କରିଥିଲେ। ପରେ ଯୁକ୍ତିତର୍କ ବଢିଯିବା ସହିତ ସରପଞ୍ଚ ଦୁର୍ଯୋଧନ ମାଝି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ନାଏକଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ପୁରାଇକ ତାଲା ପକାଇ ଦେଇଥିଲେ। ଘଟଣା ସମ୍ପର୍କରେ ବିଡିଓ ଯୋଷୀଙ୍କୁ ପଚାରିବାରୁ ପର୍ଯ୍ୟାୟକ୍ରମ ସମସ୍ତ ହିତାଧିକାରୀଙ୍କ ରାଶନ କାର୍ଡ ଆସିବ। କ୍ରମିକ ସଂଖ୍ୟାରେ ୧୭୧ ଦେଖା ଦେଇଥିବା ବେଳେ ବାସ୍ତବରେ ୧୨୦ କାର୍ଡ ଥିଲା। ଯାହା ବିଭାଗରୁ ତଦନ୍ତ କରି ସ୍ପଷ୍ଟ ହୋଇଥିଲା। ଆଗାମୀ ଦିନରେ ସମସ୍ତ ହିତାଧିକାରୀ ରାଶନ କାର୍ଡ ପାଇବେ। ଏଥିରେ କୌଣସି ଚଞ୍ଚକତା ହୋଇ ନାହିଁ ବୋଲି କହିଥିଲେ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ,

ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବ।
ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବ।
- ତୁଳସୀ ଦାସ

ସଂକ୍ଷେପରେ

ଜନସମ୍ପର୍କ ପଦଯାତ୍ରା

ଲୋଇସିଂହା,୨୨।୧୦(ଡି.ଏନ.ଏ): ବଲଙ୍ଗୀର ଜିଲା ପଟୁଆପାଲି ଓ କୁଟାସିଂହା ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ସ୍ୱାଭିମାନ ମଞ୍ଚର ବିଦେଶୀ ହଟାଓ ଲୋଇସିଂହା ବଞ୍ଚଅ ଅଭିଯାନର ଷ୍ଟିୟରିଂ କମିଟି ଆବାହକତ୍ୱରେ ପଦଯାତ୍ର ଓ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ପଟୁଆପାଲି ଓ କୁଟାସିଂହା ଗ୍ରାମରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ସଭାରେ ଜିଲା ଉପସଭାପତି ପ୍ରଦୀପ ଗୁରୁ, ବର୍ଷୀୟାନ ନେତା ଜଗନ୍ନାଥ ଦିଶ୍ରୀ, ସହଦେବ ସା, ବିଜୟ କୁମାର ବାବୁ, ଭରତ ଭୂଷଣ ପଧାନ, ସମ୍ପତି ନନ୍ଦ, ଦିଲୀପ ବାରିକ, ଶଶାଙ୍କଶେଖର ଭୋଇ, ତାରାକାନ୍ତ କ୍ଷତା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ମାନବ କଲ୍ୟାଣ ସେବାଶ୍ରମରେ ବୈଦିକ ଯଜ୍ଞ

ଲୋଇସିଂହା,୨୨।୧୦(ଡି.ଏନ୍.ଏ.): ଆଗଲପୁର ବ୍ଲକ ଅଧୀନ ବାଗଝୁଲାସ୍ଥିତ ମାନବକଲ୍ୟାଣ ସେବାଶ୍ରମରେ ବୈଦିକ ଯଜ୍ଞ ତଥା କନ୍ୟା ପୂଜା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସେବାଶ୍ରମର ପ୍ରତିଷ୍ଠାତା ଗଣେଶ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯଜ୍ଞରେ ସାମାଜିକ କର୍ମୀ କୀର୍ତ୍ତନ ଦାସ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଦାସ ୪୦ଜଣ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ଦାନ କରିବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ମାଧବ ଚନ୍ଦ୍ର ନାଏକ, ଡାକ୍ତର ପୁଟେଲ, ସୁଶାନ୍ତ ପଣ୍ଡା, ରଜନ୍ତି ଟେଲ, ପ୍ରହଲ୍ଲାଦ ସାହୁ, ସରପଞ୍ଚ ଗଣେଶ ସାହୁ, କବିରାଜ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା

ଟିକ୍ରାପଡ଼ା,୨୨।୧୦(ଡି.ଏନ୍.ଏ.): ସଇଁତଳା ବ୍ଲକ ଟିକ୍ରାପଡ଼ାଠାରେ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ନିକଟସ୍ଥ ଜଳାଶୟକୁ କଳସରେ ପାଣି ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପୂଜାକ ଭାବେ ଗଣେଶ ଠାକୁର ପୂଜା କାର୍ଯ୍ୟ ତୁଲାଉଥିବା ବେଳେ ଅକ୍ଷୟ ରଣା କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି।

ଡିଆର୍‌ଡିଏ ଅଫିସ ଘେରିଲେ ଭୂମିହୀନ ପଟ୍ଟାଧାରୀ

ବଲାଙ୍ଗୀର ଅଫିସ,୨୨।୧୦

ବଲାଙ୍ଗୀର ଡିଆରଡିଏ ଅଫିସ ସମ୍ମୁଖରେ ଜମି ପଟ୍ଟାଧାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- ଜଙ୍ଗଲ ଜମି ଅଧିକାର ଆଇନ୍ କଡାକଡି ପାଳନ ଦାବି
- ଏମ୍‌ଜିଏନ୍‌ଆରଇଜିଏସ୍ କାମରେ ସାମିଲ କରାଯାଉନାହିଁ
- ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ଉଠାଇଲେ

ଜଙ୍ଗଲ ଜମି ଅଧିକାର ଆଇନ ଜରିଆରେ ଜମି ପଟ୍ଟାପାଇଥିବା ପଟ୍ଟାଧାରୀଙ୍କୁ ନ୍ୟାୟ ଅଧିକାରରୁ ବଞ୍ଚିତ କରାଯାଉଥିବା ଅଭିଯୋଗ କରାଯାଇ ସୋମବାର ଶତାଧିକ ଜମି ପଟ୍ଟାଧାରୀମାନେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ) ଅଫିସ ଘେରାଉ କରିଥିଲେ। ଜଙ୍ଗଲ ଜମି ଅଧିକାର ଆଇନର ହିତାଧିକାରୀଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ସାମିଲ କରାଯିବା ନିୟମ ରହିଥିଲେ ସୁଦ୍ଧା ସେମାନଙ୍କୁ ଜାଣିଶୁଣି ସାମିଲ କରାଯାଉ ନ ଥିବା ଅଭିଯୋଗ କରି ପଟ୍ଟାଧାରୀମାନେ ଦୀର୍ଘ ସମୟ ଧରି ଡିଆର୍‌ଡିଏ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଦିବାସୀ ଅଧିକାର ମହାସଂଘ, ଭିଲେଜର୍ସ ଇଣ୍ଡିଆ ପାର୍ଟି ଏବଂ ଜନମୋର୍ଚ୍ଚା ପକ୍ଷରୁ ମିଳିତ ଭାବେ ଆୟୋଜିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର ଭୂମିହୀନ ଓ ଭୂମିହୀନ ଜଙ୍ଗଲ ଜମି ଅଧିକାର ପଟ୍ଟଧାରୀ ଯୋଗଦାନ କରିଥିଲେ। ଜିଲାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଜଙ୍ଗଲ ଜମି ଅଧିକାର ଆଇନ୍ ଜରିଆରେ ଯୋଗ୍ୟ ବୋଲି ବିବେଚିତ ଚିହ୍ନଟ ହୋଇଥିବା ବେଳେ ୮୫ ପ୍ରତିଶତ ପରିବାରକୁ ଏଯାଏଁ ପଟ୍ଟା ମିଳି ନ ଥିବା ଅଭିଯୋଗ କରାଯାଇଛି। ଏପର୍ଯ୍ୟନ୍ତ ଜିଲାର ମାତ୍ର ୨୩୯୫ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ତେବେ ପଟ୍ଟା ପାଇସାରିଥିବା ବ୍ୟକ୍ତିଙ୍କୁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମରେ ଅଭିବୃଦ୍ଧି କରାଯିବା ନିୟମ ଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ମାତ୍ର ୩୯୯ ଜଣ ଲୋକଙ୍କୁ କେବଳ ମାଟି ଉନ୍ନତି, ପୋଖରୀ ଖନନ ଓ ବୃକ୍ଷରୋପଣ କାର୍ଯ୍ୟରେ ସାମିଲ କରାଯାଇଛି । ବାକି ଜମି ପଟ୍ଟାଧାରୀଙ୍କୁ କେଉଁ କାରଣରୁ ଯୋଜନାରେ ସାମିଲ କରାଯାଇନାହିଁ ଓ ଅନ୍ୟାନ୍ୟ ଯୋଜନା ସୁଫଳ ଦିଆଯାଇ ନାହିଁ ବୋଲି ପ୍ରଶ୍ନ କରାଯାଇଥିଲା। ଏହି ବିକ୍ଷୋଭ ସମାବେଶରେ ପିଡି ଓ ବିଡିଓ ବିରୋଧରେ ନାରାବାଜି କରିଥିଲେ। ଯୋଗ୍ୟ ବିବେଚିତ ସମସ୍ତ ଲୋକଙ୍କୁ ତୁରନ୍ତ ଜମି ପଟ୍ଟା ସହ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ସାମିଲ କରାଯିବା, ପଟ୍ଟା ପାଇସାରିଥିବା ଲୋକଙ୍କୁ ଶୀଘ୍ର ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ସାମିଲ ସହ ବଲାଙ୍ଗୀରରେ ତୁରନ୍ତ ହାଇକୋର୍ଟ ବେଞ୍ଚ ସ୍ଥାପନ କରାଯିବାକୁ ଦାବି କରାଯାଇଥିଲା। ଆଦିବାସୀ ଅଧିକାର ମହାସଂଘ ସଭାପତି ଦ୍ୱିଜ ଦଳପତି, ଭେଲଜର୍ସ ଇଣ୍ଡିଆ ପାର୍ଟି ଅଧ୍ୟକ୍ଷ ଡ. ବିପିନ କୁଶଲିଆ, ଜନମୋର୍ଚ୍ଚାର ବାସୁଦେବ ରଥଙ୍କ ନେତୃତ୍ୱରେ ଉପଜିଲାପାଳ ଅଫିସ ସମ୍ମୁଖରୁ ଆନ୍ଦୋଳନକାରୀମାନେ ଏକ ରାଲିରେ ଆସି ଡିଆର୍‌ଡିଏ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଡିଆର୍‌ଡିଏ ପିଡି ଡ. ମହେଶ୍ୱର ସ୍ୱାଇଁ ଆନ୍ଦୋଳନସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିବା ସହ ଖୁବ୍ ଶୀଘ୍ର ଏହା ଉପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ଅବସରେ ମୁଖ୍ୟମନ୍ତ୍ରୀ ଏବଂ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଫୁଟବଲ ଟୁର୍ନାମେଣ୍ଟ: ବେଲପଡ଼ା, ଟିକ୍ରାପଡ଼ା ବିଜୟୀ

ବେଲପଡ଼ା,୨୨।୧୦(ଡି.ଏନ୍.ଏ.)

ବେଲପଡ଼ା ବ୍ଲକ ରାତବାହାଲ ଗ୍ରାମର ହେମନ୍ତ ମେମୋରିଆଲ କମିଟି ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ସ୍ଥାନୀୟ ଖେଳ ପଡିଆରେ ଚାଲିଥିବା ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଥିଲା ତୃତିୟ ଦିନ। ଏହି ଅବସରରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ବେଲପଡ଼ା ଏବଂ କୁଡାସିଂଘା ଦଳ ମଧ୍ୟରେ ହୋଇଥିଲା। ଏଥିରେ ବେଲପଡ଼ା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତିୟ ମ୍ୟାଚ ଟିକ୍ରାପଡ଼ା ଏବଂ କଲଚିକଚାର ଦଳ ମଧ୍ୟରେ ହୋଇଥିଲା। ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ କୌଣସି ଦଳ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲେ। ଫଳରେ ଟ୍ରାଇବେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ଟିକ୍ରାପଡ଼ା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଚୈତନ୍ୟ ସା ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ଭାବେ ବିଜୟ ଖମାରୀ ଏବଂ ଲାଇନ ମ୍ୟାନ୍ ଭାବେ ଚୈତନ୍ୟ ସାହୁ, ତ୍ରିନାଥ ଚନ୍ଦନ, ବିରେନ୍ଦ୍ର କୁମାର ପରିଚାଳନା କରିଥିଲେ । କୁଞ୍ଜବିହାରୀ ଅଗସ୍ତି ଧାରାବିବରଣୀ ପ୍ରଦାନ କରିଥିଲେ।

ରାଶନକାର୍ଡରୁ ବଞ୍ଚିତ ହିତାଧିକାରୀ ବିଡିଓଙ୍କ ଦ୍ୱାରସ୍ଥ

ଦେଓଗାଁ,୨୨।୧୦ (ଡି.ଏନ୍.ଏ.)

ଦେଓଗାଁ ବ୍ଲକ ଅଧୀନ ବନ୍ଧପଡ଼ା ଏବଂ ଦେଷଣ୍ଡ ପଞ୍ଚାୟତର ଯୋଗ୍ୟ ହିତାଧିକାରୀ ନୂତନ ରାଶନକାର୍ଡ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ସୋମବାର ଅମିତ କୁମାର ସିଙ୍ଗନିନାଙ୍କ ନେତୃତ୍ୱରେ ଉଭୟ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ବିଡିଓ ଶଙ୍କର ପ୍ରସାଦ ସାହୁଙ୍କୁ ସାକ୍ଷାତ କରି ରାଶନକାର୍ଡ ଯୋଗାଇଦେବାକୁ ଦାବି କରିଥିଲେ। ଅଭିଯୋଗ ମୁତାବକ, ପ୍ରଶାସନ ପକ୍ଷରୁ ରାଶନକାର୍ଡ ପାଇଁ ଆବେଦନ କରିଥିବା ହିତାଧିକାରୀମାନଙ୍କ ମଧ୍ୟରୁ ଯୋଗ୍ୟ ଅଯୋଗ୍ୟ ଚୟନ ପାଇଁ ନୋଡାଲ ଅଧିକାରୀ ନିୟୋଜିତ କରିଥିଲେ। ହେଲେ ଅଧିକାରୀମାନେ ସମ୍ପୃକ୍ତ ପଞ୍ଚାୟତର କିଛି କର୍ମଚାରୀଙ୍କ ସହାୟତାରେ ପାତରଅନ୍ତର କରି ସ୍ୱଚ୍ଛଳ ବର୍ଗର ଲୋକଙ୍କୁ ଯୋଜନାରେ ସାମିଲ କରି ନିହାତି ଗରୀବ ପରିବାରଙ୍କୁ ଯୋଜନାରୁ ବାଦ ଦେଇଛନ୍ତି। ଏଣୁ ବନ୍ଧପଡ଼ା ଓ ଦେଷଣ୍ଡ ପଞ୍ଚାୟତରେ ପୁଣି ଥରେ ନିରପେକ୍ଷ ଭାବେ ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ ନିବେଦନ କରିଛନ୍ତି । ଏ ସଂକ୍ରାନ୍ତରେ ବିଡିଓ ସାହୁଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବା ବୋଲି କହିଥିଲେ।

ଟିଟିଲାଗଡ଼ ଜିଲା ଦାବିରେ ଲୋକମହୋତ୍ସବକୁ ବିରୋଧ ନିଷ୍ପତ୍ତି

ଟିଟିଲାଗଡ଼,୨୨।୧୦(ଡି.ଏନ.ଏ.)

ବୈଠକରେ ଉପସ୍ଥିତ ଥିବା ଜିଲା କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା।

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡକୁ ଜିଲା ମାନ୍ୟତା ପ୍ରଦାନ ନେଇ ଜିଲା କ୍ରିୟାନୁଷ୍ଠାନ କମିଟି ସରକାରୀ କାର୍ଯ୍ୟରେ ଅସହଯୋଗ ନିଷ୍ପତ୍ତି ନେଇଛି। ସୋମବାର କ୍ରିୟାନୁଷ୍ଠାନ କମିଟିର ବୈଠକ ପରେ ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସରକାରୀସ୍ତରରେ ସମ୍ପ୍ରତି ଅନୁଷ୍ଠିତ ହେବାକୁ ଥିବା ଲୋକ ମହୋତ୍ସବକୁ ଅସହଯୋଗ ତଥା ବିରୋଧ କରାଯିବ ବୋଲି ସୂଚନା ଦିଆଯାଇଛି। ଉପଖଣ୍ଡ ଅନ୍ତର୍ଗତ ୫ଟି ବ୍ଲକରେ ବ୍ଲକସ୍ତରୀୟ ଲୋକଉତ୍ସବ ପରେ ଆସନ୍ତା ୨ତାରିଖରେ ଟିଟିଲାଗଡ଼ ଉପଖଣ୍ଡସ୍ତରୀୟ ଲୋକ ମହୋତ୍ସବ ଅନୁଷ୍ଠିତ ହେବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଟିଟିଲାଗଡ଼ ଉପଜିଲାପାଳଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋମବାର ପୂର୍ବାହ୍ନ ୧୧ଟାରେ କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ଟିଟିଲାଗଡ ବାର୍ ଆସୋସିଏଶନ ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ କୋର୍ କମିଟିର ଏକ ବୈଠକ ବାର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆସନ୍ତା ୨୬ ତାରିଖରେ ଜିଲା ଦାବି ନେଇ ପୂର୍ବରୁ ଘୋଷିତ ଉପଖଣ୍ଡ ମୁଖ୍ୟାଳୟ ଟିଟିଲାଗଡ ବନ୍ଦ ଡାକରା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ଦାବିକୁ ଜୋରଦାର କରିବା ସହ ସରକାରୀ କାର୍ଯ୍ୟକ୍ରମରେ ଅସହଯୋଗ ପାଇଁ ନିଷ୍ପତ୍ତି ନିଆଯାଇଛି। କମିଟି ସଦସ୍ୟ ଉପଜିଲାପାଳ ସୁଧାକର ନାୟକଙ୍କୁ ଭେଟି ଲୋକ ମହୋତ୍ସବକୁ ବିରୋଧ ନିଷ୍ପତ୍ତି ନେଇ ଲିଖିତ ଭାବେ ଜଣାଇଥିଲେ। ସନ୍ଧ୍ୟାରେ ଆବାହକ ସାହୁ, ଯୁଗ୍ମ ଆବାହକ ତଥା ବାର ସଂଘ ସମ୍ପାଦକ ଲଲିତ ତାଣ୍ଡି, ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢୀ, ମୋହନଲାଲ ଜୈନ, ରବିକିରଣ ସ୍ୱାଇଁ ଉକ୍ତ ସୂଚନା ଦେବା ସହ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି କହିଛନ୍ତି।

ପାଲିପଡ଼ାରେ ତ୍ରୟୋଦଶ ନାଗବାଚା ମହୋତ୍ସବ

ଲାଠୋର,୨୨।୧୦(ଡି.ଏନ୍.ଏ.)

କଳସ ଶୋଭାଯାତ୍ରାକୁ ଯାତ୍ରୀଙ୍କୁ ସଂକୀର୍ତ୍ତନ ଦଳ ପାଛୋଟି ଆଣୁଛନ୍ତି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ପାଲିପଡ଼ାରେ ପ୍ରତିବର୍ଷ ଭଳି ଆଶ୍ୱିନ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ନାଗବାଚା କମିଟି ସଭାପତି ବିଦେଶୀ ଛତ୍ରିଆଙ୍କ ନେତୃତ୍ୱରେ ନାଗବାଚା ସମାରୋହ ଆରମ୍ଭ ହୋଇଯାଇଛି। ଦୁଇ ଦିନ ଧରି ହେବାକୁ ଥିବା ମହୋତ୍ସବର ସୋମବାର ପ୍ରଥମ ଦିନ ପାଲିପଡାର ମହିଳା ଗୌରୀ ଛତ୍ରିଆ, ନିରୁପମା ଛତ୍ରିଆ, ତରଣୀ ଶବର, ଭୂମିସୂତା ମଲ୍ଲିକ, ହେମଶୀଳା ଧରୁଆ, ଶାନ୍ତି ଧରୁଆ, ପୁର ବାଗ, ସୁଦୂର ନୂଆପଡ଼ା ଜିଲା ସୁନାଦେଇ ମନ୍ଦିର ନିକଟ ବେନିଆଧସରୁ କଳସରେ ପାଣି ଆଣି ଶୋଭାଯାତ୍ରାରେ ପାଲିପଡାରେ ପହଞ୍ଚିଥିଲେ। ପରେ ନାଗବାଚା ଗୁଡିରେ କଳସ ସ୍ଥାପନ ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଲୋକଙ୍କ ବିଶ୍ୱାସ ରହିଛି ଯେ, ମନସ୍କାମନା କରି ନାଗବାଚା ଗୁଡିକୁ ଆସି ପୂଜା କଲେ ତାହା ପୂରଣ ହୋଇଥାଏ। ଏନେଇ ସୁଦୁର ଛତିଶଗଡ଼ ରାଜ୍ୟ ତଥା ନୂଆପଡା, ବରଗଡ଼, କଳାହାଣ୍ଡି ଜିଲାର ଶତାଧିକ ମହିଳା ପୁରୁଷ ଆସି ପ୍ରଥମ ଦିନ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଦ୍ୱିତୀୟ ଦିନରେ ପାଲିପଡାରୁ ୧ କି.ମି. ଦୂରରେ ଥିବା ଚଣ୍ଡି ମନ୍ଦିରରେ ପୂଜାର୍ଚ୍ଚନା ହେବା ସହ ବଳି ପଡିଥାଏ। ଶ୍ରଦ୍ଧାଳୁମାନେ ବୋଦା, କୁକୁଡ଼ା ଆଦି ମା'ଙ୍କ ନିକଟରେ ବଳି ପକାଇଥାନ୍ତି। ପାଟଣାଗଡ଼ ବ୍ଲକ ରହେନମାଲ ଗ୍ରାମର ପୂଜକ ଯୁଗେଶ୍ୱର ଧରୁଆ ପାଲିପଡାକୁ ଆସି କିଛି ଲୋକଙ୍କୁ ନାଗବାଚା ପୂଜା ଶିଖେଇଥିଲେ। ପୂଜକ ଭାବେ ହେମସାଗର ଧରୁଆ ରହିଥିବା ବେଳେ ତାଙ୍କୁ ଦୈତାରୀ ସୂର୍ଯ୍ୟ ଓ ବିଦେଶୀ ଛତ୍ରିଆ ସହଯୋଗ କରୁଛନ୍ତି। ପୂଜାରେ ତୁକଲାପଡା ଏବଂ ସଲଙ୍ଗିପଡାର ନାମ ସଂକୀର୍ତ୍ତନ ଦଳ ଯୋଗ ଦେଇ ନାମ ସଂକୀର୍ତ୍ତନ କରୁଛନ୍ତି। ସଲଙ୍ଗିପଡାର ମଗଶିର ଶବର, ସୁକ୍ଲିମୁଣ୍ଡିର ସ୍ୟାମସୁନ୍ଦର ଶବର, ଯାମରୁଆଁର ରବୀନ୍ଦ୍ର ନାଏକ, ଯାମସେଠର ଶ୍ୟାମସୁନ୍ଦର ଭୋଇ ପ୍ରମୁଖ କହିଛନ୍ତି ଯେ, ଶ୍ରଦ୍ଧାର ସହ ପୂଜା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଏହି ପୂଜାରେ ଭକ୍ତମାନଙ୍କ ପାଇଁ ରହିବା, ଖାଇବା ଇତ୍ୟାଦିର ବ୍ୟବସ୍ଥା କରାଯାଇଛି। କମିଟିର ରତନ ନାଏକ, ଜଗବନ୍ଧୁ ଛତ୍ରିଆ, ବୈଷ୍ଣବ ବର୍ଗେ, ସୋନୁ ଶବରଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି ମହୋତ୍ସବରେ ସାହାଯ୍ୟ ସହଯୋଗ କରୁଛନ୍ତି।

ଲକ୍ଷେଘର ଗଣ୍ଡା ସମାଜର ନୂଆଖାଇ ଭେଟ୍‌ଘାଟ୍

ପୁଇଁତଲା,୨୨।୧୦(ଡି.ଏନ୍.ଏ.)

ପୁଇଁତଲା ବ୍ଲକ ଅଧୀନ ଖଲିଆପାଲି ଗ୍ରାମ ପଞ୍ଚାୟତ ପଡିଆରେ ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ସୋମବାର ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ କଂଗ୍ରେସ କମିଟି ସଦସ୍ୟ ସମରେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରା, ତ୍ରିଲୋଚନ ନନ୍ଦ, ମୁଖ୍ୟବକ୍ତା ଭାବେ ଉମାକାନ୍ତ ସାହୁ, ସାନନ୍ଦ ମିଶ୍ର, ସରପଞ୍ଚ ଯାଜ୍ଞସିନୀ ନାଗ, ଓମ୍ ପ୍ରକାଶ ବିଶ୍ୱାଳ ଓ ବୃନ୍ଦାବନ ତାଣ୍ଡି ଯୋଗଦାନ କରିଥିଲେ। ଦେବହରିବାଗ ସଭାପତିତ୍ୱ କରିଥିବା ବେଳେ କମିଟି ସମ୍ପାଦକ ଯୁଗଲାଲ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ହରି ନନ୍ଦ, ନରହରି ନନ୍ଦ, ରମେଶ ନନ୍ଦ, ପଲ୍ଲିଲ ନାଗ, ବସୁଦେବ ବାରିକ ପ୍ରମୁଖ ସହଯୋଗ କରିଥିଲେ। ସେବହାରୀ ବାଗ ଧନ୍ୟବାଦ ଦେଇଥିଲେ।

ଆଦିବାସୀ ସଂଘର ଆନ୍ଦୋଳନ ନିଷ୍ପତ୍ତି

ଟିଟିଲାଗଡ଼,୨୨।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକର ଜନୈକ ଆଦିବାସୀଙ୍କ ଅଭିଯୋଗ ପ୍ରତି ପୋଲିସର ଅବହେଳାକୁ ପ୍ରତିବାଦ କରି ବଲାଙ୍ଗୀର ଜିଲା ଆଦିବାସୀ ସଂଘ ଆନ୍ଦୋଳନ ନିଷ୍ପତ୍ତି ନେଇଛି। ବ୍ଲକ ସଭାପତି ପଦ୍ମନ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଘଷ୍ଟାସୁନୀ ମନ୍ଦିରରେ ଜିଲା ଆଦିବାସୀ କଲ୍ୟାଣ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇ ଆନ୍ଦୋଳନ ନିଷ୍ପତ୍ତି ନିଆଯାଇଛି। ସଂଘର ଅଭିଯୋଗ ମୁତାବକ, ଗତ ୪ ତାରିଖରେ ତେନ୍ତୁଲଖୁଣ୍ଟି ଗ୍ରାମର ଦୁଲ୍ଲଣୀ ମାଝି ଏବଂ ନରସିଂହ ମାଝିଙ୍କୁ ସେହି ଗାଁର ଅନ୍ୟ ସମ୍ପ୍ରଦାୟର କିଛି ଲୋକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗୀର ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ହେଲେ ପୋଲିସ ଅଦ୍ୟାବଧି କାହାକୁ ଗିରଫ କରି ନ ଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ପ୍ରତିବାଦ ସ୍ୱରୂପ ଆସନ୍ତା ୨୪ ତାରିଖରେ ସଂଘ ପକ୍ଷରୁ ଟିଟିଲାଗଡ଼ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଂଘର ଉପସଭାପତି ଇନ୍ଦ୍ରମଣ

ଜହ୍ନିଓଷା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡରେ ଜହ୍ନିଓଷା ଉପଲକ୍ଷେ ରବିବାର ରାତିରେ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

ସଂକ୍ଷେପରେ

ଚଳିତ ବର୍ଷ କ୍ରୀଡ଼ାବିତ୍ ଦୁର୍ଗାଚରଣ ମିଶ୍ରଙ୍କୁ କଳାହାଣ୍ଡି କ୍ରୀଡାରତ୍ନ ସମ୍ମାନ

ଭବାନୀପାଟଣା,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି କ୍ରୀଡାସଂସ୍ଥାର କାର୍ଯ୍ୟକାରୀ କମିଟି ନିଷ୍ପତ୍ତିକ୍ରମେ ବିଶ୍ୱସ୍ତରର କ୍ରୀଡାବିତ ଦୁର୍ଗାଚରଣ ମିଶ୍ରଙ୍କୁ ଜିଲାର ସର୍ବୋଚ୍ଚ କ୍ରୀଡାସମ୍ମାନ 'କଳାହାଣ୍ଡି କ୍ରୀଡାରତ୍ନ' ଆସନ୍ତା ୩୦ ତାରିଖ ଭବାନୀପାଟଣା ଟାଉନ ଫୁଟବଲ ଲିଗ୍‌ର ଉଦ୍‌ଯାପନ ଦିବସରେ କଳାହାଣ୍ଡି କ୍ରୀଡା ସଂସ୍ଥା ତରଫରୁ ପ୍ରଦାନ କରାଯିବ । ମିଶ୍ର ଏକା ଧାରରେ ଫୁଟବଲ, କ୍ରିକେଟ, ଭଲିବଲ ତଥା ଆଥେଲେଟିକ୍ସରେ ଦୀର୍ଘ ବର୍ଷ ଧରି ଜିଲା ପ୍ରତିନିଧିତ୍ୱ କରି ରାଜ୍ୟସ୍ତରରେ ବହୁବାର ପୁରସ୍କୃତ ହୋଇଛନ୍ତି । ବିଶେଷ କରି ମାଷ୍ଟର ଆଥେଲେଟିକ୍ସ ମିଟ୍ ଜାତିୟ ସ୍ତରରେ ଅଂଶ ଗ୍ରହଣ କରି ଜାଭେଲିନ୍, ସଟ୍‌ପୁଟ୍, ହାମର୍, ଡିସ୍ କସ୍ ଥ୍ରୋରେ ଗୋଲ୍ଡ ଓ ସିଲଭର ମେଡାଲ ହାସଲ କରିଛନ୍ତି । ଏଥି ସହ କୁଆଲାଲମ୍ପୁରଠାରେ ଅନୁଷ୍ଠିତ ୧୬ ତମ ଏସିଆ ମାଷ୍ଟର ଆଥେଲେଟିକ୍ସ ମିଟ୍‌ରେ ସଟ୍ ପୁଟ୍ ଥ୍ରୋରେ ବ୍ରୋଞ୍ଜ ମେଡାଲ ତଥା ସିଙ୍ଗାପୁରରେ ଆୟୋଜିତ ୧୯ତମ ଏସିଆ ମାଷ୍ଟର ଆଥେଲେଟିକ୍ସ ମିଟ୍‌ରେ ସଟ୍‌ପୁଟ୍ ଥ୍ରୋରେ ସିଲଭର ମେଡାଲ ହାସଲକରି ଜିଲା ତଥା ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଥିଲେ ।

ସମ୍ଭାବ୍ୟ ମରୁଡ଼ିକୁ ନେଇ ଆଶା ଆଶଙ୍କାରେ ଚାଷୀ

କୋକସରା,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଏକ ମରୁଡିପ୍ରବଣ ଅଞ୍ଚଳ ହୋଇଥିବା ବେଳେ ଚାଷ ପାଇଁ ଜଳସେଚନର କୌଣସି ଆଖିଦୁଶିଆ ବ୍ୟବସ୍ଥା ନାହିଁ । ବହୁମୁଖୀ ଇନ୍ଦ୍ରାବତୀ ବାମ କେନାଲରୁ ବ୍ଲକର ମୋଟେର, କାଶିବାହାଲ, ଫୁଫଗାଁ ୩ଟି ଗ୍ରାମପଞ୍ଚାୟତର କିଛି ଚାଷଜମିକୁ ପାଣି ମାଡୁଛି । ଅନ୍ୟପକ୍ଷେରେ କ୍ଷୁଦ୍ର ଜଳସେଚନ ବିଭାଗ ବେହେରା ଡ୍ୟାମରୁ ମାତ୍ର ୧୫୦୦ ରୁ ୨୦୦୦ ହେକ୍ଟର ଜମିକୁ ପାଣି ମାଡୁଥିବା ନେଇ କ୍ଷୁଦ୍ର ଜଳସେଚନ ବିଭାଗରୁ ସୂଚନା ମିଳିଛି । କୋକସରା ବ୍ଲକରେ ଚଳିତବର୍ଷ ୧୯୩୨୭ ହେକ୍ଟର ଜମିରେ ସଜ୍ଜମିଆଦି ଓ ଦୀର୍ଘମିଆଦି ଧାନଚାଷ ହୋଇଥିବା କୃଷି ବିଭାଗ ସୂତ୍ରରୁ ପ୍ରକାଶ । ତେବେ ବ୍ଲକରେ ଚାଷ ଆରମ୍ଭ ବେଳକୁ ବର୍ଷା ସ୍ୱାଭାବିକ ଥିବା ବେଳେ ନୂଆଁଖାଇ ପରେ ଆଉ ବର୍ଷାର ଦେଖାନାହିଁ । ଚଳିତବର୍ଷ କୋକସରା ବ୍ଲକରେ ଏପ୍ରେଲ ମାସରେ ୩୬.୨ ମି.ମି. ବର୍ଷା ହୋଇଥିବା ବେଳେ ମେ ମାସରେ ୯୩.୨ ମି.ମି. ବର୍ଷା ହୋଇଛି। ସେହିପରି ଜୁନରେ ୧୬୩.୦୦ ମି.ମି., ଜୁଲାଇ ମାସରେ ୫୬୫.୪ ମି.ମି., ଅଗଷ୍ଟରେ ୬୭୩.୩ ମି.ମି., ସେପ୍ଟେମ୍ବରରେ ୨୨୮.୦୦ ମି.ମି. ବର୍ଷା ହୋଇଥିବା ରିପୋର୍ଟ ବ୍ଲକ କାର୍ଯ୍ୟାଳୟରୁ ଜଣାପଡିଛି । ଧାନ କେଣ୍ଡାରେ ଦୁଧ ଭରିବା ସମୟରୁହିଁ ବର୍ଷା ଛାଡି ଯାଇଛି । ଫଳରେ ଧାନକେଣ୍ଡା ସବୁ ଏବେ ଆଗାଡି ହୋଇଗଲାଣି । ଶହଶହ ହେକ୍ଟର ଧାନଚାଷ ବର୍ଷା ଅଭାବରୁ ଶୁଖି ପାଳ ହୋଇ ଗଲାଣି । ଆଗକୁ ଆଉ ବର୍ଷାର ସମ୍ଭାବନା ମଧ୍ୟ ନ ଥିବାରୁ ଚାଷୀ ଏବେ ହତବାକ ହୋଇ ନିଜ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି । ଅଞ୍ଚଳର କେତେକ ଚାଷୀ ପୋଖରୀ, ନଦୀ, ନାଳରେ ଥିବା ପାଣିକୁ ମୋଟର ସାହାଯ୍ୟରେ ନିଜ ଚାଷଜମିକୁ ପାଣି ମଡାଉଥିବା ବେଳେ କିଛି ମାତ୍ରାରେ ଚାଷକୁ ବଞ୍ଚାଇବା ପାଇଁ ଶେଷ ଉଦ୍ୟମ କରୁଥିବା ଦେଖିବାକୁ ମିଳୁଛି। ନିଜ ଆଖି ଆଗରେ ସୁନାର ଫସଲ ଉଜୁଡି ଯାଉଥିବା ଦେଖି ଏବେ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ଅନ୍ୟପଟେ ବ୍ୟାଙ୍କ, ସମବାୟ ସମିତି, ଫାଇନାନ୍ସ କାମ୍ପାନୀ ଓ ମହାଜନଠାରୁ ଋଣ ଆଣି ଚାଷ କରିଥିବା ଚାଷୀ ଓ ଭାଗଚାଷୀମାନେ ଆଶା ଓ ଆଶଙ୍କାରେ ଦିନ କାଟୁଛନ୍ତି। କୋକସରା ବ୍ଲକରେ ସମ୍ଭାବ୍ୟ ମରୁଡିର ପ୍ରତିଧ୍ୱନିକୁ ଦେଖି ଚାଷୀ ସଙ୍ଗଠମାନେ ଏକଜୁଟ ହୋଇ ସରକାରଙ୍କ ପାଖରେ ମରୁଡି ଘୋଷଣା ସହ କୃଷି ଋଣ ଛାଡ ଓ ଶସ୍ୟବୀମା ଲାଗୁ କରିବା ଦାବିରେ ସଚେତନ ଚାଷୀ ସଙ୍ଗଠନ ଆହ୍ୱାନ ଦେଇଛନ୍ତି । ଏହି କ୍ରମରେ ଆସନ୍ତା ୨୬ ତାରିଖ କୋକସରା ତହସିଲ ଅଫିସ ଘେରାଉ ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟ ଏକ ଦାବିପତ୍ର ଦିଆଯିବ ବୋଲି ଚାଷୀ ନେତା ଶିବ ପ୍ରଶାଦ ପ୍ରଧାନିଙ୍କ ସହ ମନିକେତନ ପ୍ରଧାନି, ମନିଜର ପୋଡ, ବିଶ୍ୱମ୍ଭର ଶବର, ପ୍ରକାଶ ଚୌଧରି, ନିଳକଣ୍ଠ ମାଝି, ଘନଶ୍ୟାମ ନାଏକ, ଜଗବନ୍ଧୁ ମାଝି, ସହଦେବ ପଟ୍ଟନାୟକ, ରଞ୍ଜିତ ପୋଡ, ମୌସୁଧି ବାଗ, ହିମାଂଶୁ ରାଉତ, ନବିନ ପ୍ରଧାନି, ଧର୍ମାନନ୍ଦ ନେଗି ପ୍ରମୁଖ ଚାଷୀମାନେ ପ୍ରକାଶ କରିଛନ୍ତି ।

ଚାଷୀମାନେ ଧାନଗଛ ଦେଖାଉଛନ୍ତି ।

କୋକସରା ବ୍ଲକ

- ତହସିଲ ଅଫିସ ଘେରାଉ ୨୬ରେ
- ନୂଆଁଖାଇ ପରେ ବର୍ଷାର ଦେଖାନାହିଁ
- ଶହଶହ ହେକ୍ଟର ଧାନଚାଷ ଶୁଖି ପାଳ ହୋଇଗଲାଣି

ଜହ୍ନିଓଷା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା

ଜୁନାଗଡ,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡରେ ଜହ୍ନିଓଷା ଉପଲକ୍ଷେ ରବିବାର ରାତିରେ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲା ସମେତ ପଡୋଶୀ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୭ଟି ପ୍ରତିଯୋଗୀ ଭାଗ ନେଇ ନୃତ୍ୟ ପରିବେଷଣ କରିଥିଲେ। ସେଥିମଧ୍ୟରୁ ପ୍ରଥମ ସ୍ଥାନ ଭାବେ ବଲାଙ୍ଗୀର ଜିଲା ପାଟଣାଗଡର ସନ୍ତୋଷିନୀ ମେହେର, ଦ୍ୱିତୀୟ ସ୍ଥାନ କୋକସରା ବ୍ଲକ ଆମପାଣିର ଦେବରାଜ, ତୃତୀୟ ସ୍ଥାନ କିର୍କାକାନିର ସନାତନ ଗୁରୁ, ଚତୁର୍ଥ ସ୍ଥାନ ଧର୍ମଗଡ ବ୍ଲକ ବସୁଲ ଗ୍ରାମର ଅନନ୍ତ ଲିଟିଲ ଷ୍ଟାର ଓ ପଞ୍ଚମ ସ୍ଥାନ ଜୟପାଟଣାର ମା' ଠାକୁରାଣୀ ଗ୍ରୁପ ମନୋନୀତ ହୋଇଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ରତ୍ନାକାର ଗୁରୁ, ଫଟୁ ଦର୍ଗା, ଘନଶ୍ୟାମ ମାଝି ଓ ଦୁଷ୍ମନ୍ତ ମାଝି ପ୍ରମୁଖ ଦାୟିତ୍ୱ ତୁଲାଇ ଥିଲେ। ସାମନ୍ତ ଦୁର୍ଗା ମଞ୍ଚ ପରିଚାଳନା କରିଥିଲେ। ଜୁନାଗଡ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ପୂର୍ବତନ ସରପଞ୍ଚ ଧବଲେଶ୍ୱର ମାଝି, ବରିଷ୍ଠ ଶିକ୍ଷକ ସୁଧାଂଶୁ ଶେଖର ଗୁରୁ, ହରିଶ୍ଚନ୍ଦ୍ର ଗୁରୁ, ଦିବ୍ୟ ଦୀପ, ରଜନୀ କାନ୍ତ ପଣ୍ଡା, ସୁନିଲ କୁମାର ଗୁରୁ ପ୍ରମୁଖ ଯୋଗଦେଇଥିଲେ।

କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ସମ୍ବୋଧନ କରୁଛନ୍ତି।

ସ୍ତ୍ରୀଙ୍କୁ ହତ୍ୟାକରି ସ୍ୱାମୀ ଗିରଫ

ଲାଞ୍ଜିଗଡ଼,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଡାହାଣୀପଦର ଗାଁରେ ସାମାନ୍ୟ ଝଗଡ଼ାକୁ କେନ୍ଦ୍ର କରି ସ୍ୱାମୀ ସ୍ତ୍ରୀଙ୍କୁ ହତ୍ୟା କରିବା ଭଳି ଘଟଣା ଘଟିଛି। ଏ ନେଇ ଗାଁର ଜଣେ ବ୍ୟକ୍ତି ଥାନାରେ ଅଭିଯୋଗ କରିଥିଲେ । ବିଶ୍ୱନାଥପୁର ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ଗାଁରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବା ବର୍ଗଙ୍କୁ ହସ୍ତାନ୍ତର କରିଥିଲା । ଏହାସହିତ ଅଭିଯୁକ୍ତ ସ୍ୱାମୀ କାନ୍ଦ୍ରା ମାଝିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏ ନେଇ ବିଶ୍ୱନାଥପୁର ଥାନାରେ ଏକ ମାମଲା (ନଂ.୪୮/୨୦୧୮) ରୁଜୁ କରି ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ସ୍ୱାଇଁ ପ୍ରକାଶ କରିଛନ୍ତି। ଉକ୍ତ ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ପୋଲିସ ସୂଚନାନୁଯାୟୀ, ବିଶ୍ୱନାଥପୁର ଥାନା ଡାହାଣୀପଦର ଗାଁର କାନ୍ଦ୍ରା ମାଝିଙ୍କ ପ୍ରଥମ ସ୍ତ୍ରୀ ମରିଯିବା ପରେ ଗତ ୪ ବର୍ଷ ତଳେ ମନସ୍କା ଗାଁର ଆନ୍ଦ୍ରାଣୀ ମାଝିଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ବିବାହ କରିଥିଲେ । ଚାରିବର୍ଷ ହେଲା ସେମାନଙ୍କ ମଧ୍ୟରେ ବାରମ୍ବାର କଳି ଝଗଡ଼ା ଲାଗି ରହୁଥିଲା । ଘଟଣା ଦିନ ରାତିରେ ଝଗଡ଼ା ଉଗ୍ର ରୂପ ଧାରଣ କରିଥିବା ବେଳେ ସ୍ୱାମୀ କାନ୍ଦ୍ରା ଉପାସରେ ଶୋଇ ପଡ଼ିଥିଲେ । ରାତିର ପାହାନ୍ତି ପ୍ରହରରେ କାନ୍ଦ୍ରାଙ୍କ ନିଦ ଭାଙ୍ଗିବାରୁ ପାଖରେ ଶୋଇଥିବା ସ୍ତ୍ରୀ ଆନ୍ଦ୍ରାଣୀଙ୍କୁ ପିଇବାକୁ ପାଣି ମାଗିଥିଲେ। ଆନ୍ଦ୍ରାଣୀ ପାଣି ଦେବା ବଦଳରେ ତାଙ୍କୁ ଗାଳିଗୁଲଜ କରିଥିଲେ । ଏଥିରେ ସେ ଉତ୍ତ୍ୟକ୍ତ ହୋଇ ପାଖରେ ଥିବା ଏକ ପାହାରୁନ୍ (ଧାନ କୁଟିବା ପାଇଁ ଗଛରେ ତିଆରି ମୁଷଳ)ରେ ତାକୁ ପାହାର ଦେଇଥିଲା । ଘଟଣାସ୍ଥଳରେ ହିଁ ଆନ୍ଦ୍ରାଣୀଙ୍କ ମୃତ୍ୟୁ ଘଟିଥିଲା ।

ଇଂରାଜୀ ସହାୟକ କର୍ମଶାଳା ଉଦ୍‌ଯାପିତ

ଧର୍ମଗଡ,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ମାଧ୍ୟମିକ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ଗତ ଏକ ସପ୍ତାହ ଧରି ଚାଲିଥିବା ଇଂରାଜୀ ସହାୟକ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି । ଗ୍ରାମାଞ୍ଚଳରେ ବାସ କରୁଥିବା ଯୁବତୀଯୁବକଙ୍କ କିଭଳି ଭାବେ ଇଂରାଜୀ ଦକ୍ଷତା ବୃଦ୍ଧି କରିପାରିବେ ଏବଂ ଇଂରାଜୀ କଥା କିଭଳି ଭାବେ ସହଜରେ ଶିଖି ପାରିବେ ସେ ଉଦ୍ଦେଶ୍ୟରେ ଏହି କର୍ମଶାଳା କରାଯାଇଥିଲା । ଇଂଲିସ୍ ସପୋର୍ଟ ଫୋରମର ଅଧ୍ୟକ୍ଷ ପଞ୍ଚାନନ ଦୁରିଆଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ କର୍ମଶାଳାରେ ମୁଖ୍ୟଅତିଥି ଧର୍ମଗଡ ବିଡିଓ ଅଶୋକ କୁମାର ଭୋଇ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଭବାନୀପାଟଣା ସ୍ୱୟଂଶାଶିତ ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ଜୟଦେବ ସାହୁ ଯୋଗଦେଇ ସମ୍ପ୍ରତି ପରିସ୍ଥିତିରେ ଇରାଜୀର ଗୁରୁତ୍ୱ ଓ ଉପାଦେୟ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଏବିଇଓ ନବକିଶୋର ସାହୁ, ମାଧ୍ୟମିକ ପ୍ରଶିକ୍ଷଣ କେନ୍ଦ୍ର ଅଧ୍ୟକ୍ଷ ଜୟନ୍ତ କୁମାର ମୁଣ୍ଡ, ଭକ୍ତ ଚରଣ ଭୋଇ, ତ୍ରିଲୋଚନ ବାଗ, ଚକ୍ରଧର ପ୍ରଧାନ, ଦେବେନ୍ଦ୍ର ରାଉତ, ସୁଧାଂଶୁ ପଣ୍ଡା, ଲିଙ୍ଗରାଜ ପ୍ରଧାନ, ରମାକାନ୍ତ ନାଏକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଆଇନଜୀବୀ ଦିଗାମ୍ବର ଦୁରିଆ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଦୁଇଶହରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। କର୍ମଶାଳାରେ ବହୁ ଇଂରାଜୀ ବିଶେଷଜ୍ଞମାନେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ବଙ୍କିମ ଚନ୍ଦ୍ର ସାଗର, ଯୋଗେସ ତାଣ୍ଡି, ଟିକେଶ୍ୱର ନାଏକ, ତପନ ଦୁରିଆ, ଢଗମାଳିଆ ନାଏକ, ଗୁଣନିଧୀ ବାଗ, ସୁଦ୍ୟାମ ରାଉତ, କମଳାକାନ୍ତ ବିହାରୀ ପ୍ରମୁଖ ସହଯୋଗ କରିଥିଲେ ।

ଇଂରାଜୀ ସହାୟକ କର୍ମଶାଳାର ଉଦ୍‌ଯାପନୀରେ ଉପସ୍ଥିତ ଅତିଥି ।

ରାବଣପୋଡ଼ି ସହ ଦଶହରା ସମାପନ

ରିଷିଡ଼ା,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ାଠାରେ ୫୮ ବର୍ଷ ଦୁର୍ଗାପୂଜା ଓ ରାବଣ ପୋଡି ଶେଷ ହୋଇଯାଇଛି। ରାବଣପୋଡି ଉତ୍ସବରେ ମୁଖ୍ୟଅତିଥି ଭବାନୀପାଟଣା ପୌର ପରିଷଦ ଅଧ୍ୟକ୍ଷ ଆଦିତ୍ୟ ନନ୍ଦ, ସମ୍ମନିତ ଅତିଥି କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ, ମ.ରାମପୁର ଜିଲା ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର ସିଂଦେଓ, ଯୁବ ସଙ୍ଗଠକ ମଣିନ୍ଦ୍ର ମହାନ୍ତି, ରିଷିଡ଼ା ଆଞ୍ଚଳିକ ବିକାଶ ପରିଷଦ ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଯୋଗଦେଇଥିଲେ । ଦୁର୍ଗାପୂଜା କମିଟି ସଭାପତି ବିଶ୍ୱଦୀପକ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ପାଦକ ଲଛମନ ଭୋଇ ମଞ୍ଚାସୀନ ଥିଲେ । ଯୁବ ସାମାଜିକ କର୍ମୀ ନରୋତମ ସେଲମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ଗୁଳିମାଡ଼ରେ ଯୁବକ ଗୁରୁତର, ବୁର୍ଲା ସ୍ଥାନାନ୍ତର

ଗୁଳି ମାଡ଼ରେ ଆହତ ଯୁବକଙ୍କ ଚିକିତ୍ସା କରାଯାଉଛି ।

ଲାଞ୍ଜିଗଡ଼,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତ ବେଲାଙ୍ଗ ବଣ୍ଡେଲ ଗାଁର ସ୍ୱରାଜ ଗଉଡ ନାମକ ଜଣେ ଯୁବକଙ୍କୁ ରବିବାର ରାତିରେ କେହି ଗୁଳି ମାଡ଼ କରିଥିବା ଜଣାପଡ଼ିଛି । ଗୁଳି ତାଙ୍କ ଛାତି ଓ ପେଟରେ ବାଜିଛି । ଗୁଳି ଶବ୍ଦ ଶୁଣି ଘର ଲୋକ ବାହାରକୁ ଆସିବା ବେଳେ ସେ ଛଟପଟ ହେଉଥିବା ଅବସ୍ଥାରେ ତାଙ୍କୁ ଉଦ୍ଧାର କରିଥିଲେ । ପ୍ରଥମେ ତାଙ୍କୁ ଲାଞ୍ଜିଗଡ ସେଠାରୁ ଭବାନୀପାଟଣା ଓ ପରେ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାଟି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ଘଟଣାର ୨୪ ଘଣ୍ଟା ବିତି ଯାଇଥିଲେ ମଧ୍ୟ ସ୍ୱରାଜଙ୍କ ଉପରକୁ କିଏ ଗୁଳି ଚଳାଇଛନ୍ତି ତାହା ଏଯାଏ ଜଣାପଡିନାହିଁ।

ପୋଲିସ୍ ଖବର ଅନୁଯାୟୀ, ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତ ବେଲାଙ୍ଗ ବଣ୍ଡେଲ ଗାଁର ସ୍ୱରାଜ ରବିବାର ରାତିରେ ଶୌଚ ପାଇଁ ଘରୁ ବାହାରିଥିଲେ । ଏହି ସମୟରେ ତାଙ୍କ ଉପରକୁ ଗୁଳି ମାଡ଼ ହୋଇଥିଲା । ଗୋଟିଏ ଗୁଳି ତାଙ୍କ ଛାତି ଓ ଆରଟି ପେଟରେ ବାଜିବା ପରେ ଘଟଣାସ୍ଥଳରେ ହିଁ ସେ ତଳେ ପଡିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ । ଅପରପକ୍ଷରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ କୋମ୍ବିଂ ଅପରେସନ ନାମରେ ପୋଲିସ ହିଁ ସ୍ୱରାଜଙ୍କ ଉପରକୁ ଗୁଳି ଚଳାଇଥିବା ଅଭିଯୋଗ କରିଛନ୍ତି । ଏ ନେଇ ଏକ ମାମଲା ବିଜେପୁର ଥାନାରେ ଦାୟର ହୋଇଥିବା ବେଳେ ଏଥିରେ ପୂର୍ବ ଶତ୍ରୁତା କିମ୍ବା ମାଓବାଦୀଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରିଛି। ସ୍ଥାନୀୟ ଲୋକେ ପୋଲିସର କଥାକୁ ସହଜେ ଗ୍ରହଣ କରି ପାରିନାହାନ୍ତି। ନିୟମଗିରି ସଂଲଗ୍ନ ଏହି ଅଞ୍ଚଳରେ ମାଓବାଦୀ ସଙ୍ଗଠନ ବେଶ୍ ସକ୍ରିୟ ଥିବାବେଳେ ମାଓବାଦୀ ଦମନ ପାଇଁ ପୋଲିସ ବାରମ୍ବାର ଚଢାଉ ଓ କୋମ୍ବିଂ ଅପରେଶନ ଜାରି ରହିଛି । ସେହିପରି ମାଓବାଦୀ ସଙ୍ଗଠନ ମଧ୍ୟ ବିଭିନ୍ନ କଳକୌଶଳ କରି ସ୍ଥାନୀୟ ଲୋକଙ୍କୁ ନିଜ ଆଡକୁ ଟାଣିବା ପାଇଁ ପ୍ରୟାସ ଚଳାଇଛି । ଏପରି ଏକ ମୁହୂର୍ତ୍ତରେ ପାହାଡତଳି ଅଞ୍ଚଳରେ ବାସ କରୁଥିବା ଲୋକେ ଏପଟେ ମାଓବାଦୀ ସେପଟେ ପୋଲିସ ଭୟରେ ଦିନ କାଟୁଛନ୍ତି । ପୋଲିସ ଇନ୍‌ଫର୍ମର୍ ସନ୍ଦେହରେ ମାଓବାଦୀମାନେ ଏହି ଅଞ୍ଚଳରେ ୫ରୁ ଅଧିକ ହତ୍ୟାକାଣ୍ଡ ଘଟାଇ ଥିବାବେଳେ ତ୍ରିଲୋଚନପୁର ଅଞ୍ଚଳର କୋଡିଏରୁ ଅଧିକ ଲୋକଙ୍କୁ ମାଓବାଦୀ ସହଯୋଗୀ ଅଭିଯୋଗରେ ପୋଲିସ ଥାନାକୁ ଆଣି ନିର୍ଯାତନା ଦେବା ସହ ବିନା କାରଣରେ ଗିରଫଦାରି ଚଳାଇଥିବା ଅଭିଯୋଗ ହୋଇଛି । ସ୍ୱରାଜଙ୍କ ଉପରକୁ ଗୁଳି ଚାଳନାକୁ ନେଇ ସ୍ଥାନୀୟ ଲୋକେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି । ଏଥିସହ ଶାନ୍ତିପ୍ରିୟ ଏହି ଅଞ୍ଚଳରେ ନା ପୋଲିସର ଦାଦାଗିରି ନା ମାଓବାଦୀଙ୍କ ଆତଙ୍କରାଜ କାହାକୁ ମଧ୍ୟ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିଛନ୍ତି। ସେହିପରି ସ୍ୱରାଜଙ୍କୁ ଗୁଳି ଚାଳନା ଘଟଣାର ନିରପେକ୍ଷ ତଦନ୍ତ ସହିତ ତାଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ସମ୍ପୂର୍ଣ୍ଣ ଚିକିତ୍ସା ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି ।

ବିଜେଡି, ଯାଦବ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ଧର୍ମଗଡ,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବିଜୁ କଲ୍ୟାଣ ମଣ୍ଡପଠାରେ ସୋମବାର ବିଜେଡି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ

ଗୋଳା, ବନ୍ଧୁକ ଦ୍ୱାରା ନୁହେଁ, କେବଳ ନୈତିକତା ବଳରେ ହିଁ ଶତ୍ରୁଙ୍କୁ ଜୟ କରିପାରିବା ସମ୍ଭବ।
- କାଳିନ୍ଦୀ ଚରଣ ପାଣିଗ୍ରାହୀ

ସଂକ୍ଷେପରେ

ଖଣ୍ଡାୟତ ମହାସଭା ପକ୍ଷରୁ ଖଡ୍‌ଗ ଶୋଭାଯାତ୍ରା

ରାଉରକେଲା ଅଫିସ,୨୨। ୧୦- ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ରାଉରକେଲା ଶାଖା ପକ୍ଷରୁ ଗତ ୧୬ରୁ ଖଡ୍‌ଗ ଭବନଠାରେ ଆରମ୍ଭ କରାଯାଇଥିବା ପୂଜା ଓ ଖଡ୍‌ଗ ଶୋଭାଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୪ ଦିନ ପୂଜାପାଠ ପରେ ବିଜୟା ଦଶମୀ ସକାଳ ୯ଟାରୁ ଖଡ୍‌ଗ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ପୂଜା ପାଉଥିବା ୧୨ ହାତ ଖଣ୍ଡାକୁ ସାମିଲ କରାଯାଇଥିଲା। ଶୋଭାଯାତ୍ରାରେ ବହୁ ଯୁବକ ଓ ଖଣ୍ଡାୟତ ମହାସଭାର କର୍ମକର୍ତ୍ତା ଯୋଗଦେଇଥିଲେ। ଶୋଭାଯାତ୍ରା ସେକ୍ଟର ୨ରେ ପହଞ୍ଚିବା ପରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେଠୁ ଶୋଭାଯାତ୍ରା ବିଶ୍ରା ଛକ ଦେଇ ମୁଖ୍ୟ ମାର୍ଗ ରାସ୍ତାରେ ପାନପୋଷ, ଛେଣ୍ଡ, ସେକ୍ଟର- ୯,୮, ୭, ଆମ୍ବାଗାନ, କୋଏଲନଗର ଓ ଶକ୍ତିନଗର ପରିକ୍ରମା ପରେ ସେକ୍ଟର-୨ ଖଡ୍‌ଗ ଭବନକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏଥିରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ରାଉରକେଲାର ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଓ ବରିଷ୍ଠ ଭାଜପା ନେତା ନିହାର ରାୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶୋଭାଯାତ୍ରା ପରିକ୍ରମା ବେଳେ ମହାସଭାର ଯୁବ ବାହିନୀ ପାରମ୍ପରିକ ବାଦି, ଖଣ୍ଡା ଆଦି ଖେଳ ପ୍ରଦର୍ଶନ କରିଥିଲେ। ଏହାର ସଫଳତା ନେଇ ଅନୁଷ୍ଠାନର ସଭାପତି ସାରଦା ନାୟକ ଓ ସାଧାରଣ ସମ୍ପାଦକ ଶଶଧର ପାତ୍ର ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

ସରପଞ୍ଚଙ୍କ ଗିରଫ ଦାବି ଆନ୍ଦୋଳନ ଜୋରଦାର

ରାଉରକେଲା ଅଫିସ,୨୨। ୧୦

- ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ
- ତଦନ୍ତ କରିବେ ବଣାଇଁ ଉପଜିଲାପାଳ

ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକ ତାମଡା ପଞ୍ଚାୟତ ସରପଞ୍ଚ ଚମ୍ପା ତିର୍କୀଙ୍କ ଗିରଫ ଓ ଚାନ୍ଦିପୋଷ ଥାନା ଏଏସଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ପୂର୍ବାହ୍ନରେ ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଅନଶନ ପ୍ରତ୍ୟାହୃତ ହୋଇଛି । ଏଥିରେ ସମିତି ସଭ୍ୟା ସସ୍ମିତା ଏକ୍କାଙ୍କ ସମେତ ଶତାଧିକ ପଞ୍ଚାୟତ ବାସିନ୍ଦା ରାଉରକେଲା ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଅନଶନ ଆରମ୍ଭ କରିଥିଲେ । ଆସନ୍ତା ୮ଦିନ ମଧ୍ୟରେ ବଣାଇଁ ଉପଜିଲାପାଳ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ। ସେହି ଅଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅନଶନକାରୀଙ୍କୁ ପ୍ରତିଶ୍ରୁତି ମିଳିଛି। ସନ୍ଧ୍ୟାରେ ଅତିରିକ୍ତ ଏସ୍‌ପି ପି.କେ. ମହାପାତ୍ର ଓ ଏସ୍‌ଡିପିଓ ପଦ୍ମିନୀ ସାହୁ ପ୍ରମୁଖ ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ।

ଅଭିଯୋଗ ଅନୁଯାୟୀ, ତାମଡା ସରପଞ୍ଚ ଚମ୍ପା ସମିତି ସଭ୍ୟା ସସ୍ମିତାଙ୍କ ଦସ୍ତଖତ ଜାଲିଆତି କରି ପଞ୍ଚାୟତର ବିଭିନ୍ନ ପ୍ରକଳ୍ପଗୁଡିକୁ ବ୍ଲକ କାର୍ଯ୍ୟାଳୟରୁ ପାଶ କରାଇ ନେଉଛନ୍ତି। ସମିତି ସଭ୍ୟାଙ୍କ ଅଗୋଚରରେ ଏଭଳି ଦସ୍ତଖତ କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡିଛି। ଏନେଇ ଚାନ୍ଦିପୋଷ ଥାନାରେ ସମ୍ପୃକ୍ତ ସରପଞ୍ଚଙ୍କ ବିରୋଧରେ ଏତଲା ସତ୍ତ୍ୱେ ତାଙ୍କୁ କାହିଁକି ଗିରଫ କରାଯାଉନି ବୋଲି ଅନଶନକାରୀ ସାଣ୍ଡିଲ ଓ ସସ୍ମିତା ପ୍ରଶ୍ନ କରିଥିଲେ। ପଞ୍ଚାୟତ ନୀତି ନିୟମକୁ ନ ମାନି ଜଣେ ସରପଞ୍ଚ ଦସ୍ତଖତ ଜାଲିଆତ କରିବା ପରେ ବି ତାଙ୍କୁ ଘଣ୍ଟ ଘୋଡା ଯାଉଛି। ଫଳରେ ଆଦିବାସୀ ବହୁଳ ଏହି ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାମରେ ଦୁର୍ନୀତି କରାଯାଉଥିବା ସ୍ପଷ୍ଟ ହୋଇଛି। ଏ ନେଇ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି। ପ୍ରତିଶ୍ରୁତି ମୁତାବକ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଚାନ୍ଦମଣି କହିଛନ୍ତି। ଏଣୁ ସମିତି ସଭ୍ୟା ସସ୍ମିତାଙ୍କୁ ନେଇ ସେ ରାଉରକେଲା ପୋଲିସ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବାଧ୍ୟ ହେଲୁ। ଆସନ୍ତା ୮ ଦିନ ମଧ୍ୟରେ ବଣାଇଁ ଉପଜିଲାପାଳ ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆମେ ପରିବର୍ତ୍ତୀ ପଦକ୍ଷେପ ନେବାକୁ ବାଧ୍ୟ ହେବୁ ବୋଲି କହିଛନ୍ତି ଚାନ୍ଦମଣି।

ମୋ ରାଉରକେଲା

କାଗଜ ପୃଷ୍ଠାର ଶବ୍ଦଟିଏ ଥିଲା ଏହି ସହର

ସାହିତ୍ୟିକା ମୋନାଲିସା ମିଶ୍ର (ଏନଆଇଟି)

ନବ ବଧୂଟିଏ ଯେମିତି ଲାଜ, ଶଙ୍କା, କିଛି ସ୍ୱପ୍ନ, ଆଶା ଓ ବିଶ୍ୱାସର ଭାବଧାରାକୁ ନେଇ ନୂତନ ଗୃହରେ ପାଦ ଥାପି ଥାଏ ଠିକ ସେମିତି ମୁଁ ପ୍ରବେଶ କରିଥିଲି ଏ ସହରରେ। ମୋ ପାଇଁ କେବଳ କାଗଜ ପୃଷ୍ଠାର ଶବ୍ଦଟିଏ ଥିଲା ରାଉରକେଲା। ସମ୍ପୂର୍ଣ୍ଣ ଅଚିହ୍ନା ଏ ସହର ଯେମିତି ରାଜ୍ୟ ବାହାରେ କେଉଁଠି ଥିଲାପରି ଅନୁଭବ ହେଉଥିଲା। ଖୁବ୍ ଏକା ଏକା ଲାଗୁଥିଲା। ଏକଦା ସୁନେଲୀ ଅପରାହ୍ନରେ ସ୍ୱାମୀଙ୍କ ସହ ଯେତେବେଳେ ପ୍ରଥମ କରି ଦୁଇ ଥାକିଆ ରିଂ ରୋଡରେ ପାଦ ଥାପିଲି ମନ ଆନନ୍ଦରେ ପୂରି ଉଠିଥିଲା। ଯେମିତି କେଉଁ ଶୈଳ ନିବାସରେ ପାଦ ଥାପିଲା ପରି ମନେ ହୋଇଥିଲା। ତା'ପରେ ଖୋଜି ବସିଲି କବିତାର ପରିଧି ସାହିତ୍ୟ ସତ୍ତାକୁ। ଏଥିରେ ଏମିତି ସଂଶ୍ଳିଷ୍ଟ ହୋଇ ପଡିଲି ଗୋଟାପଣ ଏ ସହର ମୋ ନିଜର ପାଲଟିଗଲା। ଷ୍ଟିଲ ସିଟିର ସୌନ୍ଦର୍ଯ୍ୟ, ଶାନ୍ତଶୀତଳ ସବୁଜିମା, ସହରତଳି ଘଞ୍ଚ ବନାନୀ ସହ ପକ୍ଷୀମାନଙ୍କ କୁହୁ ତାନ ବେଶ ମନୋମୁଗ୍ଧକର। ଏଠି ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ, ପ୍ରସିଦ୍ଧ ଶୈବ ପୀଠ ବେଦବ୍ୟାସ, ହନୁମାନ ବାଟିକା, ଆଇଜି ପାର୍କ ସହ ସହରତଳି ଡ୍ୟାମ ଭଳି ଅନେକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳ ମୋ ପାଇଁ ନିଆରା। ଏ ସହରରେ ମୋ ଲେଖନୀ ନବ ଚେତନାର ପୁଲକରେ ପୁଲକିତ ହୋଇଛି। ତୋଳି ଆଣିଛି ପ୍ରକୃତିର ଅନେକ ପ୍ରାଣବନ୍ତ ପ୍ରତିଛବିକୁ। ଇସ୍ପାତ ଆକାଶ ଯେତେବେଳେ ନାଲି ଧୂଆଁରେ ଛଟପଟ ହୁଏ ଠିକ ସେତିକି ବେଳେ ମାଟି ଛଳ ଛଳ ପ୍ରେମର ଝରଣା ପ୍ରାଣବନ୍ତ ହୋଇ ଉଠେ। ମୋତେ ଠିକଣା, ପଦ ପ୍ରତିଷ୍ଠା ଓ ସମ୍ମାନ ଦେଇଥିବା ଏ ସହର ପାଇଁ ମୋ ସାଧନା ସବୁବେଳେ ଜାରି ରହିବ।

ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପ୍ରଶିକ୍ଷଣ ଶିବିର

ରାଉରକେଲା ଅଫିସ,୨୨। ୧୦

ଲାଠିକଟା ବ୍ଲକ ଅନ୍ତର୍ଗତ ବେଦବ୍ୟାସ କଲ୍ୟାଣ ଆଶ୍ରମ ପରିସରରେ ସୋମବାର ସନ୍ଧ୍ୟାରେ ବିଶ୍ୱ ହିନ୍ଦୁ ପରିଷଦ ଧର୍ମ ପ୍ରଚାର ବିଭାଗ ପକ୍ଷରୁ ଏକ ତ୍ରିଦିବସୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇ ଯାଇଛି। ଏଥିରେ ବିଶ୍ୱ ହିନ୍ଦୁ ପରିଷଦର ପଶ୍ଚିମ ଓଡିଶା ସଙ୍ଗଠନ ସମ୍ପାଦକ ଶରତ ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଆନୁଷ୍ଠାନିକ ଭାବେ ଶିବିର ଆରମ୍ଭ କରାଯାଇଥିଲା। ଏହି ଅବସରରେ ପ୍ରଧାନ କହିଥିଲେ ଆଗାମୀ ଦିନରେ ହିନ୍ଦୁ ସମାଜ ପ୍ରତି ଯେଉଁ ବିପଦ ଘନେଇ ଆସୁଛି ସେଥିପ୍ରତି ସମସ୍ତଙ୍କୁ ସଜାଗ ରହିବାକୁ ପଡିବ। ଛୁଆଁ ଅଛୁଆଁ ଭେଦଭାବ ଭୁଲି ହିନ୍ଦୁଙ୍କ ମଧ୍ୟରେ ଐକ୍ୟ, ସମତା ଗଢି ତୋଳିବାକୁ ପ୍ରଧାନ ଏଥିରେ ଆହ୍ୱାନ ଦେଇଥିଲେ। ଏହା କରା ନ ଗଲେ ସମ୍ବିଧାନ ଆମକୁ ରକ୍ଷା କରି ପାରିବ ନାହିଁ ବୋଲି ସେ ମତ ପ୍ରକାଶ କରିଥିଲେ। ପଶ୍ଚିମ ଓଡିଶା ଧର୍ମପ୍ରଚାର ସମ୍ପାଦକ ଶାନ୍ତନୁ କୁସୁମ, ଜିଲା ସଙ୍ଗଠନ ସମ୍ପାଦକ ରାମଚନ୍ଦ୍ର ନାୟକ ପ୍ରମୁଖ ଏଥିରେ ବକ୍ତବ୍ୟ ପ୍ରଦାନ କରି ହିନ୍ଦୁ ଧର୍ମର ମାହାତ୍ମ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଯୋଗ, ପ୍ରଣାୟମ ସହ ହିନ୍ଦୁ ସମାଜର ଗୌରବମୟ ଇତିହାସ ଉପରେ ଅବଲୋକନ କରାଯାଇଥିଲା। ଶିବିରରେ ୧୫ଟି ଜିଲାରୁ ୫୦ଜଣ ପ୍ରତିନିଧି ଭାଗ ନେଇଛନ୍ତି। ପଶ୍ଚିମ ଓଡିଶା ଧର୍ମ ପ୍ରଚାର ସମ୍ପାଦକ ଶାନ୍ତନୁ କୁସୁମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ କିଶୋର ପଟେଲ, ଯୁଗଳକିଶୋର ମହାନ୍ତ, ଆନନ୍ଦ ପ୍ରଧାନ, ଦୁର୍ଯ୍ୟୋଧନ ମାଳି, ଯଶୋବନ୍ତୀ ବାଗ ଓ ସଂଯୁକ୍ତା କାଲୋ ପ୍ରମୁଖ ସକ୍ରିୟ ଭୂମିକା ନିର୍ବାହ କରୁଛନ୍ତି।

ଷ୍ଟେଶନ ମାଷ୍ଟରଙ୍କ ସହ ଆଲୋଚନା ପରେ ଦାବିପତ୍ର ପ୍ରଦାନ କରାଯାଉଛି।

ବାଲ ପଞ୍ଚାୟତ ପକ୍ଷରୁ ପରିବେଶ ସଚେତନତା

ରାଉରକେଲା ଅଫିସ,୨୨।୧୦

ଭାରତୀୟ ଶିଶୁ ଗ୍ରାମ (ଏସଓଏସ)ଭିଲେଜ ରାଉରକେଲା ପକ୍ଷରୁ ପରିବାର ସଶକ୍ତୀକରଣ ଅଭିଯାନ ମାଧ୍ୟମରେ ପରିବେଶ ସଚେତନତା ନେଇ ଏକ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଏଥିରେ ସାମିଲ ହୋଇଥିବା ଶିଶୁ ଗ୍ରାମର ବାଲ ପଞ୍ଚାୟତ ଅନ୍ତେବାସୀମାନେ ୬ଟି ବସ୍ତି ପରିକ୍ରମା କରି ପରିବେଶ ସଚେତନତା ଓ ସଫେଇ ଉପରେ ଗୁରୁତ୍ୱାରୋପ କରିଥିଲେ। ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଜଲଦା ସି ବ୍ଲକ, ବାଲିଝୁଡି, ଗର୍ଜନ, ଗର୍ଜନ(ନଦୀଟୋଲା) ବାଗବୁଡି ଏ ଓ ନେହେରୁପଲ୍ଲୀ ବାସିନ୍ଦାଙ୍କୁ ସ୍ୱଚ୍ଛତା ଉପରେ ବାଲ ପଞ୍ଚାୟତ ସଦସ୍ୟା ସଦସ୍ୟ ବୁଝାଇଥିଲେ। ଗ୍ରାମ୍ୟ ପରିବେଶ ପରିଷ୍କାର ପରିଚ୍ଛନ୍ନ ରହିଲେ ସହଜରେ ରୋଗବ୍ୟାଧି ପାଖ ମାଡିବନି ବୋଲି ପିଲାମାନେ ସ୍ଥାନୀୟ ମହିଳାଙ୍କୁ ସଚେତନ କରାଇଥିଲେ। ଏଥିରେ ଗାଁର ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇ ନିଜ ଅଞ୍ଚଳକୁ ପରିବେଶ ଅନୁକୂଳ ରଖିବାକୁ ଶପଥ ନେଇଥିଲେ। ପିଲାମାନେ ଗାଁ ଦାଣ୍ଡରେ ଝାଡୁ ମାରି ଏହାକୁ ପରିଷ୍କାର କରିବା ସହ ଆବର୍ଜନା କୁଣ୍ଡ ନିର୍ମାଣ କରିବାକୁ ସ୍ଥାନୀୟ ମହିଳାଙ୍କୁ ବୁଝାଇ ଥିଲେ। ପରିବେଶ ସୁରକ୍ଷା ଆମ ସୁରକ୍ଷା ଆହ୍ୱାନ ଦେଇ ଘରକୁ ଘର ବୁଲିଥିଲେ ଅନ୍ତେବାସୀ। ଏଥିରେ ଜଲଦା ପଞ୍ଚାୟତରୁ ନନ୍ଦିତା ପଶାୟତ, ମହିମା ମୁଣ୍ଡା, ଅଙ୍କିତା ଡାଙ୍ଗ, ଯମୁନା ସାଣ୍ଡିଲ, ରାଧିକା, ପୂଜା, ପ୍ରଦୀପ ପ୍ରମୁଖ ସାମିଲ ହୋଇଥିବା ବେଳେ ବାଲିଝୁଡିରୁ ଅଜିତ ମିଞ୍ଜ, ସିପ୍ରା ଟିଗା, ଖୁସବୁ କୁଜୁର, ସଲିମ କୁଜୁର, ସୌରଭ ଲୋହାର, ଅମୂଲ୍ୟ ଟିଗା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗର୍ଜନ ବାଲ ପଞ୍ଚାୟତ ସଦସ୍ୟ ସନ୍ଧ୍ୟା ଟପୋ, ଗୀତା ମିଞ୍ଜ, ରିଙ୍କୁ ମିଞ୍ଜ, ହିରାମନୀ ଟପୋ, ବାସନ୍ତୀ ମିଞ୍ଜ, କିରନ କାଣ୍ଡୁଲିନା ଅଭିଯାନରେ ସକ୍ରିୟ ଭୂମିକା ତୁଲାଇଥିଲେ। ଏହା ବ୍ୟତୀତ ବାଗବୁଡି ବାଲ ପଞ୍ଚାୟତରୁ ତୁଲ୍ଲଣୀ ମୁଣ୍ଡାରୀ, ପ୍ରେମଧାରୀ ମୁଣ୍ଡାରୀ, ପ୍ରିୟଙ୍କା ନାୟକ, ଲକ୍ଷ୍ମୀ ମୁଣ୍ଡାରୀ, ଆଦରମଣି ମୁଣ୍ଡାରୀ, ପୁଷ୍ପା ଏକ୍କା, ଅନୀତା ଓରାମ ପ୍ରତିନିଧିତ୍ୱ କରିଥିଲେ। ନେହେରୁପଲିର ବାଲ ପଞ୍ଚାୟତ ପକ୍ଷରୁ ଏମ୍‌ଡି ଅସୀମ, ରୀନା, ରୁବି, ସୁନୀତି, ରାଜହଂସ, ନିକିତା ଓ ଏମଡି ଅରମାନ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ଅନ୍ତେବାସୀମାନେ ସଫେଇ କାର୍ଯ୍ୟ କରୁଛନ୍ତି।

ଅତିରିକ୍ତ ବଗି ସଂଯୋଗ ପାଇଁ ଷ୍ଟେଶନ ମାଷ୍ଟରଙ୍କୁ ଦାବିପତ୍ର

ରାଉରକେଲା ଅଫିସ,୨୨। ୧୦

ସହରରେ ବସବାସ କରୁଥିବା ବିହାରୀ ସଂପ୍ରଦାୟଙ୍କ ରେଳଯାତ୍ରା ସମସ୍ୟା ନେଇ ସୋମବାର ରାଷ୍ଟ୍ରୀୟ ଜନ ଜାଗରଣ ସେବା ସଂଘ ପକ୍ଷରୁ ରାଉରକେଲା ରେଳ ଷ୍ଟେଶନ ମାଷ୍ଟରଙ୍କ ସହ ଆଲୋଚନା ପରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ କୁହାଯାଇଛି, ଦୀପାବଳି ଓ ପବିତ୍ର ଛଟପର୍ବ ପାଳନ ନେଇ ବିହାର ଯାତାୟତ କରୁଥିବା ଯାତ୍ରୀଙ୍କ ସୁବିଧା ନିମନ୍ତେ ଉଦ୍ଦିଷ୍ଟ ଟ୍ରେନଗୁଡିକରେ ଅତିରିକ୍ତ ବଗି ଯୋଡାଯାଉ। ପ୍ରତିନିଧି ମଣ୍ଡଳୀ କହିଥିଲେ ରାଉରକେଲା ଦେଇ ଯାତାୟତ କରୁଥିବା ସାଉଥ ବିହାର ଏକ୍ସପ୍ରେସ, ସମ୍ବଲପୁର ବାରଣାସୀ, ଗୋରଖପୁର ଏକ୍ସପ୍ରେସ ଆଦି ଟ୍ରେନରେ ଅତରିକ୍ତ ଡବା ସଂଯୋଗ କରାଗଲେ ଲୋକେ ଉପକୃତ ହୋଇ ପାରିବେ। ଅନ୍ୟଥା ସମସ୍ୟାକୁ ମୁକାବିଲା କରିବା ସମ୍ଭବ ହେବ ନାହିଁ। ଏନେଇ ଆବଶ୍ୟକୀୟ ଦୃଷ୍ଟି ଦେବାକୁ ପ୍ରଦାନ କରାଯାଇଥିବା ଦାବି ପତ୍ରରେ ଅନୁରୋଧ କରାଯାଇଛି। ଏଥିରେ ଅରୁଣ ସିଂ, ଓ.ପି. ସିଂ, ସୁବୋଧ ସିଂ, ମନିନ୍ଦର ସିଂ, ବିକାଶ ଶର୍ମା, ଧନଞ୍ଜୟ ପାଠକ, ଅଶୋକ ମହାତୋ,ଏ.କେ. ସିଂ, ଲକ୍ଷ୍ମୀକାନ୍ତ ମଣ୍ଡଳ, ଏସ.ଏସ. ରାଣା ପ୍ରମୁଖ ଉପସ୍ଥିତ ଥିଲେ।

ଇସ୍ପାତ୍ ବିଦ୍ୟାଳୟ ୧୯୮୭ ବ୍ୟାଚ୍ ବନ୍ଧୁ ମିଳନ

ରାଉରକେଲା ଅଫିସ,୨୨।୧୦

ଇସ୍ପାତ ବିଦ୍ୟାଳୟ ସେକ୍ଟର-୧୮ ୧୯୮୭ ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବନ୍ଧୁ ମିଳନ ଉତ୍ସବ ଜର୍ମାନ କ୍ଲବ ମ୍ୟାକ୍ସମୁଲାର ଭବନରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଦଶହରା ଉପଲକ୍ଷେ ସହର ବାହାରେ ବସବାସ କରୁଥିବା ଛାତ୍ରୀଛାତ୍ର ରାଉରକେଲା ଆସିଥିବା ବେଳେ ଏପରି ଏକ ସୁଯୋଗ ସୃଷ୍ଟି ହୋଇଥିଲା। ଏହାକୁ ହାତଛଡା କରିବାକୁ ଚାହିଁ ନ ଥିଲେ କେହି। ପରସ୍ପରକୁ ଭେଟିବା ଓ ସୁଖଦୁଃଖ ବାଣ୍ଟିବା ଉଦ୍ଦେଶ୍ୟ ନେଇ ଏମାନେ ଦୀର୍ଘ ବର୍ଷ ପରେ ଏକତ୍ରିତ ହୋଇଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସୃଜନଶୀଳତା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଥିଲା। ଦୀର୍ଘ ବିଚ୍ଛେଦ ପରେ ଏହି ପୁର୍ନମିଳନ ଅବସରକୁ ମନ ଭରି ଉପଭୋଗ କରିଥିଲେ ସମସ୍ତେ। ସପରିବାର ଏହି ସମାବେଶ ଅନୁଷ୍ଠିତ ହୋଇଥିବାରୁ ଏହା ଖୁବ ଆନନ୍ଦ ଦାୟକ ହୋଇ ପାରିଥିଲା। ଏଥିରେ ସତ୍ୟସାଧନଙ୍କ ସଂଯୋଜନାରେ ଆୟୋଜିତ ସଙ୍ଗୀତ ବେଶ ମନଛୁଆଁ ହୋଇ ପାରିଥିଲା। କାର୍ଯ୍ୟକ୍ରମରେ ଅସୀମା, ସଂଘମିତ୍ରା, ନୀଳିମା, ସଦାନନ୍ଦ, ପ୍ରଣତି, ଅଶୋକ, ଆଲୋକ, ବିଶ୍ୱନାଥ, ବିଶ୍ୱେଶ୍ୱର, ଅବଦୁଲ, ନାରାୟଣ, ପ୍ରଶାନ୍ତ, ଶଂକର୍ଷଣ, ବିପିନ, ଡ. ପ୍ରଫୁଲ୍ଲ, ପି ସତ୍ୟନାରାୟଣ, ତିରୁପତି, ରଂଯୁକ୍ତା, ଅସ୍ମିତା, ରଞ୍ଜିତ, ସନ୍ତୋଷ, ଲଲାଟେନ୍ଦୁ, ଭଗବାନ, ଶର୍ମିଷ୍ଠା, ସ୍ୱର୍ଣ୍ଣଲତା ମୋନାଲିସା, ସୁରେନ୍ଦ୍ର, ମନୋଜ, ଦେବାଶିଷ, ସ୍ୱରୂପ, ରଜତ, ବିଜୟ, ମୌସମୀ , ଜନାର୍ଦ୍ଦନ, ସଞ୍ଜୟ, ବିଳାସିନୀ, ରମାକାନ୍ତ, ବିନୟ, ରାକେଶ, ସୁଜାତା, ମମତା, ବିଭୂତି, ଅମୁଲ୍ୟ, କୈଳାସ, ରାଜେନ୍ଦ୍ର, ତୁଲତୁଲ, ରମାକାନ୍ତ, ରେଖା, ସୁଶୀମ ଆଦି ବହୁ ପୁରୁଣା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସାମିଲ ପୁରାତନ ଛାତ୍ରୀଛାତ୍ରମାନେ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୪
ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ୍, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ଏତଦ୍‌ଦ୍ୱାରା ନିମ୍ନଦର୍ଶିତ ଋଣଗ୍ରହୀତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ

ପ୍ରଥମେ ବିହନ ଫୋପାଡ଼ି ଦେଇ ପରେ ଶସ୍ୟ ସଂଗ୍ରହ କଲାପରି,
ପ୍ରଥମେ ପରର ଉପକାର କରିଗଲେ ଶେଷରେ ନିଜର ଉପକାର ହୁଏ।
- ସେନେକା

ସଂକ୍ଷେପରେ

କରତକଳ ପରିସରରେ ପଶିଲେ ୧୪ ହାତୀ: ଭାଙ୍ଗିଲେ ସରକାରୀ କ୍ୱାର୍ଟର୍ସ

ବେଦବ୍ୟାସ, ୨୨।୧୦ (ଡି.ଏନ.ଏ)- ରାଉରକେଲା ବନମଣ୍ଡଳ ଅନ୍ତର୍ଗତ କୁଆଁରମୁଣ୍ଡା ରେଞ୍ଜର କଲୁଙ୍ଗା କରତକଳ ପରିସରକୁ ରବିବାର ବିଳମ୍ବିତ ରାତିରେ ପ୍ରାୟ ୧୪ଟି ବଣୁଆ ହାତୀ ପଶି ସେଠାରେ ଥିବା ସରକାରୀ କ୍ୱାର୍ଟର୍ସଗୁଡ଼ିକୁ ଭାଙ୍ଗି ଦେଇଛନ୍ତି। ହାତୀପଲ ସାଗଯୋର କିଲିଙ୍ଗା ଗ୍ରାମଦେଇ କଲୁଙ୍ଗା କରତକଳ ପରିସରରେ ପଶିଥିଲେ। ଖବର ପାଇ ସ୍ଥାନୀୟ ବନ କର୍ମଚାରୀଙ୍କ ସମେତ ପୋଲିସ ସୋମବାର ଦିନତମାମ ସେମାନଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ହାତୀପଲ ସେଠାରୁ ମାତ୍ର ୩୦୦ ମିଟର ଘୁଞ୍ଚି କାଲକୁଦର ଜଙ୍ଗଲ ଆଡ଼କୁ ମୁହାଁଇଛନ୍ତି। ଏଥିପାଇଁ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ କଲୁଙ୍ଗା ଓ କଲୁଙ୍ଗା ଶିଳ୍ପାଞ୍ଚଳ ରାସ୍ତା ବନ୍ଦ ରହିଥିଲା। ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯିବା ସହ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା।

ଖବରଦାତାଙ୍କ ଘର ଆଗରୁ ବାଇକ୍ ଚୋରି

ବାଲିଶଙ୍କରା,୨୨।୧୦(ଡି.ଏନ୍.ଏ.)- ତଳସରା ଥାନା ତଥା ବାଲିଶଙ୍କରା ବ୍ଲକର ବିଭିନ୍ନ ଅଞ୍ଚଳରେ ଚୋରି ଡକାୟତି ବଢ଼ିବାରେ ଲାଗିଛି। ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ, ଛେଳି, ବିଶେଷକରି ବାଇକ୍ ଚୋରି କରୁଥିଲେ ମଧ୍ୟ ପୋଲିସକୁ କୌଣସି ସଫଳତା ମିଳୁନାହିଁ। ବର୍ଷକ ମଧ୍ୟରେ ୧୦ରୁ ଅଧିକ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରବିବାର ଅପରାହ୍ନ ସାଢ଼େ ଗୋଟାଏ ବେଳେ ଖବରଦାତା ଅନୀଲ ବାଘଙ୍କ ଘର ସମ୍ମୁଖରୁ ଏକ ସୁପର ସ୍ପ୍ଲେଣ୍ଡର ବାଇକ୍ (ନଂ.-ସିଜି୧୪-ଏମ୍‌ବି୮୬୦୧) ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅନୀଲ ଏ ନେଇ ତଳସାରା ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଲୁଟେରାଙ୍କ ସୁରାକ ପାଇପାରି ନାହିଁ। ଏସ୍‌ପି ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଦାବି ହେଉଛି।

ମୁଣ୍ଡାଗାଁ ମହାସାଇଲୋ ହକି ଟୁର୍ନାମେଣ୍ଟ ୨୪ରୁ

ବଡ଼ଗାଁ,୨୨।୧୦(ଡି.ଏନ୍.ଏ.)- ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ମୁଣ୍ଡାଗାଁରେ ସ୍ଥାନୀୟ ମେରୀ ଡୋନା ୟୁଥ୍ ଆସୋସିଏଶନ୍ ପକ୍ଷରୁ ମହାସାଇଲୋ ହକି ଟୁର୍ନାମେଣ୍ଟର ଆୟୋଜନ କରାଯାଉଛି। ଆସନ୍ତା ୨୪ ତାରିଖରୁ ଟୁର୍ନାମେଣ୍ଟ ଆରମ୍ଭ ହୋଇ ୨୮ରେ ଉଦ୍‌ଯାପିତ ହେବ। ଚାମ୍ପିୟନ ଟିମ୍‌କୁ ଦୁଇ ହଜାର ଟଙ୍କା ସହ ଖାସି, ରନର୍ସଅପ୍ ଟିମ୍‌କୁ ଏକ ହଜାର ଟଙ୍କା ସହ ଖାସି ଏବଂ ତୃତୀୟ ଓ ଚତୁର୍ଥ ଟିମ୍‌କୁ ୫ ଶହ ଟଙ୍କା ସହ ଖାସି ପୁରସ୍କୃତ କରାଯିବ। ଏହା ସହ ଶ୍ରେଷ୍ଠ ଶୃଙ୍ଖଳିତ ଦଳ, ଶ୍ରେଷ୍ଠ ସ୍କୋରର, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯିବ।

ଚୋରି ଅଭିଯୋଗରେ ୨ ଗିରଫ, ୨ ଅଟକ

ବଡ଼ଗାଁ,୨୨।୧୦(ଡି.ଏନ୍.ଏ.)– ସୁନ୍ଦରଗଡ଼ ଜିଲା ବଡ଼ଗାଁ ବସ୍‌ଷ୍ଟାଣ୍ଡଠାରେ ଥିବା ସାଇବର ଢାବା ମୋବାଇଲ ଦୋକାନର ଆଜବେଷ୍ଟସ ଭାଙ୍ଗି ଚୋରି ଘଟଣାରେ ବଡ଼ଗାଁର ଅଜିତ ଟେଟେ (୨୦)ଙ୍କୁ ଗ୍ରାମର ଯୁବକମାନେ ଧରି ପୋଲିସ ଜିମା ଦେଇଥିଲେ। ଝାଡ଼ଖଣ୍ଡରୁ ଆସି ବଡ଼ଗାଁରେ ମାମୁ ଘରେ ରହି ଅଟୋରିକ୍ସା ଚଲାଉଥିବା ସିପଟେନ୍ ଖାନ୍ ଏହି ଚୋରିରେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ପୋଲିସ ସୋମବାର ତାଙ୍କୁ ଗିରଫ କରିଥିଲା। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଚୋରି ସାମଗ୍ରୀ ରଖିଥିବା ଅଭିଯୋଗରେ ଝାରସୁଗୁଡ଼ାର ଜଣେ ବ୍ୟବସାୟୀ ଓ ଝାରସୁଗୁଡ଼ାରୁ ଆସି ବଡ଼ଗାଁରେ ମାମୁ ଘରେ ରହୁଥିବା ଜଣେ ଯୁବକଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ତେବେ ଏହି ଘଟଣା ପରେ ବଡ଼ଗାଁରେ ଚାପା ଉତ୍ତେଜନା ଲାଗି ରହିଛି। ଥାନା ଭିତରେ ପଶି ଅଟକ ଥିବା ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରିବା ଘଟଣାରେ ଲଟାପଡ଼ାର ଶତାଧିକ ମହିଳା ପୁରୁଷ ଥାନା ସମ୍ମୁଖରେ ଶନିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ପାଟିତୁଣ୍ଡ କରିଥିଲେ। ମାଡ଼ ମାରିଥିବା ଯୁବକଙ୍କୁ ଗିରଫ କରିବା ପାଇଁ ସେମାନେ ରାଜଗାଙ୍ଗପୁର ଏସ୍‌ଡିପିଓଙ୍କ ନିକଟରେ ଦାବି କରିଛନ୍ତି।

ନିମ୍ନମାନର ଚେକ୍ ଡ୍ୟାମ୍ ନିର୍ମାଣ ଅଭିଯୋଗ

ନୂଆଗାଁ,୨୨।୧୦(ଡି.ଏନ୍.ଏ.)



ବାରିଲେପ୍ଟାଠାରେ ବାରିବେଡ଼ା ନାଳ ଉପରେ ନିର୍ମିତ ଚେକ୍‌ଡ୍ୟାମ୍।

ସୁନ୍ଦରଗଡ଼ ଜିଲା ନୂଆଗାଁ ଏକ କୃଷି ବହୁଳ ବ୍ଲକ। ବ୍ଲକର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଥାନ୍ତି। ହେଲେ ଅନିୟମିତ ବର୍ଷା ତଥା ପାଣି ଅଭାବ ଯୋଗୁ ଚାଷୀମାନେ ଚାଷ କାର୍ଯ୍ୟରୁ ବଞ୍ଚିତ ରହୁଛନ୍ତି। ନଦୀ, ପୋଖରୀ, କୂଅ, ଝରଣା ପାଣି ଶୁଖିଯାଉଥିବାରୁ ବ୍ଲକରେ ଚାଷକାର୍ଯ୍ୟ ପ୍ରଭାବିତ ମଧ୍ୟ ହେଉଥିବା ପରିଲକ୍ଷିତ ହେଉଛି। ଚାଷୀଙ୍କ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍‌ଆଇ) ମାଧ୍ୟମରେ ଝରଣାଗୁଡ଼ିକରେ ଚେକ୍‌ଡ୍ୟାମ୍ ନିର୍ମାଣ କରାଯାଉଛି। ଏହାଦ୍ୱାରା ଝରଣାରୁ ବୋହି ଯାଉଥିବା ପାଣିକୁ ଗଚ୍ଛିତ ରଖି ଚାଷକୁ ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ନୂଆଗାଁ ବ୍ଲକରେ ମଧ୍ୟ ଅନେକ ଚେକ୍‌ଡ୍ୟାମ୍ ନିର୍ମାଣ କରାଯାଇଛି। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ କେତେକ ଚେକ୍‌ଡ୍ୟାମ୍‌ରେ ପାଣି ଗଚ୍ଛିତ ରହୁ ନ ଥିବା ଅଭିଯୋଗ ହୋଇଆସୁଛି। ନିକଟରେ ଚିତାପେଡ଼ି ପଞ୍ଚାୟତ କାତେପୁର ସାପ୍ତାହିକ ହାଟ ସମ୍ମୁଖ କାତେପୁର ନାଳ ଉପରେ ନିର୍ମିତ ଚେକ୍‌ଡ୍ୟାମ୍‌ରେ ଆଦୌ ପାଣି ଗଚ୍ଛିତ ରହୁ ନ ଥିବା ଅଭିଯୋଗ ହୋଇଥିଲେ ହେଁ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି। ଏବେ ପୁଣି ବାରିଲେପ୍ଟା ପଞ୍ଚାୟତ ବାରିଲେପ୍ଟାଠାରେ ବାରିବେଡ଼ା ନାଳ ଉପରେ ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଚେକ୍‌ଡ୍ୟାମ୍ କାମ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ୨ବର୍ଷ ପୂର୍ବେ ନିର୍ମିତ ଏହି ଚେକ୍‌ଡ୍ୟାମ୍‌ଟି ବର୍ତ୍ତମାନ କୌଣସି କାର୍ଯ୍ୟରେ ଆସୁ ନ ଥିବା ଚାଷୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏହି ଚେକ୍‌ଡ୍ୟାମ୍‌ରେ ୬ଟି ଗେଟ୍ ରହିଥିବା ବେଳେ ମାତ୍ର ଗୋଟିଏ ଗେଟ୍ ଦେଇ ଅଳ୍ପ ଅଳ୍ପ ପାଣି ଯାଉଥିବା ପରିଲକ୍ଷିତ ହୋଇଛି। ଚେକ୍‌ଡ୍ୟାମ୍ ଉପର ମୁଣ୍ଡରେ ଆଦୌ ପାଣି ଗଚ୍ଛିତ ନାହିଁ। କୁହାଯାଉଛି ଯେ ଚେକ୍‌ଡ୍ୟାମ୍‌ର ଖମ୍ବଗୁଡ଼ିକ ଅତିକମ୍‌ରେ ସାଢ଼େ ୭ଫୁଟ ଗଭୀରତାରୁ କଂକ୍ରିଟ ହୋଇ ଉଠିବା କଥା। ହେଲେ ତାହା କରା ନ ଯାଇ ମାତ୍ର ୩ରୁ ସାଢ଼େ ୩ଫୁଟ ଗଭୀରତାରୁ ଖମ୍ବଗୁଡ଼ିକ ଉଠାଯାଇଥିବା ଅଭିଯୋଗ ହେଉଛି। ସେହିଭଳି ଖମ୍ବକୁ ଲାଗି ଉପର ଓ ତଳ ମୁଣ୍ଡରେ ଯେଉଁ ଅଂଶ କଂକ୍ରିଟ ହେବା କଥା ତାହାର ମୋଟେଇ ଅତିକମରେ ୨୮ ଇଞ୍ଚ ହେବାକଥା। କିନ୍ତୁ ତାହା କରା ନ ଯାଇ ମାତ୍ର ୮ରୁ ୧୦ ଇଞ୍ଚ ମୋଟାରେ କଂକ୍ରିଟ କରାଯାଉଥିବାରୁ ଖମ୍ବକୁ ଲାଗି ରହିଥିବା ପାଣି ତଳୁ ଝରିଯାଇ ତଳ ମୁଣ୍ଡକୁ ଚାଲିଯାଉଛି। ଫଳରେ ଉପର ମୁଣ୍ଡରେ ପାଣି ଗଚ୍ଛିତ ରହୁନାହିଁ। ଏହା ଦ୍ୱାରା ଚାଷକାର୍ଯ୍ୟ ପ୍ରଭାବିତ ହେଉଛି। ଅଞ୍ଚଳବାସୀଙ୍କ କହିବାନୁଯାୟୀ, ବିଭାଗୀୟ କନିଷ୍ଠଯନ୍ତ୍ରୀ ଏହି ଚେକ୍‌ଡ୍ୟାମ୍ ନିର୍ମାଣ ଚାଲିଥିବା ସମୟରେ କେବେ କେମିତି ଆସି ମୁହଁ ମାରି ଫେରିଯାଉଥିଲେ। ଫଳରେ ଏହାର ସୁଯୋଗ ନେଇ ଠିକାଦାର କିଛି ସ୍ଥାନୀୟ ଲୋକଙ୍କୁ ହାତ କରି ଏଭଳି ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି। କାତେପୁର ଚେକ୍‌ଡ୍ୟାମ୍ ପରେ ବାରିଲେପ୍ଟା ଚେକ୍‌ଡ୍ୟାମ୍ ନିର୍ମାଣକୁ ଦେଖି ଏବେ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ନୂଆଗାଁ ଭଳି ଏକ ଅଦିବାସୀ ବହୁଳ ଅଞ୍ଚଳରେ ସରକାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଗୋଟିଏ ପରେ ଗୋଟିଏ ଯୋଜନା କରୁଥିବା ବେଳେ ଏନେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି। ହେଲେ କିଛି ଦୁର୍ନୀତିଖୋର କର୍ମଚାରୀ ଓ ଠିକାଦାରଙ୍କ ସଲାସୁତୁରା ଯୋଗୁ ଲକ୍ଷ ଲକ୍ଷ ଟଙ୍କାର ପ୍ରକଳ୍ପ କୌଣସି କାର୍ଯ୍ୟରେ ଆସୁନାହିଁ। ବ୍ଲକରେ ଅନେକ ଚେକ୍‌ଡ୍ୟାମ୍ ନିର୍ମାଣ କରାଯାଉଛି। ହେଲେ ଅଧିକାଂଶ ସ୍ଥାନରେ ଏହାର ଆବଶ୍ୟକତା ନ ଥାଇ ମଧ୍ୟ ନିର୍ମାଣ କରାଯାଉଥିବା ଚର୍ଚ୍ଚା ହୁଏ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ କାର୍ଯ୍ୟର ଉପଯୁକ୍ତ ମାନ ଓ ନିର୍ମାଣ ଆବଶ୍ୟକତା ଜଣାପଡ଼ନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ତାଙ୍କ ମୋବାଇଲ ନଂ. ୯୯୩୭୩୨୮୫୪୦ରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ।

ଗଚ୍ଛିତ ରହୁନାହିଁ ପାଣି

- ପ୍ରଭାବିତ ହେଉଛି ଚାଷ କାର୍ଯ୍ୟ
- ଗଭୀରତା ସାଢ଼େ ୭ଫୁଟ ବଦଳରେ ରହୁଛି ମାତ୍ର ୩ଫୁଟ
- ତଳପଟୁ ଝରିଯାଉଛି ପାଣି
- ଉଚ୍ଚସ୍ତରୀୟ ତଦନ୍ତ ଦାବି

ଏମାନେ ଯାହା କହନ୍ତି...

"ଯେଉଁ ଉଦ୍ଦେଶ୍ୟରେ ସରକାର ଏଠାରେ ଚେକ୍‌ଡ୍ୟାମ୍ ନିର୍ମାଣ କଲେ ତାହା ସାଧିତ ହେଲାନାହିଁ। ପାଣି ନାଳରେ ଆଦୌ ରହୁନାହିଁ। ତେଣୁ ଚାଷ କାର୍ଯ୍ୟ ପ୍ରଭାବିତ ହେବା ସ୍ୱାଭାବିକ।

- **ରାମ ବାରା, ଚାଷୀ, ବାରିଲେପ୍ଟା ପଞ୍ଚାୟତ**

"କେବଳ ବାରିଲେପ୍ଟା ଚେକ୍‌ଡ୍ୟାମ୍ ନୁହେଁ, ବ୍ଲକରେ ଏକାଧିକ ଚେକ୍‌ଡ୍ୟାମ୍ କାର୍ଯ୍ୟ ସମ୍ପୂର୍ଣ୍ଣ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ମାନ ଜଣାପଡ଼ିବ। ସରକାର ଯେଉଁ ଉଦ୍ଦେଶ୍ୟ ରଖି ପ୍ରକଳ୍ପ ନିର୍ମାଣ କରିଛନ୍ତି ତାହା କିଛି କର୍ମଚାରୀ ଓ ଠିକାଦାରଙ୍କ ସଲସୁତୁରା ଯୋଗୁ ଲକ୍ଷ୍ୟଚ୍ୟୁତ ହେଉଛି।

- **ଦିଗମ୍ବର ଦାସ, ବିଜେଡି ସଭାପତି, ନୂଆଗାଁ ବ୍ଲକ**

ଯୋଗାଣ ସହାୟିକାଙ୍କୁ ପଞ୍ଚାୟତ ଅଫିସରେ ତାଲା ପକାଇଲେ

ବଲାଙ୍ଗୀର ଅଫିସ/ପାଟଣାଗଡ଼, ୨୨।୧୦ (ଡି.ଏନ୍.ଏ.)

ପାଟଣାଗଡ଼ ବ୍ଲକ ଭଇଁଷା ପଞ୍ଚାୟତ ଯୋଗାଣ ସହାୟିକା ରଶ୍ମିରେଖା ବେହେରାଙ୍କୁ ପିଡିଏସ୍ ହିତାଧିକାରୀମାନେ ସୋମବାର ସନ୍ଧ୍ୟା ୬ଟାରୁ ତାଲା ପକାଇ ଦେଇଥିବା ଜଣାପଡିଛି। ପିଡିଏସ୍ ଚାଉଳ ବଣ୍ଟନରେ ଅନିୟମିତତା ବିରୋଧରେ ହିତାଧିକାରୀମାନେ ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ପାଟଣାଗଡ଼ ଉପଜିଲାପାଳ ନ ଆସିବା ପର୍ଯ୍ୟନ୍ତ ତାଙ୍କୁ ଛଡା ଯିବ ନାହିଁ ବୋଲି ହିତାଧିକାରୀମାନେ କହିବାରୁ ପୋଲିସ ଆସିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର କରିପାରି ନାହିଁ। ଖବର ଲେଖା ହେବା ପର୍ଯ୍ୟନ୍ତ ପଞ୍ଚାୟତ ଅଫିସରେ ଉପଜିଲାପାଳ ପହଞ୍ଚି ନ ଥିବାରୁ ଯୋଗାଣ ସହାୟିକାଙ୍କୁ ହିତାଧିକାରୀମାନେ ତାଲା ମାରି ବନ୍ଦ କରି ରଖିଥିବା ଜଣାପଡିଛି। ଭଇଁଷା ପଞ୍ଚାୟତରେ ପୂର୍ବ ସୂଚନା ମୁତାବକ ସୋମବାର ସକାଳୁ ଶତାଧିକ ହିତାଧିକାରୀ ଚାଉଳ ନେବା ପାଇଁ ଆସିଥିଲେ। ତେବେ ଯୋଗାଣ ସହାୟିକା ନ ଆସିବାରୁ ସେମାନେ ଅପରାହ୍ନ ଯାଏ ଅଟକି ରହିଥିଲେ। ଯୋଗାଣ ସହାୟିକା ବେହେରା ଅପରାହ୍ନ ୪ଟାରେ ପଞ୍ଚାୟତ ଅଫିସରେ ପହଞ୍ଚି ଥିଲେ। ପରେ ଚାଉଳ ବଣ୍ଟନ କରିଥିଲେ। ମାତ୍ର କିଛି ଲୋକଙ୍କୁ ଚାଉଳ ବଣ୍ଟନ କରିବା ପରେ ବିଦ୍ୟୁତ୍ ଚାଲିଯିବାରୁ ବାକି ଲୋକଙ୍କୁ ମଙ୍ଗଳବାର ଚାଉଳ ବଣ୍ଟନ କରାଯିବ ବୋଲି କହିଥିଲେ। ଏହା ଶୁଣିବା ପରେ ହିତାଧିକାରୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଯୋଗାଣ ସହାୟିକାଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ତେବେ ସୋମବାର ଆଉ ଚାଉଳ ବଣ୍ଟନ କରିବା ସମ୍ଭବ ନୁହେଁ ବୋଲି କହିବାରୁ ବେହେରାଙ୍କୁ ଉକ୍ତ ହିତାଧିକାରୀମାନେ ପଞ୍ଚାୟତ ଅଫିସରେ ତାଲା ପକାଇ ଦେଇଥିଲେ।

ପଞ୍ଚାୟତ ସମିତି ସଭ୍ୟା ସଭ୍ୟ ଓ ସରପଞ୍ଚମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ହେମଗିର ବ୍ଲକକୁ ମରୁଡ଼ି ଘୋଷଣା ଦାବି

ହେମଗିର,୨୨।୧୦(ଡି.ଏନ୍.ଏ.)

ହେମଗିର ବ୍ଲକ ଅନ୍ତର୍ଗତ ୧୯ ପଞ୍ଚାୟତକୁ ମରୁଡ଼ି ଘୋଷଣା କରିବା ପାଇଁ ସୋମବାର ପଞ୍ଚାୟତ ସମିତି ସଭାକକ୍ଷରେ ଏକ ଜରୁରୀ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟା, ସଭ୍ୟ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉତିଆ ବୈଠକରେ ସଭାପତିତ୍ୱ କରିଥିଲେ। ଦୀର୍ଘ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ଧରି ଅଞ୍ଚଳରେ ବର୍ଷା ହୋଇ ନ ଥିବାରୁ ଏଠାରେ ମରୁଡ଼ି ପରିସ୍ଥିତି ଉପୁଜିଥିବା ଉପାଧ୍ୟକ୍ଷ ସୁରଥ କୁମାର ପଧାନ କହିଥିଲେ। ଏ ବର୍ଷ ମୋଟ ୧୯,୩୨୪ ହେକ୍ଟର ଜମିରେ ଖରିଫ ଫସଲ କରାଯାଇଥିବା ବେଳେ ୧୨,୮୯୮ ହେକ୍ଟର ଜମିରେ କେବଳ ଧାନଚାଷ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ପାଣି ଅଭାବରୁ ୧୦ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇପାରି ନ ଥିଲା। ବିଭିନ୍ନ ରିପୋର୍ଟ ଅନୁଯାୟୀ, ବର୍ଷା ଅଭାବରୁ ବର୍ତ୍ତମାନ ସୁଦ୍ଧା ୬୦ ପ୍ରତିଶତ ଫସଲ କ୍ଷତି ହୋଇଥିବା ବୈଠକରେ ଆଲୋଚନା ହୋଇଥିଲା। ଆଗକୁ ଏହା ୮୦ ପ୍ରତିଶତରେ ପହଞ୍ଚିବ ବୋଲି ସମିତିସଭ୍ୟ ପ୍ରମୋଦ ପତି କହିବା ସହ ଏ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ହେମଗିର ବ୍ଲକ ଏକ ପାର୍ବତ୍ୟ ଅଞ୍ଚଳ ହୋଇଥିବାରୁ ଏଠାରେ କୌଣସି ଜଳସେଚନ ସୁବିଧା ନାହିଁ। ଚାଷୀମାନେ କେବଳ ବର୍ଷା ଜଳ ଉପରେ ନିର୍ଭର କରନ୍ତି। ତେଣୁ ଏହାକୁ ମରୁଡ଼ି ପ୍ରଭାବିତ ବ୍ଲକ ଭାବେ ଘୋଷଣା କରିବା ସହ ଚାଷ ଜନିତ ସମସ୍ତ ଋଣକୁ ଛାଡ଼ ଘୋଷଣା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ପରେ ସମସ୍ତ ସଭ୍ୟାସଭ୍ୟ ତଥା ସରପଞ୍ଚ ସୁନ୍ଦରଗଡ଼ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ।

ରୁଙ୍ଗଟା ତେହେରାଇ ଲୌହ ଖଣିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଟେନସା,୨୨।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୋଇଡ଼ା ମାଇନିଂ ସେକ୍ଟର ଅନ୍ତର୍ଗତ ରୁଙ୍ଗଟା ତେହେରାଇ ଲୌହ ଖଣି ପକ୍ଷରୁ ସୋମବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖରୁ ଏମଆଇ ରୁଙ୍ଗଟା ଖଣି ପକ୍ଷରୁ ବିଭିନ୍ନ ଲୌହ ଖଣିରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି। ଖଣିରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଝାଡୁ, କୋଦାଳ ଧରି ଖଣି ପରିସର ଓ ଚତୁର୍ପାର୍ଶ୍ୱରେ ଥିବା ଅଳିଆ ଆବର୍ଜନା ସଫା କରୁଛନ୍ତି। ସୋମବାର ଖଣି ପରିଚାଳକଙ୍କ ନେତୃତ୍ୱ ତଥା କାର୍ମିକ ପ୍ରବନ୍ଧକ ଅଜୟ କର ଓ ସିଏସ୍‌ଆର୍ ସହପ୍ରବନ୍ଧକ ଗୌରୀଶଙ୍କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫେଇ କାର୍ଯ୍ୟ କରାଯାଇଥିଲା। ଏ ନେଇ ଏକ ସଚେତନତା ଶୋଭାଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥିଲା। ସ୍କୁଲ ଓ କଲେଜ ଗୁଡ଼ିକରେ ସ୍ୱଚ୍ଛତା ସମ୍ବନ୍ଧୀୟ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଆସନ୍ତା ୩୧ ତାରିଖ ଉଦ୍‌ଯାପନୀ ସମାରୋହ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

ବେଲମୁଣ୍ଡା ଗ୍ରାମବାସୀ କରମା ପୂଜା ପାଳନ କରୁଛନ୍ତି।

ବେଲମୁଣ୍ଡା ଗ୍ରାମରେ କରମା ପୂଜା ପାଳିତ

ବାଲିଶଙ୍କରା,୨୨।୧୦(ଡି.ଏନ୍.ଏ.)

ବାଲିଶଙ୍କରା ବ୍ଲକ ତିଲେଇକାନୀ ପଞ୍ଚାୟତ ବେଲମୁଣ୍ଡା ଗ୍ରାମରେ ବାର୍ଷିକ କରମା ପୂଜା ରବିବାର ଧୁମଧାମରେ ପାଳିତ ହୋଇଛି। ଏହି ଉପଲକ୍ଷେ ଝିଅମାନେ ନିର୍ଜଳା ଉପବାସ ରଖିଥିଲେ। ସନ୍ଧ୍ୟାରେ ସମସ୍ତ ମହିଳା ପୁରୁଷ, ଝିଅ, ପୁଅ ଏକତ୍ରିତ ହୋଇ ଆଦିବାସୀ ବାଜା ମାନ୍ଦଳର ତାଳେ ତାଳେ ବିଭିନ୍ନ ଗୀତ ଗାଇ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସେଠାରେ କରମା ଗଛ ନିକଟକୁ ଯାଇ ପୂଜାର୍ଚ୍ଚନା କରିବା ସହ କରମା ଡାଳ କାଟି ପୂଜା ମଣ୍ଡପ ପାଖକୁ ଆଣି ଏହା ପରେ ପାହାନ (ପୂଜକ) ଆଖଡ଼ାରେ ପୂଜାପାଠ କରି ରଖିଥିଲେ।

ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ

ସଂକ୍ଷେପରେ

ବୈଦ୍ୟୁତିକ ସରଞ୍ଜାମ ଚୋରି, ୩ ଗିରଫ

ଝାରସୁଗୁଡ଼ା ଅଫିସ,୨୨।୧୦- ବୈଦ୍ୟୁତିକ ଉପକରଣ ଚୋରି ଅଭିଯୋଗରେ ବଡମାଲ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶ୍ରୀପୁରା କଲୋନୀପଡାର ଫିରୋଜ ପିଙ୍ଗ୍, ଜୟରାମ ବାଗ୍, ଶିବ ଭୁଏ। ପୋଲିସ ଅଭିଯୁକ୍ତଙ୍କଠାରୁ ୫ ଏଚ୍.ପି.ର ଏକ ସମରଭେସେଲ୍ ପମ୍ପ୍ ଜବତ କରିଛି। ବଡମାଲ ଥାନା ଶ୍ରୀପୁରା ସ୍ଥିତ ଏଲ୍.ଏନ୍ ମେଟାଲିକ୍ସରୁ ରବିବାର ରାତିରେ କେତେଜଣ ଦୁର୍ବୃତ୍ତ ପଶି ପାଣି ଉଠା ମୋଟର ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ଫିରୋଜ, ଜୟରାମ, ଶିବଙ୍କୁ ଗିରଫ କରିଛି। ଚୋରି ସାମଗ୍ରୀ ଜବତ୍ କରାଯାଇଥିବା ଥାନା ଅଧିକାରୀ ଅମିତାଭ ପଣ୍ଡା କହିଛନ୍ତି।

ଓପିଜିସି ଅଫିସର୍ସ ଆସୋସିଏଶନ୍‌ର କଳାବ୍ୟାଜ୍ ପରିଧାନ ସ୍ଥଗିତ

ଲଖନପୁର,୨୨।୧୦ (ଡି.ଏନ୍.ଏ.) -୧୦ଦଫା ସମ୍ବଳିତ ଦାବି ନେଇ ଓପିଜିସି ଅଫିସର୍ସ ଆସୋସିଏଶନ୍ ତରଫରୁ ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଦାବି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୂରଣ ନ ହେଲେ ଅକ୍ଟୋବର ୨୨ ତାରିଖରୁ ଆସୋସିଏଶନ୍‌ର ସମସ୍ତ ସଦସ୍ୟ କାର୍ଯ୍ୟ କଲା ବେଳେ ପ୍ରତିବାଦ ସ୍ୱରୂପ କଳାବ୍ୟାଜ୍ ପରିଧାନ କରିବେ ବୋଲି ଆସୋସିଏଶନ୍ ଚେତାବନୀ ଦେଇଥିଲା। ଏନେଇ ନିଗମ କର୍ତ୍ତୃପକ୍ଷ ନିର୍ଦ୍ଧାରିତ ସମୟ ଗୋଟିଏ ଦିନ ପୂର୍ବରୁ ପତ୍ରସଂଖ୍ୟା ୨୬୦୦ ତାରିଖ ୨୦।୧୦।୨୦୧୮ରେ କଳାବ୍ୟାଜ୍ ପରିଧାନ ନ କରିବା ପାଇଁ ଆସୋସିଏଶନ୍‌କୁ ଅନୁରୋଧ କରିଛନ୍ତି। ଏହା ଉପରେ ଆଲୋଚନା କରାଯିବ ବୋଲି କୁହାଯାଇଛି। ଯାହାଫଳରେ ନିଗମ କର୍ତ୍ତୃପକ୍ଷଙ୍କ ଏଭଳି ଅନୁରୋଧକୁ ସମ୍ମାନ ଜଣାଇ ଆସୋସିଏଶନ୍ ତାର କଳାବ୍ୟାଜ୍ ପରିଧାନ ଆନ୍ଦୋଳନକୁ ସ୍ଥଗିତ ରଖିଛି। ଏନେଇ ଆସୋସିଏଶନ୍ ତରଫରୁ ଆସନ୍ତା ୩୧ତାରିଖରେ ଏକ ବୈଠକ ବସିବ। ଏହି ବୈଠକରେ ଆନ୍ଦୋଳନ ସମ୍ପର୍କରେ ବୃଦାନ୍ତ ରୂପରେଖ ନିର୍ଣ୍ଣୟ କରାଯିବ ବୋଲି ଆସୋସିଏଶନ୍ ସଭାପତି ବିରେନ୍ଦ୍ର ସାହା ଓ ସାଧାରଣ ସମ୍ପାଦକ ଧରଣୀଧର ବେହେରା କହିଛନ୍ତି।

ପ୍ରଦୂଷିତ ପୋଖରୀ ଜଳ, ଚର୍ମରୋଗ ବ୍ୟାପୁଛି

■ ମହିଳାଙ୍କ ଆନ୍ଦୋଳନ ଧମକ

କୋଲାବିରା,୨୨।୧୦(ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା କୋଲାବିରାସ୍ଥିତ କଉଡିଆ ପୋଖରୀ ଜଳ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ସେହି ପୋଖରୀ ଜଳ ବ୍ୟବହାର କଲେ ଚର୍ମ ରୋଗ ବ୍ୟାପୁଛି। ପ୍ରଥମେ ଦେହହାତ କୁଣ୍ଡେଇ ହେଉଛି। ପରେ ଦେହସାରା ଘିମିରି ପରି ଫଳି ଯାଉଛି। ସେହି ପାଣିରୁ କଟୁ ଗନ୍ଧ ବାହାରୁଛି। ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି।

ଉକ୍ତ ପୋଖରୀ ଉପରେ କୋଲାବିରା ବସ୍ତିର ନୂଆଁପଡା, ଉପରପଡା, ସାହୁ ପଡା, ତେଲଙ୍ଗାପଡ଼ା, ଗୋଁଡପଡା, ଗଡଭିତର, ଗୌଡପଡ଼ାର ଶତାଧିକ ପରିବାର ନିର୍ଭର କରିଥାନ୍ତି। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ପୋଖରୀ ଜଳ ବ୍ୟବହାର କରିବା ସମ୍ଭବ ହୋଇପାରୁନାହିଁ। ସ୍ଥାନୀୟ ଲୋକେ ଏ ସଂକ୍ରାନ୍ତରେ ପଞ୍ଚାୟତ କାର୍ଯ୍ୟାଳୟରେ ଜଣେଇ ଥିଲେ ମଧ୍ୟ ସରପଞ୍ଚ ଏଦିଗରେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। କୋଲାବିରା ଗ୍ରାମର ସିଂହଭାଗ ପରିବାର ଏହି ପୋଖରୀ ଉପରେ ନିର୍ଭର କରିଥାନ୍ତି। ବାଧ୍ୟହୋଇ ସ୍ଥାନୀୟ ଲୋକେ ନୂଆଁପଡା ଅପର ପାଖରେ ଥିବା ଜମିଦାରବନ୍ଧ ଏବଂ ପୁରୋହିତ ବନ୍ଧକୁ ବ୍ୟବହାର କରୁଛନ୍ତି। ମାତ୍ର ଏତେ ସଂଖ୍ୟକ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ବନ୍ଧ ଦୁଇଟି ଯଥେଷ୍ଟ ନୁହେଁ। କେତେକ ପରିବାର ଗ୍ରାମ ନିକଟରେ ପ୍ରବାହିତ ତେଲେନ ନଦୀ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ମାତ୍ର ଜନବସତି ଠାରୁ ନଦୀର ଦୂରତା ଅଧିକ ଥିବାରୁ ମହିଳା,ବୃଦ୍ଧା ବୃଦ୍ଧ ଏବଂ ଛୋଟପିଲାଙ୍କ ପାଇଁ ପ୍ରତିଦିନ ନଦୀକୁ ଯିବା ସମ୍ଭବ ହେଉନି।

ଆବର୍ଜନାରେ ପୂର୍ଣ୍ଣ ଥିବା ପୋଖରୀ।

ଅନ୍ୟପକ୍ଷେ ଉପରୋକ୍ତ ପୋଖରୀରେ ବହୁଳ ପରିମାଣରେ ପଦ୍ମପତ୍ର ପଡ଼ି ପଚି ଯାଉଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ନୂଆଁପଡା ଏବଂ ଉର ପଡାର କେତେକ ପରିବାରର ପାଇଖାନା ଏବଂ ନର୍ଦ୍ଦମା ପାଣି ଏହି ପୋଖରୀରେ ମିଶୁଥିବା ଅଭିଯୋଗ ହେଉଛି। ଏହାର ତୁରନ୍ତ ପ୍ରତିକାର ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ସରପଞ୍ଚ ଏବଂ ପଞ୍ଚାୟତ କାର୍ଯ୍ୟାଳୟରେ ଦାବି କରିଛନ୍ତି। ଆବଶ୍ୟକ ବୂନ କିମ୍ବା ଫିଟିକିରି ପକାଇ ପୋଖରୀ ଜଳକୁ ସଫା କରି ବ୍ୟବହାର ଉପଯୋଗୀ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ନଚେତ୍ ଆଗାମୀ ଦିନରେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ତେଲେଙ୍ଗାପଡ଼ାର ମହିଳାମାନେ ଚେତାବନୀ ଦେଇଛନ୍ତି।

ଷ୍ଟିଲ ସିଟିରେ ପ୍ରବଳ ଝଡ, ବର୍ଷା

ରାଉରକେଲା ଅଫିସ,୨୨।୧୦

ସୋମବାର ସନ୍ଧ୍ୟାରେ ଷ୍ଟିଲ ସିଟିରେ ପ୍ରବଳ ଝଡ ବର୍ଷା ହୋଇଛି। ଫଳରେ ସହରର ଅନେକ ସ୍ଥାନରେ ବିଜୁଳି ବିଭ୍ରାଟ ସାଙ୍ଗକୁ ଗଛ ଉପୁଡି ପଡିଥିବା ଖବର ମିଳିଛି। ଫର୍ଟିଲାଇଜର ଟାଉନଶିପ ଅଞ୍ଚଳ ସମେତ ଲାଠିକଟାର ଅନେକ ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଛି। ଫର୍ଟିଲାଇଜର ମେଡିକାଲ ଛକ, ଚିପ୍ ଟାଇପ ମାର୍କେଟ, ଡି ଓ ବି ବ୍ଲକ, ସୋନା ଉଦ୍ୟାନ, ଜଲଦା, ବାଲିଝୁଡି ଆଦି କେତେକ ସ୍ଥାନରେ ଗଛ ଭାଙ୍ଗି ପଡିଛି। ଏଥିସହ ବର୍ଷା ଯୋଗୁ ଟାଉନଶିପ ଗଞ୍ଜୁ ମାର୍କେଟ ଅଞ୍ଚଳରେ ବର୍ଷା ଜଳ ନିସ୍କାସନ ହୋଇ ନ ପାରି ଲହଡି ମାରୁଛି। ସହରତଳି ବସ୍ତି ଅଞ୍ଚଳ ମଧ୍ୟ କଚା ଘର ନଷ୍ଟ ହୋଇଥିବା ଜଣାଯାଇଛି। ଗଛ ପଡିବା ଯୋଗୁ ଅନେକ ସ୍ଥାନରେ ବିଜୁଳି ସରବରାହ ବ୍ୟାହତ ହୋଇଥିବା ଖବର ମିଳିଛି।

ଚୋରି ପରେ ଫଳ ଗୋଦାମ ବନ୍ଦ ରହିଛି।

ଫଳ ଗୋଦାମରୁ ସାଢେ ୪ ଲକ୍ଷ ଟଙ୍କା ଚୋରି

ଝାରସୁଗୁଡ଼ା ଅଫିସ,୨୨।୧୦

କିଛି ଦିନର ନୀରବତା ପରେ ଝାରସୁଗୁଡ଼ା ସହରରେ ପୁଣି ଚୋର ମାତିଛନ୍ତି। ରବିବାର ବିଳମ୍ବିତ ରାତିରେ ସହରାଞ୍ଚଳ ମାରୱାଡି ପଡାର ଏକ ଫଳ ଗୋଦାମରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୋଦାମ ମାଲିକଙ୍କ ଅଭିଯୋଗ କ୍ରମେ ଟାଉନଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ମିଳିଥିବା ସୂଚନା ଅନୁଯାୟୀ, ଝାରସୁଗୁଡ଼ା ସହରର ମାରୱାଡି ପଡାରେ ରହିଛି ମେଘନାଦ ଗୁପ୍ତାଙ୍କ ଫଳ ଗୋଦାମ। ରବିବାର କାରବାର ଶେଷ ହେବାପରେ ମାଲିକ ଗୁପ୍ତା ଗୋଦାମ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗୋଦାମ ଘରର ପଛ କବାଟ ଭାଙ୍ଗି ପ୍ରାୟ ସାଢେ ୪ ଲକ୍ଷ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ ଗୋଦାମ କର୍ମଚାରୀ ଦୋକାନ ପହଞ୍ଚିବା ପରେ ପଛ କବାଟ ଭଙ୍ଗାଥିବା ଦେଖିଥିଲେ। ଏ ବାବଦରେ ଗୋଦାମ ମାଲିକ ଗୁପ୍ତାଙ୍କୁ ଅବଗତ କରାଇଥିଲେ। ମାଲିକ ଗୁପ୍ତା ଚୋରି ବାବଦରେ ଟାଉନ ଥାନାରେ ଏତଲା ଦେବାପରେ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛନ୍ତି।

ନିଷ୍ଠା ପକ୍ଷରୁ କୁଇଜ୍ ପ୍ରତିଯୋଗିତା

ରାଉରକେଲା ଅଫିସ,୨୨। ୧୦

ଷ୍ଟିଲ ସିଟିର ବିଭିନ୍ନ ଓଡିଆ ଓ ଇଂଲିଶ ମାଧ୍ୟମ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ସାମାଜିକ ଅନୁଷ୍ଠାନ ନିଷ୍ଠା ପକ୍ଷରୁ କ୍ୱିଜ ପ୍ରତିଯୋଗିତା କ୍ୱେଷ୍ଟ-୨୦୧୮ ଗ୍ରାଣ୍ଡ ଫିନାଲେ ରବିବାର ସେକ୍ଟର-୧୯ ସିଭିକ ସେଣ୍ଟରଠାରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଶ୍ରେଷ୍ଠ ୫ଟି ଗ୍ରୁପ ଏଥିରେ ଉପସ୍ଥିତ ଥିଲେ। ଏମାନେ ହେଲେ ସେଣ୍ଟପଲ, ସେଣ୍ଟ ଆରନୋଲ୍ଡ , ଚିନ୍ମୟ ବିଦ୍ୟାଳୟ ଓ ଡିଏଭି ପବ୍ଲିକ ସ୍କୁଲ। ଏଥିରେ ସେଣ୍ଟ ପଲ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଚିନ୍ମୟ ବିଦ୍ୟାଳୟ ୨ୟ ଓ ୩ୟ ସ୍ଥାନରେ ରହିଥିଲା ଡିଏଭି ସ୍କୁଲ। ଏଥିରେ ଅତିଥି ରୂପେ ପଦ୍ମିନୀ ପାଣିଗ୍ରାହୀ, ସୁନୀଲ କାୟଲ, ଅମିତାଭ ସାମଲ, ଅଫ୍ରୋଜ ଅହମ୍ମଦ, ବିମଲ ବିଶି, ଡି.ଏ. ରାଓ ଏବଂ ଏମ କୌର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅନୀଲ ମଲ୍ଲିକ ସଂଯୋଜନା କରିଥିବା ବେଳେ ପ୍ରତିଯୋଗିତାକୁ ସଞ୍ଚାଳନ କରିଥିଲେ ସୋମ ପରିଡା। ନିଷ୍ଠା ଅନୁଷ୍ଠାନର ସଭାପତି ଗୌରାଙ୍ଗ ପରିଜା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଶ୍ମିରଞ୍ଜନ ସାମଲ, ଆବ୍ରାହମ ଲିଙ୍କନ ସ୍ୱାଇଁ, ସଞ୍ଜୟ ବେହୁରା, ସନ୍ଦୀପ ଜେନା, ପ୍ରଭାତ ଜେନା, ଧନଞ୍ଜୟ ଦଣ୍ଡପାଟ, ପ୍ରଶାନ୍ତ ଦାସ ବଣ୍ଟି ସିଂ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଶେଷରେ ସୁଶାନ୍ତ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

କୁଇଜ୍ ପ୍ରତିଯୋଗିତାରେ ଯୋଗହେଇଥିବା ଅତିଥିମାନେ।

ଫଟୋରେ ଖବର

ଝାରସୁଗୁଡ଼ା ପୁରୁଣାବସ୍ତି-ବି ଦୁର୍ଗାପୂଜା କମିଟି ତରଫରୁ ସୋମବାର ସନ୍ଧ୍ୟାରେ ତିତ୍‌ଲି ଏବଂ ଅମୃତସର ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଉଛି।

■ ଲଖନପୁର କୋଇଲାଖଣିରେ ଅଘଟଣ

ନିଆଁ ଲାଗି ହଲ୍‌ପ୍ୟାକ୍ ମେଶିନ ପୋଡ଼ିଗଲା

ଲଖନପୁର,୨୨।୧୦(ଡି.ଏନ୍.ଏ)

ମହାନଦୀ କୋଲ୍‌ଫିଲ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁରକ୍ଷେତ୍ରାଧୀନ ଏଲ୍‌ଓସିପି ଖୋଲାମୁହଁ କୋଇଲାଖଣି ୪ନଂ. ଓବି ଡମ୍ପିଂୟାଡ୍‌ରେ କାର୍ଯ୍ୟରତ ଏଚ୍‌ଏମ୍-୫୪୮ନଂ ହଲ୍‌ପ୍ୟାକ୍ ମେଶିନ୍‌ରେ ସୋମବାର ସାଢେ ୧୨ଟାରେ ହଠାତ୍ ନିଆଁ ଲାଗିବା ଫଳରେ ମେଶିନ୍ ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ଦମକଳ ନିଆଁ ଲିଭାଇବା ପାଇଁ ଉଦ୍ୟମ କରି ବିଫଳ ହୋଇଛି। ଚାଳକ ମନୋଜ ସେନାପତି ମେଶିନ୍‌ରୁ ତଳକୁ ଡେଇଁପଡି ଅଳ୍ପକେ ମୃତ୍ୟୁ ମୁଖରୁ ରକ୍ଷା ପାଇଛନ୍ତି। ପୋଡିଯାଇଥିବା ହଲ୍‌ପ୍ୟାକ୍ ମେଶିନ୍‌ର ମୂଲ୍ୟ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଛି। ଏମ୍‌ସିଏଲ୍‌ର ବହୁବରିଷ୍ଠ ଅଧିକାରୀ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ପ୍ରାଥମିକ ତଦନ୍ତରୁ ଆଶଙ୍କା କରାଯାଉଛି ମେଶିନ୍ ଇଞ୍ଜିନିରେ ସର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଯାଇଛି। ଏହାର ତଦନ୍ତ ହେଲେ ପ୍ରକୃତ କାରଣ ଜଣାପଡିବ ବୋଲି ଜିଏମ୍ ରାଜେନ୍ଦ୍ର ପ୍ରସାଦ ଗୁପ୍ତା କହିଛନ୍ତି।

ସୂଚନାଯୋଗ୍ୟ, ହଲ୍‌ପ୍ୟାକ୍ ମେଶିନ୍ ମାଟି ବୋଝେଇ କରି ଓବି ଡମ୍ପିଂୟାଡ୍‌ରେ ଖାଲି କରୁଥିଲା। ଏହି ସମୟରେ ହଠାତ୍ ମେଶିନ୍‌ରେ ନିଆଁ ଲାଗିଯାଇ ଥିଲା। ଖଣି ଭିତରେ କାମ କଲାବେଳେ ପୂର୍ବରୁ ଏଭଳି ଅନେକ ମେଶିନ୍ ପୋଡି ଯାଇଥିବା ନଜୀର ରହିଛି।

ହଲ୍‌ପ୍ୟାକ୍ ମେଶିନ୍ ହୁତ୍‌ହୁତ୍ ହୋଇ ଜଳୁଛି।

ମା'ସମଲେଶ୍ୱରୀଙ୍କର ଦୁଆଦଶୀ ବଏଲ ଯାତ୍ରା ସଏଲା

କୋଲାବିରା,୨୨।୧୦ (ଡି.ଏନ.ଏ.)

ଝାରସୁଗୁଡା ଜିଲା କୋଲାବିରାର ରଘୁନାଥପାଲିର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କର ଦୁଆଦଶୀ ବଏଲ ଯାତ୍ରା ସୋମବାର ଶେଷ୍ ହେଇଛେ। ଗଲା ମଙ୍ଗଳବାରନୁ ପାରମ୍ପରିକ ରୀତିନୀତିରେ ଇ ଯାତ୍ରା ଆରମ୍ ହେଇଥିଲା। ବଏଲ ଯାତ୍ରା ଆଗ୍ରୁ ଅଶିନ୍ ଅଁଧାରପଖ୍ ପର୍‌ତିପତାନୁ ୯ ଦିନ୍ ଧରି ସମଲେଇ ଗୁଡିରେ ଅଖଣ୍ଡଦୀପ ଜଳା ହେଇଥିଲା, ସପ୍ତମୀ ତିଥିରେ ପାଟଖଁଡା ଥାପନ୍ ଆର ନିଶାପୂଜା, ଅଷ୍‌ଟମୀ ତିଥିରେ ଷୋଲଖଁଡା ଥାପନ୍ ସଂଗେ ବଏଲ୍ ଯାତ୍ରା ଅନୁଷ୍‌ଠିତ୍ ହେଇଯାଇଛେ। ରଏବାର ରାତିରେ ଗଁଡ୍ ସମାଜର ଝନେ ଲୋକ୍‌କେ ଦେବୀଙ୍କର ପୂଝାରୀମାନେ ମୁଡେ ଚୂଲ୍‌ବାଁଧି, ମୁହେଁ ସେଁଦୁର ମଖେଇ ପୂଜା ଉପ୍‌ଚାର କରିଥିଲେ। ବରୁଆର ଦିହେ ଦେବୀ ଶକ୍‌ତିର ସଁଚାର ଲାଗି ମନ୍ତ୍ରତନ୍ତ୍ର କରି ଦେବୀଙ୍କର ଛଡା ସେଁଦୁର, ଫୁଲ, ଅରୁଆ ଚାଉଳ ଆଦି ସମର୍‌ପନ କରିଥିଲେ। ପଛେ କପାଲେ ଟିକା ଲଗେଇଥିଲେ। ଇତାର ପରେ ପୁରୋହିତଙ୍କର ମନ୍ତ୍ର ପାଠ୍‌ରେ ବରୁଆର ଦିହେ ଦେବୀ ପର୍‌ବେଶ କରିଥିଲେ। ଢ଼ୋଲ, ନିଶାନ, ତାସା, ମୁହୁରୀର ସାମୁହିକ୍ ଷୋଲଭର୍‌ନି ବଜାର ପାହାର୍ ସଂଗେ ବରୁଆ ତାଲ୍ ଦେଇ ପୀଠରୁ ବାହାରିଥିଲା। ଧାରଣା, ଧ୍ୟାନ, ପ୍ରତ୍ୟାହାର ଲାଗି ବରୁଆକେ ଷୋଲଭର୍‌ନି ବଜାର ଶବ୍‌ଦ ବ୍ରହ୍ମ ସହାୟକ୍ ହେସି ବଲି କୁହାଯାଏସି। ବରୁଆର ଦିହିରେ ଦେବୀ ଶକ୍‌ତି ସଁଚାରିତ୍ ହେଲା ଉତାରୁ ବରୁଆକେ ସମଲେଶ୍ୱରୀଙ୍କର ସାକ୍ଷାତ୍ ଅବତାର ବଲି କୁହାଯାଏସି। ପୀଠାରୁ ରାତିରେ ବରୁଆ ବାହାରି ଗାଁର ଭାଉଁରେ ବୁଲିଥିଲେ। ଗାଁରେ ବୁଲ୍‌ଲା ସମିଆରେ ବରୁଆକୁଁ ଘରେ ଘରେ ପୂଜା କରାଯାଇଥିଲା। ବରୁଆ ଗାଁ ବୁଲି ସାଏଲା ଉତାରୁ ଭକତ୍‌ମାନଙ୍କୁ ଆଶୀରବାଦ୍ ଦେଇ ଗୁଡିକେ ଫିରିଥିଲେ। ଇ ସମିଆରେ ବରୁଆର ଦିହୁ ଦେବୀ ଶକ୍‌ତି ଉତ୍‌ରି ଯାଇଥିଲା। ଇ ଦୁରୁଶ୍ ଦେଖିବାକେ ଲୁକ୍‌କର ବଡଭାରି ଭିଡ୍ ଜମିଥିଲା।

ଚଲ୍‌ତି ବଛର ଦେବୀବାହନ ବରୁଆ ହିସାବେ ମନୋଜ ନେଟୀ ଦାଇତିଅ ତୁଲେଇଥିଲେ। ଧନଞ୍ଜୟ ମେହେର କର୍‌ତା କାଯ୍ ତୁଲେଇ ଥିଲେ। ପୁରୋହିତ ଦୀନ ମିଶ୍ର ପୂଜାକାଯ୍ ଶେଷ୍ କରିଥିଲେ। ଗାଁବାସୀକର ସାମୂହିକ୍ ଚେଷ୍‌ଟା ଆର୍ ଟଁକା ପଏସାର ସହଯୋଗ୍‌ରେ ବହୁତ୍ ଦିନୁ ଇ ଯାତ୍ରା ଆୟୋଜିତ୍ ହେଇ ଆସୁଛେ। ଇ ସମିଆରେ ମା'ସମଲେଶ୍ୱରୀଙ୍କର ପୀଠ ଗଜ୍‌ଗଜେଇ ଉଠିଥିଲା। ଅଂଚଳବାସୀ ଶର୍‌ଧାର ସହିତ୍ ଦେବୀ ସମଲେଶ୍ୱରୀଙ୍କୁ ପୂଜା କରିଆସୁଛନ୍। ଥାନୀୟ ଜନସାଧାରନଙ୍କର ଆଶ୍ ଆର୍ ବିଶ୍ୱାସ ଅଛେ ଯେ, ଦେବୀ ସମଲେଶ୍ୱରୀଙ୍କରନେ ମାନ୍‌ସିକ କଲେ ସୁଫଳ ମିଲ୍‌ସି।

୧୯୭୨ ସାଲୁ ଲାଗାତାର ଭାବେ ଆୟୋଜିତ ହେଇ ଆସୁଛେ ବଏଲ ଯାତ୍ରା। ହେଲେ ଇ ଯାତ୍‌ରାକେ ଆଏଜ୍‌ତକ୍ କେହେନ୍‌ସି ପର୍‌କାର ସରକାରୀ ସାହାଯ୍ ନୁହେମିଲେ। ରଘୁନାଥପାଲି ସୁନାରୀପଡାର ଦଶରାପୂଜା କମିଟିର ସଭାପତି ସଞ୍ଜୟ ସରାଫ, ସଂପାଦକ୍ ପିଙ୍କୁ ସାହୁ, କୋଷାଧ୍ୟକ୍ଷ ଭୀଷ୍ମଦେବ ମେହେରଙ୍କର ସମେତ ଗାଁର ବୀର ସରାଫ, ଉମାକାନ୍ତ ସରାଫ, ଲକ୍ଷ୍ମୀଧର ସରାଫ, ଲାଲବିହାରୀ ସରାଫ, ରଞ୍ଜନ ସରାଫ, ଜଗମୋହନ ମେହେର, ରତ୍ନ ମେହେର, ପଞ୍ଚ ମେହେର, ବଲ୍ଲଭ ମହାପାତ୍ର, ରିଙ୍କୁ ଦାସ ପର୍‌ମୁଖ କାଯ୍‌କରମ ପରିଚାଳନା କରିଥିଲେ। ଇ ଅବ୍‌ଛରରେ ୩ ଦିନ୍ ଧରି ଭିନେ ଭିନେ ପରକାର ସାଂସ୍କୃତିକ୍ କାଯ୍‌କରମ ଅନୁଷ୍‌ଠିତ୍ ହେଇଥିଲା।

ବଏଲ ଯାତ୍ରାରେ ବାହାରିଥିବାର ବରୁଆ।

ଯାତ୍ରା ଦେଖିବାର ଲାଗି ଭକତ୍‌ଙ୍କର ଭିଡ୍।